# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୬+୪

ଭୁବନେଶ୍ୱର, ଶନିବାର, ମେ ୪/୨୦୨୪ (୧୬+୪=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 4/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୧୫୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 159 ମୂଲ୍ୟ₹୭/-







Welcome
Back to SCHOOL Offer
50 YEARS
SERVING EXCELLENCE
Symbol of Trust
LAPTOPS - DESKTOPS - PRINTERS & ACCESSORIES
LAPTOPS
hp acer ASUS DELL
EMI Starts : ₹ 1667* | CASH BACK Upto : ₹10000*
PRINTERS
hp EPSON Canon
EMI Starts : ₹ 1500*
JBL FREE JBL GO3 ECO SPEAKER
iPhone 15
EMI Starts : ₹ 3121*
ICICI Bank | SBI card
Samsung S24
EMI Starts : ₹ 2915*
One Plus - CE3 LITE
EMI Starts : ₹ 1999*
VIVO - V30
EMI Starts : ₹ 2199*
OPPO - RENO 11
EMI Starts : ₹ 1799*
INSTANT CASHBACK / CASH BACK OFFER
Upto ₹6000*
HURRY UP!
Limited Stocks & Selected Brand/Models only
DIGITAL INVERTER
PRICE Starts : ₹10990*
1.5T 3Star Split Inverter
PRICE Starts : ₹27999*
(Inclusive of Cash Back)
OLED PRICE Starts : ₹ 95999* | QLED PRICE Starts : ₹ 37999*
LED EMI Starts : ₹ 8990*
PRICE Starts : ₹ 4999*
Inverter Starts : ₹ 3999
Battery Starts : ₹ 6999
LUMINOUS
V-GUARD
HYDRAULIC STORAGE BEDS
CUSHION HEAD BOARD BEDS
SPD DINING SETS
4 SEATER DINING
OFFICE TABLE
LCD UNITS
Furniture Available at :
Patrapada - Bhubaneswar | CDA-Cuttack | Angul | Puri | Nimapada | Jagatsinghpur | Paradeep
Nayagarh | Kalapathar | Balugaon | Jajpur Town | Chandikhole | Athagarh
% NO COST EMI 1 EMI OFF
0 ZERO DOWN PAYMENT*
BAJAJ FINSERV
IDFC FIRST Bank
HDFC BANK We understand your world
HDB FINANCIAL SERVICES
WIDECARE SECURE YOUR PRODUCT WITH EXTENDED WARRANTY
ENJOY 2 YEARS EXTENDED WARRANTY*
7.5% INSTANT DISCOUNT* SBI card
# Min. Trxn.: ₹15,000; Max. Discount : ₹5,250 per card. Also valid on EMI Trxns. Validity: 03 May - 09 Jun 2024. T&C Apply
GD Symbol of Trust
GUPTA DISTRIBUTORS
No.1 Retail Chain Stores
28 STORES
ELECTRONICS, MOBILE, CAMERA, LAPTOP, HOME APPLIANCES & FURNITURE
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob- 8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square, Grand Road, Mob: 7008989310, JATNI- Near Axis Bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303
70+ brands
175+ Category
For Sales & Service 7735455025
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK.

ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମେ ୪/୨୦୨୪ | Bhubaneswar, Saturday, May 4/2024 | ପୃଷ୍ଠା-୧




**ନୁଓ୍ୱାନ ଥୁସାରାଙ୍କ ପ୍ରଭାବୀ ବୋଲିଂ**

କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ନୁଓ୍ୱାନ ଥୁସାରା।

୧୨

୦୮

**‘ଲାହୋର ୧୯୪୭’ରେ ସନ୍ନି ଦେଓଲ**

‘ଲାହୋର ୧୯୪୭’ ଫିଲ୍ମ ଜରିଆ ପରଦାକୁ ଆସୁଛନ୍ତି ଅଭିନେତା ସନ୍ନି ଦେଓଲ । ଏହା ୨୦୨୫ ଜାନୁଆରୀ ୨୬ରେ ମୁକ୍ତିଲାଭ କରିବାକୁ ଲକ୍ଷ୍ୟ ରଖାଯାଇଛି।





ରାଏବରେଲି ଲୋକ ସଭା ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ପାଇଁ ଶୁକ୍ରବାର ପହଞ୍ଚିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ମା’ ସୋନିଆ ଗାନ୍ଧୀ ଓ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରତ।

# ରାଏବରେଲିରୁ ପ୍ରାର୍ଥୀ ହେଲେ ରାହୁଲ

**ରାଏବରେଲି/ନୂଆଦିଲ୍ଲୀ,୩।୫**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଉତ୍ତରପ୍ରଦେଶର ରାଏବରେଲି ସଂସଦୀୟ ଆସନରୁ ନାମାଙ୍କନ ଭରି ଜାତୀୟ ରାଜନୀତିରେ ଚହଳ ସୃଷ୍ଟି କରିଛନ୍ତି। କଂଗ୍ରେସର ୫୩ ବର୍ଷୀୟ ପୂର୍ବତନ ଅଧକ୍ଷ ରାହୁଲ କେରଳର ୱାୟନାଡ୍ ଆସନରେ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିସାରିଛନ୍ତି। ସେଠାରେ ଗତ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷେ ନେହେରୁ-ଗାନ୍ଧୀ ପରିବାରର ପାରମ୍ପରିକ ଆସନ ☞ପୃଷ୍ଠା-୨

# ପ୍ରେସ୍ ସ୍ୱାଧୀନତା: ପାକ୍ ତଳେ ଭାରତ

**ନୂଆଦିଲ୍ଲୀ,୩।୫**

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେବାରେ ଲାଗିଛି। ବିଶେଷକରି ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାସୀନ ହେବା ପରଠାରୁ ଦେଶରେ ପ୍ରେସ୍ ସ୍ୱାଧୀନତା ସଙ୍କଟ ଭିତରକୁ ଠେଲି ହୋଇଯାଇଛି। ଏପରି କି ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ କ୍ଷେତ୍ରରେ ପଡ଼ୋଶୀ ପାକିସ୍ତାନ (୧୫୨) ଓ ଶ୍ରୀଲଙ୍କା(୧୫୦)ଠାରୁ ମଧ୍ୟ ଭାରତ(୧୫୯) ପଛରେ ପଡ଼ିଯାଇଛି ବୋଲି ସଦ୍ୟ ପ୍ରକାଶିତ ଏକ ବିଶ୍ୱସ୍ତରୀୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସୂଚକାଙ୍କ ୧୮୦ ରାଷ୍ଟ୍ରରେ ସାମ୍ବାଦିକମାନଙ୍କ କାର୍ଯ୍ୟ କରିବା ଏବଂ ମୁକ୍ତ ତଥା ସ୍ୱାଧୀନ ଭାବେ ରିପୋର୍ଟ କରିବା ସାମର୍ଥ୍ୟକୁ ଦର୍ଶାଇଥାଏ। ଫ୍ରାନ୍ସର ଅଣଲାଭକାରୀ ଅନ୍ତର୍ଜାତୀୟ ସଙ୍ଗଠନ ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ପକ୍ଷରୁ ଚଳିତବର୍ଷ ୧୮୦ଟି ଦେଶର ପ୍ରେସ୍ ସ୍ୱାଧୀନତା ସ୍ଥିତିକୁ ନେଇ ସର୍ବେକ୍ଷଣ କରାଯାଇଥିଲା। ସଂଗୃହୀତ ତଥ୍ୟ ଭିତ୍ତିରେ ଶୁକ୍ରବାର ଜାରି କରାଯାଇଥିବା ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୯ତମ ସ୍ଥାନରେ ରହିଛି। ଏହି ତାଲିକାର ୧୫୨ତମ ସ୍ଥାନରେ ପାକିସ୍ତାନ ରହିଥିବାବେଳେ ଶ୍ରୀଲଙ୍କା ୧୫୦ତମ ସ୍ଥାନ ଅଧିକାର କରିଛି। ଗତବର୍ଷ ଭାରତ ଏହି ତାଲିକାରେ ୧୬୧ତମ ସ୍ଥାନରେ ରହିଥିଲା।

ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ହେଉଛି ସାମ୍ବାଦିକଙ୍କ ପାଇଁ ବିଶ୍ୱର ଦ୍ୱିତୀୟ ସର୍ବାଧିକ କଷ୍ଟସାଧ ଅଞ୍ଚଳ। ☞ପୃଷ୍ଠା-୨

# ଇଟାଭାଟି ଭୁଶୁଡ଼ି ୨ ମହିଳା ଶ୍ରମିକ ମୃତ

**ଦିଗପହଣ୍ଡି/ପାଟପୁର,୩।୫**
**(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ନୂଆଗଡ଼ ଗ୍ରାମ ନିକଟ ଏକ ଇଟାଭାଟିର ବାହାର କାନ୍ଥ ଶୁକ୍ରବାର ହଠାତ୍ ଭୁଶୁଡ଼ି ପଡ଼ିବାରୁ ୨ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଦ୍ୱୟ ହେଲେ ପାଟପୁର ଥାନା ଖୋଲଡି ଗ୍ରାମର ସୁଲଭ ଦୋରା ଏବଂ ବଲଧିଆ ଗ୍ରାମର ସରସ୍ୱତୀ ପ୍ରଧାନ। ଗୁରୁତର ଆହତ ବନିତା ସେଠୀ ଓ ରଙ୍ଗିନ ଦାସଙ୍କୁ ବ୍ରହ୍ମପୁର ବଡ଼ମେଡିକାଲ ପଠାଯାଇଛି। ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛି। ଇଟାଭାଟି ମାଲିକ ସୁଦର୍ଶନ କରଙ୍କୁ ଥାନାରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଶୂନ୍ୟତାର ସ୍ମାରକ


SIKSHA ‘O’ ANUSANDHAN
SAAT-2024
Empowering students for a brighter future
M.TECH PROGRAMMES OFFERED
- M.Tech in Communication System Engineering
- M.Tech in Computer Science & Engineering
- M.Tech in Heat Power & Thermal Engineering
- M.Tech in Power System & Power Electronics
- M.Tech in Structural Engineering

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

A monthly stipend will be provided to M.Tech students for a maximum period of two years

To apply for admission through SAAT, Please visit: www.soa.ac.in



**ଅନ୍ୟମାନେ କିପରି ଆପଣଙ୍କ ବିଶ୍ୱାସ ଭାଙ୍ଗୁଛନ୍ତି**

ସମ୍ପ୍ରତି ବିଶ୍ୱରେ ଅସ୍ଥିରତା ଏବଂ ଆଗକୁ ଅକ୍ଷୟ ତୃତୀୟା ଯୋଗୁଁ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି, ଏଭଳି ମୁହୂର୍ତ୍ତରେ କେତେକ ଜୁଏଲର୍ସମାନେ ବିଭ୍ରାନ୍ତିକର ସୂଚନା ଏବଂ ଅଫର୍ ଦେଇ ଗ୍ରାହକମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି ।

୦୧ ଭିନ୍ନ ଭିନ୍ନ ସୁନା ଅଳଙ୍କାରର ଡିଜାଇନ୍ ଉପରେ ଭିନ୍ନ ଭିନ୍ନ ଗଢ଼ା ମଜୁରୀ ଲାଗୁ କରୁଛନ୍ତି । ସୁନା କ୍ରୟ ପୂର୍ବରୁ ଗ୍ରାହକମାନଙ୍କୁ ଏହି ବିଷୟରେ ଅବଗତ କରାଉନାହାନ୍ତି ।

୦୨ ପ୍ରଥମେ ଗଢ଼ା ମଜୁରୀକୁ ବଢ଼ାଇ ଦେଉଛନ୍ତି ଏବଂ ତା’ପରେ ବର୍ଦ୍ଧିତ ଗଢ଼ା ମଜୁରୀ ଉପରେ ବଡ଼ ରିହାତି ପ୍ରଦାନ କରୁଛନ୍ତି ।

୦୩ "UP TO" ସ୍କାମ୍‌ର ବଶବର୍ତ୍ତୀ ହେବା, ଯେଉଁଠାରେ ଗଢ଼ା ମଜୁରୀ ଉପରେ ବଡ଼ ରିହାତି ପ୍ରଦାନ କରିବାର ଦାବି କରିଥାନ୍ତି । କିନ୍ତୁ ପ୍ରକୃତରେ ପୁରୁଣା ଷ୍ଟକ୍ ଏବଂ କମ୍ ବିକ୍ରୟ କିମ୍ବା ବହୁମୂଲ୍ୟ ସର୍ତ୍ତ ରଖି (ଲକ୍ଷାଧିକ ଟଙ୍କାର ବିଲ୍ ଉପରେ) ଏହି ଅଫର୍ ଦେଇଥାନ୍ତି ।

**ସତ ନା ମିଛ?**

କେତେକ ଜୁଏଲର୍ସ ସୁନା ଓ ହୀରା ଗହଣାର ଗଢ଼ା ମଜୁରୀ ଉପରେ **ଫ୍ଲାଟ୍ ୫୦% ରିହାତି** ଦେଉଛନ୍ତି, କିନ୍ତୁ ପ୍ରଥମେ ମୂଳ ଗଢ଼ା ମଜୁରୀକୁ ୧୮୦୦ରୁ ୧୯୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦେଉଛନ୍ତି, ଫଳସ୍ୱରୂପ ଅଫର୍ ଲାଗୁ ହେବା ପରେ ଗଢ଼ା ମଜୁରୀର ଦର ୯୦୦ରୁ ୯୫୦ ଟଙ୍କା ମଧ୍ୟରେ ରହୁଛି **ସତ**

ଏହି ଜୁଏଲର୍ସମାନେ ଗ୍ରାହକମାନଙ୍କୁ ମୂଳ ଗଢ଼ା ମଜୁରୀ ବିଷୟରେ ସବିଶେଷ ତଥ୍ୟ ଜଣାଉଛନ୍ତି କିମ୍ବା ପରିବର୍ତ୍ତିତ ଗଢ଼ା ମଜୁରୀ ଅଫର୍ ସେମାନଙ୍କର ସମସ୍ତ ସୁନା ଏବଂ ଗହଣା ଉପରେ ଲାଗୁ ହେଉଛି **ମିଛ**

ଗ୍ରାହକମାନେ ଏପରି ଅଫର୍‌ରୁ ଲାଭ ପାଇଥାନ୍ତି **ମିଛ**

LALCHND
Trusted Brand Since 1948



**ଅକ୍ଷୟ ତୃତୀୟାରେ**
ଘରକୁ ଆଣନ୍ତୁ ଆଶୀର୍ବାଦ ସହ ଅକ୍ଷୟ ସମୃଦ୍ଧି



**ଆମେ କିପରି ଆପଣଙ୍କ ବିଶ୍ୱାସକୁ ଅଗ୍ରାଧିକାର ଦେଉଛୁ**

ବିଶ୍ୱରେ ଯାହା ବି ପରିସ୍ଥିତି ହେଉ ନା କାହିଁକି, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଏ:

୦୧ **ଫ୍ଲାଟ୍ ରିହାତି** ଏବଂ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା, ସାର୍ଟିଫାଏଡ୍ ହୀରା, ପ୍ଲାଟିନମ୍ ଓ ରୁପାର **ପ୍ରତି ଡିଜାଇନ୍ ଉପରେ ଗୋଟିଏ ଗଢ଼ା ମଜୁରୀ** ପ୍ରଦାନ କରି ୧୦୦% ସ୍ୱଚ୍ଛତା ଅବଲମ୍ବନ କରେ ।

୦୨ ବର୍ଷସାରା ଅଳଙ୍କାର ବଜାରରେ **ସର୍ବନିମ୍ନ ସୁନା ମୂଲ୍ୟ ଏବଂ ଗଢ଼ା ମଜୁରୀ** ପ୍ରଦାନ କରେ ।

୦୩ ଅଳଙ୍କାର ବ୍ୟବସାୟରେ ଅନୈତିକ କାର୍ଯ୍ୟକଳାପ ଏବଂ ସ୍କାମ୍ ବିଷୟରେ ଜନସଚେତନତା ସୃଷ୍ଟି କରେ ।

**ବ୍ୟକ୍ତିଗତ ଗ୍ୟାରେଣ୍ଟି**

“ବର୍ଦ୍ଧିତ ସୁନା ମୂଲ୍ୟକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ, ତଥାପି ମୋ ଅନୁଯାୟୀ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଏହାର ନୀତି, ଅଫର୍, ରିହାତି ଏବଂ ସେବା ମାଧ୍ୟମରେ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂ ଅଭିଜ୍ଞତା ସହ ସେମାନଙ୍କ କଷ୍ଟ ଉପାର୍ଜିତ ଟଙ୍କା ପାଇଁ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିଥାଏ ।”

**ସଞ୍ଜୟ ହଂସ**
ଫାଉଣ୍ଡର୍ - ଚେୟାରମ୍ୟାନ୍, ଲାଲ୍‌ଚାନ୍ଦ୍ ଗ୍ରୁପ୍



ଭୁବନେଶ୍ୱର ରଘୁନାଥପୁର 0674-2469149/150/151 | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ 0674-2534016/17/18 | ବ୍ରହ୍ମପୁର ଧର୍ମ ନଗର 0680-2229401/02/04 | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ 0671-2302505/3505/4505 | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର 011-45769564

ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ଫ୍ଲାଟ୍ ୭୯୯ ଟଙ୍କା ପ୍ରତି ଗ୍ରାମ୍
ଏହି ଅଫର୍ ୧୨ ମେ’ ପର୍ଯ୍ୟନ୍ତ ବୈଧ

ହୀରା ଗହଣାର ଗଢ଼ା ମୂଲ୍ୟ ୦ ଟଙ୍କା

ରୁପା ଗହଣାର ଗଢ଼ା ମୂଲ୍ୟ ଫ୍ଲାଟ୍ ୧୩ ଟଙ୍କା ପ୍ରତି ଗ୍ରାମ୍

5% EXTRA CASHBACK# SBI card
#Min. Trxn.: ₹30,000; Max. Cashback: ₹2,500 per card account. Validity: 05 May - 12 May 2024. T&C Apply.

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର କ୍ୟାଣ୍ଟିନ୍ ଶୋ’ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

**ଆଜିର ମନ୍ତବ୍ୟ**

"ଜୁନ୍ ୪ ପରେ କଂଗ୍ରେସ ଅଦୃଶ୍ୟ ହୋଇଯିବ। ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ 'କଂଗ୍ରେସ ଢୁଣ୍ଡୋ ଯାତ୍ରା' କରିବାକୁ ପଡ଼ିବ।"
- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଇଜି ପାର୍କ, ସମୟ: ସକାଳ ୭ଟା।
- ଓଡ଼ିଶା କାର୍ଟୁନ ଏକାଡେମୀ ପକ୍ଷରୁ ବିଶ୍ୱ କାର୍ଟୁନିଷ୍ଟ ଦିବସ ପାଳନ, ସ୍ଥାନ: ରୋଟାରୀ ଭବନ, ସଚିବାଳୟ ମାର୍ଗ, ୟୁନିଟ୍-୯, ସମୟ: ସକାଳ ୯ଟା।
- ମତଦାତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏସ୍ପ୍ଲାନେଡ୍ ମଲ୍, ରସୁଲଗଡ଼, ସମୟ: ଅପରାହ୍ନ ୫ଟା।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୫ ତମ ଅଧିବେଶନ, ସ୍ଥାନ: ୭/୧୩, ଟାଇପ୍ 'ବି'(ରିଭାଇଜଡ୍), ୟୁନିଟ୍-୯, ସମୟ: ଅପରାହ୍ନ ୫ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତି ବିଭାଗ ପକ୍ଷରୁ ୭ମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ(ସୃଷ୍ଟି), ସ୍ଥାନ: ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ପ୍ରତିମା ଫାଉଣ୍ଡେଶନ ପକ୍ଷରୁ 'ପ୍ରଥମ ପ୍ରତିମା ପୁରସ୍କାର ଉତ୍ସବ' ସ୍ମାରକୀ ବକ୍ତୃତା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ରାମଲୀଳା ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ରାମଲୀଳା ପଡ଼ିଆ, ବେଣୁପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।
- ରାମଲୀଳା ନାଟକ ମହିରାବଣ ବଧ, ସ୍ଥାନ: ସୀତାରାମେଶ୍ୱର ମନ୍ଦିର ପରିସର, ଗୋତଳିନ୍ଧା, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## ପୁରୀ

- ସାକ୍ଷୀଗୋପାଳ ଠାକୁରଙ୍କ ଗୌରାଙ୍ଗ ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଦକ୍ଷିଣ କାଳୀ ପୀଠ,ବୀରଗୋବିନ୍ଦପୁର ଶାସନ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଖନ୍ତାପଡ଼ା ଦାଣ୍ଡକାଳୀ ମନ୍ଦିରଠାରୁ ମୋଟର ସାଇକେଲ ରାଲି, ସ୍ଥାନ: ବାଉଁଶ ବଣିଆ, ନୀଳଗିରି। ସମୟ: ସକାଳ ୭ଟା।
- ଭାଜପାର ଡୋର ଟୁ ଡୋର କ୍ୟାମ୍ପେନିଂ କାର୍ଯ୍ୟକ୍ରମ, ସ୍ଥାନ: ୧୩ ନଂ. ୱାର୍ଡ, ବୈରାମନଗର, ସମୟ: ସକାଳ ୭ଟା ୩୦।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ରୂପସା, ସମୟ: ସକାଳ ୯ଟା।
- ଆମ ଗାଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଦୁଧହଂସା ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଦୁଧହଂସା ମନ୍ଦିର ପରିସର, ବସ୍ତା, ସମୟ: ସନ୍ଧ୍ୟା ୬ଟା।
- ମା ବାସୁଳୀ ଶକ୍ତିପୀଠର ବୈଶାଖୀ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ଭୋଗରାଇ ହାଟସ୍ଥିତ ବାସୁଳୀ ପଡିଆ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ, ସ୍ଥାନ: ପଦ୍ମପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ପୁରୁଷଣ୍ଡ, ବନ୍ତ, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୋରାମାଟି, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ବଡ଼ମହିଷଗୋଠ, ବନ୍ତ, ସମୟ: ଅପରାହ୍ନ ୫ଟା।
- ଭାଜପାର କର୍ମୀ ସମାବେଶ, ସ୍ଥାନ: ରକ୍ତତୀର୍ଥ ମଣ୍ଡଳ, ଇରମ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ମନ୍ଦୋଦରୀ କଲ୍ୟାଣ ମଣ୍ଡପ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ବାମନବିନ୍ଧା ପଞ୍ଚାୟତ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଖଦଳାପୋଖରୀ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଯଶିପୁର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମେଳନ ପଡ଼ିଆ, ସାହାଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।
- କଂଗ୍ରେସର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି କଂଗ୍ରେସ କାର୍ଯ୍ୟାଳୟ, ସମୟ: ରାତି ୮ଟା।

## କେନ୍ଦୁଝର

- କଂଗ୍ରେସର ନମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମାଛ ଧରା ପ୍ରତିଯୋଗିତା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ରାଜାବନ୍ଧ, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ,ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ବାରମାଇଲ କଂଗ୍ରେସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଯୋଗ୍ୟତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ବିଶ୍ୱକଲ୍ୟାଣ ହରିହର ମହାଯଜ୍ଞ, ସ୍ଥାନ: ଡୁରା ମୁକ୍ତେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ଦ୍ୱାଦଶ ସନ୍ଧ୍ୟାରେ ଘଟ ପରିକ୍ରମା, ସ୍ଥାନ: ଦାରିଙ୍ଗବାଡି ଲଦପଙ୍କା ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ସାମାଜିକ ନାଟକ 'ମିଛୁଆ ରାଧୁଆ ଗପ ସରିଲା', ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୧୦ଟା।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତର ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ତନିଷ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କମଲେସ୍ କଣ୍ଟିନେଣ୍ଟାଲ, ସମୟ : ଅପରାହ୍ନ ୫ ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋପବନ୍ଧୁ ଷ୍ଟାଡ଼ିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ରାଧାରମଣ ଦେବ ସଂକୀର୍ତ୍ତନ ମହମଣ୍ଡଳ ପକ୍ଷରୁ ପଞ୍ଚାୟତସ୍ତରୀୟ ସଭା, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା, ସ୍ଥାନ: ପିତାମ୍ବରପୁର, ଭୂତମୁଣ୍ଡାଇ, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା୩୦।
- ପାରାଦୀପ ନଗର ବିଜେଡି ପକ୍ଷରୁ ୱାର୍ଡସ୍ତରୀୟ ପଦଯାତ୍ରା, ସ୍ଥାନ: ୧ନଂ. ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସନ୍ଧ୍ୟା ୫ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବଡ଼ପଡ଼ିଆ, ନଗର କଂଗ୍ରେସ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ବାବା ଗୋରେଖନାଥ କ୍ରିକେଟ କ୍ଲବ ଛପଡା ପକ୍ଷରୁ ଦିନିକିଆ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ରଘୁନାଥପୁର ବ୍ଲକ ଛପଡ଼ା କ୍ରିକେଟ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କ ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କ ଯୋଗଦାନ, ସ୍ଥାନ: ନିମନ୍ତ୍ରଣ କଲ୍ୟାଣ ମଣ୍ଡପ, ଗୁଣପୁର, ସମୟ: ମଧ୍ୟାହ୍ନ ୧୨ଟା।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ମଶ୍ରୁରିପଲାର ଛକ, ଟିକିରି, ସମୟ: ଅପରାହ୍ନ ୩ଟା ୪୦।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍ ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୪୫।

## କୋରାପୁଟ

- ମାଥାଲପୁଟ ରାଧାକୃଷ୍ଣ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ମରିଚମାଳ ନଦୀରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ, ସମୟ: ସକାଳ ୬ଟା।
- ମା ତାରିଣୀ ମନ୍ଦିର ୧୮ ତମ ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ ଟା।
- ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଗସ୍ତ, ସାଧାରଣ ସଭା, ସ୍ଥାନ :କୋରାପୁଟ ଓଏମ୍‌ପି ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପ୍ରାର୍ଥୀଙ୍କ ପ୍ରଚାର, ସ୍ଥାନ: କୋରାପୁଟ ମ୍ୟୁନିସିପାଲଟି ୱାର୍ଡ ନଂ-୧, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ୨୪ପ୍ରହରୀ ନାମଯଜ୍ଞ, ସ୍ଥାନ: କଟରଧୁଆ ମାଲିପଡା, ସମୟ: ସକାଳ ୮ଟା।
- ସମ୍ବଲପୁରୀ ପତ୍ରିକା ଉଦିଆର ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଚାଷୀଙ୍କ ଦାବି ଉପସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଲୋଇସିଂହା ନିର୍ବାଚନମଣ୍ଡଳୀର ଆଗଲପୁରରେ ଭାଜପାର ନିର୍ବାଚନୀ ସଭା, ସ୍ଥାନ: ଆଗଲପୁର ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବଲାଙ୍ଗୀରରେ ବିଜେଡିର ସଙ୍କଳ୍ପ ସମ୍ମିଳନୀ, ସ୍ଥାନ: ରେନ୍‌ବୋ ମ୍ୟାରେଜ୍ ପ୍ୟାଲେସ୍, ସୋନପୁର ରୋଡ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ନାମାଙ୍କନପତ୍ର ତନଖି କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ଉପଜିଲାପାଳ ତଥା ସୋନପୁର ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାମାଙ୍କନପତ୍ର ତନଖି କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ଉପଜିଲାପାଳ ତଥା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଭାଜପାର ପଦଯାତ୍ରା,ସ୍ଥାନ:ସେକ୍ଟର-୫ ମୁଖ୍ୟ ଛକ,ସମୟ:ସକାଳ ୭ଟା।

## ବରଗଡ଼

- ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ସକାଳ ୬ଟା ୩୦ ମିନିଟ୍।
- ଷୋହଳ ପ୍ରହର ନାମଯଜ୍ଞରେ ଛପନ ଭୋଗ, ସ୍ଥାନ: କାଇଁଶିର, ତେଲିପଡ଼ା, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା ୧୨ ମିନିଟ୍।

## କଳାହାଣ୍ଡି

- ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡକର ଛକ ନିକଟ ଶ୍ୟାମଜୀ ରାଇସ ମିଲ୍, ସମୟ: ସକାଳ ୬ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାବେଘାଟି ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାଲିପାର୍ଟି ଗାଁ, ସମୟ: ସନ୍ଧ୍ୟା ୭ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା, ସ୍ଥାନ: କୋମନା ବରପଦର ପଡ଼ା, ସମୟ: ସକାଳ ୯ଟା।

## ବୌଦ୍ଧ

- ନାରାୟଣପ୍ରସାଦ ପଞ୍ଚାୟତର ସିଲେଟପଡା ଶ୍ରୀ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ୨୪ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ସିଲେଟପଟା ପୂଜା ମଣ୍ଡପ, କଣ୍ଟାମାଳ, ସମୟ: ଅହୋରାତ୍ର।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ଅଷ୍ଟାଦଶ ଦିବସର ନାଟକ ରାମ ରାବଣର ସମରସଜ୍ଜା ଓ ରାବଣ ବଧ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୯ଟା।

## ଝାରସୁଗୁଡ଼ା

- ଦେମୁଲ ମା'ଙ୍କ ପୂଜା ଅର୍ଚ୍ଚନା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ବଞ୍ଜାରି ଗ୍ରାମ, ସମୟ: ସକାଳ ୭ଟା ୩୦ ମିନିଟ୍।
- କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ତାଳମାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବିଡିଏମସ୍ଥିତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।



ରାଏବରେଲି ଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ନିକଟରେ ଅଛନ୍ତି ମା' ସୋନିଆ ଗାନ୍ଧୀ ଓ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ।

### ପ୍ରଥମ ପୃଷ୍ଠାରୁ...

## ପ୍ରେସ୍ ସ୍ୱାଧୀନତା: ପାକ୍ ...

ଏସିଆ-ପାସିଫିକ୍‌ରେ ଏପରି ୫ଟି ଦେଶ ରହିଛି, ଯାହାକି ଗଣମାଧ୍ୟମ କର୍ମୀମାନଙ୍କ ପାଇଁ ବିଶ୍ୱର ସବୁଠୁ ନିକୃଷ୍ଟ ୧୦ ରାଷ୍ଟ୍ର ମଧ୍ୟରେ ଅନ୍ତର୍ଭୁକ୍ତ। ସେଗୁଡ଼ିକ ହେଲା, ମ୍ୟାନ୍‌ମାର(୧୭୧), ଚାଇନା(୧୭୨), ଉତ୍ତର କୋରିଆ(୧୭୭), ଭିଏତ୍‌ନାମ(୧୭୪) ଓ ଆଫଗାନିସ୍ତାନ(୧୭୮)। ସେହିପରି ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାର ପ୍ରାୟ ଅଧା ଦେଶରେ ସ୍ଥିତି 'ଅତ୍ୟନ୍ତ ଗମ୍ଭୀର' ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରେଡ୍ ଜୋନ୍ ମ୍ୟାପ୍‌ରେ ଥିବା ଅନ୍ୟ ରାଷ୍ଟ୍ର ସମୂହରେ ସାମିଲ ହୋଇଛି। ସେହି ଦେଶଗୁଡ଼ିକ ହେଲା ୟେମେନ୍, ସାଉଦି ଆରବ, ଇରାନ, ପାଲେଷ୍ଟାଇନ୍, ଇରାକ୍, ବାହାରିନ୍, ସିରିଆ ଓ ଇଜିପ୍ଟ। ଇସ୍ରାଏଲୀ ସୈନ୍ୟଙ୍କ ଦଖଲରେ ଥିବା ପାଲେଷ୍ଟାଇନ୍‌ରେ ଘନ ଘନ ବୋମାମାଡ଼ ହେଉଥିବାରୁ ସାମ୍ବାଦିକମାନଙ୍କ ପାଇଁ ଏହା ସବୁଠୁ ଘାତକ ରାଷ୍ଟ୍ରର ମାନ୍ୟତା ପାଇଛନ୍ତି। ପାଲେଷ୍ଟାଇନ୍ ଏହି ସୂଚକାଙ୍କରେ ସବା ତଳେ ସ୍ଥାନ ପାଇଛି। କାତାର ସମ୍ପୃକ୍ତ ଅଞ୍ଚଳର ଏକମାତ୍ର ଦେଶ, ଯାହାକୁ 'କଠିନ' କିମ୍ବା 'ଅତି ଗମ୍ଭୀର' ସ୍ଥିତି ବର୍ଗରେ ସାମିଲ କରାଯାଇନାହିଁ। ଅନ୍ୟପକ୍ଷେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ପ୍ରେସ୍ ଫ୍ରିଡମ୍ 'ଉତ୍ତମ' ସ୍ଥିତିରେ ରହିଛି। ବିଶେଷକରି ୟୁରୋପୀୟ ସଂଘ(ଇୟୁ) ଫାଷ୍ଟ ମିଡିଆ ଫ୍ରିଡମ୍ ଲ (ଇଏମ୍‌ଏଫ୍‌ଏ)କୁ ଆପଣାଇଥିବାରୁ ଏଠାରେ ସାମ୍ବାଦିକଙ୍କ ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ଆୟର୍ଲାଣ୍ଡ ଉକ୍ତ ସୂଚକାଙ୍କର ପ୍ରଥମ ୩ଟି ଦେଶ ମଧ୍ୟରୁ ବାଦ୍ ପଡ଼ିଛି। ବର୍ତ୍ତମାନ ସୁଇଡେନ୍ ଓ ଜର୍ମାନୀ ଶୀର୍ଷ ୧୦ ଦେଶ ମଧ୍ୟରେ ସ୍ଥାନ ପାଇଛି। ସେହିପରି ଇୟୁର ସବା ତଳେ ଥିବା ୩ ରାଷ୍ଟ୍ର ମଧ୍ୟରେ ହଙ୍ଗେରି, ମାଲ୍‌ଟା, ଗ୍ରୀସ୍‌କୁ ସ୍ଥାନ ମିଳିଛି। ମୋଟାମୋଟି ଭାବେ ରାଜନୈତିକ ସୂଚକରେ ହ୍ରାସ ଯୋଗୁ ତାଲିକାର ସର୍ବାଗ୍ରେ ଥିବା ୩ ଦେଶ ମଧ୍ୟ ପ୍ରଭାବିତ ହୋଇଛି। ପ୍ରଥମ ସ୍ଥାନରେ ଥିବା ନରୱେର ପଲିଟିକାଲ୍ ସ୍କୋର ଖସିଛି। ଅଷ୍ଟମରେ ଥିବା ଆୟର୍ଲାଣ୍ଡରେ ରାଜନେତାମାନଙ୍କ ପକ୍ଷରୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ନ୍ୟାୟିକ ଚାପ ପଡୁଛି। ଡେନ୍‌ମାର୍କ ଦ୍ୱିତୀୟ ଓ ସୁଇଡେନ୍ ତୃତୀୟରେ ରହିଛି। ୨୦୨୪ରେ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ଭୋଟ ଦେଉଥିବାବେଳେ ଏହି ଟ୍ରେଣ୍ଡ୍ ଚିନ୍ତାଜନକ ବୋଲି ଏଫ୍‌ଏସ୍‌ଆର୍ ନିଜ ରିପୋର୍ଟରେ ସତର୍କ କରାଇଛି। ସରକାର ଓ ଅନ୍ୟ ରାଜନୈତିକ ଶକ୍ତିଗୁଡ଼ିକର ପ୍ରେସ୍ ସ୍ୱାଧୀନତାକୁ ସୁରକ୍ଷା ଦେବା ଭୂମିକା କମିବାରେ ଲାଗିଛି। ଏହି ନିଶକ୍ତୀକରଣ ବେଳେବେଳେ ସାମ୍ବାଦିକମାନଙ୍କ ଭୂମିକାକୁ ନ୍ୟୂନ କରିଦେଉଛି। ଏହା ସାମ୍ବାଦିକତାର ବିରୁଦ୍ଧାଚରଣ ବୋଲି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ ଆର୍‌ଏସ୍‌ଏଫ୍ ଏଡିଟୋରିଆଲ୍ ଡାଇରେକ୍ଟର ଆନ୍ନେ ବୋକାଣ୍ଡେ କ୍ଷୋଭ ବ୍ୟକ୍ତ କରିଛନ୍ତି।

## ରାଏବରେଲିରୁ ପ୍ରାର୍ଥୀ ...

ରାଏବରେଲି ଓ ଅମେଠିରୁ କିଏ କଂଗ୍ରେସ ପ୍ରାର୍ଥୀ ହେବେ ବୋଲି ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିଲା। କଂଗ୍ରେସ ଏହା ଉପରେ ଶେଷ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରି ନ ଥିଲା। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ୱାୟନାଡ୍ ଏମ୍‌ପି ରାହୁଲ ନିଜ ମା' ସୋନିଆ ଗାନ୍ଧୀ ଓ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ରାଏବରେଲି ଯାଇ ନାମାଙ୍କନ କରିଥିଲେ। ଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ ସମୟରେ ତାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ସାମିଲ ହୋଇଥିଲେ। ଏହା ପୂର୍ବରୁ ପୂର୍ବାହ୍ନରେ କଂଗ୍ରେସ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଦୁଇ ହାଇପ୍ରୋଫାଇଲ ଆସନ ରାଏବରେଲି ଓ ଅମେଠି ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଦୁଇ ଦଶନ୍ଧି ଧରି କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆଙ୍କ ଦଖଲରେ ଥିବା ରାଏବରେଲିରେ ରାହୁଲ ଏବଂ ଅମେଠିରେ ଗାନ୍ଧୀ ପରିବାରର ବିଶ୍ୱସ୍ତ କିଶୋରୀ ଲାଲ୍ ଶର୍ମାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷେ ଭାଜପା ରାଏବରେଲିରେ ଦୀନେଶ ପ୍ରତାପ ସିଂଙ୍କୁ ପ୍ରାର୍ଥୀ କରିଥିବାବେଳେ ଅମେଠିରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ରିପିଟ୍ କରିଛି। ଏନେଇ ଭାଜପା ନେତ୍ରୀ ଇରାନୀ କହିଛନ୍ତି, ଅମେଠିରେ ଗାନ୍ଧୀ ପରିବାରର ଅନୁପସ୍ଥିତି ପ୍ରମାଣିତ କରିଛି ଯେ, କଂଗ୍ରେସ ନିର୍ବାଚନ ପୂର୍ବରୁ ହିଁ ପରାଜୟ ସ୍ୱୀକାର କରିଛି। ମେ' ୨୦ରେ ହେବାକୁ ଥିବା ନିର୍ବାଚନରେ ସେ ପୁନର୍ବାର ବିଜୟ ଲାଭ କରିବେ। ପ୍ରକାଶ ଯେ, ଅମେଠିରୁ ରାହୁଲ ପୂର୍ବରୁ ୩ ଥର ନିର୍ବାଚିତ ହୋଇଥିବାବେଳେ ଅଭିନେତ୍ରୀରୁ ନେତ୍ରୀ ସାଜିଥିବା ଇରାନୀ ୨୦୧୯ ଲୋକ ସଭା ନିର୍ବାଚନରେ ତାଙ୍କୁ ୫୫,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇଥିଲେ। କିନ୍ତୁ ରାହୁଲ ୱାୟନାଡ୍ ଆସନରେ ବିଜୟୀ ହୋଇ ଲୋକ ସଭାରେ ପୁନଃ ପ୍ରତିନିଧିତ୍ୱର ସୁଯୋଗ ପାଇଥିଲେ।

## ଇଟାଭାଟି ଭୁଶୁଡ଼ି ...

ଅଟକ ରଖି ପଚରାଉଚରା ଚାଲିଛି। ସୂଚନାନୁଯାୟୀ ଇଟାଭାଟିରେ ଶୁକ୍ରବାର ପ୍ରାୟ ୫/୭ଜଣ କାମରେ ନିୟୋଜିତ ଥିଲେ। ଏହି ସମୟରେ ଭାଟିର ବାହାର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଇଟାଗଦା ଭିତରେ ୪ ମହିଳା ଶ୍ରମିକ ଚାପିହୋଇ ରହିଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକ ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରେ ସୁଲଭଙ୍କ ମୃତ୍ୟୁ ଘଟିଥିବା ବେଳେ ସରସ୍ୱତୀ, ବନିତା ଓ ରଙ୍ଗିନଙ୍କୁ ଭାଟିମାଲିକ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସରସ୍ୱତୀଙ୍କ ମୃତ୍ୟୁ ଘଟିଥିଲା। ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଅନ୍ୟପକ୍ଷରେ ସୁଲଭଙ୍କ ମୃତଦେହକୁ ବ୍ୟବଚ୍ଛେଦ କରା ନ ଯାଇ ଗାଁରେ ସତ୍କାର କରିଦିଆଯାଇଛି। ଏ ନେଇ ପାଟପୁର ଥାନାରେ କୌଣସି ଏତଲା ହୋଇ ନ ଥିଲେ ମଧ୍ୟ ତଦନ୍ତ ଚାଲିଥିବା ଆଇଆଇସି ଅଜୟ କୁମାର ସ୍ୱାଇଁ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର ଜଣେ ଠିକାଦାରଙ୍କଠାରୁ ବିଲ୍ ପାସ୍ କରିବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ପାତ୍ରଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ନିକଟରୁ ରଙ୍ଗ ବୋଳା ଟଙ୍କା ଜବତ କରିଛି। ଏହି ଘଟଣା ପରେ ପାତ୍ରଙ୍କ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରୁଛି। ସୂଚନା ଅନୁସାରେ ଜଣେ ଠିକାଦାର କରିଥିବା ଜଳ ଯୋଗାଣ ବାବଦ ବିଲ୍ ପାତ୍ର ପାସ କରୁ ନ ଥିଲେ। ବିଲ୍ ପାସ କରିବାକୁ ସେ ୫୦, ୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଠିକାଦାର ଜଣଙ୍କ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁସାରେ ଠିକାଦାର ଜଣଙ୍କ ରଙ୍ଗବୋଳା ଟଙ୍କା ଯନ୍ତ୍ରୀଙ୍କୁ ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ।



ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ବନ୍ଧୁ ସମ୍ପର୍କହାନି, ସନ୍ତାନଙ୍କ ପାଇଁ ଦୁଶ୍ଚିନ୍ତା ଏବଂ କାମରେ ପ୍ରତିବନ୍ଧକ ଜନିତ ମନ ଅଶାନ୍ତ ରହିବ। ପୂର୍ବପ୍ରତିଷ୍ଠା, ସାମାଜିକ ସ୍ଥିତି, ଆତ୍ମୀୟଙ୍କ ସମର୍ଥନ ପରିସ୍ଥିତିକୁ ସହଜ କରିପାରେ। ଅର୍ଥ ଓ ଦ୍ରବ୍ୟ ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଅସୁସ୍ଥତା ବଶତଃ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** — ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପରିସ୍ଥିତି ଓ ପରିବେଶ ତାହା କରାଇ ଦେଇ ନ ପାରେ। ଆଜି ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି। ପ୍ରିୟଜନମାନଙ୍କ ସହ ବନ୍ଧୁ ମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** — ନିଜ ଲୋକଙ୍କ ପକ୍ଷପାତିତା ଓ ବୈମାତୃକ ମନୋଭାବ ଆଜିର ମାନସିକ ଅଶାନ୍ତିର ମୂଳ କାରଣ ହେବ। ତଥାପି ଶୁଭଗ୍ରହଙ୍କ ସମ୍ପର୍କ କାରଣରୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** — ଆକସ୍ମିକ ସ୍ୱାସ୍ଥ୍ୟହାନି କିମ୍ବା ମାନସିକ ଅଶାନ୍ତିଜନିତ ଯାତ୍ରା ସ୍ଥଗିତ ରହିପାରେ। ବନ୍ଧୁବର୍ଗ କିମ୍ବା ବୁଦ୍ଧିଜୀବୀଙ୍କ ସଦିଚ୍ଛା କାରଣରୁ ପ୍ରତିଷ୍ଠା କ୍ଷୁଣ୍ଣ ହେବନାହିଁ। ସତର୍କତା ଅଭାବରୁ ଧନହାନି ଘଟିବାର ଆଶଙ୍କା ରହିଛି। ଭିଜିଲାନ୍ସ କିମ୍ବା କଚେରି ମାମଲାରେ ଅଥବା ସରକାରୀ ସ୍ତରରେ ଅର୍ଥଦଣ୍ଡର ମଧ୍ୟ ସାମନା କରିବାକୁ ପଡିପାରେ।

**ସିଂହ** — କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯାଇପାରେ। ଗୋଟିଏ ସ୍ଥାନରେ ଦୀର୍ଘସମୟ ରହିବାର ସୁଯୋଗ ପାଇ ନ ପାରନ୍ତି। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ ଯାହାଙ୍କର କଥାଟି କଥାରେହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା କେତେକାଂଶରେ ଦୂର ହେବ।

**କନ୍ୟା** — ନିଜ ଲୋକଙ୍କ ବିରୁଦ୍ଧାଚରଣ ହେତୁ କାମଗୁଡ଼ିକ ଓଲଟା ହେବାର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପାରସ୍ପରିକ ସୁବୁଝାମଣା ହେତୁ ପରିବାରରେ ଅଶାନ୍ତ ଦୂର ହେବ।

**ତୁଳା** — ଦୃଢ଼ ମନୋବଳ ଓ ସମସ୍ତ ସାମର୍ଥ୍ୟ ଥାଇ ମଧ୍ୟ ବିରୋଧର ସମ୍ମୁଖୀନ ହୋଇପାରନ୍ତି। ଅର୍ଥ ସଂକଟ କାରଣରୁ ଚାହୁଁଥିବା ଜିନିଷ ପାଇବେ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବା ବୁଦ୍ଧିମାନର କାମ ହେବ ନଚେତ୍ ଠକିଯାଇପାରନ୍ତି। ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି।

**ବିଛା** — ଆପଣଙ୍କ ବିଚାରବୋଧ, କାର୍ଯ୍ୟଶୈଳୀ ଓ ପାରିବାରିକ ସୁଖ, ଶାନ୍ତି ଅକ୍ଷୁଣ୍ଣ ରହିବ। ଯାହାଙ୍କୁ ଅତି ବିଶ୍ୱାସ କରୁଥିବେ ସେ ନିଜର ସୁବିଧା ପାଇଁ ଠିକଣା ସମୟରେ ପାଖ ମାଡ଼ିବ ନାହିଁ। ବେଳେ ବେଳେ ଧୈର୍ଯ୍ୟଚ୍ୟୁତି ଘଟିବା ସହ ବିକ୍ଷିପ୍ତ ମାନସିକତା ସୃଷ୍ଟି ସମ୍ଭାବନା ରହିଛି। ବ୍ୟବସାୟ, ଲୋକସମ୍ପର୍କ ତଥା ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ** — ଶନିଙ୍କ ପ୍ରଭାବରୁ ମନରେ ସରସତା ରହିବ ନାହିଁ କି କୌଣସି କାମ ସୁବିଧାରେ ସମ୍ପନ୍ନ ହେବ ନାହିଁ। ହତୋତ୍ସାହିତ ନ ହୋଇ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ନିଶ୍ଚିତ ଉପକୃତ ହେବେ। ବନ୍ଧୁଙ୍କ ପରାମର୍ଶକ୍ରମେ ନୂଆ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** — ଆଜି ଦିନଟି ସଂଘର୍ଷମୟ ସ୍ଥିତି ଉତ୍ପନ୍ନ କରିପାରେ ତଥାପି ପରିଶେଷରେ ଆପଣଙ୍କ ବିଜୟପ୍ରାପ୍ତି ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ସହ ଆର୍ଥିକ ଦିଗଟି ମନ୍ଦ ହେବନି। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ମନଦୁଃଖ ହୋଇପାରେ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ** — ଆଜିର କାମଗୁଡ଼ିକ ଶୃଙ୍ଖଳିତ ହେବା କଷ୍ଟକର ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବା ସୂଚନା ରହିଛି। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** — ପୂର୍ବ ଶତ୍ରୁତା, କଚେରି ମାମଲା, ଆତ୍ମୀୟଙ୍କ ବିରୁଦ୍ଧାଚରଣ ସହ ନିଜ ଲୋକଙ୍କ ଶ୍ରଦ୍ଧା ଓ ଅନୁରାଗର ସ୍ୱଳ୍ପତା ମନକୁ ନିରୁତ୍ସାହିତ କରିବ। ଦିନ ଭିତରେ ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ମେ ୪ ତାରିଖ, ବୈଶାଖ କୃଷ୍ଣପକ୍ଷର ସର୍ବସମ୍ମତ ବରୁଥିନୀ ଏକାଦଶୀ, ଶନିବାର, ରାଶି ନକ୍ଷତ୍ର- ପୂର୍ବଭାଦ୍ର/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୭ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୧ ମି. ଗତେ ଘ.୧୦।୦୭ ମଧ୍ୟେ ରାହୁ କାଳ ।।






ନାମାଙ୍କନପତ୍ର ଦାଖଲ କରିବାକୁ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଯାଉଥିବାବେଳେ ଶୁକ୍ରବାର ଭୁବନେଶ୍ୱର ରବି ଟକିଜ୍ ଛକ ନିକଟରେ ସୃଷ୍ଟି ହୋଇଥିବା ଟ୍ରାଫିକ ଜାମ୍।

# କଲରାପତରିଆ ବାଘ ଗଣନା ଆରମ୍ଭ

ଭୁବନେଶ୍ୱର,୩।୫(ଅସମାପିକା ସାହୁ)

ଚଳିତବର୍ଷରୁ ରାଜ୍ୟ ସରକାର ନିଜସ୍ୱ କଲରାପତରିଆ ବାଘ ଗଣନା ଆରମ୍ଭ କରିଛନ୍ତି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଗଣନା କାର୍ଯ୍ୟ ୪୦ଦିନ ଧରି ଚାଲିବ। ସେହିଭଳି ହାତୀ ଗଣନା ଆସନ୍ତା ୨୨ତାରିଖରୁ ଆରମ୍ଭ ହେବ ବୋଲି ଶୁକ୍ରବାର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟର ୫୧ଟି ଡିଭିଜନରେ କଲରାପତରିଆ ବାଘ ଗଣନା ହେବ। ଗଣନା ପାଇଁ ୩,୩୧୨ଟି ଟ୍ରାପ କ୍ୟାମେରା ବ୍ୟବହାର କରାଯିବ। ପ୍ରତ୍ୟେକ ଡିଭିଜନରେ ପ୍ରତି ୨୫ ବର୍ଗ କିଲୋମିଟରରେ ୫ଟି ଟ୍ରାପ କ୍ୟାମେରା ଲଗାଯିବ। ପୂର୍ବବର୍ଷ ବାଘ ଗଣନା ସମୟରେ ଟ୍ରାପ କ୍ୟାମେରାରୁ ମିଳିଥିବା କଲରାପତରିଆ ବାଘର ଚିତ୍ରକୁ ଚିହ୍ନଟ ପାଇଁ ବ୍ୟବହାର କରାଯିବ। ତେବେ ସମସ୍ତ କଲରାପତରିଆ



ବାଘ ଉପରେ କଡ଼ାକଡ଼ି ଭାବରେ ମନିଟରିଂ କରାଯିବ।

ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଏବଂ ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଦେଶରେ ହୋଇଥିବା କଲରାପତରିଆ ଗଣନା ରିପୋର୍ଟ-୨୦୨୨ ଗତ ଫେବୃଆରୀ ୨୯ରେ ପ୍ରକାଶ ପାଇଥିଲା। ଏଥିରେ ଦେଶରେ ଗତ ୪ବର୍ଷରେ କଲାରାପତରିଆ ବାଘଙ୍କ ସଂଖ୍ୟା ବଢ଼ିଥିବାବେଳେ ଓଡ଼ିଶାରେ ହ୍ରାସ ପାଇଥିବା ଦର୍ଶାଯାଇଥିଲା। ୨୦୧୮ ମସିହା ଗଣନାରେ ରାଜ୍ୟରେ ୭୬୦ଟି କଲରାପତରିଆ ବାଘ ଥିବାବେଳେ ୨୦୨୨ ରିପୋର୍ଟରେ ଏହି ସଂଖ୍ୟା ୫୬୮କୁ ଖସି ଆସିଥିଲା। ଓଡ଼ିଶାରେ ବାଘ ସଂଖ୍ୟା କମିଥିବା ନେଇ କେନ୍ଦ୍ରୀୟ ତଥ୍ୟ ପ୍ରକାଶ ପରେ ରାଜ୍ୟ ବନ ବିଭାଗ ନିଜସ୍ୱ ଗଣନା କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏନ୍‌ଟିସିଏ ରିପୋର୍ଟରେ କିଛି ତ୍ରୁଟି ଥିବା ଓ ଗଣନାକାରୀମାନେ ବହୁତ କମ ଅଞ୍ଚଳ କଭର କରିଥିବାରୁ ଆକଳନ ଏକପାଖିଆ ହୋଇଯାଇଥିବା ବନ ବିଭାଗ କହିଥିଲା। ତେଣୁ ମେ'ରୁ ହାତୀ ଗଣନା ସହ ଏକକାଳୀନ କଲରାପତରିଆ ବାଘ ଗଣନା କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

## ୨୨ରୁ ହାତୀ ଗଣନା

ସେହିଭଳି ହାତୀ ଗଣନା ୨୨ରୁ ୨୪ ତରିଖ ତିନିଦିନ ଧରି ୪୩ଟି ଡିଭିଜନରେ କରାଯିବ। ହାତୀଙ୍କ ଗଣନା ସିଧାସଳଖ କରାଯିବ। ଏଥିପାଇଁ ୧,୧୩୬ଟି ମଞ୍ଚା ନିର୍ମାଣ କରାଯିବ। ଏଥିସହିତ ଏହି ଗଣନାରେ ବାରାକ, ୱାଚ୍ ଟାୱାର ମଧ୍ୟ ବ୍ୟବହାର କରାଯିବ। ଏଥିପାଇଁ ବନ କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ଦିଆଯାଉଛି। ଏହି ତାଲିମ ଆସନ୍ତା ୧୫ ତାରିଖ ସୁଦ୍ଧା ଶେଷ ହେବ। ୨୧ ତାରିଖ ସୁଦ୍ଧା ବନ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାରର କିଟ୍ ଦିଆଯିବ। ୨୨ ତାରିଖରୁ ହାତୀଙ୍କ ଗଣନା ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି।

# ବିଜେଡିରେ ଯୋଗଦେଲେ ଦେବଗଡ଼, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଭାଜପା, କଂଗ୍ରେସ ନେତା

ଭୁବନେଶ୍ୱର,୩।୫(ଅନିଲ ଦାସ)

ଦେବଗଡ଼ ନିର୍ବାଚନମଣ୍ଡଳୀର ତିଲେଇବଣି ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଭୁବନେଶ୍ୱରଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ଆସନର ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଉଦିତ କୁମାର ନାୟକ, ଅମୂଲ୍ୟ ଧାରୁଆ, ସନ୍ତୋଷ କୁମାର ମାଝି, ସସ୍ମିତା ଭୋଇ ଓ ସସ୍ମିତା ଏକ୍କା ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ଯୋଗ ଦେଇଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଉପଢ଼ୌକନ ଦେଇ ଦଳକୁ ପ୍ରଣବ ସ୍ୱାଗତ କରିଛନ୍ତି। ନିର୍ବାଚିତ ପ୍ରତିନିଧିମାନଙ୍କ ଯୋଗଦାନ ଫଳରେ ବିଶେଷକରି ଦେବଗଡ଼ ନିର୍ବାଚନମଣ୍ଡଳୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ସେହିପରି ବଲାଙ୍ଗୀର ଜିଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଓ ଭାଜପା କର୍ମକର୍ତ୍ତା ଶୁକ୍ରବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ଡକ୍ଟର ସସ୍ମିତ ପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ଉଭୟ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସେମାନେ ସୁଚାରୁରୂପେ ତୁଲାଇବେ। ଦଳ ସେମାନଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁରେଶ ବେହେରା, ଲକ୍ଷ୍ମୀ ବାଗ, ସଞ୍ଜୀବ ଚୁରା, ଗୁରୁବାରୁ ବାଚ, ନିତ୍ୟ ପୁରୁସେଠ, ସଦାନନ୍ଦ ତାଣ୍ଡି, ଲମ୍ବୋଧର ବେହେରା, ନଟବର ସୁନା, ଉମାଶଙ୍କର ସାହୁ, ଦେବ ସିଂ ବେହେରା, ପ୍ରଦୀପ ଜାଲ, ବନୁ ବାଗ, ସୁଶୀଲ ଶତପଥୀ, ମେଳା ଗୁରୁ, ସଞ୍ଜୟ ପଟେଲ, ଗୋପାଳ ବେହେରା, ଚୈତନ୍ୟ ବେହେରା, ପଙ୍କଜ ବେହେରା, ଉଦ୍ଧବ ବେହେରା, ପିଲାବାବୁ ହଂସ, କିଶୋର ଜାଲ, ଭୋଦେବ ବେହେରା, ଜିତେନ ବଟା, କୈଳାସ ବେହେରା, ଦିଲୀପ ଜାଲ, ଜିତେନ୍ଦ୍ର ରଣା, ଦୀପକ ଛୁରା, ଗୋବିନ୍ଦ ପଟେଲ, ବିଶ୍ୱନାଥ ପଟେଲ, ଦିନା ବାରିକ, କୃଷ୍ଣ ବାଗ ଓ ଯୁବରାଜ ବାଗଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।




ଭୁବନେଶ୍ୱର ଶଙ୍ଖ ଭବନଠାରେ ଶୁକ୍ରବାର ବିଜେଡିରେ ଯୋଗ ଦେଇଥିବା ଦେବଗଡ଼ ଓ କଣ୍ଟାବାଞ୍ଜି ଅଞ୍ଚଳର ନେତାମାନେ।

# ବିଜେଡି କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୩।୫(ଅନିଲ ଦାସ)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରୀତମ୍ ମେହେରଙ୍କୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଯୋଗେନ୍ଦ୍ର ସ୍ୱାଇଁ ଏବଂ ନାରାୟଣ ପାଢ଼ୀଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜୁ ଜନତା ଦଳର ଗଞ୍ଜାମ ଜିଲା କମିଟି ସାଧାରଣ ସମ୍ପାଦକ ଭାବେ ସୁବାସ ମହାପାତ୍ର ଓ ଗଙ୍ଗା ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବିଜୟ କୁମାର ଭୂୟାଁଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ଶେୟାର ମାର୍କେଟରେ ଟଙ୍କା ବିନିଯୋଗ ଆଳରେ ଠକେଇ

## ୨ ଲକ୍ଷ ୩୩ ହଜାର ହରାଇଲେ ଯୁବକ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କରିବାକୁ ଯାଇ ଗଞ୍ଜାମ ଜିଲାର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଅଧିକ ଟଙ୍କା ପାଇବା ଲୋଭ ଦେଖାଇ ଠକମାନେ ତାଙ୍କଠାରୁ ୨ ଲକ୍ଷ ୩୩ ହଜାର ୯୦୦ଟଙ୍କା ନେଇ ଯାଇଥିବା ଠକେଇର ଶିକାର ହୋଇଥିବା ଯୁବକ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ଜରଡ଼ା ଥାନା ନୂଆଗାଁ ଗ୍ରାମର ସାଇଦତ୍ତ ବେହେରା ଗତ ଫେବୃୟାରୀ ୬ରେ ସୋସିଆଲ ମିଡିଆରୁ ସେୟାର ମାର୍କେଟରେ ଟଙ୍କା ବିନିଯୋଗ ବିଷୟରେ ଏକ ବିଜ୍ଞାପନ ଦେଖିଥିଲେ। ଏଥିରେ ଟଙ୍କା ବିନିଯୋଗ କଲେ ଅଧିକ ଲାଭ ମିଳିବ ବୋଲି ଜାଣିବା ପରେ ସେ ମାର୍କ ବିଲସନ ଇନଷ୍ଟିଚ୍ୟୁସନାଲ ଷ୍ଟ୍ରାଟେଜିଷ୍ଟ ସେଣ୍ଟର ନାମକ ଏକ ହ୍ୱାଟ୍ସଆପ ଗ୍ରୁପରେ ସାମିଲ ହୋଇଥିଲେ। ସେୟାର ମାର୍କେଟ, ଟ୍ରେଡିଂରେ କିପରି ଟଙ୍କା ବିନିଯୋଗ କରାଯିବ ସେଥିରେ ଶିକ୍ଷା ଦିଆଯାଉଥିଲା। ଏହାପରେ ତାଙ୍କୁ ମାର୍କ ବିଲସନ ଆଞ୍ଜେଲ ଇନଭେଷ୍ଟମେଣ୍ଟ ପ୍ରୋଗ୍ରାମ ଗ୍ରୁପରେ ଯୋଡି ଦିଆଯାଇଥିଲା। ସେହି ଗ୍ରୁପରେ ୩୨ ସଦସ୍ୟ ଥିବା ବେଳେ ସେମାନେ ସାଇଦତ୍ତଙ୍କୁ ଇନଭେଷ୍ଟ କରିବାକୁ ଉତ୍ସାହିତ କରୁଥିଲେ। ସାଇଦତ୍ତ ବିଶ୍ୱାସ କରି ଫେବୃୟାରୀ ୨୩ ତାରିଖରେ ସେୟାର ମାର୍କେଟରେ ଟଙ୍କା ବିନିଯୋଗ ଆରମ୍ଭ କରିଥିଲେ। ୭ଟି ପର୍ଯ୍ୟାୟରେ ଗ୍ରୁପର ଆଡମିନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୨ଲକ୍ଷ ୩୩ ହାଜର ୯୦୦ ଟଙ୍କା ଜମା କରିଥିଲେ। ହେଲେ ସାଇଦତ୍ତ ଯେତେବେଳେ ନିଜ ଟଙ୍କା ଉଠାଇବାକୁ ଚାହୁଁଥିଲେ ସେତେବେଳେ ତାଙ୍କୁ ହ୍ୱାଟ୍ସଆପ ଗ୍ରୁପରୁ ବାହାର କରି ଦିଆଯାଇଥିଲା। ବାରମ୍ବାର ଯୋଗାଯୋଗ ପରେ ମଧ୍ୟ ସେ ଟଙ୍କା ଫେରି ନ ପାଇବାରୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଲିଖିତ ଅଭିଯୋଗ କରିଥିଲେ।

# ନୀଳଗିରିରୁ ଭାଜପା ପ୍ରାର୍ଥୀ ହେଲେ ସନ୍ତୋଷ ଖଟୁଆ

ଭୁବନେଶ୍ୱର,୩।୫(ସୁନିତ୍ ମିଶ୍ର)

ଭାଜପା ପୂର୍ବରୁ ୧୪୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିଲା। କେବଳ ନୀଳଗିରି ଆସନକୁ ନେଇ ଦଳ ଦ୍ୱନ୍ଦ୍ୱରେ ଥିଲା। କାରଣ ଏହି ଆସନରୁ ୨୦୧୯ରେ ଭାଜପା ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ସୁକାନ୍ତ ନାଏକ କିଛିଦିନ ତଳେ ବିଜେଡିରେ ଯୋଗଦେଇଥିଲେ। ବର୍ତ୍ତମାନ ଏହି ଆସନ ପାଇଁ ଦଳ ଶୁକ୍ରବାର ନିଜର ପ୍ରାର୍ଥୀ ଘୋଷଣା କରିଛି। ସୁକାନ୍ତଙ୍କ ବିରୋଧରେ ୨୦୧୯ରେ ବିଜେଡି ପ୍ରାର୍ଥୀ ହୋଇଥିବା ସନ୍ତୋଷ ଖଟୁଆ ଗୁରୁବାର ଦଳ ଛାଡ଼ିବା ପରେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ତାଙ୍କ ନାଁ ନୀଳଗିରି ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହାପରେ ସନ୍ତୋଷ ତାଙ୍କ ଶତାଧିକ ସମର୍ଥକମାନଙ୍କୁ ଧରି ଭାଜପା ପାର୍ଟି ଅଫିସ୍ ଠାରେ ପହଞ୍ଚିଥିଲେ। ଏବେ ସମ୍ପୂର୍ଣ୍ଣ ୧୪୭ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେଇସାରିଛି। ୨୦୧୯ ନିର୍ବାଚନରେ ସନ୍ତୋଷ ବିଜେଡିରୁ ପ୍ରାର୍ଥୀ ହୋଇ ୬୭,୯୪୦ ଖଣ୍ଡ ଭୋଟ୍ ପାଇଥିବା ବେଳେ ସୁକାନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ୬୯,୫୧୭ ଭୋଟ୍ ପାଇଥିଲେ। ସନ୍ତୋଷଙ୍କଠାରୁ ମାତ୍ର ୧୫୭୭ ଖଣ୍ଡ ଅଧିକ ଭୋଟ୍ ପାଇ ସୁକାନ୍ତ ବିଜୟୀ ହୋଇଥିଲେ। ଏଥର ଏହି ଆସନରେ ଜୋର୍‌ଦାର ଲଢ଼େଇ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ସୁଜାତା ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ, ଶାଳିନୀଙ୍କୁ ମିଶନ ଶକ୍ତି ଦାୟିତ୍ୱ



ସୁଜାତା ଆର୍. କାର୍ତ୍ତିକେୟନ



ଶାଳିନୀ ପଣ୍ଡିତ

ଭୁବନେଶ୍ୱର,୩।୫(ଅନିଲ ଦାସ)

୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମିଶନ ଶକ୍ତି ସଚିବ ସୁଜାତା ଆର୍. କାର୍ତ୍ତିକେୟନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଶୁକ୍ରବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ତଥା ୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଶାଳିନୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ମଧ୍ୟ ତୁଲାଇବେ।

ସୁଜାତା ମିଶନ ଶକ୍ତି ବିଭାଗ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାର ତାଙ୍କୁ ଉଭୟ ଦାୟିତ୍ୱରୁ ଅବ୍ୟାହତି ଦେଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରିଛନ୍ତି। ଏନେଇ ନିର୍ଦ୍ଦେଶନାମା ଜାରି ହେବା ସହ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି।

ଭୋଟରଙ୍କୁ ସଚେତନ କରାଇବା ପାଇଁ ଭାରତ ନିର୍ବାଚନ କମିଶନ (ଇସିଆଇ) ସିଷ୍ଟମେଟିକ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟୋରାଲ ପାର୍ଟିସିପେଶନ (ଏସ୍‌ଭିଇଇପି) ଭଳି ଫ୍ଲାଗଶିପ୍ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେବେ ଏହାର ଦୁରୁପଯୋଗ କରି ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ଏସ୍‌ଏଚ୍‌ଜି ମହିଳାମାନଙ୍କୁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଧମକଚମକ ଦିଆଯାଉଥିବା ନେଇ ଭାଜପାର ଏକ ଟିମ୍ ଗୁରୁବାର ଇସିଆଇଙ୍କ ନିକଟରେ ଅଭିଯୋଗ କରିଥିଲା। ସୁଜାତାଙ୍କୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ସହ ଜଡ଼ିତ ଥିବା ଦାୟିତ୍ୱରେ ନ ରଖିବାକୁ ଦାବି କରିଥିଲା। ନିର୍ବାଚନ କମିଶନ ତତ୍କାଳ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସୁଜାତାଙ୍କୁ ବଦଳି ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୪୦ ଡିଗ୍ରୀ ଉପରେ ୨୬ ସହର

ଭୁବନେଶ୍ୱର, ୩।୫(ଅସମାପିକା ସାହୁ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। କାଳବୈଶାଖୀ ପ୍ରଭାବରେ କେଉଁଠି କେମିତି ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟୁଥିଲେ ମଧ୍ୟ ଶୁକ୍ରବାର ରାଜ୍ୟର ୨୬ଟି ସହର ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୪.୬ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ୭ଟି ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏପଟେ ଗୋଟିଏ ଦିନ ବ୍ୟବଧାନରେ ପୁଣି ଭୁବନେଶ୍ୱର ଓ କଟକରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱରରେ ତାପମାତ୍ରା ୪୧.୬ ଡିଗ୍ରୀ ଓ କଟକରେ ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଉପକୂଳ ଓଡ଼ିଶାରେ ତାପମାତ୍ରା ଏକରୁ ଦୁଇ ଡିଗ୍ରୀ କମିବ। ମାତ୍ର ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଲାଗି ରହିବ। ରାଜ୍ୟରେ ଆଉ ଦୁଇଦିନ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏହି ଦୁଇଦିନ ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୬ ତାରିଖ ବେଳକୁ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି।

# ଡାକ୍ତରଙ୍କୁ ମାଡ଼ ମାରିଲେ ମୃତକଙ୍କ ସମ୍ପର୍କୀୟ

## ଚିକିତ୍ସା ଅବହେଳାରେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଜଳେଶ୍ୱର, ୩।୫
(ନବୀନ ସାହୁ/ରବିନାରାୟଣ ପାତ୍ର)

ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜଙ୍କୁ ମୃତକଙ୍କ ସମ୍ପର୍କୀୟମାନେ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।



ଡାକ୍ତରଖାନା ପରିସରରେ ମୃତକଙ୍କ ସମ୍ପର୍କୀୟ ଓ ଅନ୍ୟମାନେ।

ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଚକହରି ଗ୍ରାମର ଉମେଶ ଓଝା ଶୁକ୍ରବାର ମଧ୍ୟାହ୍ନରେ ଘରୋଇ କଳହ ଯୋଗୁ ବିଷ ପିଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ହସ୍‌ପିଟାଲରେ କାର୍ଯ୍ୟରତ ଡାକ୍ତର ଚିକିତ୍ସାରେ ଅବହେଳା କରିବାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହସ୍‌ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ମୃତକଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ମାଡ଼ ମାରିବା ସହିତ ଡାକ୍ତରଖାନାର ଆସବାବପତ୍ରକୁ ଭାଙ୍ଗି ଦେଇଥିଲେ। ଖବରପାଇ ଜଳେଶ୍ୱର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ କରୁଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଡାକ୍ତର ଦିଲୀପ ପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



"କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା

-ବରୁଥିନୀ ଏକାଦଶୀ
ଉପବାସ, ଶରଣ
ଶେଷ ଓ ହଳ ନିଷେଧ



# ଶୂନ୍ୟତାର ସ୍ମାରକ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରାଥମିକତାଭିତ୍ତିରେ କ'ଣ କରାଯିବ ତାହାର କୌଶଳ ଅର୍ଜନ କରିଛନ୍ତି। ଏହା ମଧ କହିବା ଉଚିତ ଯେ, ସେ ଯାହାକୁ ଅପ୍ରାସଙ୍ଗିକ ମନେକରନ୍ତି ତାହା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। ଉଦାହରଣ ସ୍ୱରୂପ, ମଧ୍ୟପ୍ରଦେଶ ରାଜ୍ୟ ସୂଚନା କମିଶନ(ଏସ୍ଆଇସି) ଏବେ ଶୂନ୍ୟତାର ସ୍ମାରକ ପାଲଟିଛି। ଏଥିରେ ଜଣେହେଲେ କମିଶନର ନାହାନ୍ତି। ସାଧାରଣତଃ ୧୧ ଜଣ କମିଶନରଙ୍କୁ ନେଇ ଗର୍ବ କରୁଥିବା ଏହି ପ୍ୟାନେଲ ବର୍ତ୍ତମାନ ସ୍ୱଚ୍ଛତାର କେନ୍ଦ୍ର ଅପେକ୍ଷା ଏକ ଭୂତ ବା ନିର୍ଜନତାର ସହର ସଦୃଶ ହୋଇଯାଇଛି। ମାନବ ଅଧିକାର ବିଷୟରେ ଭୁଲିଯିବା ଉଚିତ ନୁହେଁ। ଏବେ ରାଜ୍ୟ ମାନବ ଅଧିକାର ଆୟୋଗ ମଧ ଏସ୍ଆଇସି ଭଳି ସମାନ ପ୍ରକାର ଜଟିଳ ସ୍ଥିତିରେ ଅଛି, କାରଣ ଏହାର ଚେୟାରମ୍ୟାନ ଏବଂ ଜଣେ ସଦସ୍ୟଙ୍କ ପଦବୀ ଖାଲିରହିଛି। ହାତରେ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିବାବେଳେ ମାନବ ଅଧିକାର ପାଇଁ କାହାର ସମୟ ନ ଥିବା ଭଳି ମନେହେଉଛି। ଏହା ବ୍ୟତୀତ ଗ୍ରାହକମାନଙ୍କ ସମସ୍ୟାର ସମାଧାନ ପାଇଁ ଦାୟିତ୍ୱରେ ଥିବା କଞ୍ଜ୍ୟୁମର ଡିସ୍ପ୍ୟୁଟ୍ ରିଡ୍ରେସାଲ କମିଶନରେ ମଧ ଯାଦବଙ୍କ ସର୍ବନିମ୍ନ ଆଭିମୁଖ୍ୟ ଶାସନର ପ୍ରଭାବ ଅନୁଭୂତ ହେଉଛି। ଏଥିରେ ଉଭୟ ଚେୟାରମ୍ୟାନ ଏବଂ ଜଣେ ସଦସ୍ୟଙ୍କ ପଦବୀ ଖାଲିରହିଛି। ତେବେ କେତେକ ଗଣମାଧମ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ତିନୋଟି ଆୟୋଗରେ ୧୯,୫୦୦ ଆବେଦନ ସମାଧାନ ନ ହୋଇ ପଡ଼ିରହିଛି। ଯାଦବ ଯାହା ଉପରେ ପ୍ରାଥମିକତା ଦେଇ କାମ କରୁଛନ୍ତି ତାହା ହୁଏତ କେତେଜଣଙ୍କ ପାଇଁ ଅସାଧାରଣ ମନେହେଉଥିବ। କିନ୍ତୁ ଏହା ନିଶ୍ଚିତ ଯେ, ସେ କିଛି ଭଲ କରିବାକୁ ଯାଇ ପାଗଳାମି ପ୍ରକାଶ କରୁଥିବା ଆମେ ମନେକରୁଛୁ।

### କର୍ପୋରେଟ୍‌ରେ ପୂର୍ବତନ ବାବୁ

ଲଦାଖର ପୂର୍ବତନ ଲ୍ୟୁଟ୍‌ନାଣ୍ଟ ଗଭର୍ନର ତଥା ପୂର୍ବତନ ମୁଖ୍ୟ ସୂଚନା କମିଶନର (ସିଆଇସି) ଆର୍.କେ. ମାଥୁର ଏବଂ ପୂର୍ବତନ ଆର୍ଏଆଣ୍ଡଡବ୍ଲ୍ୟୁ ମୁଖ୍ୟ ଏ.କେ. ଧସ୍ମାନାଙ୍କୁ ସମ୍ମାନ୍‌ଜନକ ପଦବୀରେ ନିଯୁକ୍ତି ପାଇଁ ମୋଦି ଚୟନ କରିଥିବା ଖବରକୁ ନେଇ ବାବୁ ପରିସରରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଉଭୟ ଟାଟା ସନ୍ସ ବୋର୍ଡରେ ଯୋଗଦେଉଥିବା ଜଣାପଡ଼ିଛି। ପ୍ରମୁଖ କର୍ପୋରେଶନର ବରିଷ୍ଠ ପଦବୀରେ ଅବସରପ୍ରାପ୍ତ ବାବୁ ଯୋଗଦେବା ନୂଆ ନୁହେଁ, ଯଦିଓ ଏହା ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ର ପାଇଁ ଲାଭଦାୟକ କି ନୁହେଁ ତାହା ଉପରେ ବିତର୍କ ଚାଲିଛି। ତେବେ ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର ଟାଟାର ଗ୍ଲୋବାଲ କର୍ପୋରେଟ୍ ବ୍ୟାପାରର ସଭାପତି ଭାବରେ ଯୋଗଦେବା କଥା ମନେଥିବ। ମୋଦି ତାଙ୍କୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଭାବେ ନିଯୁକ୍ତ କରିବା ପୂର୍ବରୁ ଏହା ହୋଇଥିଲା। ଜନସେବା କ୍ଷେତ୍ରରେ ମାଥୁର ଏବଂ ଧସ୍ମାନାଙ୍କ ପୃଷ୍ଠଭୂମି ସରକାରୀ ସମ୍ପର୍କ ତଥା ରଣନୈତିକ ନିଷ୍ପତ୍ତି ନେବାରେ ଟାଟାକୁ ଉପାଦେୟ ଦୃଷ୍ଟିକୋଣ ଦେଇପାରେ। ନିୟାମକ ଢାଞ୍ଚା ବିଷୟରେ ସେମାନଙ୍କର ବୁଝାମଣା ନିଗମଗୁଡ଼ିକ ବିଶେଷକରି ଅଧିକ ନିୟନ୍ତ୍ରିତ ଶିଳ୍ପ ପାଇଁ ଲାଭଦାୟକ ହୋଇପାରେ। ଅବସରପ୍ରାପ୍ତ ବାବୁମାନଙ୍କୁ କର୍ପୋରେଟ୍ ଦାୟିତ୍ୱରେ ଅବସ୍ଥାପିତ କରାଗଲେ ବିପରୀତ ପରିଣାମ କିମ୍ବା ସ୍ୱାର୍ଥକୈନ୍ଦ୍ରିକତାର ଆଶଙ୍କା ରହିଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ନୈତିକ ପ୍ରସଙ୍ଗ ହେଉଛି ଶାନ୍ତ ଭାବେ ଉତ୍ତମ ବୁଝାମଣାରେ କାମ କରିବା ଏବଂ ଏ ଦିଗରେ ଏହି ବାବୁମାନେ ଭଲଭାବେ ଅବଗତ ଅଛନ୍ତି। କାରଣ ଯେକୌଣସି ଏଭଳି ନିଯୁକ୍ତିରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ଜାଣନ୍ତି।

### କଡ଼ା ସନ୍ଦେଶ

୨୦୦୪ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା(ଆଇଆର୍ଏସ୍) ଅଧିକାରୀ ସୋମନାଥ ଶିବରୁଦ୍ରପ୍ପା ଉକ୍କାଲିଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଏବଂ ବୈଦେଶିକ ଦାୟିତ୍ୱରୁ ବାଦ୍ ଦେବା ପ୍ରଶାସନର ଉତ୍ତରଦାୟିତ୍ୱର ମହତ୍ତ୍ୱ ଏବଂ ବିଶ୍ୱସନୀୟତା ବିଷୟରେ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି। ଭାରି ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ବେଙ୍ଗାଲୁରୁର ଏଚ୍ଏମ୍‌ଟି ଲିମିଟେଡ୍‌ରେ ମୁଖ୍ୟ ଭିଜିଲାନ୍ସ ଅଫିସର ଭାବରେ ଉକ୍କାଲି ଦାୟିତ୍ୱ ଗ୍ରହଣ କରିବାରେ ବିଫଳତା ଯୋଗୁ ଏଭଳି ପରିଣାମ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଡେପୁଟେଶନ ଏବଂ ବୈଦେଶିକ ଦାୟିତ୍ୱରୁ ତାଙ୍କୁ ୫ ବର୍ଷ ପାଇଁ ବାଦ୍ ଦିଆଯାଇଛି। ବିଡ଼ମ୍ବନାର ବିଷୟ, ତାଙ୍କ ସରକାରୀ କାର୍ଯ୍ୟ ସତ୍ତ୍ୱେ ଉକ୍କାଲି ଏହି ପଦବୀର ଦାୟିତ୍ୱ ଗ୍ରହଣ କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ, ଗତମାସରେ ରାଜସ୍ୱ ବିଭାଗ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ବାବୁଙ୍କୁ ତାଙ୍କ ନିର୍ଦ୍ଦିଷ୍ଟ ଭୂମିକାରେ ଯୋଗଦେବାରେ ବିଫଳ ହେବାର ନକାରାତ୍ମକ ପରିଣାମ ସମ୍ପର୍କରେ ଅବଗତ କରାଯାଇଥିଲା। ବିଶେଷ ସୂତ୍ରରୁ ପ୍ରକାଶ ଯେ, ଏହି ପ୍ରାଥମିକ ପଦକ୍ଷେପଟି ଆଦେଶ ଅନୁପାଳନର ପ୍ରତିକୂଳ ଫଳାଫଳ ବିଷୟରେ ତଥା ଭବିଷ୍ୟତରେ ଅଣଦେଖା ମନୋଭାବକୁ ରୋକିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଘଟଣା ସରକାରରେ ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଥିବା ଅଧିକାରୀଙ୍କଠାରୁ ଅତ୍ୟଧିକ ପ୍ରତିବଦ୍ଧତାର ଆବଶ୍ୟକତାକୁ ଦର୍ଶାଯାଇଛି। ଏହା ମଧ ନିର୍ଦ୍ଦିଷ୍ଟ ଦାୟିତ୍ୱ ବହନରେ ବିଫଳ ହେବା ଏବଂ ଅକ୍ଷମତା ପାଇଁ ସମ୍ଭାବ୍ୟ ନକାରାତ୍ମକ ପ୍ରତିକ୍ରିୟାକୁ ସୂଚିତ କରେ। ଆଶା କରାଯାଏ, ନିୟମକୁ କଡ଼ାକଡ଼ି ପାଳନ କିମ୍ବା ଠିକ୍‌ଭାବେ କାମ ନ କରିବାର ପରିଣାମସ୍ୱରୂପ ଉକ୍କାଲିଙ୍କ ଦୃଷ୍ଟାନ୍ତ ସମସ୍ତ ବାବୁଙ୍କ ପାଇଁ ଏକ କଡ଼ା ସନ୍ଦେଶ ଭାବେ କାମ କରିବ।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | | | 5 | | |
| | 7 | | | 3 | 6 | 4 | | |
| 8 | 9 | | | 4 | | | | |
| | | | | 9 | 2 | 6 | | |
| | | | 4 | 6 | 3 | | | |
| | | 3 | 7 | | | | | |
| 9 | | | | 2 | | 7 | 3 | |
| | | 1 | | | | | | |
| | | | | | 7 | 1 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 3 | 6 | 9 | 2 | 5 | 8 | 7 |
| 7 | 2 | 9 | 5 | 8 | 1 | 6 | 4 | 3 |
| 5 | 8 | 6 | 7 | 3 | 4 | 9 | 2 | 1 |
| 1 | 9 | 4 | 2 | 5 | 3 | 8 | 7 | 6 |
| 3 | 7 | 2 | 9 | 6 | 8 | 4 | 1 | 5 |
| 8 | 6 | 5 | 1 | 4 | 7 | 3 | 9 | 2 |
| 6 | 4 | 7 | 8 | 2 | 5 | 1 | 3 | 9 |
| 2 | 5 | 8 | 3 | 1 | 9 | 7 | 6 | 4 |
| 9 | 3 | 1 | 4 | 7 | 6 | 2 | 5 | 8 |

ଗତକାଲିର ଉତ୍ତର

# ଆଷ୍ଟ୍ରାଜେନେକାର ସ୍ୱୀକାର ଓ ଭାରତ



ସୌଭାଗ୍ୟ ସୁନ୍ଦରରାୟ

ଆଷ୍ଟ୍ରାଜେନେକା ହେଉଛି ଏକ ବ୍ରିଟେନ-ସୁଇଡେନ ମଲ୍‌ଟିନ୍ୟାଶନାଲ ଫାର୍ମାସ୍ୟୁଟିକାଲ ଆଣ୍ଡ ବାୟୋଟେକ୍ନୋଲୋଜି କମ୍ପାନୀ। ଏହି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ରହିଥିବା କମ୍ପାନୀ ନିକଟରେ ବ୍ରିଟେନର ଏକ ଅଦାଲତରେ ସ୍ୱୀକାର କରିଛି। ଆଷ୍ଟ୍ରାଜେନେକା ସ୍ୱୀକାରୋକ୍ତି ପରେ ଭାରତରେ ଏହି ଟିକା ନେଇଥିବା ଜନତାଙ୍କ ମଧ୍ୟରେ ଏବେ ବିଭିନ୍ନ ଆଶଙ୍କା ଉପୁଜିବା ସ୍ୱାଭାବିକ। ଆଷ୍ଟ୍ରାଜେନେକା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଜନସାଧାରଣଙ୍କ ପ୍ରାଣହାନି ହେଉଥିବା ଅଭିଯୋଗ କରି କମ୍ପାନୀ ବିରୋଧରେ ବ୍ରିଟେନ ଅଦାଲତରେ ଏବେ ୫୧ଟି ମାମଲାର ବିଚାର ଚାଲିଛି। ଏହି ମାମଲାର ଶୁଣାଣି ସମୟରେ କମ୍ପାନୀ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଅଭିଯୋଗକୁ ସ୍ୱୀକାର କରିଛି ଏବଂ ଜଣାଇଛି ଯେ, ଏହି ଟିକା ଥ୍ରୋମ୍ବୋସିସ୍ ସହ ଥ୍ରୋମ୍ବୋସାଇଟୋପେନିଆ ସିଣ୍ଡ୍ରୋମ ସୃଷ୍ଟି କରିଥାଏ। ଏହାଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ ଓ ରକ୍ତରେ ପ୍ଲେଟଲେଟ ହ୍ରାସ ପାଇଥାଏ। ଏହାର ଲକ୍ଷଣଗୁଡ଼ିକ ହେଲା ପ୍ରବଳ ମୁଣ୍ଡବିନ୍ଧା, ପେଟରେ ଯନ୍ତ୍ରଣା, ଗୋଡ଼ ଫୁଲିବା, ନିଃଶ୍ୱାସରେ ସମସ୍ୟା ଦେଖାଦେବା ଓ କେତେକ ସ୍ନାୟବିକ ବିଲକ୍ଷଣ। ଏହି ରୋଗର ଚିକିତ୍ସା ବ୍ୟୟବହୁଳ ଓ ସମୟସାପେକ୍ଷ। ଟିକା ଉତ୍ପାଦନର ଗବେଷଣାକାରୀ ସଂସ୍ଥା ହେଲା ଅକ୍ସଫୋର୍ଡ ୟୁନିଭରସିଟି।

ଭାରତରେ କୋଭିଶିଲ୍ଡ ଟିକା ଉତ୍ପାଦନର ଲାଇସେନ୍ସଧାରୀ ସଂସ୍ଥା ହେଉଛି ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ। ତେବେ ଭାରତ ସରକାର କୌଣସି ବିଶେଷ ବିଚାରବିମର୍ଶ ନ କରି ବା ବିଶେଷଜ୍ଞଙ୍କ ମତାମତ ନ ନେଇ କୋଭିଡ ଟିକାକୁ ତରବରିଆ ଭାବେ ଭାରତରେ ପ୍ରୟୋଗ ପାଇଁ ଅନୁମତି ଦେଇଥିଲେ। ସେ ସମୟରେ କିଛି ବିଶେଷଜ୍ଞ ମଧ୍ୟ ଏହାର ଗୁଣବତ୍ତା ଓ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଆଶଙ୍କା ପ୍ରକାଶ କରିଥିଲେ। କିନ୍ତୁ ସେମାନଙ୍କ ପାଟି ସରକାର ବନ୍ଦ କରିବାରେ ସଫଳ ହୋଇଥିଲେ। କୋଭିଡ ପାଇଁ କ'ଣ ନିଷ୍ପତ୍ତି ନିଆଯିବ ସେ ସମ୍ପର୍କରେ ସଂସଦର ଜରୁରିକାଳୀନ ଅଧିବେଶନ ଆହୂତ କରାଯାଇ ପାରିଥାନ୍ତା। ସର୍ବଦଳୀୟ ବୈଠକ ଡକାଯାଇ ମତାମତ ଲୋଡ଼ାଯାଇ ପାରିଥାନ୍ତା। ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥାନ୍ତା। କିନ୍ତୁ ତାହା କରାଗଲା ନାହିଁ। ଅର୍ଥାତ ଦେଶରେ ସଂଖ୍ୟାଲଘୁ ଅବସ୍ଥାରେ ଥିବା ବିରୋଧୀ ଦଳ ଭୂମିକାକୁ ଗୌଣ କରିଦିଆଗଲା। ପ୍ରଧାନମନ୍ତ୍ରୀ ଆକସ୍ମିକ ଭାବେ ଦେଶରେ ତାଲାବନ୍ଦୀ ଘୋଷଣା କରିଥିଲେ। ଲକ୍ଷଲକ୍ଷ ଶ୍ରମିକ, ଛାତ୍ରୀଛାତ୍ରୀ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇ ରାଜରାସ୍ତାରେ ପଡ଼ି ପ୍ରାଣ ହରାଇଲେ ତାହା ଦେଶ ବିଭାଜନ ବେଳ ଦୃଶ୍ୟପଟର ଝଲକ ସୃଷ୍ଟି କରିଥିଲା। ଏହାକୁ ଶାସନତନ୍ତ୍ରର ଏକଚ୍ଛତ୍ରବାଦ ବୋଲି କୁହାଯାଇପାରେ।

କୋଭିଡର ପ୍ରଥମ ଲହର ଦେଶରେ ୨୦୨୦ ମସିହାରେ ଦେଖାଦେଲା। ସଂକ୍ରମଣ ୧୦୦୦ ମଧ୍ୟରେ ରହିଥିବାବେଳେ ସମଗ୍ର ଦେଶରେ ତାଲାବନ୍ଦୀ ଘୋଷଣା କରାଗଲା। ଜନତା ଅକଥନୀୟ



ଦୁଃଖଦୁର୍ଦ୍ଦଶା ଭୋଗ କଲେ। ଦେଶର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହେଲା। ତାଲାବନ୍ଦୀ କ୍ରମଶଃ ପ୍ରତ୍ୟାହାର କରାଗଲା। କରୋନା ଉପରେ ଭାରତର ବିଜୟକୁ ସରକାରଙ୍କ ସହ ଅମଲାତନ୍ତ୍ର, ବୈଜ୍ଞାନିକ, ଗବେଷକ ସମ୍ପ୍ରଦାୟ ଗ୍ରହଣ କରିଗଲେ। ଏହାପରେ ଦେଶର ସଂକ୍ରମଣ ୭୦ ହଜାରକୁ ଛୁଇଁଲା। ୨୦୨୧ ଆରମ୍ଭରେ ବିଭିନ୍ନ ରାଜ୍ୟ ନିର୍ବାଚନ ପାଇଁ ବିରାଟ ଜନସମାବେଶ ଆୟୋଜନ କରାଗଲା। ଏହି ସମୟରୁ ହିଁ ଟିକାକରଣ ଆରମ୍ଭ ହେଲା। ନିର୍ବାଚନକୁ ଦୃଷ୍ଟିରେ ରଖି କୁମ୍ଭମେଳାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପାଇଁ ସରକାର ସୁଯୋଗ ଦେଲେ। ଏଥିରେ ଆଇସିଏମ୍ଆର୍ ମଧ୍ୟ ନୀରବ ରହିଲା। ସରକାରଙ୍କ ସହ ସ୍ୱର ମିଳାଇଥିଲା। ଫଳସ୍ୱରୂପ ଦ୍ୱିତୀୟ କୋଭିଡ ଲହର କ୍ଷିପ୍ର ବେଗରେ ଆସିଲା। ଦେଶର ସ୍ଥିତି ଅସମ୍ଭାଳ ହେଲା। କୋଭିଡ ବିଜୟରେ ଭାରତ ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ବୋଲି କହୁଥିବା ସରକାର ବିଶ୍ୱ ସମ୍ପ୍ରଦାୟ ଦ୍ୱାରା ସମାଲୋଚନାର ଶିକାର ହେଲେ। ବିଫଳତାକୁ ଢାଙ୍କିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କୋଭିଡକୁ 'ଈଶ୍ୱରଦତ୍ତ' ବୋଲି ବର୍ଣ୍ଣନା କଲେ।

କୋଭିଡ ଟିକା ପାଇଁ ଦେଶବାସୀଙ୍କୁ ସରକାର ଏକପ୍ରକାର ବାଧ୍ୟ କଲେ, ଡରେଇଲେ ବା ଧମକେଇଲେ। କୋ-ଉଇନ ପୋର୍ଟାଲ ଖୋଲାଗଲା। କୋଭିଡ ଟିକା ନେଇଥିବା ପ୍ରମାଣପତ୍ର ନ ଦେଖାଇଲେ ବିମାନ ଓ ରେଳ ଯାତ୍ରା ପାଇଁ ଅନୁମତି ପ୍ରଦାନ କରାଗଲା ନାହିଁ। ଶିକ୍ଷାନୁଷ୍ଠାନରେ ପରୀକ୍ଷା ପାଇଁ ସୁଯୋଗ ଦିଆଗଲା ନାହିଁ। ସରକାରୀ କର୍ମଚାରୀ ଟିକା ନ ନେଲେ ସେମାନଙ୍କ ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଗଲା। ଫଳରେ ଲକ୍ଷଣ ବା ରୋଗ ନ ଥାଇ ଜନସାଧାରଣ ଟିକା ନେଲେ। ଅଧିକ ଟିକା ଉପଯୋଗ ହେଲା। ବହୁରାଷ୍ଟ୍ରୀୟ କମ୍ପାନୀ ମୁନାଫା ପାଇଲେ। ତେବେ ଟିକା ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ କହିବା ପରେ ସରକାର ଏଥିରୁ କ୍ଷାନ୍ତ ରହିଥିଲେ। କିନ୍ତୁ ଏହି ସମୟ ବେଳକୁ ଭାରତରେ ୨୨୦ କୋଟି ଡୋଜ୍ ଟିକା ହିତାଧିକାରୀଙ୍କଠାରେ ପ୍ରୟୋଗ କରାଯାଇ ସାରିଥିଲା। ୨୦୨୨-୨୩ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ଦେଶର ୯୭% ଜନସାଧାରଣ ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ୯୦% ଜନସାଧାରଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। କୋଭିଡ ଟିକା ନେବା ପରେ ମଧ୍ୟ ଜନସାଧାରଣ ପ୍ରାଣ ହରାଇଲେ। ଏହାକୁ ଅନ୍ୟାନ୍ୟ ରୋଗଜନିତ ମୃତ୍ୟୁ ବୋଲି ଦର୍ଶାଇ ସରକାର ଫାଙ୍କି ମାରିଲେ। କୋଭିଡ ମୁକାବିଲା ସଫଳତାର କାହାଣୀ ବଖାଣି ଚାଲିଲେ।

ଭାରତ ପାଇଁ କୋଭିସିଲଡ଼ ଟିକା ପ୍ରସ୍ତୁତ କରିଥିଲେ ସାଇରସ୍ ପୁନାୱାଲା ଗ୍ରୁପ୍ କଂପାନୀ ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ। ଏହାର ମୁଖ୍ୟଙ୍କୁ ଜେଡ୍ ପ୍ଲସ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଗଲା। ବିଭିନ୍ନ ଭାବରେ ଏହି ଟିକାକରଣର ଯେଭଳି ବ୍ୟାପକ ପ୍ରଚାର ପ୍ରସାର କରାଗଲା ତାହା ସରକାରଙ୍କ ଏକ ରାଜନୈତିକ ପ୍ରଚାର ପରିଜଣାପଡୁଥିଲା। ଦୀପ ଦାନ, ଘଣ୍ଟ ମାଡ଼, ଭାରତୀୟ ବାୟୁସେନା ବିମାନରୁ ଡାକ୍ତରଖାନା ଉପରେ ପୁଷ୍ପ ବୃଷ୍ଟି, କରୋନା ଯୋଦ୍ଧା ଘୋଷଣା ଆଦି ଦ୍ୱାରା ସରକାର ପ୍ରଚାରରେ ମାତିଲେ। ଅର୍ଥାତ ଏହା ଦ୍ୱାରା ଦେଶରେ ଏକ ସମର୍ଥ ସରକାର ରହିଛି ବୋଲି ପ୍ରଧାନମନ୍ତ୍ରୀ ଦର୍ଶାଇବାକୁ ଚାହିଁଥିଲେ। କରୋନା ପାଇଁ ସରକାରଙ୍କ ବ୍ୟୟ ବରାଦ ଥିଲା ୩୫ ହଜାର କୋଟି ଟଙ୍କା।

ଏବେ ଆଷ୍ଟ୍ରାଜେନେକାର ସ୍ୱୀକାର ପରେ ଭାରତୀୟ ଟିକାଧାରୀଙ୍କ ମନରେ ଯେଉଁ ଆଶଙ୍କା ସୃଷ୍ଟି ହୋଇଛି ତାହା କିପରି ଦୂର ହୋଇପାରିବ? ଭାରତୀୟଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେବାର ଆଶଙ୍କା ରହିଛି କି ତାହା କିପରି ଦୂର ହୋଇପାରିବ? ନା କିଛି ସରକାରୀ ବିଶେଷଜ୍ଞ ଓ ସରକାରୀ ସଂସ୍ଥାର ବକ୍ତବ୍ୟକୁ ପୁନର୍ବାର ବିଶ୍ୱାସକୁ ନେଇ ଆମେ ନିଶ୍ଚିନ୍ତରେ ରହିଯିବା? କୋଭିଶିଲ୍ଡ ପାର୍ଶ୍ୱ ପ୍ରତିକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ଯଦି କୌଣସି ରାଷ୍ଟ୍ର ସର୍ବାଧିକ କ୍ଷତିଗ୍ରସ୍ତ ହେବ ତାହା ହେଉଛି ଭାରତବର୍ଷ। ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ସରକାରୀ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଯେଉଁ ଉତ୍ସାହରେ ସରକାର କୋଭିଡ ଟିକାକରଣ କରି ଏହାର ଶ୍ରେୟ ନେବାକୁ ଉଦ୍ୟମ କରିଥିଲେ ସେହି ଦାୟିତ୍ୱବାନ ସରକାର ସମସ୍ତ କୋଭିଡ ଟିକାଧାରୀଙ୍କଠାରେ କି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଲକ୍ଷଣ ରହିଛି ତାହାର ସର୍ବେକ୍ଷଣ କରିବା ଆବଶ୍ୟକ। ସେମାନଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ଆବଶ୍ୟକ। ବିନା ଖର୍ଚ୍ଚରେ ସେମାନଙ୍କ ନିମନ୍ତେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ। ପାର୍ଶ୍ୱ ପ୍ରତିକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବ୍ୟୟବହୁଳ। ଭାରତରେ ବହୁ ଗରିବ ଜନସାଧାରଣଙ୍କ ନିକଟରେ ଏହି ଚିକିତ୍ସା ନିମନ୍ତେ ଆବଶ୍ୟକ ସମ୍ବଳ ଉପଲବ୍ଧ ନାହିଁ। ଏହି ଚିକିତ୍ସା ସହ ବହୁ ବିଭାଗ ସଂଶ୍ଳିଷ୍ଟ। ଏଣୁ କୋଭିଡ ଟିକା ନେଇଥିବା ସମସ୍ତ ଜନତାଙ୍କ ପାଇଁ ସରକାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କରିବା ଆବଶ୍ୟକ। ଆମେରିକା ସରକାର ମଡେର୍ନା-ଜେନସନ୍ ଓ ଫାଇଜର ପ୍ରସ୍ତୁତ ଟିକା ଅନୁମୋଦନ କରିଥିଲେ। ଏହି କମ୍ପାନୀ ବିରୋଧରେ ଅଦ୍ୟାବଧି ଅଭିଯୋଗ ଆସିନାହିଁ। ଟିକା ପ୍ରସ୍ତୁତିରେ ଏହି କମ୍ପାନୀର ଦକ୍ଷତା ଓ ସୁନାମ ରହିଛି। କିନ୍ତୁ ଭାରତ ସରକାର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷଣାରୁ ତତ୍କାଳ ପ୍ରସ୍ତୁତ ଆଷ୍ଟ୍ରାଜେନେକା କକମ୍ପାନୀର ଟିକା କୋଭିଶିଲଡକୁ କ'ଣ ପାଇଁ ଅନୁମତି ପ୍ରଦାନ କଲେ ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି। ବିଶ୍ୱର ତୃତୀୟ ଅର୍ଥନୀତି ହେବାକୁ ଦାବିକରୁଥିବା ଭାରତ ଏହାର ଜନସାଧାରଣଙ୍କୁ ଉତ୍କୃଷ୍ଟମାନର ଟିକା ଯୋଗାଣ କରି ସେମାନଙ୍କୁ ଗବେଷଣାଗାରର ଗିନି ପିଗ୍ ହେବାରୁ ବଞ୍ଚିତ କରିପାରିଥାନ୍ତା। କୋଭିଶିଲ୍ଡ ପ୍ରୟୋଗ ପାଇଁ ବ୍ରିଟେନ ପରି ଭାରତରେ ମଧ୍ୟ ସୁପ୍ରିମକୋର୍ଟରେ ମାମଲା କରାଯାଇଛି। ଏ ବୋଝ ଏବେ ସରକାରଙ୍କୁ ମୁଣ୍ଡେଇବାକୁ ପଡ଼ିବ।

ମୋ:୯୪୩୭୨୨୯୨୩୩

# କିମାଶ୍ଚର୍ଯ୍ୟମ୍



ଡ. ନରେନ୍ଦ୍ର ସେଠୀ

ମହାଭାରତର ଯକ୍ଷ ପ୍ରଶ୍ନ 'କିମାଶ୍ଚର୍ଯ୍ୟମ?' ର ଉତ୍ତରରେ ଯୁଧିଷ୍ଠିର କହିଥିଲେ, ପ୍ରତି ମୁହୂର୍ତ୍ତରେ ଲକ୍ଷ ଲକ୍ଷ ଜୀବ ମୃତ୍ୟୁବରଣ କରୁଥିଲେ ମଧ ଆମେ ଚିରଦିନ ବଞ୍ଚିବା ପାଇଁ ଇଚ୍ଛା କରୁ, ଅର୍ଥାତ୍ ମୃତ୍ୟୁ ବା ବିନାଶ ହିଁ ସଂସାରର ସବୁଠୁ ବଡ଼ ଆଶ୍ଚର୍ଯ୍ୟ। ଯାହା ଆଧୁନିକ ବିଜ୍ଞାନର ଗୂଢ଼ତମ ରହସ୍ୟ ପରି ମନେହୁଏ। ବ୍ରହ୍ମାଣ୍ଡର କୋଣ ଅନୁକୋଣରେ ଏହିପରି ଅନେକ 'କିମାଶ୍ଚର୍ଯ୍ୟମ' ଅଛି। ଯେମିତି, ସକାଳୁ ସୂର୍ଯ୍ୟ ଉଇଁବା ଏକ ନିତିଦିନିଆ ଘଟଣା ହୋଇଥିଲେ ବି ଯେତେ ଥର ଓ ଯେତେ ଦେଖିଲେ ମଧ ଏହା ଖୁବ୍ ମନୋରମ ଲାଗେ। ବିଜ୍ଞାନ ଦୃଷ୍ଟିରୁ ସୂର୍ଯ୍ୟ ଶକ୍ତିର କାରକ। ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ କିମ୍ବା ଚନ୍ଦ୍ର ଗ୍ରହଣରେ ଆମେ ଆଶ୍ଚର୍ଯ୍ୟ ହୋଇ ଦିନରେ ସୂର୍ଯ୍ୟଙ୍କୁ ଲୁଚି ଯିବାର କିମ୍ବା ରାତିରେ ଜହ୍ନ କଳା ପଡ଼ିଯିବାର ଦେଖୁ। ଆଇନଷ୍ଟାଇନ ପ୍ରଦତ୍ତ ବିଜ୍ଞାନର ଏକ ବହୁ ପରିଚିତ ସମୀକରଣ E=MC୨ରେ 'C'କୁ ଆଲୋକର ବେଗ ଭାବେ ବିବେଚନା କରାଯାଇଛି। ଏହି ଛୋଟିଆ ସମୀକରଣ ବିଶ୍ୱର ସବୁ ନକ୍ଷତ୍ର ସମୟ ଆରମ୍ଭରୁ କିପରି ସୃଷ୍ଟି ହେଲେ ଏହାର ରହସ୍ୟ ଆମକୁ ଅବଗତ କରିଦେଲା। ସେହିପରି F=MA ଯାହା ଦ୍ୱାରା ଏକ ବସ୍ତୁ କେତେ ବେଗରେ ଗତି କରିବ ତାହା ଜଣାଯାଏ, ବିଶ୍ୱର ଭବିଷ୍ୟତରେ ସବୁ ପ୍ରକାରଗତି ବିଷୟରେ ଧାରଣା ପ୍ରଦାନ କରିଥାଏ। ଈଶ୍ୱରଙ୍କ ସୃଷ୍ଟିକୁ ପ୍ରମାଣ ଦେଉଥିବା ଏହି ତଥ୍ୟପୂର୍ଣ୍ଣ ମତକୁ ପଦାର୍ଥ ବିଜ୍ଞାନର 'କିମାଶ୍ଚର୍ଯ୍ୟମ?' କୁହାଯାଇ ପାରେ। ଗଣିତର ସବୁଠୁ ପରିଚିତ 'π'ତିନି ଓ ଚାରି ମଧ୍ୟରେ ଥିବା ଏକ ଅବିଭକ୍ତ ଅଙ୍କ। ଛୋଟ ହେଉ କି ବଡ଼ ହେଉ ଏକ ବୃତ୍ତର ପରିଧି ସହ ଏହାର ବ୍ୟାସକୁ ଭାଗ କଲେ ଯାହା ମିଳେ ତାହା ହେଲା 'ପାଇ'। ବୃତ୍ତର ଆକାର ବଡ଼ ସାନ ହେଲେ ମଧ 'ପାଇ'ରେ କିଛି ପରିବର୍ତ୍ତନ ହୋଇ ନ ଥାଏ। ଏହାକୁ ଗଣିତର 'କିମାଶ୍ଚର୍ଯ୍ୟମ' କୁହାଯାଇ ପାରେ। ସେମିତି ଅମ୍ଳଜାନ ଦହନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ମାତ୍ର ଗୋଟିଏ ଅମ୍ଳଜାନ ପରମାଣୁ ଦୁଇଟି ଉଦ୍‌ଯାନ ପରମାଣୁ ସହିତ ମିଶି ଜଳ ଅଣୁ ତିଆରି କରିଥାନ୍ତି, ଯାହା ନିଆଁ ଲିଭାଇ ପାରେ। କ୍ଲୋରିନ ଗ୍ୟାସ ଏକ ବିଷାକ୍ତ ରସାୟନ ଓ ସୋଡିୟମ ଛୁରିରେ କାଟି ହେଉଥିବା ଏକ ନରମ ଧାତୁ। ମାତ୍ର କ୍ଲୋରିନ ଓ ସୋଡିୟମ ଏକାଠି ହୋଇ ଲବଣ ପ୍ରସ୍ତୁତ କରିଥାନ୍ତି। ଏହାକୁ ରସାୟନ ବିଜ୍ଞାନର 'କିମାଶ୍ଚର୍ଯ୍ୟମ?' କୁହାଯାଇପାରେ।

ପୃଥିବୀରେ ସତାଅଶୀ ଲକ୍ଷ ପ୍ରଜାତିର ଜୀବ ଅଛନ୍ତି, ଯାହାଙ୍କ ଭିତରୁ ଅଧିକାଂଶ କୀଟ। ଏହି ବିଶାଳ ଜୈବ ବିବିଧତା କୋଟି କୋଟି ବର୍ଷ ପୂର୍ବେ ମାତ୍ର ଗୋଟିଏ ଏକକୋଷି ଜୀବରୁ ଆରମ୍ଭ ହୋଇଥିଲା। ଏମାନେ ଜଳ, ସ୍ଥଳ ଓ ବାୟୁ ଭିତରେ ଅଲଗା ଅଲଗା ରହି ମଧ ଏକ ଅଦ୍ଭୁତ ସନ୍ତୁଳନ ନିର୍ମାଣ ହେଲା, ତାହା ପୁଣି ଆପେ ଆପେ। ଆମେ ସମସ୍ତେ ଏହି ପୃଥିବୀରେ ଏକାଠି ରହିଲୁ, ଗୋଟିଏ ବଂଶରୁ ଯାତ ହୋଇ। ମଣିଷର ଶରୀରରେ ୩୭ ଲକ୍ଷ କୋଟିରୁ ଅଧିକ କୋଷ ଅଛି। ଗୋଟିଏ କୋଷର ଆକାର କୋଡ଼ିଏରୁ ତିରିଶ ମାଇକ୍ରନ, ଯାହା ଖାଲି ଆଖିରେ ଦେଖିହୁଏ



ନାହିଁ। ସେପରି ଏକ ସୂକ୍ଷ୍ମ କୋଷ ଭିତରେ ମଣିଷ ଡିଏନ୍ଏ ଥାଏ। ଜୀବର କୋଷ ବୋଧେ ବିଶ୍ୱର ସବୁଠୁ କ୍ଷୁଦ୍ର ଓ ବଡ଼ ଗବେଷଣାଗାର; ଯେଉଁଠି ଅନେକ ରାସାୟନିକ, ଜୈବିକ କ୍ରିୟା ହେବା ସହିତ ମଣିଷର ଜୀବନର ମୂଳାଧାର ରହସ୍ୟ ରହିଥାଏ। ଏହାକୁ ଜୈବ ବିଜ୍ଞାନର 'କିମାଶ୍ଚର୍ଯ୍ୟମ' କୁହାଯାଇ ପାରେ।

ଏହା ସତ୍ୟ ଯେ ପୃଥିବୀ ଏକ ବିଶାଳ ହତ୍ୟାକାରୀ ମେସିନ, କାରଣ ଅନେଶ୍ୱତ ପ୍ରତିଶତରୁ ଅଧିକ ଜୀବ ନିଶ୍ଚିହ୍ନ ହୋଇ ଗଲେଣି। ଏହାର କାରଣ ପରିବେଶରେ ପରିବର୍ତ୍ତନ, ପ୍ରାକୃତିକ ଦୁର୍ବିପାକ, ଆଗ୍ନେୟ ଉଦ୍‌ଗିରଣ, ଝଡ଼ ବାତ୍ୟା, ମହାମାରୀ, ସୁନାମି, ଉଲକା ପାତ ଓ ସଂକ୍ରମଣ ହୋଇପାରେ। ଏହିପରି ଏକ ପ୍ରସିଦ୍ଧ ଘଟଣା ପୃଥିବୀରେ ଷାଠିଏ ଲକ୍ଷ ବର୍ଷ ପୂର୍ବେ ହୋଇଥିଲା, ଯାହା ଫଳରେ ସେତେବେଳେ ସମସ୍ତ ଡାଇନୋସର ଓ ଅନ୍ୟାନ୍ୟ ସରୁରି ଭାଗ ଜୀବ ସବୁଦିନ ପାଇଁ ବିଲୁପ୍ତ ହୋଇଗଲେ। କେବଳ କ୍ଷୁଦ୍ର ଜୀବ କିଛି ସେହି ଘଟଣା ପରେ ବର୍ତ୍ତିଗଲେ। ପ୍ରକୃତି ଆମକୁ ଅଧିକ ହତ୍ୟା କରିଛି। ଏହାକୁ ପ୍ରକୃତିର ଆଉ ଏକ 'କିମାଶ୍ଚର୍ଯ୍ୟମ?' କୁହାଯାଇ ପାରେ !

ଆମେ ଡାରୱିନଙ୍କ ବିବର୍ତ୍ତନବାଦ୍‌କୁ ଏକ ନିହାତି ଧୀର ପ୍ରକ୍ରିୟା କହୁ, କାରଣ ଆମ ଜୀବନ ଯାତ୍ରା ଅତି ବେଶିରେ ଶହେ ବର୍ଷର ହୋଇଥାଏ ଓ ଗୋଟିଏ ଜୀବରୁ ଆଉ ଏକ ଜୀବ ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିପାରେ। କିନ୍ତୁ ପୃଥିବୀରେ ପ୍ରଥମ ଏକ କୋଷି ଜୀବ ତିନି କୋଟି ଅଶୀ ଲକ୍ଷ ବର୍ଷପୂର୍ବେ ସୃଷ୍ଟି ହୋଇଥିଲା ଓ ଯାହା ଜୀବନ ସୃଷ୍ଟି ହେବା ସମୟର ମାତ୍ର ୧.୫ ପ୍ରତିଶତ। ଅର୍ଥାତ୍ ଏହି ସମୟ ଅନ୍ତରାଳର ମାତ୍ର ଦେଢ଼ ପ୍ରତିଶତ ବା ସାଢ଼େ ଛଅ କୋଟି ବର୍ଷ ଭିତରେ ମାଟି ତଳେ ରହୁଥିବା ମୂଷା ମଣିଷରେ ପରିବର୍ତ୍ତନ ହୋଇ ସାରିଥିଲା, ଯାହା ବ୍ରହ୍ମାଣ୍ଡ ସମୟ ସ୍କେଲରେ ଏକ ଖୁବ୍ କମ୍ ସମୟ। ସେହିପରି, ସାଢେ ତେର କୋଟି ବର୍ଷ ପୂର୍ବେ ବିଗ ବ୍ୟାଙ୍ଗ ବିସ୍ଫୋରଣ ପରେ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିଲା, ଯାହା ସେଦିନଠୁ ଏକ ଫୁଲି ଉଠୁଥିବା ବେଲୁନ ପରି ଆନୁମାନିକ ୬୭ କିଲୋମିଟର ପ୍ରତି ସେକେଣ୍ଡରେ ସମ୍ପ୍ରସାରିତ ହୋଇ ଚାଲିଛି, ଯାହାକୁ ପ୍ରଥମେ ଏଡବିନ ହବଲ ବୈଜ୍ଞାନିକ ଠାବ କରିଥିଲେ। ବ୍ରହ୍ମାଣ୍ଡ ତିଆରି ହେବାର ତିନି ଲକ୍ଷ ଅଶୀ ହଜାର ବର୍ଷ ପର୍ଯ୍ୟନ୍ତ ଏହା ଏତେ ଉତ୍ତପ୍ତ ଥିଲା ଯେ ନୂଆ କରି ଜନ୍ମ ନେଇଥିବା ଆଲୋକ କୁହୁଡ଼ି ପରି ଥିଲା। ବିଜ୍ଞାନୀଙ୍କ ମତ ଅନୁସାରେ ଯଦି ବ୍ରହ୍ମାଣ୍ଡର ଘନତ୍ୱ ଏପରି ଅଙ୍କରେ ପହଞ୍ଚି ଯାଏ ଯାହା ପରେ ଆଉ ଏହା ସମ୍ପ୍ରସାରିତ ହେବ ନାହିଁ ତାହାକୁ ସନ୍ତୁଳିତ ଘନତ୍ୱ କୁହାଯାଏ। କିନ୍ତୁ ଯେହେତୁ ବ୍ରହ୍ମାଣ୍ଡ ଅବିରତ ସମ୍ପ୍ରସାରିତ ହୋଇ ଚାଲିଛି ବ୍ରହ୍ମାଣ୍ଡର ଘନତ୍ୱ ସନ୍ତୁଳିତ ଘନତ୍ୱଠାରୁ ଅଧିକ ନୁହେଁ। ଅର୍ଥାତ୍ ବିଜ୍ଞାନ ଅନୁସାରେ ଯଦି ଏହା ଠିକ ତାହାଲେ ବ୍ରହ୍ମାଣ୍ଡର ଆକାର ଏମିତି ହୋଇଥିବା ଯାହାର କିଛି ନିର୍ଦ୍ଦିଷ୍ଟ ପରିସୀମା ନାହିଁ। ଆଉ ଯଦି ବ୍ରହ୍ମାଣ୍ଡ ସମ୍ପ୍ରସାରିତ ହେବା ବନ୍ଦ କରିଦିଏ ବା ଏହାର ଘନତ୍ୱ ସନ୍ତୁଳିତ ଘନତ୍ୱ ଠାରୁ ବଢ଼ିଯାଏ ତାହାଲେ ସବୁ ଗ୍ରହ ନକ୍ଷତ୍ର ଆକାଶ ଗଙ୍ଗା ପରସ୍ପର ଆଡ଼କୁ ଆସିବାକୁ ଲାଗିବେ ଓ ବ୍ରହ୍ମାଣ୍ଡ ବିନାଶ ଆଡ଼କୁ ଗତି କରିବ। ଏହାକୁ ବ୍ରହ୍ମାଣ୍ଡର 'କିମାଶ୍ଚର୍ଯ୍ୟମ?' କୁହାଯାଇ ପାରେ।

ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ଭାରତର ପ୍ରମୁଖ ସହରଗୁଡ଼ିକରେ ଥିବା କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସାର ସୁବିଧା ରହିଥିଲେ ମଧ ପୀଡ଼ିତଙ୍କୁ ନେଇ ବାରମ୍ବାର ଯିବା ଓ ସେଠାରେ ରହି କେମୋଥେରାପି ନେବାରେ ସମସ୍ୟା ଦେଖାଯାଏ। ଗରିବ ଲୋକମାନେ ଏହା କରିବାକୁ ସକ୍ଷମ ହୋଇପାରନ୍ତି ନାହିଁ। ବିଶେଷକରି କ୍ୟାନ୍‌ସରରେ ପୀଡ଼ିତ ପିଲାମାନଙ୍କ ପାଇଁ ଅଧିକ ସମସ୍ୟା ଦେଖାଯାଏ। ଏଭଳି ସମସ୍ୟା ଦୂର କରିବା ଲାଗି ଅଙ୍କିତ ଡାଭେ ଓ ଗିରିଶ ନାୟରଙ୍କ ଚେଷ୍ଟା ପ୍ରଶଂସନୀୟ। ସେମାନେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ପାଇଁ ଦେବଦୂତ ସାଜିଛନ୍ତି। ଏହି ଦୁଇ ବନ୍ଧୁ ମୁମ୍ବାଇରେ ୩ଟି, ପୁଣେ, ଅହମଦାବାଦ, ଚଣ୍ଡିଗଡ଼, ବେଙ୍ଗାଲୁରୁ ଏବଂ ମଣିପାଲରେ ଗୋଟିଏ ଲେଖାଏ କେନ୍ଦ୍ର ଖୋଲିଛନ୍ତି। ସେଠାରେ କ୍ୟାନ୍‌ସର ପୀଡ଼ିତ ପିଲା ଓ ସେମାନଙ୍କ ମାତାଙ୍କୁ ରହିବାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ କମ୍ ଖର୍ଚ୍ଚରେ ଚିକିତ୍ସା କରାଇପାରୁଛନ୍ତି। ଏଠାରେ ରହିବାକୁ କୌଣସି ଦେୟ ପଡୁନାହିଁ। ସେଠାରେ ଲୋକମାନେ ସେମାନଙ୍କ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତ କରି ଖାଇବା ଲାଗି କିଚେନ ବ୍ୟବସ୍ଥା କରାଯାଇଛି। ଏବେ ସବୁ କେନ୍ଦ୍ରରେ ୧୫୦ଟି ପରିବାର ରହୁଛନ୍ତି ଓ ପାଖାପାଖି ୨୦୦୦ ପିଲା ଉପକୃତ ହୋଇଛନ୍ତି। ଆସେସ୍ ଲାଇଫ୍ ସଂସ୍ଥା ମାଧ୍ୟମରେ ସେମାନେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମେ ୧୯୭୫

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଓ ପ୍ରବୀଣ ରାଜନୀତିଜ୍ଞ କୁମାରୀ ପଦ୍ମଜା ନାଇଡୁଙ୍କ ୭୫ ବର୍ଷ ବୟସରେ ପରଲୋକ।
- ବୃହତ୍ ବନ୍ଦରଗୁଡ଼ିକର ଇତିହାସରେ ପ୍ରଥମ ଥର ପାଇଁ ବନ୍ଦର କର୍ମଚାରୀଙ୍କୁ ଟ୍ରଷ୍ଟ ବୋର୍ଡର ସଭ୍ୟ ନିଯୁକ୍ତ କରାଯାଇଛି।

## ଚିରନ୍ତନୀ

ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
ପକ୍ୱ ଧାନେ ପରଶି ମଧୁ
ଚୁମ୍ବନ ହେ ଚୁମ୍ବନ
ପଉଷ-ଶେଷେ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯାନବାହନରୁ ରଙ୍ଗିନ ଉଜ୍ଜ୍ୱଳ ଆଲୋକ ହଟାଯାଉ

ମହାଶୟ,

ସମଗ୍ର ଓଡ଼ିଶାରେ ଚଳପ୍ରଚଳ କରୁଥିବା ଭାରିଯାନ ଓ ଯାତ୍ରୀବାହୀ ବସ ସମେତ ଅନ୍ୟାନ୍ୟ ଯାନରେ ମନଇଚ୍ଛା ରଙ୍ଗିନ ଉଜ୍ଜ୍ୱଳ ଆଲୋକ ବ୍ୟବହାର କରାଯାଉଥିବାରୁ ଏହା ରାସ୍ତା ଦୁର୍ଘଟଣାର କାରଣ ହେଉଛି। ବିଶେଷକରି ଯାନବାହନର ହେଡ୍‌ଲାଇଟ କାଚ ଉପର ପାର୍ଶ୍ୱରେ କଳାରଙ୍ଗ ଲଗାଯାଉଥିବାରୁ ସାମ୍ନାରୁ ଆସୁଥିବା ଗାଡ଼ିଚାଳକଙ୍କ ଆଖିରେ ଲାଇଟ ପଡ଼ିବା ଫଳରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କେବଳ ସେତିକି ନୁହେଁ ରଙ୍ଗିନ ଲାଇଟ ସାଙ୍ଗକୁ ବିକଟାଳ ହର୍ନ ଯୋଗୁ ସାମ୍ନା ଯାନ ଚାଳକମାନେ ଘାବରେଇ ଯାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଉଭୟ ରଙ୍ଗିନ ଉଜ୍ଜ୍ୱଳ ଆଲୋକ ଏବଂ ବିକଟାଳ ହର୍ନ ଯୋଗୁ ଅଲୋକ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି। ଏଥିପ୍ରତି ପୋଲିସ ଓ ପରିବହନ ବିଭାଗ ଦୃଷ୍ଟି ଦେଉ ନାହାନ୍ତି। ଏଣୁ ଏଭଳି ରଙ୍ଗିନ ଉଜ୍ଜ୍ୱଳ ଆଲୋକକୁ ଯାନବାହନରୁ ହଟାଇବା ସହ ଜରିମାନା କରାଯିବାଦରକାର।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜି ଆଗଲପୁର ଆସୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗଲପୁରରେ ଭାଜପାର ଏକ ନିର୍ବାଚନୀ ସଭା ଶନିବାର ଆୟୋଜିତ ହୋଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଗଲପୁର ମିନି ଷ୍ଟାଡିୟମ ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସହ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ଓ ଜିଲାର ୫ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିବେ ବୋଲି ଜଣାଯାଇଛି। ବଲାଙ୍ଗୀର ଲୋକସଭା ପାଇଁ ସଙ୍ଗୀତା କୁମାରୀ ସିଂଦେଓ ପ୍ରାର୍ଥୀ ହୋଇଥିବା ବେଳେ ଲୋଇସିଂହାରୁ ମୁକେଶ ମହାଲିଙ୍ଗ ପ୍ରାର୍ଥୀ ହୋଇଛନ୍ତି। ଏଠାରୁ ବିଜେଡିରୁ ନିହାର ରଞ୍ଜନ ବେହେରା ଓ କଂଗ୍ରେସରୁ ଓମ ପ୍ରକାଶ କୁମ୍ଭାର ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି ଓ କଂଗ୍ରେସର ୩ ପ୍ରମୁଖ ଦଳ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ଭାଜପା କର୍ମୀଙ୍କ ମନରେ ଉତ୍ସାହ ଏବଂ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଟାଣିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଗସ୍ତ କରୁଥିବା ଆଲୋଚନା ହେଉଛି। ଏହି ନିର୍ବାଚନୀ ସଭାରେ ରାଜ୍ୟ ସରକାରଙ୍କୁ ଶିକ୍ଷାମନ୍ତ୍ରୀ ପ୍ରଧାନ ଟାର୍ଗେଟ କରୁଛନ୍ତି ନା ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି ସେ ନେଇ ଚର୍ଚ୍ଚା ଲାଗି ରହିଛି।

### ଅନ୍ତିମ ଦିନରେ ୨୪ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

ଟିଟିଲାଗଡ,୩।୫(ଶରତ ମିଶ୍ର)

ଶୁକ୍ରବାର ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ୬୯-ଟିଟିଲାଗଡ ଓ ୭୦-କଣ୍ଟାବାଞ୍ଜି ନିର୍ବାଚନୀମଣ୍ଡଳୀରେ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟନାରାୟଣ ବହିଦାର, ଭାଜପା ପ୍ରାର୍ଥୀ ଭାବେ ନବୀନ କୁମାର ଜୈନ ୧ ସେଟ, ଏହା ପୂର୍ବରୁ ଜୈନ ୩ ଗୋଟି ସେଟ ଦାଖଲ କରିଛନ୍ତି। ଆମ୍ବେଦକର ସୋସାଲିଷ୍ଟ ପାର୍ଟି ଅଫ ଇଣ୍ଡିଆ ପ୍ରାର୍ଥୀ ଭାବେ ଈଶ୍ୱର ଚନ୍ଦ୍ର ଗୁର୍ଡି ଓ କୋଶଲ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀ ଲୋକନାଥ ଜାଲ ଉପ ଜିଲ୍ଲାପାଳ ତଥା ରିର୍ଟର୍ଣ୍ଣିଂ ଅଫିସର ରେହାନ ଖେତ୍ରିଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୭୦-କଣ୍ଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ପାଇଁ ଆମ୍ବେଦକର ସୋସାଲିଷ୍ଟ ପାର୍ଟି ଅଫ ଇଣ୍ଡିଆ ପ୍ରାର୍ଥୀ ଭାବେ ସୁଦାମ କଲେତ, ଓଡିଶା ଜନତା ପାର୍ଟି ପ୍ରାର୍ଥୀ ରମେଶ ଚନ୍ଦ୍ର ଦାସ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ଅଭିରାମ ଧାରୁଆ ଓ ସୋହନ ସିପକା, ସୁବ୍ରତ କୁମାର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ଅତିରିକ୍ତ ଜିଲାପାଳ ତଥା ରିର୍ଟର୍ଣ୍ଣିଂ ଅଫିସର ପବିତ୍ର ବେହେରାଙ୍କ ନିକଟରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଅନ୍ତିମ ଦିନ ସୁଦ୍ଧା ଟିଟିଲାଗଡ ନିର୍ବାଚନମଣ୍ଡଳୀ ପାଇଁ ସମୁଦାୟ ୦୭ ଜଣ ପ୍ରାର୍ଥୀ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀ ପାଇଁ ୧୭ ଜଣ ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରେ ଶ୍ରମିକ ଦିବସ ପାଳନ

ଦେଓଗାଁ,୩।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରଠାରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଅର୍ନ୍ତଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଙ୍ଗୀତ ଗୁରୁ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ସଂପାଦକ ବିନୟ କୁମାର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ଆଇନ ସେବା ପ୍ରଚାର ସ୍ୱେଚ୍ଛାସେବୀ ସଂସ୍ଥାର ପିୟୁଷ ନନ୍ଦ, ଜିତୁ ମନହୀରା, ପାଠାଗାରର ସଂପାଦକ ଭୁବନେଶ୍ୱର ସାମଲ ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ପାଇଁ ରହିଥିବା ଆଇନ ବିଷୟରେ ମୁଖ୍ୟଅତିଥି ସଚେତନ କରିଥିଲେ। ବଲାଙ୍ଗୀର ଏକ ଦାଦନ ପ୍ରବଣ ଜିଲା ଭାବେ ସମଗ୍ର ରାଜ୍ୟରେ ପରିଚିତ। ଏଣୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ପରିବାରଗୁଡିକର ଠିକ୍ ଭାବେ ପଞ୍ଜୀକରଣ ଓ ସରକାରୀ ସୁବିଧା କେମିତି ପହଞ୍ଚିପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ନିତାନ୍ତ ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଶିଶୁ ସେବା ସଂସ୍ଥାର ଅଧୀକ୍ଷକ ସୁରେଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସାନନ୍ଦ ଷଡଙ୍ଗୀ, ରାମନାଥ ସାଏ, ଠାକୁର ଭୋଇ, ପ୍ରତ୍ୟୁଷ ସାହୁ, ବୈଶାଖୁ ପଧାନ, ନିବେଦିତା ସାମଲ, ବିରାଟ ସାମଲ, ସାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବଲାଙ୍ଗୀର ବ୍ଲକରେ ସମରେନ୍ଦ୍ର, ମନୋଜଙ୍କ ମାରାଥନ୍ ପ୍ରଚାର

ବଲାଙ୍ଗୀର,୩।୫(ବୀରେନ୍ଦ୍ର କୁମାର ଝାଙ୍କର)


କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ଲୋକ ସଭା ପ୍ରାର୍ଥୀ ମନୋଜ ମିଶ୍ର ପ୍ରଚାର କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ଓ ଝାଙ୍କରପାଲି ଗ୍ରାମ ପଞ୍ଚାୟତରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଜନ ଆଶୀର୍ବାଦ ସଭାରେ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ଲୋକସଭା ପ୍ରାର୍ଥୀ ମନୋଜ ମିଶ୍ର ମିଳିତ ଭାବେ ମାରାଥନ୍ ନିର୍ବାଚନୀ ପ୍ରଚାର କରିଥିଲେ। ନିର୍ବାଚନୀ ସଭାରେ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ସଭାରେ ସମରେନ୍ଦ୍ର କହିଥିଲେ ଯେ, ଦେଶ ସ୍ୱାଧୀନ ହେବା ଯେତେ ସମୟ ହୋଇଛି ତାର ଏକ ତୃତୀୟାଂଶ ସମୟ ପାଖାପାଖି ୨୫ ବର୍ଷ ବିଜେଡି ରାଜ୍ୟକୁ ଶାସନ କରିଛି। ସେଥିରୁ ୯ ବର୍ଷ ବିଜେଡି-ଭାଜପା ଉଭୟେ ରାଜ୍ୟରେ ଶାସନ କରିଥିଲେ। ଏତେ ସମୟ ପାଇ ମଧ୍ୟ ଆମ ଜିଲାର ପରିଚୟ ହେଉଛି ଦାଦନ। ଏଥିରୁ ଆମକୁ ମୁକୁଳିବାକୁ ପଡିବ। ଆମ ପିଲାଙ୍କ ପାଇଁ ଭୁଶୁଡି ଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡି ପିଲାଙ୍କୁ ଉତ୍ତମ ଶିକ୍ଷା, ଭଲ ଶିକ୍ଷକ ଓ ପରିବେଶ ପ୍ରଦାନ କରିବାକୁ ହେବ। ଏହାହେଲେ ଅଞ୍ଚଳର ଲୋକେ ଶିକ୍ଷିତ ହେବେ ଓ ଅଞ୍ଚଳର ଆର୍ଥିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ନିର୍ବାଚନୀ ସଭାରେ କଂଗ୍ରେସ ଦଳ ଲୋକସଭା ପ୍ରାର୍ଥୀ ମନୋଜ ମିଶ୍ର କଂଗ୍ରେସ ଦଳ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ସେ ବଲାଙ୍ଗୀର ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଶିଖରରେ ପହଞ୍ଚି ଯାଇଛି ବୋଲି କହିଥିଲେ। ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳର ଗ୍ୟାରେଣ୍ଟି ଉପରେ ଲୋକଙ୍କୁ ବୁଝାଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରକୁ କଡା ସମାଲୋଚନା କରିଥିଲେ। ନିର୍ବାଚନୀ ସଭାରେ ରାମପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ସଭାରେ ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ସରପଞ୍ଚ ସୁସ୍ମିତା ସିଂଦେଓ ଓ ବିକାଶ ରଥ ମଞ୍ଚାସୀନ ଥିଲେ।

- ■ ଲୋକଙ୍କ ଆର୍ଥିକ ବିକାଶ କଂଗ୍ରେସର ପ୍ରାଥମିକତା: ସମରେନ୍ଦ୍ର
- ■ ଯୁବକଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବ କଂଗ୍ରେସ: ମନୋଜ

# ଲାଠୋରରେ ପାନୀୟ ଜଳ ସଙ୍କଟ

ଲାଠୋର,୩।୫(ଭୁବନେଶ୍ୱର ବାରିକ)



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଜଳ ଯୋଗାଣ ପ୍ରକଳ୍ପ-୨ ଅଧୀନରେ ରହିଥିବା ଜନସାଧାରଣ ଗତ ଏକ ସପ୍ତାହ ହେବ ଚାହିଦା ମୁତାବକ ସ୍ୱଚ୍ଛ ପାନୀୟ ଜଳ ପାଇ ପାରୁ ନ ଥିବା ନେଇ ଅଭିଯୋଗ କରିଛନ୍ତି। ଗତ ୨୦ ବର୍ଷ ହେବ ଗ୍ରାମର ପ୍ରାଣୀ ଧନ ଚିକିତ୍ସା କେନ୍ଦ୍ର ନିକଟରେ ଏକ ଜଳ ଯୋଗାଣ ପ୍ରକଳ୍ପ ଏବଂ ଓଭର ହେଡ଼ ଟ୍ୟାଙ୍କ ନିର୍ମାଣ କରି ପାଇପ ଯୋଗେ ଗ୍ରାମର ପ୍ରାୟ ୪ ହଜାର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ତେବେ ଗ୍ରୀଷ୍ମ ଋତୁରେ ପ୍ରକଳ୍ପ ଲୋକଙ୍କ ଆବଶ୍ୟକତା ମୁତାବକ ଜଳ ଯୋଗାଣ କରି ନ ପାରିବାରୁ ଗତ ୩ ବର୍ଷ ତଳେ ଓଭର ହେଡ଼ ଟ୍ୟାଙ୍କ ତଳେ ଆଉ ଏକ ଗଭୀର କୂପ ଖୋଲାଗଲା। ହେଲେ ସେ ଗଭୀର କୂପକୁ ଆଜି ପର୍ଯ୍ୟନ୍ତ ମଟର ଖଞ୍ଜି କାର୍ଯ୍ୟକ୍ଷମ କରାଗଲା ନାହିଁ। ତାତି ବଢି ଚାଲିଥିବା ବେଳେ ଗଭୀର ନଳ କୂପଗୁଡିକର ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ଲୋକଙ୍କ ଆବଶ୍ୟକତା ମୁତାବକ ସେହି କୂପଗୁଡ଼ିକ ପାନୀୟ ଜଳ ଯୋଗାଇ ପାରୁନାହିଁ। ସକାଳୁ ପ୍ରକଳ୍ପ ଚଳାଇଲେ ଅଧା ଘଣ୍ଟା ପରେ ପ୍ରକଳ୍ପରୁ ଆଉ ପାଣି ବାହାରୁ ନାହିଁ। ପ୍ରଚଣ୍ଡ ତାତିରେ ଲୋକ ପାନୀୟ ଜଳ ପାଇ ନ ପାରି ବାଧ୍ୟ ହୋଇ ଦୂଷିତ ନଳ କୂପରୁ ପାନୀୟ ଜଳ ସଂଗ୍ରହ କରି ପାନୀୟ ରୂପେ ବ୍ୟବହାର କରୁଥିବାରୁ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ପମ୍ପ ଡ୍ରାଇଭର ଲାଇବାନ ସୁନାଙ୍କୁ ପଚାରିଲେ ତାତି ଯୋଗୁ ପୁରୁଣା ଗଭୀର କୂପରେ ଜଳ ହ୍ରାସ ଘଟିଛି। ଓଭର ହେଡ଼ ଟେଙ୍କ ତଳେ ରହିଥିବା ଗଭୀର କୂପରେ ମଟର ଖଞ୍ଜିଲେ ଆବଶ୍ୟକତା ମୁତାବକ ଜଳ ଯୋଗାଣ ହୋଇ ପାରିବ ବୋଲି କହିଛନ୍ତି। ସେହିପରି ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ଆମେ ମଟର ରେଡ଼ି କରି ରଖିଛୁ , ଦିନେ ଦୁଇ ଦିନ ଭିତରେ ମଟର ଖଞ୍ଜି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ନାମାଙ୍କନ ପତ୍ର ଦାଖଲ କଲେ ନୀହାର


ଲୋଇସିଂହାର ବିଜେଡି ବିଧାୟକ ପ୍ରାର୍ଥୀ ନୀହାର ରଞ୍ଜନ ବଲାଙ୍ଗୀର ଏଡିଏମ୍ ଅଫିସରେ ନାମାଙ୍କନ ପତ୍ର ଦାଖଲ କରି ଫେରୁଛନ୍ତି।

ବଲାଙ୍ଗୀର/ଲୋଇସିଂହା,୩।୫ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଲୋକନାଥ ମନ୍ଦିର ଛକରୁ ଏକ ଶୋଭାଯାତ୍ରାରେ ପ୍ରାର୍ଥୀ ନିହାର ବାହାରିଥିଲେ। ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକ ଅଞ୍ଚଳର ଶତାଧିକ ସମର୍ଥକ ଓ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ଲୋକନାଥ ମନ୍ଦିର ଛକରୁ ବାହାରି ପାଟଣା ହୋଟେଲ ଛକ, ମେନ୍ ମାର୍କେଟ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ପ୍ରାର୍ଥୀ ନିହାରଙ୍କ ସହ ତାଙ୍କ ସ୍ତ୍ରୀ, ପିତା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ବଡଭାଇ ରାମ ବେହେରା, ବିଜେଡି ନେତା ଆକାଶ ମିଶ୍ର, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଜତିନ୍ ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ନାମାଙ୍କନ ପତ୍ର ଦାଖଲ କରିସାରିବା ପରେ ପ୍ରାର୍ଥୀ ନିହାର ଗଣମାଧ୍ୟମକୁ କହିଥିଲେ ଯେ, ଗତ ୨୪ ବର୍ଷର ନବୀନ ସରକାରଙ୍କ ସୁଶାସନ ଏବଂ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକେ ପସନ୍ଦ କରିଛନ୍ତି। ଏଣୁ ବିଜେଡିକୁ ପୁଣି ଥରେ ବିଜୟୀ କରାଇବା ପାଇଁ ଲୋକେ ପ୍ରସ୍ତୁତ ଅଛନ୍ତି। ତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ସେ ବିଜୟୀ ହେଲେ ଲୋଇସିଂହା ନିର୍ବାଚନମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ନିଯୁକ୍ତି ଦିଗରେ କାର୍ଯ୍ୟ କରିବେ ବୋଲି କହିଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଖପ୍ରାଖୋଲ,୩।୫(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ଫୁଲୁକିମୁଣ୍ଡାଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖପ୍ରାଖୋଲ ଥାନା ବଡଗୁର୍ଜିଭଟା ଗାଁର ଆକାଶ ସାହୁ (୧୮)। ପ୍ରକାଶ ଯେ, ଆକାଶ ଏକ ବାଇକ୍ (ନଂ ଓଡି ୦୩ ଏଲ ୭୫୫୪) ଯୋଗେ ନିଜ ଗାଁ ବଡ଼ ଗୁର୍ଜିଭଟାରୁ ଲାଠୋର ପଟକୁ ଯାଉଥିବା ବେଳେ ଫୁଲୁକିମୁଣ୍ଡା ବଜାର ନିକଟ ବୁଲାଣିରେ ଭାରସାମ୍ୟ ହରାଇବାରୁ ବାଇକଟି ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଡାକ୍ତରଖାନା ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ଲାଠୋର ଥାନା ପୋଲିସ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ନଂ୧୧୧/୨୦୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

# ଝୁଲନ୍ତା ମୃତଦେହ ଜବତ

ଖପ୍ରାଖୋଲ,୩।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଗମ୍ଭାରୀ ଗାଁ ନିକଟ ଚାଷ ଜମିରେ ଥିବା ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଶୁକ୍ରବାର ମଧ୍ୟାହ୍ନରେ ଜବତ କରିଛି। ମୃତକ ହେଲେ ଗମ୍ଭାରୀ ଗାଁର କନିଷ୍କ ଗଡତ୍ୟା (୪୮) । ଏ ନେଇ ମୃତକଙ୍କ ଭାଇ ଯାଦବ ଗଡତ୍ୟା ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଏସଆଇ ନାରାୟଣ ସାହୁ ପ୍ରକାଶ କରିଛନ୍ତି।

# ଘଣ୍ଟାପଡ଼ା ରାମଲୀଳା ଉଦ୍‌ଯାପିତ


ରାମଙ୍କ ରାଜ୍ୟାଭିଷେକ ନାଟକର ଦୃଶ୍ୟ ।

ଘଣ୍ଟାପଡ଼ା,୩।୫( ପ୍ରଭାତ କୁମାର ସାହୁ)

ରାବଣ ବଧ ଓ ରାମାଭିଷେକ ନାଟକ ମଞ୍ଚସ୍ଥ ପରେ ଉଦ୍‌ଯାପିତ ହୋଇଛି ଘଣ୍ଟାପଡ଼ାର ରାମଲୀଳା। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଗ୍ରାମରେ ପ୍ରତିବର୍ଷ ରାମନବମୀ ପୂଜା ଓ ନାଟକ ମଞ୍ଚସ୍ଥ ହୋଇଆସୁଛି। ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରୁ ଶ୍ରୀରାମ ଜନ୍ମୋତ୍ସବ ପାଳନ ଅବସରରେ ନାଟକ ରାମଜନ୍ମ, ଶିବଧନୁ ଭଙ୍ଗ, ସୀତା ବିବାହ, ପର୍ଶୁରାମ ଦର୍ପଦଳନ, ରାମ ବନବାସ, ଭରତ ମିଳନ, ସୀତାଙ୍କ ବାଲିପିଣ୍ଡ, ସୂର୍ପଣଖା ନାସା କର୍ଣ୍ଣ ଛେଦନ, ତ୍ରିଶିରା ବଧ, ସୀତା ଚୋରି, ବାଳୀ ବଧ, ସୀତା ଠାବ, ଲଙ୍କାପୋଡ଼ି,ସେତୁ ବନ୍ଧ ପ୍ରତିଷ୍ଠା, ବିଭୀଷଣ ଶରଣ, କୁମ୍ଭକର୍ଣ୍ଣ ବଧ. ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତିଭେଦ, ମହିରାବଣ ବଧ, ତରଣୀ ସେନ ବଧ, ରାବଣ ବଧ, ସୀତାଙ୍କ ଅଗ୍ନି ପରୀକ୍ଷା, ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାମଙ୍କ ରାଜ୍ୟାଭିଷେକ ମଞ୍ଚସ୍ଥ ହୋଇ ପରିସମାପ୍ତି ହୋଇଛି ଉକ୍ତ ଉତ୍ସବ। ଘଣ୍ଟାପଡ଼ାର ଦୁଇ ସାହିର ଶ୍ରୀଜଗନାଥ ନାଟ୍ୟ ସଂସଦ ଓ ଶ୍ରୀ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ୧୪ ଦିନ ପର୍ଯ୍ୟନ୍ତ ନାଟକ ହୋଇଥାଏ। ଚଳିତବର୍ଷ ନାଟକ ଦେଖିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ ଜମୁଥିଲା ।

## ସରିଲା ନାମାଙ୍କନ > ବୌଦ୍ଧରେ ୬ ଓ କଣ୍ଟାମାଳରେ ୭ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ବୌଦ୍ଧ,୩।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ତାରିଖ ଦିନ ଭୋଟଗ୍ରହଣ ହେବାକୁ ଯାଉଛି। ଏଥିପାଇଁ ଗତ ୨୬ ତାରିଖଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଥିଲା ନାମାଙ୍କନ ପତ୍ର ଦାଖଲର ଶେଷ ଦିନ। ଜିଲାରେ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନମଣ୍ଡଳୀ ରହିଛି। ଦୁଇ ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ସାରିଥିବା ବେଳେ ଅନ୍ୟ ଦଳ ଓ ସ୍ୱାଧୀନ ଭାବେ ପ୍ରାର୍ଥୀଙ୍କ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ ହୋଇଛି । ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ସମୁଦାୟ ୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ପ୍ରଦୀପ ଅମାତ, ଭାଜପାର ସରୋଜ କୁମାର ପ୍ରଧାନ , କଂଗ୍ରେସର ନବ କୁମାର ମିଶ୍ର , ଇଣ୍ଡିଆନ ସିଟିଜେନ ପାର୍ଟି ପକ୍ଷରୁ ଷଷ୍ଠ କୁମାର ପୁରୋହିତ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନ ଭାବେ ବୌଦ୍ଧ ସହରର ବାବୁସାହିର ସୋମନାଥ ପୁରୋହିତ ଓ ହରଭଙ୍ଗା ବ୍ଲକ ଟଭାପଦର ଗ୍ରାମର ପ୍ରଦୀପ ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ କହ୍ନାଇ ଚରଣ ଡାଙ୍ଗ, କଂଗ୍ରେସ ପକ୍ଷରୁ ସରୋଜ ପ୍ରଧାନ, ବିଜେଡି ପକ୍ଷରୁ ମହୀଧର ରଣା ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କୁଞ୍ଜବିହାରୀ ସିଂ, ପ୍ରଫୁଲ ମଲିକ, ସତ୍ୟବ୍ରତ ସାହୁ ଓ ସୁଧାଂଶୁ ଡାଙ୍ଗ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରଛନ୍ତି। ଶନିବାର ଦିନ ନାମାଙ୍କନ ପତ୍ର ଯାଞ୍ଚ ପ୍ରକିୟା ରହିଥିବା ବେଳେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି।

# ବୈଷୟିକ ଶିକ୍ଷା ବଞ୍ଚିବାର ପଥ ପ୍ରଦର୍ଶକ

ବେଲପଡ଼ା,୩।୫(ମନୋଜ କୁମାର ମିଶ୍ର)

**ପଞ୍ଚାୟତ ସମିତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ସହଦେବ ମହାଖୁଡଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଛାତ୍ରୀଛାତ୍ର ମାଲ୍ୟାର୍ପଣ କରିଥିଲେ। କଲେଜ ଅଧ୍ୟକ୍ଷ ସୁରେଶ ମେହେରଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ସୁଦାମ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧାପକ ଚାଣକ୍ୟ ସାହୁ ,ସମ୍ମାନିତ ଅତିଥି ଭାବରେ ବିରବଲ ଜୈନ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସାହୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଯୁବକମାନେ ଉଚ୍ଚ ଶିକ୍ଷା ଲାଭ କରି ଉତ୍କଟ ବେକାରୀ ସମସ୍ୟାରେ ଜର୍ଜରିତ ହୋଇ ପଥଭ୍ରଷ୍ଟ ହେଉଥିବା ବେଳେ ବୈଷୟିକ ଶିକ୍ଷା ସେମାନଙ୍କୁ ଜୀବନ ବଞ୍ଚଇବା ପାଇଁ ପଥ ପ୍ରଦର୍ଶକ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ସଭ୍ୟମାନଙ୍କୁ କଲେଜ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ତନ୍ମୟ ପାଣିଗ୍ରାହୀ, ଅମିୟ ବାବୁ, ଲିଲିମା ପଣ୍ଡା, ଗାୟତ୍ରୀ ମିଶ୍ର, ସରିତା ବାରିକ, ନିତୁ ପାତ୍ର, ଡ.ଗଙ୍ଗାଧର ଦେହେରି, ମନିଷା ସାହୁ, ଅନୁପ ସାହୁ, ଅନିରୁଦ୍ଧ ପାଣିଗ୍ରାହୀ, ଦାରା ସିଂ ପୁଟେଲଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ୧୮ ବର୍ଷ ପରେ ଘରକୁ ଫେରିଲେ ନୀଳକଣ୍ଠ

ଲୋଇସିଂହା,୩।୫(ସୁଶାନ୍ତ ବାରିକ)


ବାରଖମା ଫାଣ୍ଡିରେ ନୀଳକଣ୍ଠଙ୍କୁ ହସ୍ତାନ୍ତର କରାଯାଉଛି ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାଛକରେ ପ୍ରାୟ ୧ ବର୍ଷ ହେବ ରହୁଥିବା ଜଣେ ଯୁବକଙ୍କ ଠିକଣା ମିଳିବା ପରେ ତାଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୧୮ ବର୍ଷ ପରେ ଘରକୁ ଫେରିଥିବା ଯୁବକ ଜଣକ ହେଲେ ନୀଳକଣ୍ଠ ମହାନ୍ତି । ଭାଇକୁ ପାଖରେ ପାଇ ତାଙ୍କ ସାନଭାଇ ଓ ଗାଁ ଲୋକେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, କନ୍ଧମାଳ ଜିଲା ବାରଖମା ଫାଣ୍ଡି ଅନ୍ତର୍ଗତ ରେବିଙ୍ଗିଆ ଗ୍ରାମର ପଞ୍ଚମୀ ମହାନ୍ତି ଓ ସଙ୍କୁଲି ମହାନ୍ତିଙ୍କ ଦୁଇ ପୁଅ ହେଉଛନ୍ତି ନୀଳକଣ୍ଠ ଓ ଅନୀଲ। ସଙ୍କୁଳି ଜଣେ ଶିକ୍ଷକ। ନୀଳକଣ୍ଠ ହାଇସ୍କୁଲରେ ପାଠ ପଢୁଥିବା ସମୟରେ ତାଙ୍କ ବାପା ସଙ୍କୁଳି କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏଥିରେ ପରିବାର ଲୋକ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ। ଶେଷରେ ନୀଳକଣ୍ଠ ବାପାଙ୍କୁ ଖୋଜିବାକୁ ଘରୁ ବାହାରି ପଡିଥିଲେ। ପରବର୍ତ୍ତୀ ସମୟରେ ସଙ୍କୁଳି ଘରକୁ ଫେରିଥିବା ବେଳେ ବାପାଙ୍କୁ ଖୋଜିବାକୁ ଯାଇ ସେବେଠାରୁ ନୀଳକଣ୍ଠ ନିଖୋଜ ହୋଇ ଯାଇଥିଲେ। ନୀଳକଣ୍ଠଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କ ପତ୍ତା ପାଇ ନ ଥିଲେ ପରିବାର ଲୋକେ। ପୁଅକୁ ନ ପାଇ ବାପା ସଙ୍କୁଳିଙ୍କ ମାନସିକ ଅବସ୍ଥା ବିଗିଡି ଯାଇଥିଲା। ସେ ମଧ୍ୟ ଘରେ ନ ରହି କୁଆଡେ ଚାଲି ଯାଇଥିଲେ। ଏପଟେ ପୁଅର ଫେରିଲା ବାଟକୁ ଚାହିଁ ଚାହିଁ ମା' ପଞ୍ଚମୀ ଦୁଃଖରେ ଭାଙ୍ଗି ପଡିଥିଲେ। ଶେଷରେ ସେ ସବୁଦିନ ପାଇଁ ଆଖି ବୁଜିଥିଲେ ।

ଅନ୍ୟପକ୍ଷରେ ଗତ କିଛି ମାସ ହେବ ଲୋଇସିଂହାର ବୁର୍ଡା ଛକରେ ରହୁଥିବା ନୀଳକଣ୍ଠଙ୍କ ମାନସିକ ଅବସ୍ଥା ସେତେଟା ଭଲ ନ ଥିଲା। ଯେଉଁଠାରୁ ଯାହା ଯେତେବେଳେ ମିଳିଲା ତାହା ଖାଇ ଦିନ କାଟୁଥିଲେ। କେହି ନ କହିଲେ ସୁଦ୍ଧା ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ପଡିଥିବା କାଗଜ ଟୁକୁଡା, ଚା ଗ୍ଲାସ, ଗୁଟକା ଜରି, ପଲିଥିନ ଗୋଟାଇ ସେ ସଫେଇ କରୁଥିଲେ। ନିଜେ ଠିକ୍‌ଠାକ ଦେଖାଯାଉ ନ ଥିଲେ ସୁଦ୍ଧା ପରିବେଶ ସଫାସୁତରା ଦିଗରେ ଯତ୍ନବାନ ରହୁଥିଲେ। ତାଙ୍କର ଏପରି ସ୍ୱଭାବ ସ୍ଥାନୀୟ ଅଧିବାସୀଙ୍କୁ ବେଶ ପ୍ରଭାବିତ କରିଥିଲା। ବ୍ୟବସାୟୀମାନେ ତାଙ୍କୁ ଶ୍ରଦ୍ଧାରେ ଚା ,ଜଳଖିଆଠାରୁ ଆରମ୍ଭ କରି ଖାଇବାକୁ ଦେଇ ଆସୁଥିଲେ । ଏଠାରେ ଦୀର୍ଘ ମାସ ରହିଥିବାରୁ ସ୍ଥାନୀୟ ଲୋକେ ଅନେକ ସମୟରେ ତାଙ୍କ ପରିଚୟ ଓ ଠିକଣା ପଚରା ଉଚରା କରିଥିଲେ। ନିକଟରେ ସେ ତାଙ୍କ ସମ୍ପୂର୍ଣ୍ଣ ଠିକଣା ଏକ କାଗଜରେ ଲେଖିଦେଇଥିଲେ। ଏହାପରେ ମୋବାଇଲ ସର୍ଚ୍ଚ କରି ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ବିଭୂତି ସାହୁ, ରାଧେଶ୍ୟାମ ସାହୁ, ବଳରାମ ସାହୁ ପ୍ରମୁଖ ନୀଳକଣ୍ଠଙ୍କୁ ଧରି କନ୍ଧମାଳ ଜିଲା ବାରଖମା ପୋଲିସ ଫାଣ୍ଡିରେ ପହଞ୍ଚିଥିଲେ। ଏ ସମ୍ପର୍କରେ ରେବିଙ୍ଗିଆ ଗ୍ରାମର ପରିବାର ଲୋକଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା। ନିକଟରେ ବାରଖମା ଫାଣ୍ଡିରେ ନୀଳକଣ୍ଠଙ୍କ ଭାଇ ଅନୀଲ ଏବଂ ଗ୍ରାମର ଅଦିତ୍ୟ ବେହେରା, ସୂର୍ଯ୍ୟ ନାରାୟଣ ବେହେରା,ସୁନୀଲ ଷାଣ୍ଡ, ସ୍ଥାନୀୟ ସରପଞ୍ଚ ଏବଂ ଜିଲା ପରିଷଦ ସଭ୍ୟଙ୍କ ଉପସ୍ଥିତିରେ ନୀଳକଣ୍ଠଙ୍କୁ ହସ୍ତାନ୍ତର କରାଯାଇଥିଲା। ବଡଭାଇକୁ ପାଇ ଭାବବିହ୍ୱଳ ହୋଇ ପଡିଥିଲେ ଅନୀଲ। ୧୫ ଦିନ ପୂର୍ବରୁ ଭାଇ ଘରକୁ ଫେରିଥିଲେ ମା' ଜୀବିତ ଅବସ୍ଥାରେ ଭାଇକୁ ଦେଖି ବହୁତ ଖୁସି ହୋଇଥାନ୍ତେ ବୋଲି ଅନୀଲ ନିଜର ପ୍ରତିକ୍ରିୟାରେ କୋହଭରା କଣ୍ଠରେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ମା’ ଠାକୁରାଣୀ ହାଟ ଗୋଷିଆଣୀଙ୍କ ମଣ୍ଡିଯାତ୍ରା

ବେହେରା,୩।୫(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗ୍ରାମରେ ମା’ ଠାକୁରାଣୀ ହାଟ ଗୋଷିଆଣୀଙ୍କ ମଣ୍ଡିଯାତ୍ରା ପାଳିତ ହୋଇଯାଇଛି। ଦଣ୍ଡପାଟ ଅଞ୍ଚଳର ବାଙ୍କିମୁଣ୍ଡା, କାଦୋମାଲ, ବାରିକପଡ଼ା ଆଦି ଗ୍ରାମର ମା’ ଠାକୁରାଣୀଙ୍କ ଲାଠି ଆସି ମଣ୍ଡିଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ଏହାକୁ ପୂଜାର୍ଚ୍ଚନା ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସମସ୍ତ ଦେବଦେବୀଙ୍କ ଲାଠି ଶଙ୍ଖ, ଘଣ୍ଟ, ବାଜାର ତାଳେ ତାଳେ ନଗର ପରିକ୍ରମା କରିଥିଲା। ଯାତ୍ରା ପଡ଼ିଆରେ ଦେବୀଙ୍କ ଲାଠିକୁ ସ୍ଥାପନ କଲା ପରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ, ସୁଧୀର ପଟ୍ଟଯୋଶୀ, ରଶ୍ମିରେଖା ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ବଳରାମ ପୂଜାରୀ ପୂଜାକାର୍ଯ୍ୟ କରିଥିବା ବେଳେ ଗୋଣ୍ଟିଆ ପୂର୍ଣ୍ଣ ଚନ୍ଦ୍ର ନାଏକ, ପୂଜା କମିଟି ସଭାପତି ଭବାନୀ ପ୍ରସାଦ ଭୋଇ, ସମ୍ପାଦକ ତୁଳସୀ ରାମ ନାଏକ, ରୋଦନ ମେହେର, କୃଷ୍ଣଚନ୍ଦ୍ର ମାଝି, ମହେଶ୍ୱର ନାଏକ, କ୍ଷୀରସିନ୍ଧୁ ନାଏକ, ଯୁବରାଜ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

କୋକସରା,୩।୫(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ସରକାରୀ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ମହାଦେବ ବାଗ ଡ୍ୟୁଟି ସାରି ଘରକୁ ଫେରିବା ପରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ମୃତ ଶିକ୍ଷକଙ୍କ ଦଶାହ କାର୍ଯ୍ୟରେ କୋକସରା ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ, ସମ୍ପାଦକ ଦେବିସିଂ ମାଝି, କୋଷାଧ୍ୟକ୍ଷ ଈଶ୍ୱରୀ ପ୍ରସାଦ ଅଗସ୍ତି, ରଞ୍ଜିତ କୁମାର ଖମାରି ପ୍ରମୁଖ ଯୋଗଦେଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ଭାଜପାରେ ସାମିଲ ହେଲେ ବିଜେଡି ଯୁବ ସଙ୍ଗଠକ

ରିଷିଡା,୩।୫ (ସୁଶାନ୍ତ ମଲ୍ଲିକ)

ଭାଜପା କର୍ଲାମୁଣ୍ଡା ମଣ୍ଡଳର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମର ବିଜେଡି ଯୁବ ସଂଗଠକ ଜ୍ୟୋତିରଞ୍ଜନ ପଧାନ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ନର୍ଲା ନିର୍ବାଚନ ମଣ୍ଡଳୀ ସଂଯୋଜକ ସରୋଜ ବୁଦ୍ଧିଆ, ବୁଥ୍ ସଂଯୋଜକ ଜିତୁ ଚାନ୍ଦ ଉତ୍ତରୀୟ ଦେଇ ଜ୍ୟୋତିରଞ୍ଜନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଜ୍ୟୋତିରଞ୍ଜନ ପୂର୍ବରୁ ବିଜୁ ଯୁବ ଜନତା ଦଳ କର୍ଲାମୁଣ୍ଡା ‘କ’ ଜୋନର ସମ୍ପାଦକ ଓ ପରେ ବିଜୁ ଛାତ୍ର ଜନତା ଦଳର ବଲାଙ୍ଗୀର ଜୋନ ସଂଗଠନ ସମ୍ପାଦକ ଭାବରେ କାର୍ଯ୍ୟ କରିଆସୁଥିଲେ। ଏହାସହିତ ସେ ଗଜବାହାଲ ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀର ସଭାପତି ମଧ୍ୟ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସଞ୍ଜୟ ଜୈନ, ସାଂସଦ ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ଗଜବାହାଲ ବୁଥ୍ ସଭାପତି ବାହାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସ୍ୱାରକୀ ନାଟ୍ୟସଂସ୍ଥା ପକ୍ଷରୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ

ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡିର ଅଗ୍ରଣୀ ସ୍ୱାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଗୁରୁବାର ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦଠାରେ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୧ ତାରିଖରେ ଉଦ୍‌ଯାପନ ହେବ। ଏହି ୧୦ ଦିନିଆ କର୍ମଶାଳାରେ ନାଟକ କ୍ଷେତ୍ରରେ ଅଭିଜ୍ଞ ନାଟ୍ୟକର୍ମୀ, ନିର୍ଦ୍ଦେଶକ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ପର୍ବରେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ଯୋଗଦେଇ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ମଞ୍ଚ ନାଟକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା କର୍ମଶାଳାର ଉଦ୍ଦେଶ୍ୟ ବୋଲି କହିଥିଲେ। ଯୁବଶିଳ୍ପୀ ଆଲୋକ କୁମାର ସାହୁ, ଶିବଶକ୍ତି ପୁରୋହିତ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ଶ୍ରାବଣୀ ରଥ, ଦୀପ୍ତିମୟୀ ସିଂ ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଭବାନୀପାଟଣାରେ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ

ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଶୁକ୍ରବାର ଅପରାହ୍ନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ରୋଡ୍ ଶୋ କରି ପ୍ରଚାର କରିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ।

ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ସ୍ଥାନୀୟ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଓହ୍ଲାଇବା ପରେ ସେଠାରୁ ଏକ ପଟୁଆରରେ ସମର୍ଥକଙ୍କ ସହ ବିଶ୍ୱବିଦ୍ୟାଳୟ ଛକ, ଇରିଗେଶନ କଲୋନୀ ଛକ, ଷ୍ଟେଟ୍ରୁ ଛକ, ଘୋ ଛକ, ଜେଲ ଛକ ଓ ନକଟିଗୁଡା ଛକ ପର୍ଯ୍ୟନ୍ତ ପ୍ରାୟ ୩ କିମି ରୋଡ଼ ଶୋ କରିଥିଲେ। ଏହି ସମୟରେ ଉପସ୍ଥିତ ମହିଳାପୁରୁଷ ଓ ଯୁବତୀଯୁବକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପାଣ୍ଡିଆନ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇ ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଭବାନୀପାଟଣା ବିଧାନସଭା ପ୍ରାର୍ଥିନୀ ଲଳିତା ନାଏକଙ୍କ ପାଇଁ ପ୍ରଚାର କରିଥିଲେ। ବିରୋଧୀଙ୍କୁ ଟାର୍ଗେଟ କରି ପାଣ୍ଡିଆନ କହିଥିଲେ, ଆପଣଙ୍କ ସାଂସଦ ୫ ବର୍ଷରେ କ’ଣ କରିଛନ୍ତି। ଜାତୀୟ ରାଜପଥର ଉନ୍ନତି ନାହିଁ କି ମୋବାଇଲ ନେଟ୍‌ୱର୍କ ନାହିଁ। ସେ କରୁଥିଲେ କ’ଣ ବୋଲି ପ୍ରଶ୍ନ କରିଥିଲେ। ମା’ମାନଙ୍କୁ ଲକ୍ଷ୍ୟ କରି ସେ କହିଥିଲେ, ବିରୋଧୀଙ୍କ ମିଠା କଥାର ମାୟା ଜାଲରୁ ଦୂରରେ ରୁହନ୍ତୁ। ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ମିଶନ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ଭୋଟ ନେଲା ପରେ ସେମାନେ ଆପଣଙ୍କୁ ଦେଖାଦେବେ ନାହିଁ।

ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡିଶା ପରିବାରର ମୁଖିଆ। ପରିବାରର ମୁଖିଆ ଭାବରେ ସେ ଆପଣ ସମସ୍ତଙ୍କ ଦାୟିତ୍ୱ ନେଇଛନ୍ତି। ନବୀନ ସରକାର ଲୋକଙ୍କ ସରକାର। ଲୋକଙ୍କ ଦାବି


ରୋଡ୍ ଶୋ କରୁଛନ୍ତି କାର୍ତ୍ତିକ ପାଣ୍ଡିଆନ୍।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ କଲେ ପ୍ରଚାର

ପୂରଣ ହେଲେ ସେ ସବୁଠୁ ବେଶୀ ଖୁସି ହୁଅନ୍ତି ବୋଲି ପାଣ୍ଡିଆନ କହିଥିଲେ।

ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ବିକାଶ ପାଇଁ କାମ କରନ୍ତି। ବିକାଶ କାମ ଉପରେ ଆଲୋକପାତ କରି ସେ କହିଲେ, ମିଶନ ଶକ୍ତି ମା’ମାନଙ୍କୁ ସମ୍ମାନ ଦେଇଛି। ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିନ୍ତା ଦୂର କରିଛି।

ଆସନ୍ତା ୧୩ ତାରିଖରେ ଯୋଡ଼ା ଶଙ୍ଖରେ ବଟମ୍ ଦବାଇ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ସହ ଓ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ପାଣ୍ଡିଆନ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି କଳାହାଣ୍ଡି ପ୍ରଭାରୀ ପ୍ରଣବ ବଳବନ୍ତରାୟ, ଜିଲା ସଭାପତି ତଥା ଧର୍ମଗଡ଼ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

# ପଦ୍ମ ଛାଡ଼ି ଶଙ୍ଖ ଧରିଲେ ପୂର୍ବତନ ବିଧାୟକ କୁମରମଣି ଶବର


ବିଜେଡିର ମିଶ୍ରଣ ପର୍ବ

ଭବାନୀପାଟଣା,୩।୫(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ନର୍ଲା ବିଧାନସଭା ମଣ୍ଡଳୀ ଭାଜପାର ପୂର୍ବତନ ବିଧାୟକ କୁମର ମଣି ଶବର ପଦ୍ମ ଛାଡି ଶଙ୍ଖ ଧରିଛନ୍ତି। ସେହିପରି ପୂର୍ବତନ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, କର୍ଲାମୁଣ୍ଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପବିତ୍ର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ରିଷିଡା ନବୀନ ରଣାଙ୍କ ସମେତ କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ଗୌର ଚନ୍ଦ୍ର ବିଶ୍ୱାଳ, କୋଲଥା ସମାଜର ସଭାପତି ଗଲାରାମ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ହୋମ୍ ଭୋଟିଂ ପାଇଁ ଗଲେ ନିର୍ବାଚନ ଅଧିକାରୀ

କାକସରା,୩।୫(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଆସନ୍ତା ୧୩ ତାରିଖରେ କଳାହାଣ୍ଡି ଜିଲାରେ ମତଦାନ ପର୍ବ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶୁକ୍ରବାର କୋକସରା ବିଡ଼ିଓ ତଥା ନିର୍ବାଚନ ଅଧିକାରୀ ସ୍ନେହାପ୍ରଭା ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋମ ଭୋଟିଂ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୭ ଗୋଟି ଟିମ କରାଯାଇଛି। ଏହି ଟିମ୍ ବ୍ଲକର ୨୨ ପଞ୍ଚାୟତର ୧୨୪ ଜଣ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ଶଯ୍ୟାଶାୟୀ ବୟସ୍କ ମତଦାତାଙ୍କ ଘରେ ପହଞ୍ଚି କର୍ମଚାରୀମାନେ ବାଲାଟ ପେପରରେ ଭୋଟଦାନ କରାଇବେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ହୋମ ଭୋଟିଂ କରାଯିବ। ଏହି ଟିମରେ ଜଣେ ପର୍ଯ୍ୟବେକ୍ଷକ, ୨ ଜଣ ପୋଲିଂ ଅଧିକାରୀ, ଜଣେ ପୋଲିସ କର୍ମଚାରୀ ରହିଛନ୍ତି।

# ଗ୍ରୀଷ୍ମପ୍ରବାହ: ରାସ୍ତାଘାଟ ଜନଶୂନ୍ୟ



କେସିଙ୍ଗା ସହରର ଆମ୍ବେଡକର ଛକ ଶୂନ୍‌ଶାନ୍।

କେସିଙ୍ଗା,୩।୫(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ବ୍ଲକର ୨୬ ଗ୍ରାମ ପଞ୍ଚାୟତରେ ଗତ ଏପ୍ରିଲ ମାସଠାରୁ ଏଭଳି ସ୍ଥିତି ଲାଗିରହିଛି। ଏପ୍ରିଲରେ ତାପମାତ୍ରା ୪୨ରୁ ୪୪ ଡିଗ୍ରୀ ରହିଥିବାବେଳେ ମେ ମାସରେ ଏହା ୪୫ଡିଗ୍ରୀ ଛୁଇଁଛି। ଫଳରେ ସକାଳ ୯ଟାରୁ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ପ୍ରବଳ ଖରା ଯୋଗୁ ଗ୍ରାମାଞ୍ଚଳର ନଈ, ନାଳ, ପୋଖରୀ ଆଦି ଶୁଖିବାକୁ ବସିଲାଣି। ଏଥିଯୋଗୁ ଗୃହପାଳିତ ପ୍ରାଣୀଙ୍କଠାରୁ ଆରମ୍ଭକରି ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମୟରେ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଜୁନାଗଡ଼,୩।୫ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରକିଶୋର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଳାହାଣ୍ଡି ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ମୁଖ୍ୟ ଅତିଥି, କର୍ତ୍ତବ୍ୟ ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳକ ରାଜେଶ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ଧର୍ମଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ସଞ୍ଜୀବ କୁମାର ମୁଣ୍ଡ, ସାମୀ ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍‌ଚଲାର ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା କ୍ୟାପ୍ଟେନ ଭବାନୀ ଶଙ୍କର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନସାଧାରଣ ସଚେତନ ହେଲେ ଏଡ୍‌ସ ନିରାକରଣ ସମ୍ଭବ। ରକ୍ତ ସଙ୍କଟ ଦୂରକରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଶୋକ କୁମାର ସାହୁ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କାଳୀଚରଣ ଖାଡ଼ଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ନେଇ ମାନବ ଶୃଙ୍ଖଳ ଆୟୋଜନ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

ଖଡ଼ିଆଲ,୩।୫(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ନେହେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସିଆର୍‌ସିସି କ୍ଷୀରୋଦ ଗହୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସହ ଶିକ୍ଷା ଅଧିକାରୀ ମୋତିରାମ ବେହେରା, ସ୍ଥାନୀୟ ସରପଞ୍ଚ ଅଶୋକା ଦଣ୍ଡସେନା, ପ୍ରଧାନ ଶିକ୍ଷକ ଆଶ୍ରମ ବିଦ୍ୟାଳୟ ନେହେନା ପୂର୍ଣ୍ଣଚନ୍ଦ୍ର ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦାୟୀ ଶିକ୍ଷକ ବାଳକୃଷ୍ଣ ପଟେଲ, ଅଶ୍ୱିନୀ ମହାପାତ୍ର, ଶିକ୍ଷୟିତ୍ରୀ ସାରିଫୁନ ବେବି ନିଜ ଶିକ୍ଷକତା ଜୀବନର ଦୀର୍ଘ ଅନୁଭୂତି ବଖାଣିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମହାପାତ୍ରଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରତ୍ନାକର ଠେଲା ପରିଚାଳନା କରିଥିବା ବେଳେ ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ମହାସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ନୂଆପଡ଼ା,୩।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗନିଆରି ଆମ୍ବ ବଗିଚାଠାରେ ବୁଧବାର ଜିଲା ଶ୍ରମିକ ମହାସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମଜଦୁର କିଷାନ ପରିଷଦ ଜିଲା ଆବାହକ ଯଦୁମଣି ପାଣିଗ୍ରାହୀ ମୁଖ୍ୟ ଅତିଥି, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ପୂର୍ବତନ ସରପଞ୍ଚ ଦୟା ସାଗର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଭାଷଣ ପ୍ରସଙ୍ଗରେ ଦର୍ଶାଇଥିଲେ, ଦୀର୍ଘ ବର୍ଷ ହେଲା ନୂଆପଡା ଶ୍ରମିକ ମହାସଂଘ ଜିଲାର କେନ୍ଦୁପତ୍ର ତୋଳାଳି, ସିଜନାଲ କର୍ମଚାରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ନିର୍ମାଣ ଶ୍ରମିକମାନଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ ସରକାର ଓ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଗତ ୧୦ବର୍ଷ ଭିତରେ ଶତାଧିକ ଦାଦନ ଶ୍ରମିକ ମୃତ ଓ ନିଖୋଜ ହୋଇଯାଇଥିଲେ ମଧ୍ୟ ସେମାନଙ୍କ ଖୋଜଖବର ନାହିଁ କି କ୍ଷତିପୂରଣ ଦିଆଯାଇନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ପାଉଣା ପ୍ରଦାନରେ ବିଳମ୍ବ ହେତୁ ସେମାନେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ନିର୍ମାଣ ଶ୍ରମିକଙ୍କ ନବୀକରଣ ଓ ପଞ୍ଜୀକରଣ ଠିକ୍ ଭାବରେ କରାଯାଉ ନାହିଁ। କାର୍ଯ୍ୟାଳୟରେ ଦୁର୍ନୀତି ହେତୁ ଶ୍ରମିକମାନେ ଶୋଷଣର ଶିକାର ହେଉଛନ୍ତି। ଜିଲାର ସମସ୍ତ ବର୍ଗର ଶ୍ରମିକ ଲଢ଼େଇ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି । ନିର୍ଣ୍ଣାୟକ ମୋଡ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ସଭା ପରିଚାଳନା କରିଥିଲେ। ଟ୍ରେଡ୍ ୟୁନିୟନ ନେତା ପ୍ରଦୀପ ଦଣ୍ଡସେନା, ଶୁକଦେବ ସାହୁ, ଜ୍ଞାନ ରଞ୍ଜନ ସାହୁ, ବାବୁଲାଲ ମାଝି, ଜ୍ଞାନରଞ୍ଜନ ବାଗ, ମାନସ ରଞ୍ଜନ ବଘେଲ, ଯମୁନା ଧରୁଆ, ବଂଶୀ ନିଆଲ, ନିରାକାର ଚିନ୍ଦା, ନିରାକାର ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପା ଛାଡ଼ିଲେ ନବୀନ କିଶୋର ସାହୁ

ରିଷିଡା,୩।୫(ସୁଶାନ୍ତ ମଲ୍ଲିକ)

କର୍ଲାମୁଣ୍ଡା ବ୍ଲକ ଯୋରାଡବରା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନବୀନ କିଶୋର ସାହୁ ଶୁକ୍ରବାର କଳାହାଣ୍ଡି ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନବୀନ ଦଳ ଛାଡ଼ିଥିବା ପ୍ରକାଶ କରିବା ପରେ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। ସେ ୨୦୦୯ଠାରୁ ଭାଜପାର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଯୋରାଡବରା ମଣ୍ଡଳରେ ସାଧାରଣ ସମ୍ପାଦକ ଓ ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯୁବ ମୋର୍ଚ୍ଚା ସଭାପତି ଭାବେ କାମ କରି ଆସୁଥିଲେ। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ନବୀନ ପ୍ରକାଶ କରିଛନ୍ତି।

# କେସିଙ୍ଗାରେ ମନୋରମା ମହାନ୍ତିଙ୍କ ମାରାଥନ ପ୍ରଚାର

କେସିଙ୍ଗା,୩।୫(ତୁମେଶ୍ୱର ସାହୁ)

ମେ ୧୩ରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବେ କଳାହାଣ୍ଡି ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର। ଏଥିଲାଗି ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ମନୋରମା ମହାନ୍ତି ସମର୍ଥକଙ୍କ ସହ ବିଭିନ୍ନ ଗ୍ରାମକୁ ଯାଇ ମାରାଥନ ପ୍ରଚାର କରୁଛନ୍ତି। ବିଜେଡିର କଳାହାଣ୍ଡି ଲୋକ ସଭା ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ନର୍ଲା ବିଧାୟିକା ପ୍ରାର୍ଥିନୀ ମହାନ୍ତି ବେଲଖଣ୍ଡିସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ବାବା ଓ ମହାମାୟା ଚଣ୍ଡୀଙ୍କୁ ପୂଜାର୍ଚ୍ଚନାକରି ପ୍ରଚାର ଆରମ୍ଭ କରିଥିଲେ। ଶଙ୍ଖ ହେଉଛି ବିକାଶର ଚିହ୍ନ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆଶୀର୍ବାଦ ଦେବାକୁ ଉଭୟ ପ୍ରାର୍ଥୀ ଜନତାଙ୍କୁ ନିବେଦନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ୨ ପ୍ରାର୍ଥୀ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଗହଣରେ କେସିଙ୍ଗା ବ୍ଲକର ବେଲଖଣ୍ଡି, ହାତୀଖୋଜ, ସିର୍ଜାପାଲି, ତୁଣ୍ଡଲା ଓ ତୁର୍ଲାଖମନ ଆଦି ଗ୍ରାମପଞ୍ଚାୟତର ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏଥିରେ ନର୍ଲା ବିଧାନସଭା ବିଜେଡି ପର୍ଯ୍ୟବେକ୍ଷକ ଭବାନୀ ଶଙ୍କର ନିଆଲ ଓ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ।


ବେଲଖଣ୍ଡି ଅଞ୍ଚଳରେ ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ପ୍ରଚାର।

# ଡବଲ ଇଞ୍ଜିନ ସରକାର ଆବଶ୍ୟକ: ବିଶ୍ୱେଶ୍ୱର

ନୂଆପଡ଼ା,୩।୫ (ମକାରୁ ବେମାଲ)

କେନ୍ଦ୍ର ଆଦିବାସୀ ବ୍ୟାପାର ତଥା ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଭାରତୀୟ ଜନତା ପାର୍ଟିର ପଥପ୍ରାନ୍ତ ନିର୍ବାଚନୀ ସଭାରେ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ମନ୍ତ୍ରୀ ଟୁଡୁ ଭୁବନେଶ୍ୱରରୁ ଆକାଶ ମାର୍ଗରେ ଆସି ଖରିଆରରୋଡସ୍ଥିତ ଗୋତମା ଉଡାଜାହାଜ ପଡିଆରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ସେ ସଡକ ପଥରେ ଯାଇ କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, କୋମନା, ଟିକ୍ରାପଡା, କେମକେଡା, ନୂଆଗାଁ, ଗଣ୍ଡାମେର, ସୁକ୍ଲିମୁଣ୍ଡି, ଲଖନା ଗାଁରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ନୂଆପଡ଼ା ସହରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀ ଯୋଜନା ଉପରେ ଭୋଟରଙ୍କୁ କହିବା ସହ ଏମ୍‌ପି ପ୍ରାର୍ଥୀ ମାଳବିକା କେଶରୀ ସିଂଦେଓ, ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପାଇଁ ପ୍ରଚାର କରିଥିଲେ।

ନୂଆପଡ଼ା ଏକତା ଛକଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ୯ବର୍ଷର ମୋଦି ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଛନ୍ତି। କେନ୍ଦ୍ରରୁ ମାଳ ମାଳ ଯୋଜନା ପଠାଯାଉଛି। ହେଲେ ରାଜ୍ୟ ସରକାର ତାହାକୁ ଲୋକଙ୍କ ପାଖରେ ପହଞ୍ଚାଇପାରୁ ନାହାନ୍ତି। ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ଡବଲ ଇଞ୍ଜିନ ସରକାର ଆବଶ୍ୟକ। ଭାଜପା କ୍ଷମତାକୁ ଆସିଲେ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ସହ ବୋନସ, ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ମାସିକ ଏକହଜାର ଟଙ୍କା, ଗରିବ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ, ୩ ଶହ ୟୁନିଟ ବିଜୁଳି ମାଗଣା, ଖାଦ୍ୟ ନିରାପତ୍ତା ଯୋଜନାରେ ପ୍ରତି ପରିବାରକୁ ମାଗଣାରେ ଚାଉଳ, ବେକାର ଯୁବତୀଯୁବକଙ୍କୁ ରୋଜଗାର ଦିଆଯିବ ବୋଲି କହିଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ସିଂଦେଓ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ସୁନାଦେଈ ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗେ, ସାଧାରଣ ସମ୍ପାଦକ ତୁଳସ ପଟେଲ, ଦୃଷ୍ଟିଚନ୍ଦ୍ର ମାଝି, କମଲେଶ ଦୀକ୍ଷିତ, ଗୋଲଡି ଅଗ୍ରୱାଲ, ଗୋବର୍ଦ୍ଧନ ସୁନା, ସଦାନନ୍ଦ ଯୋଶୀ, ଅଭିଜିତ ପଣ୍ଡା, ମୁନା ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ପ୍ରାର୍ଥୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଭୋଟ ଭିକ୍ଷା କରୁଛନ୍ତି।

## ନୂଆପଡ଼ା ଗସ୍ତରେ ଆସି ଭୋଟ ଭିକ୍ଷା କଲେ କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ଶିବସେନା(ୟୁବିଟି) ନେତାଙ୍କୁ ନେବାକୁ ଆସିଥିବା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

**ମୁମ୍ବାଇ,୩।୫:** ନିର୍ବାଚନ ପ୍ରଚାର ପାଇଁ ଶିବସେନା (ୟୁବିଟି) ନେତ୍ରୀ ସୁଷମା ଆନ୍ଧାରେଙ୍କୁ ନେବାକୁ ଆସିଥିବା ଏକ ହେଲିକପ୍ଟର ଶୁକ୍ରବାର ସକାଳେ ମହାରାଷ୍ଟ୍ରର ରାଇଗଡ଼ ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ପାଇଲଟ୍ ଆହତ ହୋଇଥିବାବେଳେ ହେଲିକପ୍ଟରର ରୋଟର ବ୍ଲେଡ୍ ନଷ୍ଟ ହୋଇଯାଇଛି। ଶୁକ୍ରବାର ସକାଳ ସାଢ଼େ ୯ଟା ବେଳେ ହେଲିକପ୍ଟରଟି ମାହାଦ ଅଞ୍ଚଳରେ ଅବତରଣ କଲାବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ଏହା ଢଳିଯାଇ ଖସିପଡ଼ିଥିଲା।

### ଏଚ୍.ଡି. ରେଭନ୍ନାଙ୍କ ବିରୋଧରେ ଅପହରଣ, ଅସଦାଚରଣ ଅଭିଯୋଗ



**ମହୀଶୂର,୩।୫:** କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. ରେଭନ୍ନା ତାଙ୍କ ଘରେ ଚାକରାଣୀ ଭାବେ କାମ କରୁଥିବା ଜଣେ ମହିଳାଙ୍କୁ ଅପହରଣ କରିନେଇ ଯୌନ ନିର୍ଯାତନା ଦେଇଥିବା ତାଙ୍କ ପୁଅ ଅଭିଯୋଗ ଆଣିଛନ୍ତି। ଅପହରଣରେ ରେଭନ୍ନାଙ୍କର ଜଣେ ପୂର୍ବତନ ସହଯୋଗୀ ସମ୍ପୃକ୍ତ। ଉକ୍ତ ଏତଲା ଆଧାରରେ ରେଭନ୍ନାଙ୍କୁ ଦ୍ୱିତୀୟ ନୋଟିସ୍ ଜାରି କରାଯାଇଥିବା କର୍ଣ୍ଣାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର ଶୁକ୍ରବାର କହିଛନ୍ତି। ରେଭନ୍ନା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ। ରେଭନ୍ନାଙ୍କ ପୁଅ ତଥା ହାସନ ଏମ୍ପି ପ୍ରଜ୍ୱଳ ରେଭନ୍ନା ସମ୍ପୃକ୍ତ ଥିବା ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଲୋକ ସଭା ନିର୍ବାଚନରେ ହାସନ ଆସନରୁ ଭାଜପା ଏବଂ ଜେଡିଏସ୍‌ର ମିଳିତ ପ୍ରାର୍ଥୀ ହୋଇଥିବା ପ୍ରଜ୍ୱଳ ଜର୍ମାନ ପଳାଇଯାଇଛନ୍ତି।

### କାନାଡା ପୋଲିସ ପିଛା କରିବାରୁ ଦୁର୍ଘଟଣା

### ଭାରତୀୟ ଦମ୍ପତି, ଶିଶୁଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୩।୫:** କାନାଡାରେ ଏକ ସଡ଼କ ଦୁର୍ଘଟଣାରେ ଭାରତୀୟ ଦମ୍ପତି ଓ ସେମାନଙ୍କର ୩ ମାସର ନାତିଙ୍କ ମୃତ୍ୟୁ ଘଟିଛି। ମଦ ଦୋକାନରୁ ଡକାୟତି ଘଟଣାରେ ଓଣ୍ଟାରିଓ ପୋଲିସ ସନ୍ଦିଗ୍ଧଙ୍କୁ ଧରିବା ପାଇଁ ପିଛା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ହାବୁଡ଼ରୁ ଖସିଯିବା ପାଇଁ ସନ୍ଦିଗ୍ଧ ଭୁଲ୍ ରୁଟ୍‌ରେ ଗାଡ଼ି ନେବାରୁ ଭାରତୀୟ ପରିବାର ଯାତ୍ରା କରୁଥିବା ଗାଡ଼ିକୁ ଏହା ଧକ୍କା ଦେଇଥିଲା। ଦୁର୍ଘଟଣାରେ ସନ୍ଦିଗ୍ଧ ଡକାୟତଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଓଣ୍ଟାରିଓର ସ୍ୱତନ୍ତ୍ର ତଦନ୍ତକାରୀ ୟୁନିଟ୍ (ଏସ୍‌ଆଇୟୁ) ଦୁର୍ଘଟଣାର ତଦନ୍ତ କରୁଛି। ମୃତ ଭାରତୀୟ ଦମ୍ପତି କାନାଡ଼ାକୁ ଭ୍ରମଣରେ ଯାଇଥିଲେ। ଗାଡ଼ିରେ ସେମାନଙ୍କ ସହ ମୃତ ଶିଶୁର ମାଆବାପା ମଧ୍ୟ ରହିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# କଂଗ୍ରେସ ଗଡ଼ରେ ବିଗ୍ ଫାଇଟ୍

**ଦିଲ୍ଲୀରେ କ୍ଷମତା ଦଖଲ କରିବାକୁ ହେଲେ ଉତ୍ତରପ୍ରଦେଶ ଦେଇ ଯିବାକୁ ପଡ଼ିଥାଏ। ଏଥିପାଇଁ ସବୁଠୁ ବଡ଼ ରାଜ୍ୟ ୟୁପିର ସମସ୍ତ ୮୦ ଆସନ ଦଖଲ ଲକ୍ଷ୍ୟରେ ରହିଛି ଭାରତୀୟ ଜନତା ପାର୍ଟି (ଭାଜପା)। ହ୍ୟାଟ୍ରିକ୍ ଆଶାୟୀ ଶାସକ ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପର୍ଯ୍ୟନ୍ତ ଭାଜପା ନେତାମାନେ କୌଣସି ସୁଯୋଗକୁ ହାତଛଡ଼ା କରୁନାହାନ୍ତି। ଏଭଳି ସ୍ଥଳେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଭାଜପାକୁ ମାଗଣାରେ ୱାକ୍‌ଓଭର ଦେବାକୁ ଚାହୁଁନାହିଁ। ଏହି କାରଣରୁ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ୟୁପିର ରାଏବରେଲି ଓ ଅମେଠି ଗଡ଼ରେ କଂଗ୍ରେସ ଜୋର୍‌ଦାର ଲଢ଼େଇ ପାଇଁ ବଳ କଷିଛି। ୱାୟନାଡ୍ ପରେ ମା' ସୋନିଆ ଗାନ୍ଧୀଙ୍କ ସଂସଦୀୟ ଆସନ ରାଏବରେଲିରୁ ରାହୁଲ ଗାନ୍ଧୀ ପ୍ରାର୍ଥୀ ହୋଇ ଭାଜପାକୁ ଚ୍ୟାଲେଞ୍ଜ ଦେଇଥିବାବେଳେ ଗତ ସାଧାରଣ ନିର୍ବାଚନ ବେଳେ ସେ ପରାଜିତ ହୋଇଥିବା ଅମେଠି ଆସନରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ସହ ବିଗ୍ ଫାଇଟ୍ ପାଇଁ ଅଣ୍ଟା ଭିଡ଼ିଛନ୍ତି ଲୋକାଲ୍ ଭେଟେରାନ୍ କେ.ଏଲ୍. ଶର୍ମା।**

ରାଏବରେଲି/ନୂଆଦିଲ୍ଲୀ,୩।୫
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ରାଏବରେଲି



ରାହୁଲ ଗାନ୍ଧୀ (କଂଗ୍ରେସ)



ଦୀନେଶ ପ୍ରତାପ ସିଂ (ଭାଜପା)

ଅମେଠି



କିଶୋରୀ ଲାଲ୍ ଶର୍ମା (କଂଗ୍ରେସ)



ସ୍ମୃତି ଇରାନୀ (ଭାଜପା)

ସର୍ବପୁରାତନ ଦଳ କଂଗ୍ରେସ ଶୁକ୍ରବାର ସକାଳେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଦୁଇ ହାଇପ୍ରୋଫାଇଲ ଆସନରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କଲା। ରାଏବରେଲିରୁ ରାହୁଲ ଗାନ୍ଧୀ ଓ ଅମେଠିରୁ କିଶୋରୀ ଲାଲ୍ ଶର୍ମାଙ୍କ ନାମ ଘୋଷଣା ପରେ ଭାଜପା ଶିବିରରେ ଛନକା ପଶିଲା। କାରଣ ରାଏବରେଲି ହେଉଛି କଂଗ୍ରେସର ସବୁଠୁ ସୁରକ୍ଷିତ ଆସନ। ଏହି ସଂସଦୀୟ କ୍ଷେତ୍ରରେ ୨୦ ନିର୍ବାଚନ ମଧ୍ୟରୁ ଅଦ୍ୟାବଧି ୧୭ ଥର କଂଗ୍ରେସ ଜିତିଛି। ତେବେ ଇତିହାସ ଏଠି ଅଡୁଆ ଅନୁଭୂତିକୁ ମଧ୍ୟ ଲିପିବଦ୍ଧ କରିଛି, ଯେତେବେଳେ କ୍ଷମତାରେ ଥାଇ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ଜରୁରିକାଳୀନ ପରିସ୍ଥିତି ପରେ ୧୯୭୭ରେ ରାଏବରେଲିରେ ଅନୁଷ୍ଠିତ ନିର୍ବାଚନରେ ଇନ୍ଦିରାଙ୍କୁ ଜନତା ପାର୍ଟିର ରାଜ ନାରାୟଣ ହରାଇଥିଲେ। ଏହା ପୂର୍ବରୁ ଏହି ଆସନରୁ ଇନ୍ଦିରାଙ୍କ ସ୍ୱାମୀ ତଥା ରାହୁଲଙ୍କ ଜେଜେ ଫିରୋଜ ଗାନ୍ଧୀ ପ୍ରତିନିଧିତ୍ୱ କରିଥିଲେ। କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ରାଏବରେଲିବାସୀ ୨ ଦଶନ୍ଧି ଧରି ପ୍ରତିନିଧିତ୍ୱର ସୁଯୋଗ ଦେଇଥିଲେ। ଏପରି କି ୨୦୧୪ ଓ ୨୦୧୯ରେ ଭାଜପା ସପକ୍ଷରେ ପ୍ରବଳ ହାୱା ସତ୍ତ୍ୱେ କଂଗ୍ରେସ ନିଜ ସମର୍ଥନ ହରାଇ ନ ଥିଲା। ସୋନିଆ ନିକଟରେ ଏହି ଆସନ ନିଜ ପୁଅଙ୍କ ପାଇଁ ଛାଡ଼ିଦେଇ ରାଜସ୍ଥାନରୁ ରାଜ୍ୟ ସଭାକୁ ଯାଇଛନ୍ତି। ୨୦୧୯ରେ ସୋନିଆଙ୍କଠାରୁ ହାରିଥିବା ଭାଜପାର ଦୀନେଶ ପ୍ରତାପ ସିଂ ଏଥର ରାହୁଲଙ୍କ ବିଗ୍ ଚ୍ୟାଲେଞ୍ଜର ଭାବେ ଉଭା ହୋଇଛନ୍ତି। ୩ ଥର ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ହୋଇସାରିଥିବା ଦୀନେଶ ୨୦୧୮ରେ ଭାଜପାରେ ମିଶିଥିଲେ। ସେ ଗତ ଥର ସୋନିଆଙ୍କଠାରୁ ୧.୬ ଲକ୍ଷ ଭୋଟ ବ୍ୟବଧାନରେ ହାରିଥିଲେ। କିନ୍ତୁ ରାହୁଲଙ୍କୁ ହରାଇବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଠାକୁର ସମ୍ପ୍ରଦାୟ ଉପରେ ପ୍ରଭାବ ରଖୁଥିବା ଦୀନେଶ କହିଛନ୍ତି, ରାଏବରେଲିକୁ ଯେଉଁ ଗାନ୍ଧୀ ଆସିଲେ ବି ତାଙ୍କୁ ଫରକ୍ ପଡ଼ିବ ନାହିଁ।

କଂଗ୍ରେସର ଅମେଠି ପିକ୍ କିଶୋରୀ ଲାଲ୍ ଶର୍ମା ହେଉଛନ୍ତି ଗାନ୍ଧୀ ପରିବାରର ଦୀର୍ଘ ଘନିଷ୍ଠ। ପଞ୍ଜାବର ଲୁଧିଆନା ବାସିନ୍ଦା ଶର୍ମା ଦୁଇଟିଯାକ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ଏମ୍ପିଙ୍କ ପ୍ରତିନିଧି ରୂପେ କାର୍ଯ୍ୟ କରିଛନ୍ତି। ଗଣମାଧ୍ୟମକୁ ଶର୍ମା କହିଛନ୍ତି, ଅମେଠିରେ ସେ ୪୦ ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ଭଳି ଜଣେ ସାଧାରଣ କର୍ମୀଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ସେ କଂଗ୍ରେସ ପ୍ରତି କୃତଜ୍ଞ। ୧୯୮୭ରେ ଶର୍ମା ଯୁବ କଂଗ୍ରେସ ସଦସ୍ୟ ଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ତାଙ୍କୁ ଅମେଠିକୁ ଆଣିଥିଲେ। ପରିସ୍ଥିତି ଏପରି ହେଲା ଯେ ସେ ସେଠାରେ ରହିଗଲେ ବୋଲି ନାମାଙ୍କନପତ୍ର ଦାଖଲ ପାଇଁ ରୋଡ୍ ଶୋ' ସମୟରେ ଶର୍ମା ସ୍ମୃତିଚାରଣ କରିଛନ୍ତି। ଶର୍ମାଙ୍କ ପ୍ରତିଶ୍ରୁତିବଦ୍ଧତା ଓ କର୍ତ୍ତବ୍ୟପରାୟଣ ମନୋଭାବ ତାଙ୍କ ବିଜୟକୁ ସୁନିଶ୍ଚିତ କରିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏକ୍ସ'ରେ ପୋଷ୍ଟ କରିଛନ୍ତି। ରାଏବରେଲି ଭଳି ଅମେଠି ମଧ୍ୟ ଦୀର୍ଘ ବର୍ଷ ଧରି ଗାନ୍ଧୀ ପରିବାରର ଦୁର୍ଗ ରହିଆସିଥିଲା। ଏଠାରୁ ସଞ୍ଜୟ ଗାନ୍ଧୀ, ରାଜୀବ, ସୋନିଆ ଓ ରାହୁଲ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ତେବେ ଗାନ୍ଧୀ ପରିବାରର ଅନୁଗତ ଶର୍ମା ଏବଂ ଅମେଠିରେ ଘର କରିସାରିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ମଧ୍ୟରୁ ଭୋଟର କାହାକୁ ପସନ୍ଦ କରିବେ ଜୁନ୍ ୪ରେ ଜଣାପଡ଼ିବ।

### ଭାଗୋ ରାହୁଲ ଭାଗୋ



ସର୍ବପୁରାତନ ଦଳ ଏଥର ସର୍ବକାଳୀନ କମ୍ ଆସନ ପାଇବ। ଏପରି କି ୫୦ ଆସନ ଦଖଲ ପାଇଁ କଂଗ୍ରେସକୁ ବହୁ ସଂଘର୍ଷ କରିବାକୁ ପଡ଼ିବ। ସୋନିଆ ଗାନ୍ଧୀ ରାଏବରେଲିରେ ପରାଜୟ ଭୟରେ ରାଜସ୍ଥାନ ଦେଇ ରାଜ୍ୟ ସଭାକୁ ଗଲେ। ତାଙ୍କ ପୁଅ ରାହୁଲ ଅମେଠିରେ ପରାଜିତ ହେବା ପରେ ୱାୟନାଡ୍‌ରେ ନିଶ୍ଚିତ ହାରିବେ ବୋଲି ଜାଣି ଏବେ ୟୁପିର ରାଏବରେଲିକୁ ଧାଇଁଛନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ, ପଶ୍ଚିମବଙ୍ଗର ବର୍ଦ୍ଧମାନରେ ଭାଜପା ସଭାରୁ**

### ୭ରେ କେଜ୍‌ରିୱାଲଙ୍କ ଜାମିନ ଶୁଣାଣି

**ପ୍ରସ୍ତୁତ ହୋଇ ଆସିବାକୁ ଇଡିକୁ କହିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୩।୫

ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଆସନ୍ତା ୭ ତାରିଖରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନର ବିଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ ସେ ନିର୍ବାଚନ ପ୍ରଚାରରେ ନିଜକୁ ସାମିଲ କରିପାରିବେ। ସେଥିପାଇଁ ପ୍ରସ୍ତୁତ ହୋଇ ଆସିବାକୁ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତରଫରୁ ମାମଲା ଲଢୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି। ବର୍ତ୍ତମାନ ରଦ୍ଦ ହୋଇଥିବା ଦିଲ୍ଲୀ ଅବକାରୀ ନୀତିରେ ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି ଅଧିକାରୀମାନେ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିଥିଲେ। ତଳକୋର୍ଟରୁ କୌଣସି ସହାୟତା ନ ମିଳିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁର୍ନୀତି ମାମଲାରେ ଗିରଫ ହେବାରେ କେଜ୍‌ରିୱାଲ ହେଉଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ତୃତୀୟ ଶୀର୍ଷ ନେତା। ପୂର୍ବରୁ ମନୀଷ ସିସୋଡିଆ ଏବଂ ସଞ୍ଜୟ ସିଂ ଗିରଫ ହୋଇଥିଲେ। ସଞ୍ଜୟ ଏବେ ଜାମିନରେ ବାହାରିଛନ୍ତି। କେଜ୍‌ରିୱାଲଙ୍କ ଓକିଲ ଅଭିଷେକ ମନୁ ସିଂଘଭି କୋର୍ଟଙ୍କୁ କହିଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ। ସେ ଇଡିଙ୍କ ୯ଟି ଯାକ ସମନର ଜବାବ ଦେଇଥିଲେ। ହାଜର ନ ହେବାକୁ ଗିରଫର କାରଣ କୁହାଯାଇପାରିବ ନାହିଁ ବୋଲି ସିଂଘଭି କହିଥିଲେ।

**ଜିଏସ୍‌ଟି ଆଇନର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ**

### କେନ୍ଦ୍ରକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୫

ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଆଇନରେ ଜାରି ହୋଇଥିବା ନୋଟିସ ଏବଂ ଗିରଫଦାରି ସମ୍ପର୍କିତ ସବିଶେଷ ତଥ୍ୟ ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକଙ୍କୁ ସେମାନଙ୍କ ସ୍ୱାଧୀନତାରୁ ବଞ୍ଚିତ କରାଇ ହଇରାଣ କରାଯାଉଥିଲେ, ସେଥିରୁ ସୁରକ୍ଷା ଦେବା ପାଇଁ ଆଇନର ବ୍ୟାଖ୍ୟା କରାଯିବା ସହ ଉପଯୁକ୍ତ ଗାଇଡ୍‌ଲାଇନ ଆଣିବାକୁ ପଡ଼ିପାରେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜିଏସ୍‌ଟି ଆଇନ, ସୀମାଶୁଳ୍କ ଆଇନ ଏବଂ ପିଏମ୍‌ଏଲ୍‌ଏର ବିଭିନ୍ନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ୧୨୮ଟି ପିଟିଶନ ଦାଏର ହୋଇଥିବାବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଜିଏସ୍‌ଟି ଆଇନର ଧାରା ୬୯ରେ ରହିଥିବା ଗିରଫ କ୍ଷମତାକୁ ନେଇ ପିଟିଶନରେ ଚିନ୍ତା ପ୍ରକଟ କରାଯାଇଥିଲା। ଆବଶ୍ୟକ ହେଲେ ନାଗରିକ ସ୍ୱାଧୀନତାକୁ ସୁଦୃଢ଼ କରିବା ପାଇଁ ଆଇନର ବ୍ୟାଖ୍ୟା କରିବୁ କିନ୍ତୁ ନାଗରିକଙ୍କୁ ହଇରାଣ ହେବାକୁ ଦେବୁନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଗତ ୩ ବର୍ଷରେ ୧ରୁ ୫ କୋଟି ଟଙ୍କାର ଟିକସ ଫାଙ୍କି ଅଭିଯୋଗରେ ଜିଏସ୍‌ଟି ଆଇନରେ ଜାରି ହୋଇଥିବା ନୋଟିସ ଓ ଗିରଫଦାରି ସମ୍ପର୍କରେ ତଥ୍ୟ ଦାଖଲ କର ବୋଲି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ତରଫରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି। ଜିଏସ୍‌ଟି ବ୍ୟବସ୍ଥାରେ ତ୍ରୁଟି ଥିଲେ, ତାହାକୁ ଆମେ ଠିକ୍ କରିବୁ ବୋଲି ସର୍ବୋଚ୍ଚ ଅଦାଲତ ଜଣାଇଦେଇଛନ୍ତି।

### ସମାନ ନାମଧାରୀ ପ୍ରାର୍ଥୀଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ଦେଇ ହେବନି

ନୂଆଦିଲ୍ଲୀ,୩।୫



କୌଣସି ରାଜନେତାଙ୍କ ନାଁ ଅନ୍ୟ ପ୍ରାର୍ଥୀଙ୍କ ସହ ସମାନ ହୋଇଥିଲେ, ତାହା ତାଙ୍କ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ଅଧିକାରକୁ ପ୍ରଭାବିତ କରେନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେଣୁ ଜଣେ ପ୍ରାର୍ଥୀଙ୍କର ଅନ୍ୟ ରାଜନେତାଙ୍କ ସହ ସମାନ ନାଁ ରହିଥିଲେ, ତାଙ୍କୁ ନିର୍ବାଚନରୁ ଓହରିଯିବା ପାଇଁ କୁହାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ନିର୍ବାଚନରେ ସମାନ ନାମଧାରୀ ପ୍ରାର୍ଥୀଙ୍କୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ଜରୁରୀ ପଦକ୍ଷେପ ନେବା ନିମନ୍ତେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦାଏର ହୋଇଥିବା ପିଟିଶନକୁ ଜଷ୍ଟିସ ବି.ଆର୍. ଗଭାଇ, ସତୀଶ ଚନ୍ଦ୍ର ଶର୍ମା ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଯଦି ଜନ୍ମରୁ କାହାର ନାଁ ରାହୁଲ ଗାନ୍ଧୀ କିମ୍ବା ଲାଲୁ ପ୍ରସାଦ ଯାଦବ ଥାଏ, ତାଙ୍କୁ ନିର୍ବାଚନ ଲଢ଼ିବାରୁ କିପରି ବଞ୍ଚିତ କରାଯିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏଭଳି ହେଲେ ତାହା ସେମାନଙ୍କ ଅଧିକାରକୁ ପ୍ରଭାବିତ କରିବ ନାହିଁ କି ବୋଲି ଅଦାଲତ ପଚାରିଥିଲେ। ଏଥିସହିତ ଆବେଦନକାରୀ ସାବୁ ଷ୍ଟିଫେନ୍‌ଙ୍କ ତରଫରୁ ଉପସ୍ଥିତ ଥିବା ଆଇନଜୀବୀ ଭି.କେ. ବିଜୁଙ୍କୁ ପିଟିଶନ ପ୍ରତ୍ୟାହାର କରିନେବା ପାଇଁ ଖଣ୍ଡପୀଠ ଅନୁମତି ଦେଇଥିଲେ।

### ଚନ୍ଦ୍ର ଅଭିମୁଖେ ଚାଇନାର ଚାଙ୍ଗ୍'ଇ-୬

ନୂଆଦିଲ୍ଲୀ,୩।୫

**ଦକ୍ଷିଣ ମେରୁରୁ ଶିଳା ଆଣିବ**



ଚନ୍ଦ୍ରର ଦକ୍ଷିଣ ମେରୁରୁ ଶିଳା ଓ ମୃତ୍ତିକା ସଂଗ୍ରହ କରି ଆଣିବା ପାଇଁ ଚାଇନା ଏହାର ମହାକାଶ ଯାନ ଚାଙ୍ଗ୍'ଇ-୬କୁ ଶୁକ୍ରବାର ଲଞ୍ଚ୍ କରିଛି। ୱେନ୍‌ଚାଙ୍ଗ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଲଙ୍ଗ ମାର୍ଚ୍ଚ-୫ ରକେଟ ସହାୟତାରେ ଏହି ମହାକାଶ ଯାନକୁ ଚନ୍ଦ୍ର ଅଭିମୁଖେ ଉତ୍କ୍ଷେପଣ କରାଯାଇଛି। ଚନ୍ଦ୍ର ଦକ୍ଷିଣ ମେରୁରୁ ମୃତ୍ତିକା ସଂଗ୍ରହ କରି ଆଣିବାରେ ଏହା ବିଶ୍ୱର ପ୍ରଥମ ମିଶନ ହେବାକୁ ଯାଉଛି। ଉକ୍ତ ମୃତ୍ତିକା ଓ ଶିଳା ନମୁନା ଚନ୍ଦ୍ର ପୃଷ୍ଠଭାଗର ଗଠନ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ଦେଇପାରିବ ବୋଲି କୁହାଯାଉଛି। ଚାଙ୍ଗ'ଇ-୬ ଚନ୍ଦ୍ର ଦକ୍ଷିଣ ମେରୁ-ଐଟକେନ୍ (ଏସ୍‌ପିଏ) ବେସିନ୍ ଅନ୍ତର୍ଗତ ଆପୋଲୋ ଗର୍ତ୍ତ ନିକଟରେ ଅବତରଣ କରିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ପୁରାତନ ବେସିନ୍ ଉପରେ ପଡ଼ିଥିବା ବଡ଼ ପ୍ରଭାବରୁ ଚନ୍ଦ୍ରର ଗଠନ ସମ୍ପର୍କରେ ମୂଲ୍ୟବାନ ତଥ୍ୟ ମିଳିପାରେ ବୋଲି କୁହାଯାଉଛି।

### ବିଶ୍ୱର ୪୬% ଆଜ୍‌ମା ମୃତ୍ୟୁ ଭାରତରେ

ନୂଆଦିଲ୍ଲୀ,୩।୫



ଭାରତରେ ପ୍ରତିବର୍ଷ ହାରାହାରି ୨ ଲକ୍ଷ ଲୋକ ଆଜ୍‌ମା ଯୋଗୁ ମୃତ୍ୟୁ ମୁଖରେ ପଡୁଛନ୍ତି। ସମଗ୍ର ବିଶ୍ୱରେ ଆଜ୍‌ମାଜନିତ ମୃତ୍ୟୁର ଏହା ୪୬ ପ୍ରତିଶତ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏହି ରୋଗକୁ ଯଦି ଆଗୁଆ ଚିହ୍ନଟ କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଏ ତେବେ ଆଜ୍‌ମାରେ କେହି ମରିବେ ନାହିଁ। କାରଣ ଏବେ ଅଧିକ ପ୍ରଭାବୀ ଏବଂ ନିରାପଦ ଚିକିତ୍ସା ପଦ୍ଧତି ବାହାରିଲାଣି ବୋଲି ପୁଣେର ପୁଲ୍‌ମୋକେୟାର ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ସୁନ୍ଦିପ୍ ସାଲ୍‌ଭି କହିଛନ୍ତି। ଆସନ୍ତା ୭ ତାରିଖ ବିଶ୍ୱ ଆଜ୍‌ମା ଦିବସ ପୂର୍ବରୁ ଏଭଳି ରିପୋର୍ଟ ପ୍ରକାଶ ପାଇଛି। ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍, ୨୦୨୧ ରିପୋର୍ଟ ଅନୁଯାୟୀ ବିଶ୍ୱର ମୋଟ ଆଜ୍‌ମାଜନିତ ମୃତ୍ୟୁର ୪୬ ପ୍ରତିଶତ ଭାରତରେ ଘଟୁଛି। ୨୦୧୯ ରିପୋର୍ଟରେ ଏହି ହାର ୪୩ ପ୍ରତିଶତ ରହିଥିଲା। ସଦ୍ୟ ରିପୋର୍ଟ ଅନୁଯାୟୀ ଭାରତର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆଜ୍‌ମା ରୋଗୀ ଇନ୍‌ହେଲ୍‌ଡ କୋର୍ଟିକୋଷ୍ଟେରଏଡ୍ ବ୍ୟବହାର କରି ନ ଥାନ୍ତି ବୋଲି ଡ. ସାଲଭି କହିଛନ୍ତି। ଏହା ବଦଳରେ ସେମାନେ କେବଳ ବ୍ରୋଙ୍କୋଡିଲେଟର ଡ୍ରଗ୍ ନେଇଥାନ୍ତି, ଯାହା ଅଧିକ ଯନ୍ତ୍ରଣା ଦେବା ସହ ମୃତ୍ୟୁର କାରଣ ହୋଇଥାଏ।

ଆଜ୍‌ମା ଏକ ବଂଶଗତ ରୋଗ, ଯାହା ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଆସିଥାଏ। ତେବେ ବାୟୁ ପ୍ରଦୂଷଣ ଆଜ୍‌ମା ସଂକ୍ରମଣକୁ ବଢ଼ାଇଥାଏ। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ଆଜ୍‌ମାର ସାଧାରଣ ଲକ୍ଷଣ। ଏଥିସହିତ କାଶ, ଛାତି ଯନ୍ତ୍ରଣା, ଛାତିରେ ଏକପ୍ରକାର ଶବ୍ଦ ହେବା ଆଦି ଅନ୍ୟ ଲକ୍ଷଣ ମଧ୍ୟ ଦେଖାଦେଇଥାଏ। ତେବେ ସ୍ପିରୋମେଟ୍ରି ଉପକରଣର ବ୍ୟବହାର ଅଭାବରୁ ଭାରତରେ ଆଜ୍‌ମାର ନିଦାନ ବହୁତ ଦୁର୍ବଳ। ଭାରତରେ ଅଧିକ ପିଲା ଆଜ୍‌ମାରେ ଆକ୍ରାନ୍ତ ହେଉଥିବା ଡ. ସାଲ୍‌ଭି କହିଛନ୍ତି।

## ଫୁର୍‌ସତ୍

### ଶ୍ରେଣୀଗୃହ ପାଲଟିଲା ସୁଇମିଂପୁଲ୍

**କନୌଜ:** ଭାରତର ଅଧିକାଂଶ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଏଥିମଧ୍ୟରେ ପାଣିପାଗ ବିଭାଗ ତରଫରୁ କେତେକ ରାଜ୍ୟରେ ହିଟ୍ ୱେଭ ଆକଳନ ଯୋଗୁ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ତେବେ ଯେଉଁଠାରେ ବିଦ୍ୟାଳୟ ଖୋଲା ରହିଛି, ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ପଠାଉନାହାଁନ୍ତି। ଏଭଳି ସ୍ଥିତିରେ ଉତ୍ତରପ୍ରଦେଶର କନୌଜ ଜିଲାର ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ପିଲାମାନଙ୍କୁ ସ୍କୁଲ ଆଣିବା ପାଇଁ ଏକ ନିଆରା ଉପାୟ ଆପଣାଇଛନ୍ତି।



ସେମାନେ ଉକ୍ତ ବିଦ୍ୟାଳୟର ଏକ ଶ୍ରେଣୀଗୃହକୁ ପାଣିରେ ପରିପୂର୍ଣ୍ଣ ଗୋଟିଏ ସୁଇମିଂ ପୁଲ୍‌ରେ ପରିଣତ କରିଛନ୍ତି। ଶିକ୍ଷକମାନଙ୍କର ଏହି କୌଶଳ କାମ କରିଛି। ପ୍ରଚଣ୍ଡ ତାତି ସତ୍ତ୍ୱେ ସୁଇମିଂ ପୁଲ୍‌ରେ ଗାଧୋଇବା ଏବଂ ମଜା କରିବା ବାହାନାରେ ପିଲାମାନେ ବିଦ୍ୟାଳୟରେ ପହଞ୍ଚିଛନ୍ତି। ଶ୍ରେଣୀଗୃହରେ ନିର୍ମିତ ଏହି ସୁଇମିଂ ପୁଲ୍‌ରେ ପିଲାମାନେ ମଜା ନେଉଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରିପୋର୍ଟ ଅନୁଯାୟୀ ଏହି ଭିଡିଓ କନୌଜ ଜିଲାର ଉମର୍ଦା ବ୍ଲକର ମେହସୋନାପୁରସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟର। ଏଠାରେ କିଛିଦିନ ହେବ ତାପମାତ୍ରା ଲଗାତର ୪୦ରୁ ୪୨ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଥିଲା। ତେଣୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲକୁ ପଠାଉ ନ ଥିଲେ। ବିଦ୍ୟାଳୟରେ ପିଲାମାନଙ୍କ ଉପସ୍ଥାନ ବୃଦ୍ଧି କରିବା ପାଇଁ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ଶିକ୍ଷକମାନେ ଶ୍ରେଣୀଗୃହକୁ ସୁଇମିଂ ପୁଲ୍ ଭାବେ ପରିଣତ କରିଥିଲେ।

### 'ଲାହୋର ୧୯୪୭'ରେ ସନ୍ନି ଦେଓଲ



**ମୁମ୍ବାଇ:** 'ଗଦର ୨'ର ସଫଳତା ପରେ ସନ୍ନି ଦେଓଲ ଆଉ ଏକ ଦମଦାର ଚଳଚ୍ଚିତ୍ର 'ଲାହୋର ୧୯୪୭'ସହିତ ପୁଣି ଥରେ ପରଦାକୁ ଆସୁଛନ୍ତି। ଏହା ସଂପୂର୍ଣ୍ଣ ଭାବେ ଏକ ଆକ୍ସନ ଡ୍ରାମା ଫିଲ୍ମ ହେବ। ଏଥିରେ ସନ୍ନି ଦେଓଲଙ୍କ ସହ ପ୍ରୀତି ଜିଣ୍ଟାଙ୍କ ଜବରଦସ୍ତ ଯୋଡ଼ି ଦେଖିବାକୁ ମିଳିବ। ଦୀର୍ଘଦିନ ପରେ ପ୍ରୀତି ଚଳଚ୍ଚିତ୍ରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଆମୀର ଖାନ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ 'ଲାହୋର ୧୯୪୭' ରିଲିଜକୁ ନେଇ ଏକ ବଡ ଅପଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ୨୦୨୫ ଗଣତନ୍ତ୍ର ଦିବସ ଅବସରରେ ଆମୀର ଖାନ୍, ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଫିଲ୍ମ 'ଲାହୋର ୧୯୪୭' ରିଲିଜ ହେବ। ଚଳିତ ବର୍ଷ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ଚଳିତ ବର୍ଷ ଜୁନ ସୁଦ୍ଧା ଫିଲ୍ମର ଶୁଟିଂ ଶେଷ ହେବେ। ଚଳଚ୍ଚିତ୍ରରେ ସନ୍ନି ଦେଓଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ଏବଂ ଆମୀର ଖାନ୍‌ଙ୍କୁ ଏକ କେମିଓ ଭୂମିକାରେ ଦେଖିବାକୁ ମିଳିବ। ପ୍ରୀତିଙ୍କ ବ୍ୟତୀତ ଶବାନା ଆଜ୍‌ମୀ ମଧ୍ୟ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଅଭିମନ୍ୟୁ ସିଂ ଫିଲ୍ମରେ ଭିଲେନ ଭୂମିକାରେ ନଜର ଆସିବେ। ଏହା ବ୍ୟତୀତ ଅଲି ଫଜଲଙ୍କର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଏହି ଚଳଚ୍ଚିତ୍ରକୁ ରାଜକୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଉଥିବାବେଳେ ଫିଲ୍ମର ନିର୍ମାତା ହେଉଛନ୍ତି ଆମୀର ଖାନ୍। ଫିଲ୍ମରେ ସନ୍ନି ଦେଓଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

# କଂଗ୍ରେସ ଜିତିଲେ ସମ୍ବିଧାନ ସୁରକ୍ଷିତ ରହିବ: ରାହୁଲ



ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମାଲୁ ଭାଟି ବିକ୍ରମାରକାଙ୍କୁ ସମ୍ମାନିତ କରୁଛନ୍ତି ଏମ୍‌ପି ସପ୍ତଗିରି ଉଲାକା ଓ ଅନ୍ୟମାନେ।

## ରାୟଗଡ଼ାରେ କଂଗ୍ରେସର ସମାବେଶ

ରାୟଗଡ଼ା,୩।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ କଂଗ୍ରେସ ସମାବେଶକୁ ଶୁକ୍ରବାର ଭର୍ଚୁଆଲ ମୋଡ୍‌ରେ ସମ୍ବୋଧନ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏହି ଜନସଭାରେ ସେ କଂଗ୍ରେସର ୫ ଗ୍ୟାରେଣ୍ଟି କଥା କହିଛନ୍ତି। ଆଗାମୀ ନିର୍ବାଚନରେ କଂଗ୍ରେସ ଜିତିଲେ ସମ୍ବିଧାନ ସୁରକ୍ଷିତ ହେବ ଓ ଲୋକତନ୍ତ୍ରର ବିଜୟ ହେବ ବୋଲି ସେ କହିଛନ୍ତି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସକୁ ଜିତାଇବାକୁ ଭିଡିଓ ବାର୍ତ୍ତାରେ ଓଡ଼ିଶାବାସୀଙ୍କୁ ରାହୁଲ ଅନୁରୋଧ କରିଛନ୍ତ। ସେ ପୁଣି କହିଛନ୍ତି, ଏଥର ଯଦି କେନ୍ଦ୍ରରେ ଭାଜପା ସରକାର ଆସେ, ତେବେ ସମ୍ବିଧାନ ଓ ଲୋକତନ୍ତ୍ର ଶେଷ କରିବା ପାଇଁ ପଦକ୍ଷେପ ନେବ। ଏହାଦ୍ୱାରା ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ସଂରକ୍ଷଣ ସୁବିଧା ଆଉ ପାଇବେ ନାହିଁ ବୋଲି ରାହୁଲ କହିଛନ୍ତି।

ଶନିବାର ରାୟଗଡ଼ା ଜେଏସ୍‌କୋ ପଡ଼ିଆରେ କୋରାପୁଟ ଏମ୍‌ପି ତଥା କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସପ୍ତଗିରି ଉଲାକାଙ୍କ ନେତୃତ୍ୱରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାହୁଲ ଭିଡିଓ ବାର୍ତ୍ତାରେ କଂଗ୍ରେସର ୫ଟି ଗ୍ୟାରେଣ୍ଟିର ମଧ୍ୟ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ରାହୁଲ ଗାନ୍ଧୀ ସମାବେଶରେ ଯୋଗଦେବା କାର୍ଯ୍ୟକ୍ରମ ଥିଲା। ତେବେ ରାଏବରେଲିରେ ନାମାଙ୍କନପତ୍ର ଦାଖଲ ପାଇଁ ସେ ରାୟଗଡ଼ା ଆସିପାରି ନ ଥିଲେ। ତେଣୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସେ ଲୋକଙ୍କୁ ସମ୍ବୋଧନ କରିଥିଲେ। କଂଗ୍ରେସ ସର୍ବଦା ଆଦିବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଆସିଛି ଏବଂ ଆଗକୁ ମଧ୍ୟ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ଭାଜପା ୨୫ ଜଣ ପୁଞ୍ଜିପତିଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ଛାଡ଼ କରିଛି। ଦେଶର ଧନ ସେମାନଙ୍କୁ ଦିଆଯାଉଛି। କଂଗ୍ରେସ ବିଜୟୀ ହେଲେ ପ୍ରତ୍ୟେକ ଗରିବ ପରିବାରର ମହିଳାଙ୍କ ଆକାଉଣ୍ଟକୁ ପ୍ରଥମେ ୧ ଲକ୍ଷ ଟଙ୍କା ଲେଖାଏ ଯିବ ବୋଲି ରାହୁଲ କହିଛନ୍ତି। ବେରୋଜଗାର ଯୁବତୀଯୁବକଙ୍କୁ ଚାକିରିର ଅଧିକାର ମିଳିବ। କୃଷକଙ୍କ ଋଣ ଛାଡ଼ ହେବ। ଶସ୍ୟର ସର୍ବନିମ୍ନ ଦର ବୃଦ୍ଧି ହେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ସମାବେଶରେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମାଲୁ ଭାଟି ବିକ୍ରମାର୍କା, ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ସଭାପତି ଭକ୍ତଚରଣ ଦାସ, ଏମ୍‌ପି ସପ୍ତଗିରି ଉଲାକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଏଆଇସିସି ସମ୍ପାଦକ ଶାହାନବାଜ ଚୌଧୁରୀ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପ୍ରସାଦ ହରିଚନ୍ଦନ, ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରକୁ କଡ଼ା ସମାଲୋଚନା କରିଥିଲେ। କୋରାପୁଟ ଲୋକ ସଭା ଓ ଏହା ଅନ୍ତର୍ଗତ ୭ଟି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଜୟପୁର ବିଧାୟକ ତାରାପ୍ରସାଦ ନିବେଦନ କରିଥିଲେ। ସପ୍ତଗିରି ନିଜ ନିର୍ବାଚନମଣ୍ଡଳୀରେ ଗତ ୫ବର୍ଷ ମଧ୍ୟରେ କ'ଣ କାମ କରିଛନ୍ତି ସେ ସମ୍ପର୍କରେ ରିପୋର୍ଟ ଦେଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିବ ବୋଲି ଅଜୟ କୁମାର ସୂଚନା ଦେଇଛନ୍ତି।

ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପିସିସି ସମ୍ପାଦକ ସୀମାଞ୍ଚଳ ଉଲାକା, ପିସିସି ମିଡିଆ ପ୍ରଭାରୀ ବିଶ୍ୱରଞ୍ଜନ ମହାନ୍ତି, ପୂର୍ବତନ ବିଧାୟକ ନିମାଇଁ ସରକାର, ଡିସିସି ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ସମ୍ପାଦକ ପାର୍ଥବର୍ଦ୍ଧନ, ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ, ସାଧାରଣ ସମ୍ପାଦକ ଗୌରୀ ପଟ୍ଟନାୟକ, ସମ୍ପାଦକ ଜଗନ୍ନାଥ ସାହୁ, ଏମ୍‌ପିଙ୍କ ପିଏ ବାପି ପଟ୍ଟନାୟକ ଓ ମୀରାବାଲି ସରପଞ୍ଚ ଅଶୋକ ପୁଆଲା ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ ବିଧାନସଭା ଆସନର ପ୍ରାର୍ଥୀ ଏଥିରେ ସାମିଲ ହୋଇଥିଲେ। ସମାବେଶରେ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା।

# ଆଜି ୩ ଲୋକ ସଭା କ୍ଷେତ୍ରରେ ପ୍ରଚାର କରିବେ ନବୀନ

ଭୁବନେଶ୍ୱର,୩।୫(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପୁଣି ପ୍ରଚାର ମଇଦାନକୁ ଓହ୍ଲାଇବେ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ଟି ଲୋକ ସଭା କ୍ଷେତ୍ର ମଧ୍ୟରୁ ୩ଟି ଲୋକ ସଭା କ୍ଷେତ୍ରରେ ନବୀନ ପ୍ରଚାର କରିବେ। କୋରାପୁଟ ଲୋକ ସଭା କ୍ଷେତ୍ରର କୋରାପୁଟ, ରାୟଗଡ଼ା ସହ ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପାରଳାଖେମୁଣ୍ଡିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ଭୋଟ ମାଗିବେ। ପୂର୍ବାହ୍ନ ୧୦ଟାରେ କୋରାପୁଟରେ ପହଞ୍ଚି ଜନସଭାକୁ ସେ ଉଦ୍‌ବୋଧନ ଦେବେ। ଏହାପରେ ୧୧ଟା ୪୦ରେ ନବରଙ୍ଗପୁରରେ ପହଞ୍ଚି ପ୍ରଚାର କରିବେ। ସେଠାରୁ ରାୟଗଡ଼ାରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଅପରାହ୍ନରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପାରଳାଖେମୁଣ୍ଡିରେ ଜନସଭାକୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନଙ୍କ ସହ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହିବେ।

# ଭୋଟରଙ୍କୁ ଆମୋଦିତ କରୁଛି ରାଜନୈତିକ ବଚନିକା

ନିମାପଡ଼ା,୩।୫
(ରଞ୍ଜନ ପଟ୍ଟନାୟକ)

ନିମାପଡ଼ାରେ ବିଭିନ୍ନ ରାଜନୈତିକ ବଚନିକା ନେଇ ଚର୍ଚ୍ଚା ଚାଲିଛି। 'ସମୀର ନାହିଁ ତ ନିମାପଡ଼ାରେ ଶଙ୍ଖ ନାହିଁ', 'ନବୀନ ଦେଲେନି ସମୀର ପାଇଲେନି', 'ୟୁଆଡ଼େ ବୁଲୁଛ ବୁଲ ଏଥର କିନ୍ତୁ ଫୁଲ' ଏବଂ 'କଂଗ୍ରେସକୁ ଦେଲେ ମଲ' ଇତ୍ୟାଦି ଶୁଣିବାକୁ ମିଳୁଛି। ଏହି ବଚନିକା ବର୍ତ୍ତମାନ କୌଣସି ସାମାଜିକ ଗଣମାଧ୍ୟମ ଜରିଆରେ ନୁହେଁ, ବରଂ ତୁଣ୍ଡବାଇଦ ମାଧ୍ୟମରେ ବ୍ୟାପିବାରେ ଲାଗିଛି। ପ୍ରମୁଖ ରାଜନୈତିକ ଦଳ ପରସ୍ପର ପ୍ରତି କଟାକ୍ଷ କରି ଏଭଳି ବଚନିକା ପ୍ରୟୋଗ କରୁଛନ୍ତି।

ସୂଚନାଯୋଗ୍ୟ, ବିଜେଡି ଏଥର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ବଦଳରେ ଦିଲୀପ ନାୟକଙ୍କୁ ଟିକେଟ ପ୍ରଦାନ କରିଛି। ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦଳର ମୁଖିଆଙ୍କ ଉପରେ ସମୀର ଅନେକ ଚାପ ପ୍ରୟୋଗ କରିଛନ୍ତି। କିଛିଦିନ ତଳେ ସେ ନିଜ ସମର୍ଥକଙ୍କ ସହ ନିମାପଡ଼ାରେ ବିଶାଳ ସମାବେଶ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରି ବିଜେଡି ନେତୃତ୍ୱଙ୍କୁ ଚାଲେଞ୍ଜ ଦେଇଥିଲେ। ତାଙ୍କ ସମର୍ଥକମାନେ 'ସମୀର ନାହିଁ ତ ନିମାପଡ଼ାରେ ଶଙ୍ଖ ନାହିଁ' ସ୍ଲୋଗାନରେ ଅଞ୍ଚଳ ପ୍ରକମ୍ପିତ କରିଥିଲେ। ଏହାକୁ କାଉଣ୍ଟର କରି ବିଜେଡିର ଅନ୍ୟତମ ନେତା ଦିଲୀପ ନାୟକ ଏବଂ ଏମ୍‌ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ସମୟରେ ବିଜେଡି କର୍ମୀଙ୍କ 'ନବୀନ ଦେଲେନି ସମୀର ପାଇଲେନି' ସ୍ଲୋଗାନ ଭୋଟରଙ୍କ କାନରେ ଗୁଞ୍ଜରିତ ହୋଇଥିଲା। ଭାଜପା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଘର ଘର ବୁଲି ପ୍ରଚାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ପ୍ରଚାର ସମୟରେ ଭାଜପା କର୍ମୀମାନେ କହି ବୁଲୁଛନ୍ତି 'ୟୁଆଡ଼େ ବୁଲୁଛ ବୁଲ- ଏଥର କିନ୍ତୁ ଫୁଲ'। କଂଗ୍ରେସର ପ୍ରଚାର କାର୍ଯ୍ୟକ୍ରମ ଏତେଟା ଜୋର ଧରିନାହିଁ। କେବଳ ବୈଠକ ବସୁଛି। ଅନ୍ୟପକ୍ଷରେ କଂଗ୍ରେସକୁ ଆକ୍ଷେପ କରି ଭାଜପା ଏବଂ ବିଜେଡି କର୍ମୀମାନେ 'ଏଥର କଂଗ୍ରେସକୁ ଦେଲେ ମଲ' ବୋଲି କହୁଥିବା ଶୁଣିବାକୁ ମିଳୁଛି। ଏ ନେଇ କୌଣସି ଦଳର ନେତୃବୃନ୍ଦଙ୍କ ପ୍ରତିକ୍ରିୟା ଜଣାପଡ଼ି ନ ଥିବାବେଳେ ଏସବୁ କିନ୍ତୁ ଭୋଟରଙ୍କୁ ଆମୋଦିତ କରୁଛି।

# ଖଣ୍ଡପଡ଼ା: ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲକଲେ ଅନୁଭବ



ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ଅନୁଭବ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ନୟାଗଡ଼,୩।୫
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ୪ଟି ନିର୍ବାଚନମଣ୍ଡଳୀ ମଧ୍ୟରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଚର୍ଚ୍ଚାରେ ରହିଛି। ଏଠାରେ ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଥିବାରୁ ସମସ୍ତଙ୍କ ନଜର ଏହି ନିର୍ବାଚନ କ୍ଷେତ୍ର ଉପରେ ରହିଛି। ବିଜେଡି ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କୁ ଟିକେଟ ଦେବା ପରେ ଆଶାୟୀ ପ୍ରାର୍ଥୀ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଦଳ ଛାଡି ସ୍ୱାଧୀନ ଭାବେ ଅତିରିକ୍ତ ଜିଲାପାଳ(ନିର୍ବାଚନ) ରୋଜିନା ଦାଶଙ୍କ ପାଖରେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଖଣ୍ଡପଡ଼ାର ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ଗୋଟିଏ ସେଟ ଭାଜପା ପାଇଁ ଓ ଅନ୍ୟ ଏକ ସେଟ ସ୍ୱାଧୀନ ପ୍ରାର୍ଥୀ ରୂପେ ଦାଖଲ କରିଛନ୍ତି। ଅନ୍ୟପକ୍ଷେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ମଧ୍ୟ ପ୍ରାର୍ଥୀପତ୍ର କିଣିଥିବା ଜଣାପଡିଛି।

## ନିମାଇଁ ସରକାର ନବରଙ୍ଗପୁର ଲୋକ ସଭା କ୍ଷେତ୍ର ପ୍ରଭାରୀ

**ଭୁବନେଶ୍ୱର, ୩।୫ (ସୁନିତ୍ ମିଶ୍ର):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ନବରଙ୍ଗପୁର ଲୋକ ସଭା କ୍ଷେତ୍ରର କଂଗ୍ରେସ ପ୍ରଭାରୀ ଭାବେ ପୂର୍ବତନ ବିଧାୟକ ନିମାଇଁ ସରକାରଙ୍କୁ ନିଯୁକ୍ତି ଦେଇଛନ୍ତି। ନବରଙ୍ଗପୁର ଲୋକ ସଭା କ୍ଷେତ୍ରର ସମସ୍ତ ପ୍ରାର୍ଥୀଙ୍କ ସହିତ ଯୋଗାଯୋଗ ରକ୍ଷାକରି ନିର୍ବାଚନ ପରିଚାଳନା ଦାୟିତ୍ୱ ନିମାଇଁ ନିର୍ବାହ କରିବେ। ପ୍ରଦେଶ କଂଗ୍ରେସ ମିଡିଆ ବିଭାଗର ମୁଖ୍ୟ ବିଶ୍ୱରଞ୍ଜନ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି।

## ୩ୟ, ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜେଡିର ୪୦ ଜଣିଆ ଷ୍ଟାର ପ୍ରଚାରକ

ଭୁବନେଶ୍ୱର,୩।୫
(ଅନିଲ ଦାସ)

ରାଜ୍ୟରେ ହେବାକୁ ଥିବା ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜେଡି ୪୦ ଜଣିଆ ଷ୍ଟାର ପ୍ରଚାରକ ନାମ ଘୋଷଣା କରିଛି। ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ସ୍ଥାନରେ ରହିଥିବା ବେଳେ ତାଙ୍କ ତଳକୁ ରହିଛନ୍ତି କାର୍ତ୍ତିକ ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା, ପଦ୍ମନାଭ ବେହେରା, ପ୍ରଦୀପ କୁମାର ଅମାତ, ଏନ୍. ଭାସ୍କର ରାଓ, ସୁବାସ ସିଂ, ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ନିରଞ୍ଜନ ବିଶି, ମମତା ମହାନ୍ତ, ମୁଜିବୁଲ୍ଲା ଖାନ, ସୁଲତା ଦେଓ, ରବୀନ୍ଦ୍ର କୁମାର ଜେନା, ସରୋଜିନୀ ହେମ୍ବ୍ରମ, ସୁଶାନ୍ତ ସିଂ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ରମେଶ ଚନ୍ଦ୍ର ମାଝି, ସୁଧୀର କୁମାର ସାମଲ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ଶ୍ରୀମୟୀ ଶ୍ୱେତାସ୍ମିତା ମିଶ୍ର, ସେକ୍ ନିଜାମୁଦ୍ଦିନ, ଈଶ୍ୱର ପାଣିଗ୍ରାହୀ, ଅମରେଶ ଜେନା ଏବଂ ଏଲିନା ଦାସ।

# ଓଡ଼ିଆ ଅସ୍ମିତା କଥା କହିବାର ଅଧିକାର ଧର୍ମେନ୍ଦ୍ରଙ୍କ ନାହିଁ: ବିଜେଡି

ଭୁବନେଶ୍ୱର,୩।୫(ଅନିଲ ଦାସ)

ଓଡ଼ିଆ ଅସ୍ମିତା ମହାପ୍ରଭୁ ଜଗନ୍ନାଥଙ୍କଠାରୁ ଆରମ୍ଭ ହୁଏ, ଯିଏ କି କେବଳ ଦେବତା ନୁହନ୍ତି, ସେ ହେଉଛନ୍ତି ଓଡ଼ିଶାର ହୃଦ୍‌ସ୍ପନ୍ଦନ। ଯେତେବେଳେ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ, ସେତେବେଳେ ସେ କାର୍ତ୍ତିକ ପାଣ୍ଡିଆନଙ୍କୁ ଏହି କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ଦାୟିତ୍ୱ ଦେଇଥିଲେ। ପାଣ୍ଡିଆନ ଏହି ପ୍ରକଳ୍ପରେ ନିଜର ହୃଦୟ ଓ ଆତ୍ମା ଲଗାଇ ଦେଇଥିଲେ ଏବଂ ସବୁକିଛି ସୁରୁଖୁରୁରେ ଚାଲିବା ପାଇଁ ଅନେକ ଥର ପୁରୀ ଗସ୍ତ କରିଥିଲେ। ଦିବ୍ୟ ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି।

ଶୁକ୍ରବାର ଏଠାରେ ଗଣମାଧ୍ୟମକୁ ସେ କହିଛନ୍ତି ଯେ କେବଳ ପୁରୀ ଶ୍ରୀମନ୍ଦିର ନୁହେଁ, ପାଣ୍ଡିଆନଙ୍କ ଉଦ୍ୟମ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯୋଗୁ ଆମ ରାଜ୍ୟର ଅଗଣିତ ଜଗନ୍ନାଥ ମନ୍ଦିରର ମରାମତି ଓ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି। ଗତ ବର୍ଷ ପାଣ୍ଡିଆନ ସମଗ୍ର ଓଡ଼ିଶା ଭ୍ରମଣ କରି ଲୋକଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ଗାଁ ମନ୍ଦିର ପାଇଁ ଶୁଭେଚ୍ଛା ଶୁଣିଥିଲେ। ତାଙ୍କ ଯାତ୍ରା ଲୋକଙ୍କ ହୃଦୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ଏକ ସେତୁ ପରି ଥିଲା। କିନ୍ତୁ ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ କ'ଣ କରୁଥିଲେ। ପରିକ୍ରମା ପ୍ରକଳ୍ପ ଯେପରି ନ ହୁଏ ସେଥିପାଇଁ ସେ ସବୁ ଫୋରମ୍‌କୁ ଯାଇଥିଲେ। ଏହି ପ୍ରକଳ୍ପଟି ବହୁତ ସଫଳ ହୋଇଥିଲା। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା, କିନ୍ତୁ ଧର୍ମେନ୍ଦ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ନ ଥିଲେ। ସେ କହିପାରିବେ କି ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କଠାରୁ କେଉଁ କାମ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ଅନୁପସ୍ଥିତି ଓଡ଼ିଆ ଗୌରବ ପ୍ରତି ତାଙ୍କର ସମ୍ମାନ ଓ ମହାପ୍ରଭୁଙ୍କ ପ୍ରତି ସମ୍ମାନକୁ ନେଇ ପ୍ରଶ୍ନ ଉଠିଛି। ଏହା ଓଡ଼ିଆ ଅସ୍ମିତା କି ? ଯିଏ ମହାପ୍ରଭୁ ଜଗନ୍ନାଥଙ୍କୁ ସମ୍ମାନ କରନ୍ତି ନାହିଁ, ଓଡ଼ିଆ ଅସ୍ମିତାର କଥା କହିବାର ତାଙ୍କର କ'ଣ ଅଧିକାର ଅଛି। ଏହା ଲଜ୍ଜାଜନକ। ପ୍ରତିଦିନ ଓଡ଼ିଆ ଅସ୍ମିତା କଥା କହୁଥିବା ଏହି ଲୋକମାନେ ଭାରତରତ୍ନ ପାଇଁ ବିଜୁ ପଟ୍ଟନାୟକଙ୍କୁ ସହଜରେ ଅଣଦେଖା କରିଛନ୍ତି। ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବିଜୁ ପଟ୍ଟନାୟକ ଭାରତରତ୍ନ ପାଇବାକୁ ଯୋଗ୍ୟ ବୋଲି ୧୦ ବର୍ଷ ମଧ୍ୟରେ ସେମାନଙ୍କ ମନରେ ଥରେ ବି ଏହି ଚିନ୍ତାଧାରା ଆସି ନ ଥିଲା କି ବୋଲି ଦାସବର୍ମା ପ୍ରଶ୍ନ କରିଛନ୍ତି। ଏକ ଦଶନ୍ଧିର ଭାଜପା ଶାସନରେ ଜଣେ ବି ଓଡ଼ିଆଙ୍କୁ ଭାରତରତ୍ନ ମିଳିନାହିଁ। ଓଡ଼ିଶାରୁ ଜଣେ ବି ବ୍ୟକ୍ତି କ'ଣ ଭାରତ ରତ୍ନ ପାଇବାକୁ ଯୋଗ୍ୟ ନୁହନ୍ତି। ଓଡ଼ିଆ ଅସ୍ମିତାଙ୍କୁ କିଏ ନିରାଶ କଲା ତାହା ଓଡ଼ିଶାବାସୀ ଭଲଭାବେ ଜାଣିସାରିଲେଣି। ଗତ ୧୦ ବର୍ଷର ଭାଜପା ଶାସନରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ଆସିଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ କ'ଣ କରିଛନ୍ତି। ଓଡ଼ିଶାବାସୀ ଜାଣିବା ଦରକାର ଯେ ଯେଉଁମାନେ ଏବେ ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା କଥା କହୁଛନ୍ତି, ସେମାନେ ୧୦ ବର୍ଷର ଭାଜପା ଶାସନରେ ଓଡ଼ିଆ ଭାଷା ପାଇଁ ଭାରତ ସରକାରଙ୍କଠାରୁ ଗୋଟିଏ ଟଙ୍କା ବି ମଞ୍ଜୁର କରିବାରେ ବିଫଳ ହୋଇଛନ୍ତି ବୋଲି ଦାସବର୍ମା କହିଛନ୍ତି।

# ଓଡ଼ିଆ ଅସ୍ମିତା ଉପରେ ବଡ଼ ପ୍ରଶ୍ନଚିହ୍ନ ଲାଗିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩।୫(ସୁନିତ୍ ମିଶ୍ର)

ଓଡ଼ିଆ ସମାଜ ସମ୍ମୁଖରେ ଓଡ଼ିଆ ଭାଷା, ଐତିହ୍ୟ, ଗୌରବ, ଅସ୍ମିତା ଓ ସଂସ୍କୃତି ଉପରେ ବଡ଼ ପ୍ରଶ୍ନଚିହ୍ନ ଲାଗିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଯେଉଁ ସମାଜର ଐତିହ୍ୟ ହଜାର ହଜାର ବର୍ଷ ତଳର, ତା'ର ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବା ପାଇଁ ଭାଜପା ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବେ ଓଡ଼ିଆ ଅସ୍ମିତା ଏବଂ ରାଜ୍ୟରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ପ୍ରକ୍ରିୟାକୁ କଣ୍ଠରୋଧ କରାଯିବାର ଅପଚେଷ୍ଟାକୁ ସଫଳ ହେବାକୁ ଦେବ ନାହିଁ। ଚଳିତ ନିର୍ବାଚନ ଓଡ଼ିଆ ଅସ୍ମିତା, ଅସ୍ତିତ୍ୱ, ଓଡ଼ିଶାର ଭବିଷ୍ୟତ, ନୂଆପିଢ଼ିଙ୍କ ସୁରକ୍ଷା ନିର୍ବାଚନର ବିଷୟବସ୍ତୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓଡ଼ିଶାରେ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାର ଶାସନ ବ୍ୟବସ୍ଥାକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ୨୪ ବର୍ଷର ସ୍ଥିର ସରକାର ରହିବା ପରେ ମଧ୍ୟ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ଯେଉଁଭଳି ସ୍ଥିତିରେ ରହିବା କଥା, ସେଭଳି ସ୍ଥିତିରେ ନାହିଁ। ଓଡ଼ିଶାର ବିକାଶ ସବୁ ଦିଗରୁ ନିମ୍ନଗାମୀ ହୋଇଛି। ଭାଜପାକୁ ଆଶୀର୍ବାଦ କଲେ ଓଡ଼ିଶାକୁ ବିକଶିତ ଭାରତର ୧ ନମ୍ବର ରାଜ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି। ଏହି କଥା କହିବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ଥରେ ନୁହେଁ ମୋଦି ଓଡ଼ିଶାରେ ରହିବେ ଏବଂ ବାରମ୍ବାର ରାଜ୍ୟ ଗସ୍ତ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନର ମୂଳ ପ୍ରଶ୍ନ ହେଉଛି ଓଡ଼ିଆ ଭାଷା ଓ ଅସ୍ମିତା, ଯାହା ଏକ ବଡ଼ ପ୍ରଶ୍ନବାଚୀରେ ଅଛି। ଜଣେ ଓଡ଼ିଆ ଭାବେ ବାହାର ରାଜ୍ୟରୁ ତାଙ୍କୁ ରାଜ୍ୟ ସଭାକୁ ନିର୍ବାଚିତ କରିବା ଗୌରବର ବିଷୟ। ବର୍ତ୍ତମାନ ତାଙ୍କ ଉପରେ ଓଡ଼ିଆ ନେତା ଭାବେ ପ୍ରଶ୍ନ ଉଠିଛି, ଯାହାର ସାର୍ଟିଫିକେଟ୍ ଓଡ଼ିଆ ଲୋକମାନେ ଦେବେ। କିନ୍ତୁ ଏବେ ଓଡ଼ିଶାର ନେତୃତ୍ୱ କିଏ ନେବ ତାହା ଏକ ପ୍ରଶ୍ନବାଚୀ। ବିଜେଡିର ନେତୃତ୍ୱ ଜଣେ ବାହାରର ନେତା ନେଉଛନ୍ତି। ଓଡ଼ିଆ ସ୍ୱାଭିମାନକୁ ଆଘାତ କରିବା ପାଇଁ ଅମଲାଙ୍କୁ ନେଇ ଗୋଟିଏ କୋଟେରୀ ଚେଷ୍ଟା କରୁଛି। କୋଭିଡ୍ ସମୟରେ ମହାପ୍ରଭୁଙ୍କ ରଥଯାତ୍ରା କିଏ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା କିଏ କରିଥିଲେ। ଓଡ଼ିଶା ସରକାରଙ୍କ ସତ୍ୟପାଠ କ'ଣ ଥିଲା, ଏହା ଉପରେ ମୁଖ୍ୟମନ୍ତ୍ରୀଙ୍କ ନୈତିକତା ଥିଲେ ଉତ୍ତର ଦିଅନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ଭାବେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ନିଜ ଦରମାରୁ ୧ ଲକ୍ଷ ଟଙ୍କା ଦେଇଥିଲେ। ମାତ୍ର ଶ୍ରୀମନ୍ଦିରକୁ ସୌନ୍ଦର୍ଯ୍ୟକରଣ କରିବା ନାଁରେ ହଜାର ହଜାର ବର୍ଷ ତଳର ଐତିହ୍ୟ ଓ କୀର୍ତ୍ତିରାଜିକୁ ନଷ୍ଟ କରାଯାଇଛି। ଏହାବ୍ୟତୀତ ପାଇକ ବିଦ୍ରୋହର ଅଗ୍ରଣୀ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ବୀରତ୍ୱକୁ ନେଇ ଏକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଜମି ଦେବା ଲାଗି ଅନୁରୋଧ କରାଯାଇଥିଲା, ଯେଉଁଥିପାଇଁ ଇଣ୍ଡିଆନ ଅଏଲ ୯୦ କୋଟି ଟଙ୍କାର ବ୍ୟୟବରାଦ କରିସାରିଥିଲା। ରାଜ୍ୟ ସରକାର ବାହାନା ଦେଖାଇ ଏହାକୁ ବନ୍ଦ କରିଦେଲେ। ରାଜ୍ୟର ସରକାରୀ ଦପ୍ତରରେ ୧ ଲକ୍ଷ ପଦବୀ ଖାଲି ଅଛି। ଓଡ଼ିଶାର ପ୍ରାୟ ୧ କୋଟି ଲୋକ ବାହାରେ କାମ କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ଯେଉଁ ଆସନରୁ ପ୍ରତିନିଧିତ୍ୱ କଲେ, ହିଞ୍ଜିଳି ଏବଂ ଏବେ ପ୍ରାର୍ଥୀ ହୋଇଥିବା ବଲାଙ୍ଗୀରର କଣ୍ଟାବାଞ୍ଜିରୁ ଅଧିକ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଦୀର୍ଘ ୨୪ ବର୍ଷ ଶାସନରେ ପ୍ରଶ୍ନ କଲେ ଗାଳି ହେଉଛି। ଚଳିତ ଥର ନିର୍ବାଚନ ଓଡ଼ିଆ ଅସ୍ମିତା, ଅସ୍ତିତ୍ୱ ଏବଂ ଓଡ଼ିଶାର ଭବିଷ୍ୟତ, ନୂଆପିଢ଼ିଙ୍କ ପାଇଁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ବିକାଶ ବିରୋଧୀଙ୍କୁ ଓଡ଼ିଶାବାସୀ ଜବାବ ଦେବେ: ପାଣ୍ଡିଆନ

**ଭଞ୍ଜନଗର/ବୁଗୁଡ଼ା/ପାଟପୁର, ୩।୫(ବାବୁଲା ପ୍ରଧାନ/ କାଳିଚରଣ ଦାସ/ସୀମାଞ୍ଚଳ ସାହୁ)**

ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ଗଞ୍ଜାମ ଜିଲାକୁ ତୋଫାନୀ ଗସ୍ତରେ ଆସି ଭଞ୍ଜନଗର, ବୁଗୁଡ଼ା, ସାନଖେମୁଣ୍ଡି ନିକଟସ୍ଥ ପଳାସପୁର ଛକ ଏବଂ ସୋରଡ଼ାରେ ଦଳୀୟ ସଭାରେ ଯୋଗଦେଇ ବିରୋଧୀ ଦଳକୁ ଟାର୍ଗେଟ କରିଛନ୍ତି। କେନ୍ଦ୍ର ସରକାର କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ), ମିଶନ ଶକ୍ତି ଯୋଜନା ଏବଂ ଲକ୍ଷ୍ମୀ ବସ୍ ସେବାକୁ ବନ୍ଦ କରିଦେବା ପାଇଁ ଯୋଜନା ଚଳାଇଛନ୍ତି। ବିରୋଧୀ ଦଳଗୁଡ଼ିକ ବିକାଶ ବିରୋଧୀ। ଆଗାମୀ ନିର୍ବାଚନରେ ଓଡ଼ିଶାବାସୀ ତାହାର ଉଚିତ ଜବାବ ଦେବେ। ବିରୋଧୀ ଯେତେ ଅପପ୍ରଚାର କଲେ ମଧ୍ୟ କାମ ଦେବନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ଭଞ୍ଜନଗର ସଭାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ନିଜ ପାଇଁ ଏବଂ କନ୍ଧମାଳ ବିଜେଡି ଏମପି ପ୍ରାର୍ଥୀ ଡ଼.ଅଚ୍ୟୁତ ସାମନ୍ତଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସାରା ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାୱା ବହୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ମଧୁ ବାବୁ ପେନସନ୍ ଏବଂ ଲକ୍ଷ୍ମୀ ବସ୍ ସେବା ଭଳି ଜନମଙ୍ଗଳ ଯୋଜନାଗୁଡ଼ିକୁ ବନ୍ଦ କରିବା ପାଇଁ ଭାଜପା ଷଡ଼ଯନ୍ତ୍ର କରୁଛି। ରାଜ୍ୟ ସରକାର ବର୍ଷକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବାବଦକୁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନାରେ ବର୍ଷକୁ ୩ଶହ କୋଟି ଦେଉଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ଚାଲିଛି। ଆଗାମୀ ଦିନରେ ବିକାଶର ଧାରାକୁ ଆଗକୁ ନେବାପାଇଁ ଆସନ୍ତା ୨୦ ତାରିଖରେ ମୋତେ ଏବଂ ବିଜେଡି ଏମପି ପ୍ରାର୍ଥୀ ଡ.ଅଚ୍ୟୁତ୍ ସାମନ୍ତଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ବିକ୍ରମ ନିବେଦନ କରିଥିଲେ। ସେହିଭଳି କନ୍ଧମାଳ ଏମପି ଡ଼.ସାମନ୍ତ କହିଥିଲେ ରଥି ଏବଂ ସାରଥି ମଧ୍ୟରେ ସମନ୍ୱୟ ରହିଲେ ବିକାଶ ଆଗକୁ ଯାଇପାରିବ। ବର୍ତ୍ତମାନ ପାଣ୍ଡିଆନ ସାରଥି ଭୂମିକା ଠିକ୍ ଭାବେ ନିଭାଉଥିବା ଯୋଗୁ ରାଜ୍ୟରେ ବିକାଶ ହେଉଛି ବୋଲି ଡ. ସାମନ୍ତ କହିଥିଲେ। ଏହାପରେ ପାଣ୍ଡିଆନ ବୁଗୁଡ଼ା ଅଭିମୁଖେ ଯାଇ ସେଠାରେ ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଏବଂ ଆସିକା ଏମପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପରେ ସାନଖେମୁଣ୍ଡି ଅଭିମୁଖେ ଯାଇ ସେଠାରେ ମଧ୍ୟ ସାନଖେମୁଣ୍ଡି ବିଧାୟକ ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଏବଂ ଏମପି ପ୍ରାର୍ଥିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହାପରେ ସୋରଡ଼ାରେ ବିଜେଡି ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ଏବଂ ଏମପି ପ୍ରାର୍ଥିନୀଙ୍କ ପାଇଁ ଭୋଟ ମାଗିଥିଲେ। ଏହି ଅବସରରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ଏମପି ପ୍ରମିଳା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।


ଭଞ୍ଜନଗରଠାରେ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

# ଲୋକବଳ, ଧନବଳ ମଧ୍ୟରେ ଲଢ଼େଇ: ଧର୍ମେନ୍ଦ୍ର


ଢେଙ୍କାନାଳରେ ଭାଜପା ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଢେଙ୍କାନାଳ,୩।୫(ରତନ ନାୟାର)**

ଓଡ଼ିଶା ସରକାରଙ୍କ ବିରୋଧରେ ପ୍ରବଳ ଜନମତ ଦେଖାଦେଲାଣି। ଦୁର୍ନୀତିଗ୍ରସ୍ତଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଚଳିତ ନିର୍ବାଚନରେ ଧନବଳ ଓ ଲୋକବଳ ମଧ୍ୟରେ ଲଢ଼େଇ ହେବ। ଢେଙ୍କାନାଳ ଲୋକ ସଭା ପାଇଁ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ପ୍ରାର୍ଥିପତ୍ର ଦାଖଲ କାର୍ଯ୍ୟକ୍ରମରେ ଯୋଗଦେଇ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏଠି ଗାଁରେ ପିଇବାକୁ ପାଣି ନାହିଁ। ଚାଷ ପାଇଁ ଜଳସେଚନର ବ୍ୟବସ୍ଥା ନାହିଁ। ଢେଙ୍କାନାଳରେ ମଞ୍ଜୁରୀ ପଦ ଅନୁଯାୟୀ ବହୁ ଡାକ୍ତର ପଦବୀ ଖାଲି ପଡିଛି। ଯିଏ ପାଣି ମୁନ୍ଦେ ଦେଇପାରୁନି, ତାକୁ ଶାସକ କହିବ ନା, ଆଲିବାବା ଚାଳିସ୍‌ଚୋର କହିବା। ଅବଶ୍ୟ ଜଣେ କେହି ବାହାରିଆ ଲୋକ ପଛ କବାଟରେ ଆସି ନିଜକୁ ଉତ୍ତରାଧିକାରୀ କହୁଛନ୍ତି। କିନ୍ତୁ ନବୀନ ପଟ୍ଟନାୟକ କେବେ ନିଜର ଉତ୍ତରାଧିକାରୀ କଥା କହିନାହାନ୍ତି। ଲୋକେ ଏହାର ଜବାବ ଦେବେ। ଏହି ନିର୍ବାଚନରେ ତାଙ୍କ ଗୁରୁ ତଥା ମାର୍ଗଦର୍ଶକ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ସମେତ ଢେଙ୍କାନାଳ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ପ୍ରାର୍ଥୀ ସୀମାରାଣୀ ନାୟକ, ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରଧାନ, ତାଳଚେର ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଓ ପାଲଲହଡା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ବିଜୟୀ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

# ନୀଳଗିରିରେ ସୁକାନ୍ତ-ସନ୍ତୋଷ ଲଢ଼େଇ



ଭାଜପାର ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ନୀଳଗିରି, ୩।୫(ପ୍ରଶାନ୍ତ ବିଶ୍ୱାଳ)**

- ଅସନ୍ତୁଷ୍ଟ ହୋଇ ବିଜେଡି ଛାଡ଼ିଥିଲେ
- ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ

ଭାଜପାର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ନୀଳଗିରିରୁ ଭାଜପାର ପ୍ରାର୍ଥୀ ହୋଇଛନ୍ତି ସନ୍ତୋଷ ଖଟୁଆ। ନୀଳଗିରିରୁ ବିଜେଡି ସୁକାନ୍ତ ନାୟକଙ୍କୁ ଟିକେଟ ଦେବା ପରେ ସନ୍ତୋଷ ଗୁରୁବାର ବିଜେଡିରୁ ଇସ୍ତଫା ଦେଇଥିଲେ। ଶୁକ୍ରବାର ବିଧିବଦ୍ଧ ଭାବେ ସେ ଭାଜପାରେ ମିଶିଛନ୍ତି।

ସନ୍ତୋଷଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ରୋଚକ ହୋଇଛି ନୀଳଗିରି ଲଢ଼େଇ। ଗତଥର ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ ସନ୍ତୋଷ। କିନ୍ତୁ ସଙ୍ଗଠନ ସହ ଜଡ଼ିତ ଥିବାରୁ ପୁଣିଥରେ ଟିକେଟ ପାଇଁ ଆଶାବାଦୀ ଥିଲେ। ତେବେ ଗୁରୁବାର ବିଜେଡି ଏଠାରେ ସୁକାନ୍ତ ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିବାର କିଛି ସମୟ ମଧ୍ୟରେ ସନ୍ତୋଷ ଦଳରୁ ଇସ୍ତଫା ଦେଇଥିଲେ। ଭାଜପାରୁ ଟିକେଟ ମିଳିବା ପରେ ଭାଜପା ଶୀର୍ଷ ନେତୃତ୍ୱବୃନ୍ଦଙ୍କୁ ଧନ୍ୟବାଦ ସେ ଜଣାଇଛନ୍ତି। ଏପଟେ ଶୁକ୍ରବାର ନୀଳଗିରି ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ପାଖ କଲ୍ୟାଣ ମଣ୍ଡପଠାରେ ଭାଜପାର ନୀଳଗିରି ନିର୍ବାଚନମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ଲୋକ ସଭା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ନେତା ମନୋରଞ୍ଜନ ମିଶ୍ରା ଜୀ, ବାଲେଶ୍ୱର ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ନୀଳଗିରି ବିଧାନସଭା ପ୍ରଭାରୀ କମଳଲୋଚନ ବେହେରା, ବିଧାନସଭା ସଂଯୋଜକ କରୁଣାକର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ସମସ୍ତ ମଣ୍ଡଳର ସଭାପତି, ଦଳର ସମସ୍ତ ପଦାଧିକାରୀ, ଶକ୍ତି କେନ୍ଦ୍ର ପ୍ରମୁଖ ଓ ସହପ୍ରମୁଖମାନେ ଯୋଗ ଦେଇଥିଲେ। ଆସନ୍ତା ନିର୍ବାଚନରେ ସଙ୍ଗଠନକୁ ତୃଣମୂଳସ୍ତରରେ ଆହୁରି ଅଧିକ ଶକ୍ତିଶାଳୀ କରି ଦଳ କିପରି ନୀଳଗିରି ବିଧାନସଭାରେ ବିଜୟୀ ହେବ ଏବଂ ବାଲେଶ୍ୱର ଲୋକସଭାରେ ବିଜୟୀ ହେବ ଏହା ବିଷୟରେ ମିଶ୍ରା ଜୀ ଗୁରୁମନ୍ତ୍ର ଦେଇଥିଲେ।

# ଧର୍ମଶାଳା, ବରୀରେ ସ୍ୱାଧୀନ ପ୍ରାର୍ଥୀଙ୍କ ଉପରେ ନଜର

**ରସୁଲପୁର,୩।୫(ରଂଜିତ ରାଉତ)**

ଯାଜପୁର ସଂସଦୀୟ କ୍ଷେତ୍ର(ସଂ) ଅଧୀନ ବରୀ ଓ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଥିବା ଚର୍ଚ୍ଚା ହେଉଛି। ୨ ଆସନ ମଧ୍ୟରୁ ବରୀର ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଏବଂ ଧର୍ମଶାଳାର ହିମାଂଶୁ ଶେଖର ସାହୁ ଏକଦା ବିଜେଡିରେ ଥିଲେ ଓ ପରବର୍ତ୍ତୀ ସମୟରେ ଭାଜପାରେ ମିଶିଛନ୍ତି। ଉଭୟେ କଥିତ ଦୁଇଟି ନିର୍ବାଚନମଣ୍ଡଳୀରୁ ଭାଜପାରୁ ଟିକେଟ ଆଶାୟୀ ଥିଲେ। ହେଲେ ଦୁହେଁ ବାଦ୍ ପଡ଼ିଛନ୍ତି। ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଦେବାଶିଷ ଓ ହିମାଂଶୁ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବେ ବୋଲି କହୁଛନ୍ତି। ଏଭଳି ସ୍ଥିତି ବରୀ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭୋଟ ଅଙ୍କକୁ ବିଗାଡ଼ି ଦେବ ବୋଲି କୁହାଯାଉଛି।

୨୦୧୯ ସାଧାରଣ ନିର୍ବାଚନରେ ବରୀ ନିର୍ବାଚନମଣ୍ଡଳୀରୁ ଦେବାଶିଷ ନାୟକଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏଥର ନିର୍ବାଚନର କେଇମାସ ପୂର୍ବରୁ ଦେବାଶିଷ ଭାଜପାରେ ଯୋଗଦେଇଥିଲେ। ତାଙ୍କୁ ଦଳ ଟିକେଟ ଦେବ ବୋଲି ସେ ଆଶାବାଦୀ ଥିଲେ। ଶେଷ ମୁହୂର୍ତ୍ତରେ ବରୀରେ ଦଳ ଉମେଶ ଜେନାଙ୍କୁ ଟିକେଟ ଦେଇଛି। ଦଳର ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଦେବାଶିଷ। ତେଣୁ ସେ ବରୀରୁ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବେ ବୋଲି ପ୍ରଚାର ଆରମ୍ଭ କଲେଣି।


ହିମାଂଶୁ ଶେଖର ସାହୁ


ଦେବାଶିଷ ନାୟକ

ଅନୁରୂପ ଭାବେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ହିମାଂଶୁଙ୍କୁ ଭାଜପା ଟିକେଟ ନ ଦେଇ ସ୍ମୃତିରେଖା ପହିଙ୍କ ଉପରେ ଭରସା କରିଛି। ଏହା ସତ୍ତ୍ୱେ ହିମାଂଶୁ ମଇଦାନ ଛାଡ଼ିନାହାନ୍ତି। ଦଳ ଟିକେଟର ପୁନଃବିଚାର କରିବ ବୋଲି ସେ ଆଶାବାଦୀ ଅଛନ୍ତି। ଟିକେଟ ନ ମିଳିଲେ ସେ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିସାରିଛନ୍ତି। ହିମାଂଶୁ ଶକ୍ତି ପ୍ରଦର୍ଶନ ଆଳରେ ବିଭିନ୍ନ ସଭାସମିତି, ଶୋଭାଯାତ୍ରା କରୁଛନ୍ତି। ତାଙ୍କ ପ୍ରତି ରହୁଥିବା ଜନସମର୍ଥନ ଧର୍ମଶାଳା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ସ୍ୱାଧୀନ ପ୍ରାର୍ଥୀମାନେ ଭୋଟ ଅଙ୍କକୁ ଓଲଟପାଲଟ କରିଦେବେ ବୋଲି କୁହାଯାଉଥିବାବେଳେ ବିରୋଧୀ ପ୍ରାର୍ଥୀମାନଙ୍କୁ ଏଥିରୁ କେତେ ଫାଇଦା ମିଳୁଛି ତାକୁ ଦେଖିବାକୁ ବାକି ରହିଲା।

ବରୀ ନିର୍ବାଚନମଣ୍ଡଳୀରେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ବିଜୟ ବ୍ୟବଧାନ ବହୁତ କମ୍ ରହିଥିଲା। ଏଥର ବରୀରେ ବିଧାୟିକା ସୁନନ୍ଦା ଦାସଙ୍କୁ ବାଦ୍ ଦେଇ ବିଜେଡି ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ସୁନନ୍ଦା ଓ ଦେବାଶିଷଙ୍କ ସମର୍ଥକଙ୍କ ମଧ୍ୟରେ ବୁଝାମଣା ହେଲେ ତାହା ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନଙ୍କ ପାଇଁ ଅଡୁଆ ସୃଷ୍ଟି କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିଭଳି ୩୦ବର୍ଷ ଧରି ଧର୍ମଶାଳାରେ ଗୋଟିଏ ପରିବାର ରାଜୁତି(ପରିବାରବାଦ)କୁ ବିରୋଧ କରୁଛନ୍ତି ହିମାଂଶୁ। ତେଣୁ ହିମାଂଶୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଲେ ତାହା ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

# ‘ସବୁ କଲ୍ ସେଣ୍ଟର ବନ୍ଦ କରାଯାଉ’

## ସିଇଓଙ୍କ ନିକଟରେ ବିଜେଡି ବିରୋଧରେ ଫେରାଦହେଲା ଭାଜପା



ସିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତୃବୃନ୍ଦ।

**ଭୁବନେଶ୍ୱର, ୩।୫(ସୁନିତ୍ ମିଶ୍ର)**

ବିଜେଡି ଜାଣିଛି ଏଥର ନିର୍ବାଚନ ଫଳାଫଳ କ'ଣ ହେବ। ସେଥିପାଇଁ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଲୋଭ ଦେଖାଉଥିଲା। ଏପରିକି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଛାଡ଼ର ଲୋଭ, କୃଷକଙ୍କୁ ଉତ୍ପାଦନର ମୂଲ୍ୟ ବୃଦ୍ଧିର ଆଶା ଦେଖାଇବା ପରେ ଏବେ ଛାତ୍ରୀଛାତ୍ରଙ୍କ ଉପରେ ନଜର ପକାଇଛି। ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତାଙ୍କ ତତ୍ତ୍ୱାବଧାନରେ ପୁଣି ରାଜ୍ୟ ସରକାରଙ୍କ ପରିଚାଳିତ ‘ନୂଆ-ଓ’ କଲ୍ ସେଣ୍ଟରରୁ କଲେଜ ପଢୁଆ ଯୁବତୀଯୁବକଙ୍କୁ ଫୋନ୍‌କରି ବିଜେଡିକୁ ଭୋଟ ଦେବାକୁ କୁହାଯାଉଛି। ଯିଏ ମନା କରୁଛି ତାକୁ ସେମାନେ କହୁଛନ୍ତି ଆପଣ ଯେଉଁ ୧୦ ହଜାର ଟଙ୍କା ପାଇଛନ୍ତି ତାହା ଶାସକ ଦଳ ତଥା ନବୀନ ସରକାର ଦେଇଛି। ବିଜେଡିର ଏଭଳି କାର୍ଯ୍ୟ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଅଭିଯୋଗ କରିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଭାଜପା ପ୍ରତିନିଧି ଦଳ କହିଛି, ଶାସକ ବିଜେଡିର ଏହା ଚିରାଚରିତ ଅଭ୍ୟାସ ଏବଂ ଅତୀତରେ ମଧ୍ୟ ଏଭଳି ଘଟଣା ପ୍ରସଙ୍ଗରେ ଅନେକ ପ୍ରମାଣ ସିଇଓଙ୍କୁ ଦେଇଛି। ବିଜେଡିର ନୂଆ-ଓ କଲ୍ ସେଣ୍ଟର ନମ୍ବରରେ କଲ୍ ଆସୁଛି। ବିଜେଡି ସରକାରୀ ଟଙ୍କାରେ କଲ୍ ସେଣ୍ଟର ଲୋକଙ୍କୁ ଦରମା ଦେଉଛନ୍ତି। ସେମାନଙ୍କୁ ମଧ୍ୟ ନିଜ ଦଳୀୟ ପ୍ରଚାରରେ ଲଗାଉଛନ୍ତି। ବିଜେଡିର ସମସ୍ତ କଲ୍ ସେଣ୍ଟର ବନ୍ଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଭାଜପା ଦାବି କରିଛି।


ଜଟଣୀ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ଜେନା ଶୁକ୍ରବାର ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ବିଜେଡିରୁ ଇସ୍ତଫାଦେଲେ ରବିନାରାୟଣ

**ନୟାଗଡ଼,୩।୫(ଲୋକନାଥ ମିଶ୍ର)**

## ରଣପୁରରୁ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି

ବିଜେଡି ପକ୍ଷରୁ ଅଣଦେଖା ପରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ଇସ୍ତଫା ଦେବା ପରେ ରଣପୁର ନିର୍ବାଚନମଣ୍ଡଳୀରେ ବିଜେଡିକୁ ଶକ୍ତ ଝଟକା ଲାଗିଛି। ରବି ନାରାୟଣ ୧ ତାରିଖରେ ତାଙ୍କର ଇସ୍ତଫା ପତ୍ର ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଶୁକ୍ରବାର ନୟାଗଡ଼ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରବି ନାରାୟଣ ମହାପାତ୍ର ୧୯୮୪ ମସିହାରେ ଜନତା ଦଳରେ ଯୋଗ ଦେଇ ରଣପୁର ପଞ୍ଚାୟତରେ ସରପଞ୍ଚ ହୋଇଥିଲେ। ପରେ ଜିଲା ପରିଷଦର ଭାଇସ୍ ଚେୟାରମ୍ୟାନ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି, ବିଜେଡିର ଜିଲା ସଭାପତି ଭାବେ ୧୭ ବର୍ଷ, ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟ ସଭାର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରଣପୁର ବିଧାୟକ ଭାବେ ରହିଥିଲେ। ସ୍ୱାଧୀନ ପ୍ରାର୍ଥୀ ହେବା ପାଇଁ କର୍ମୀଙ୍କ ସହ ଆଲୋଚନା ଜାରି ରହିଛି ବୋଲି ରବି ନାରାୟଣ କହିଛନ୍ତି। ଯଦି ରବି ନାରାୟଣ ସ୍ୱାଧୀନ ପ୍ରାର୍ଥୀ ହୁଅନ୍ତି ତେବେ ବିଜେଡିର ଭୋଟ ବ୍ୟାଙ୍କ ଭୁଶୁଡିବ ବୋଲି କୁହାଯାଇଛି।


ରବି ନାରାୟଣ ମହାପାତ୍ର

# ଅସନ୍ତୁଷ୍ଟଙ୍କୁ ମନାଉଛନ୍ତି ବାଣୀକଲ୍ୟାଣ

**ବାସୁଦେବପୁର,୩।୫ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ଆସନ ପାଇଁ ଭାଜପା ଯୁବନେତା ବାଣୀକଲ୍ୟାଣ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ୫ରୁ ୬ଜଣ ପ୍ରାର୍ଥୀ ଆଶାୟୀ ଥିବାବେଳେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଟିକେଟ ଦୌଡ଼ରେ ଥିବା ଆଶାୟୀ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କୁ ନେଇ କେତେକ ଗୁପ୍ତ ସ୍ଥାନରେ ଏକାଧିକ ବୈଠକ କରିଥିବା ମଧ୍ୟ ଜଣାପଡ଼ିଛି। ଆଶାୟୀ ଥିବା ଅସନ୍ତୁଷ୍ଟଙ୍କୁ ଭେଟି ସେମାନଙ୍କ ସହମତି ଓ ଆଶୀର୍ବାଦ ନେଇ ନିର୍ବାଚନ ପ୍ରଚାରକୁ ବାଣୀକଲ୍ୟାଣ ଯିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହା ବାଣୀକଲ୍ୟାଣଙ୍କ ପାଇଁ ଏକ ଆହ୍ୱାନ ହୋଇଥିବା ବେଳେ ବରିଷ୍ଠ ନେତା, କର୍ମୀ ଓ ଦଳୀୟ ସମର୍ଥକଙ୍କୁ ଆପଣେଇ ଆଗାମୀ ଦିନରେ କିପରି ନିର୍ବାଚନ ପ୍ରଚାରକୁ ଆଗେଇ ନେବେ ସେଥିପାଇଁ ସେ ପ୍ରୟାସ କରୁଛନ୍ତି। ଇତିମଧ୍ୟରେ ସେ ନିର୍ବାଚନ ପ୍ରଚାର ଲାଗି ପ୍ରସ୍ତୁତି ଚଳାଇଛନ୍ତି। ବାଣୀକଲ୍ୟାଣଙ୍କର କେତେକ ସମର୍ଥକ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ବେଶ୍ ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଛି।

# ଲୋକ ସଭା, ବିଧାନସଭା ଆସନରେ ଲଢ଼ିବେ ଅଞ୍ଜନୀ

**ବାରିପଦା, ୩।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଝିଅ ତଥା ହେମନ୍ତ ସୋରେନଙ୍କ ଭଉଣୀ ଅଞ୍ଜନୀ ସୋରେନ ମୟୂରଭଞ୍ଜ ଲୋକ ସଭା ଆସନ ସମେତ ସାରସକଣା ବିଧାନସଭା କ୍ଷେତ୍ରରୁ ଜେଏମ୍‌ଏମ୍ (ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା) ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ଏନେଇ ଶୁକ୍ରବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ଗୁରୁବାର ଅଞ୍ଜନୀ ଲୋକ ସଭା ଆସନରେ ପ୍ରାର୍ଥୀ ହେବେ ବୋଲି ଘୋଷଣା କରାଯାଇଥିଲା। ତେବେ ସେ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଜଣାପଡ଼ିବା ପରେ ମୟୂରଭଞ୍ଜ ରାଜନୀତି ସରଗରମ ହେବାରେ ଲାଗିଛି।

ସେହିପରି ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ରରୁ ବିଷ୍ଣୁ ସିଂ, ରାଇରଙ୍ଗପୁର ବିଧାନସଭାରୁ ସୁନାରାମ ଟୁଡୁ, ମୋରଡ଼ାରୁ ବିଜେଡି ଛାଡ଼ି ଜେଏମ୍‌ଏମ୍‌ରେ ମିଶିଥିବା କୃଷ୍ଣଚନ୍ଦ୍ର ଦାସ ଓ ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀରୁ ଚକ୍ରଧର ସିଂଙ୍କୁ ଜେଏମ୍‌ଏମ୍ ପ୍ରାର୍ଥୀ ଘୋଷଣା କରିଛି। ତେବେ ଜିଲାର ୯ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଜେଏମ୍‌ଏମ୍ ୫ଟି ଆସନରେ ଏକାକୀ ଲଢ଼ିବାକୁ ଯାଉଛି। ସାରସକଣା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ରହିଥିବା ବେଳେ ଅଞ୍ଜନୀ ମଧ୍ୟ ପ୍ରାର୍ଥୀ ହୋଇଥିବାରୁ ଇଣ୍ଡିଆ ମେଣ୍ଟରେ ଅସ୍ଥିରତା ଦେଖାଦେଇଥିବା କୁହାଯାଉଛି। ଦଳ ପକ୍ଷରୁ ଦୁଇଟି ଆସନରେ ଲଢ଼ିବାର ସୁଯୋଗ ମିଳିଥିବାରୁ ଉଭୟ ଆସନରେ ପ୍ରାର୍ଥୀ ହେବେ ବୋଲି ଅଞ୍ଜନୀ କହିଛନ୍ତି।




ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

ଭୁବନେଶ୍ୱର,୩।୫ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ 'କମିକ୍ଏଏଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନରେ ଆଲୁମିନିୟମର ବହୁମୁଖୀ ବୈଶିଷ୍ଟ୍ୟତାକୁ ପ୍ରତିପାଦିତ କରାଯାଇଛି ଓ ଭବିଷ୍ୟତର ଧାତୁ ବିଷୟରେ ମଧ୍ୟ ଅଧିକ ପରିଚିତ କରାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ଏହି ଅଭିଯାନକୁ ଉଭୟ ବେଦାନ୍ତ ଆଲୁମିନିୟମର ଅଫିସିଆଲ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ଆଇଡିରେ ଦେଖାଯାଇପାରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିବି ଆଣ୍ଡ ସିଓ (ମୁଖ୍ୟ ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଅଧିକାରୀ) ସୋନାଲ ଚୌଇଥାନି କହିଛନ୍ତି, ଆଲୁମିନିୟମ ଉଦ୍ୟୋଗର ନେତା ଭାବେ ଆମେ କେବଳ ଉଦ୍ଭାବନ ବିଷୟରେ କହିଥାଉ। ଏପରିକି ଆମର ଉତ୍ପାଦଗୁଡ଼ିକ ଦର୍ଶକଙ୍କ ଜରିଆରେ ସବୁ ବର୍ଗଙ୍କୁ ଉତ୍ପାଦର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ସୂଚନା ଓ ପରିଚିତ କରାଇବା ସହ ଆବଶ୍ୟକ ସୂଚନା ଦେବା ତଥା ଶିକ୍ଷିତ କରାଇବା ଲାଗି ଉଦ୍ଦିଷ୍ଟ ରହିଛି। ଏହି ଅଭିଯାନ ଜରିଆରେ ଆମେ କେବଳ ଏକ ସତେଜ ସୂଚନା ଓ ଉତ୍ପାଦକୁ ନୂଆ ପରିଚୟ ଦେଇଛୁ, ଭବିଷ୍ୟତର ଧାତୁର ସମ୍ଭାବନାକୁ ଜଣାଇବା ଲାଗି ନୂଆ ଉପାୟ ଓ ଆବଶ୍ୟକ ପନ୍ଥା ବିଷୟରେ ମଧ୍ୟ ବିସ୍ତୃତ ଆଲୋକପାତ କରାଇଛୁ, ବର୍ତ୍ତମାନ ସମୟରେ ଆଲୁମିନିୟମ ଆମର ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଂଶ ହୋଇଯାଇଛି ଏବଂ ଆମର ଏହି ଅଭିଯାନ ଆପଣଙ୍କୁ ଏହି ଧାତୁ ସମ୍ପର୍କରେ ଏକ ନୂଆ ଦୃଷ୍ଟିକୋଣର ପରିଚୟ ଦେବ ବୋଲି ଆଶା କରୁଛୁ। ଏହି ଅଭିଯାନ ସୋସିଆଲ ମିଡିଆ ଲାଗି ହାସ୍ୟରସ ମାଧ୍ୟମରେ ଆଲୁମିନିୟମର ଚମତ୍କାର ଦୁନିଆକୁ ଜନସାଧାରଣଙ୍କ ଲାଗି ଉପସ୍ଥାପନା କରାଯାଇଛି। ଉଦାହରଣ ସ୍ୱରୂପ ଚିତ୍ର ଆଲୁମିନିୟମ ଫଏଲ ଗତ ରାତିର ଅବଶିଷ୍ଟାଂଶକୁ ଘୋଡ଼ାଇ ରଖିଛି ଓ କ୍ୟାପସନ ସହିତ ପୁନର୍ବାର ଫଏଲ ଏବଂ ବ୍ୟବହାରିକତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସୋସିଆଲ ମିଡିଆର ଉପଭୋକ୍ତାମାନେ ଆଲୁମିନିୟମର ପୁନଃବ୍ୟବହାର ଯୋଗ୍ୟତା ଓ ଏହାର ସଫ୍‌ଟ ଉପାଦାନ ପସନ୍ଦର ସାମଗ୍ରୀଗୁଡ଼ିକୁ ସର୍ବବ୍ୟାପୀ ଭାବେ ଆବିଷ୍କାର କରିଛନ୍ତି।

ଏହି ଅଭିଯାନରେ କ୍ରୀଡ଼ାବିତଙ୍କ ପାଇଁ ଏକ ବାର୍ତ୍ତା ପ୍ରଦର୍ଶିତ ହେବା ସହ ସେମାନଙ୍କ ଖେଳର ଏକ ଅଂଶ ଭାବେ ଆଲୁମିନିୟମର ଭୂମିକାକୁ ଦର୍ଶାଯାଇଛି, ଯାହା ବ୍ୟାଡମିଣ୍ଟନ ବା ଟେନିସ ର୍‍ୟାକେଟ ପରି ଆଇଟମକୁ ଆଲୁମିନିୟମ ମହାନ କରିଛି।

## ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ,୩।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୩୩ (୭୩୨.୯୬) ପଏଣ୍ଟ କମି ୭୩,୮୭୮ (୭୩,୮୭୮.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୨ (୧୭୨.୩୫) ପଏଣ୍ଟ ହ୍ରାସ ଘଟି ୨୨,୪୭୬(୨୨,୪୭୫.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ହ୍ରାସ ଘଟିଛି।

## ଖିମ୍‌ଜୀ ଜୁଏଲର୍ସର ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍

- ସୁନା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି
- ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି

ଭୁବନେଶ୍ୱର,୩।୫


ମିତେଶ ଖିମ୍‌ଜୀ

ରାଜ୍ୟର ସର୍ବପୁରାତନ ତଥା ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ଖିମ୍‌ଜୀ ଜୁଏଲର୍ସ'ର ବହୁ ପ୍ରତୀକ୍ଷିତ ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଖିମ୍‌ଜୀ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ସୁନା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଓଡ଼ିଶା ବଜାରରେ ଆମେ ଏ ପର୍ଯ୍ୟନ୍ତ ପ୍ରଦାନ କରିଥିବା ଅଫର ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ ଅଫର ଏବଂ ସୁନା ଓ ହୀରା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଗ୍ରାହକମାନଙ୍କୁ ନିହାତି ଆକର୍ଷିତ କରିବ। ସେହିଭଳି ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତିର ଲାଭ ଗ୍ରାହକମାନେ ଉଠାଇପାରିବେ ବୋଲି ମିତେଶ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଓଡ଼ିଶାରେ ଖିମ୍‌ଜୀର ୯ଟି ଏକ୍ସକ୍ଲୁସିଭ ଆଉଟଲେଟ (ଶୋ'ରୁମ୍) ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଝାରସୁଗୁଡ଼ା, ପୁରୀ ଓ ରାଉରକେଲା ଠାରେ ରହିଛି।

## ରଣଜିତ ମାଝିଙ୍କୁ ୧୧ତମ ଶାମ୍ଭବୀ ପୁରସ୍କାର

### ସସ୍ମିତା ମଙ୍ଗରାଜଙ୍କୁ ଜୁରି ପ୍ରଶଂସାପତ୍ର

ଭୁବନେଶ୍ୱର,୩।୫

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ଶୁକ୍ରବାର ଆୟୋଜିତ ୧୧ତମ ଶାମ୍ଭବୀ ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସାମାଜିକ କର୍ମୀ ରଣଜିତ ମାଝିଙ୍କୁ ୧୧ତମ ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଛି। ଜୀବନ ଜୀବିକା ଓ ଆତ୍ମନିର୍ଭରଶୀଳତା ଦିଗରେ ଉଲ୍ଲେଖନୀୟ ଅବଦାନ ସହ ତୃଣମୂଳସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସସ୍ମିତା ମଙ୍ଗରାଜଙ୍କୁ ଜୁରି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ସ୍ଥିତ ମନ୍ ଦେଶୀ ବ୍ୟାଙ୍କ୍ ତଥା ମନ୍ ଦେଶୀ ଫାଉଣ୍ଡେଶନର ଅଧ୍ୟକ୍ଷା ଚେତନା ସିହ୍ନା ମୁଖ୍ୟ ଅତିଥି ଏବଂ ୪୨ତମ ଉପ-ସେନା ପ୍ରମୁଖ ତଥା ଦିଲ୍ଲୀ ସ୍ଥିତ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲର ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ରଣଜିତ ଓ ସସ୍ମିତାଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ଚେତନା ସିହ୍ନା କହିଥିଲେ, ପ୍ରକୃତ ପରିବର୍ତ୍ତନ ଏକ ସାହସିକ ପଦକ୍ଷେପ ସହ ଆରମ୍ଭ ହୋଇଥିବାବେଳେ ଏହି ବିନମ୍ର ନାୟକମାନଙ୍କ ଛୋଟିଆ ପ୍ରୟାସ ଗରିବ ଓ ବଞ୍ଚିତ ଲୋକମାନଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି। ସେହିଭଳି ବିଆଇପିଏଫ୍‌ର ସିଇଓ ତଥା ଟ୍ରଷ୍ଟି ଏବଂ ଇମ୍ପା ସିଏସ୍‌ଆର୍ (ସ୍ପେଶିଆଲ ଇନିସିଏଟିଭ)ର ମୁଖ୍ୟ ଶୈଫାଳିକା ପଣ୍ଡା କହିଛନ୍ତି, ବଞ୍ଚିତ ଲୋକମାନଙ୍କ ସେବା କରିବା ଓ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରଭାବୀ ପଦକ୍ଷେପ ନେବା ଆମର ଦାୟିତ୍ୱ ହୋଇଥିଲାବେଳେ ଶାମ୍ଭବୀ ପୁରସ୍କାର ସାମୂହିକ ବିକାଶ ନିମନ୍ତେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଆଗଧାଡ଼ିର ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଦୂରଦୃଷ୍ଟି ଓ ଅଭିଳାଷକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି। ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି କହିଥିଲେ, ସାମାଜିକ ପରିବର୍ତ୍ତନକାରୀଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରିବା ଅବସରରେ ଆମେ ଗୋଷ୍ଠୀମାନଙ୍କ ଉତ୍‌ଥାନ ଓ ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବା ପାଇଁ କଠିନ ପରିଶ୍ରମ କରୁଥିବା ଏହି ଲୋକମାନଙ୍କ ସ୍ଥିରତା ଓ ପ୍ରତିବଦ୍ଧତାକୁ ମଧ୍ୟ ସମ୍ମାନ ଜଣାଇବା ଉଚିତ।

## ଢେଙ୍କାନାଳରେ ଚାନ୍ଦି ଭଣ୍ଡାର ଏକ୍ସକ୍ଲୁସିଭ ଆଉଟଲେଟ୍



ଢେଙ୍କାନାଳ,୩।୫(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ପ୍ଲଟ୍ ନଂ. ୫୫୫୮/୬୫୬୬ରେ ରୁପା ଗହଣାର ଅନ୍ୟତମ ଅଗ୍ରଣୀ ତଥା ଏକ୍ସକ୍ଲୁସିଭ ଷ୍ଟୋର ଚାନ୍ଦି ଭଣ୍ଡାର ଏହାର ବ୍ରାଣ୍ଡ ନ୍ୟୁ ଶୋ'ରୁମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାନିକ ହଂସ ଏହାକୁ ଉଦ୍‌ଘାଟନ କରିଥିଲେ। ୩ ହଜାର ବର୍ଗଫୁଟର ଏହି ରୁପା ଶୋ'ରୁମ ଏହାର ଅନନ୍ୟ ଆକର୍ଷଣ ଓ ଅଫର ସହିତ ଢେଙ୍କାନାଳରେ ସର୍ବବୃହତ୍ ରୁପା ଗହଣାର ଷ୍ଟୋର ପାଲଟିଛି। ଢେଙ୍କାନାଳର ଏହି ଚାନ୍ଦି ଭଣ୍ଡାର ଷ୍ଟୋରରୁ ଗ୍ରାହକମାନେ ଅତ୍ୟାଧୁନିକ କଲେକ୍ସନଗୁଡ଼ିକ ସହ ଅଭିନବ ଶପିଂ ଅନୁଭୂତି ଲାଭ କରିପାରିବେ। ଶୋ'ରୁମ୍‌ରେ ବ୍ରାଣ୍ଡର ନୂତନ ସମ୍ଭାରମାନ ରହିଛି। ଉଦ୍‌ଘାଟନୀ ଅବସରରେ ଷ୍ଟୋରରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି। ବ୍ୟାପକ ରେଞ୍ଜ୍ ରୁପା ସାମଗ୍ରୀର ଗଢ଼ା ମୂଲ୍ୟରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ମେ' ୧୦ ପର୍ଯ୍ୟନ୍ତ ଉପଲବ୍ଧ। ଅକ୍ଷୟ ତୃତୀୟା ପାଇଁ ଢେଙ୍କାନାଳ ଚାନ୍ଦି ଭଣ୍ଡାର ପ୍ରତି ଅବସର ପାଇଁ ଉଦ୍ଦିଷ୍ଟ ରୁପାର ବ୍ୟାପକ ବିକଳ୍ପ ପ୍ରଦାନ କରୁଛି। ଏହି ଅବସରରେ ଅତି ଯତ୍ନର ସହ ନିର୍ମିତ ଆସେସୋରିଜ, ବାସନକୁସନ ଓ ଆର୍ଟିଫାକ୍ଟର ବିସ୍ତୃତ ରେଞ୍ଜ୍ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ବାସନକୁସନଠାରୁ ଆରମ୍ଭ କରି ସୁନ୍ଦର ଡିନରୱେର ଏବଂ ଷ୍ଟାଇଲିଶ୍ ଆସୋସୋରିଜ୍ ପର୍ଯ୍ୟନ୍ତ ସମସ୍ତ କଲେକ୍ସନ ସେଲିବ୍ରେଶନକୁ ଆକର୍ଷଣୀୟ କରିବ ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଚାନ୍ଦି ଭଣ୍ଡାର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି, ଢେଙ୍କାନାଳରେ ନୂଆ ଷ୍ଟୋର ଖୋଲି ରୁପା ପ୍ରତି ଥିବା ଭଲ ପାଇବାକୁ ବଢ଼ାଇ ଉତ୍ସାହିତ। ଗ୍ରାହକ ଗୋଟିଏ ଛାତ ତଳେ ସେମାନଙ୍କର ବହୁବିଧ ରୁପା ଆବଶ୍ୟକତାକୁ ପୂରଣ କରିପାରିବେ। ଗ୍ରାହକଙ୍କୁ ସ୍ମରଣୀୟ ଶପିଂ ଅନୁଭୂତି ପ୍ରଦାନ କରିବାକୁ ଷ୍ଟୋରଗୁଡ଼ିକ ପ୍ରତିଶ୍ରୁତିବଦ୍ଧ। ନିର୍ଦ୍ଦେଶକ ମାନିକ ହଂସ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଶୋ'ରୁମ୍। ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି। ଆଗକୁ ମଧ୍ୟ ଲୋକମାନଙ୍କୁ ମାନଯୁକ୍ତ ସେବା ପ୍ରଦାନ ଜାରି ରଖିବୁ। ଢେଙ୍କାନାଳରେ ଖୋଲାଯାଇଥିବା ଶୋ'ରୁମ୍ ୧୩ତମ ଶୋ'ରୁମ୍। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ନିଃଶୁଳ୍କ କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, ଉତ୍ତମ ଗ୍ରାହକ ସେବା, କ୍ରୟ ପୂର୍ବରୁ ପରଖିବା, ହଲ୍‌ମାର୍କଯୁକ୍ତ ଏବଂ କ୍ୱାଲିଟି ଆଦି ପାଇଁ ଚାନ୍ଦି ଭଣ୍ଡାର ପ୍ରତିଶ୍ରୁତିବଦ୍ଧ। ଏହି ଉଦ୍‌ଘାଟନ ଅବସରରେ ଶୋ'ରୁମ୍‌ର କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ଅରୁନ୍ଧତୀର ଫ୍ଲାଗ୍‌ଶିପ୍ ଶୋ'ରୁମ୍



ସମ୍ବଲପୁର,୩।୫(ବି.ଶଙ୍କର)

ଅରୁନ୍ଧତୀ ଜୁଏଲର୍ସର ନୂତନ ଫ୍ଲାଗଶିପ ଗହଣା ଶୋ'ରୁମ୍ ସମ୍ବଲପୁର ସହରସ୍ଥିତ ବୁଢ଼ାରଜାଠାରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଓଲିଉଡ ନାୟିକା ଅର୍ଚ୍ଚିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି, ଦୀପ ପ୍ରଜ୍ୱଳନ କରି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ।

ଅରୁନ୍ଧତୀ ଜୁଏଲର୍ସ ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇ କହିଥିଲେ ଯେ, ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପ୍ରତି ଦୀର୍ଘ ୨୪ ବର୍ଷ ହେବ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ରହିଛି। ପୂର୍ବ ଭାରତର ଏକ ପ୍ରତିଷ୍ଠିତ ଅଗ୍ରଣୀ ସୁନାଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ପାଇପାରିଛି। ଗତ ୨୪ବର୍ଷ ଧରି ସୁନା ଗହଣା ମାନରେ ଶୁଦ୍ଧତା, କାରୁକାର୍ଯ୍ୟତା, ଠିକ ବ୍ୟବସାୟିକ ପଦକ୍ଷେପ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଗ୍ରାହକ ସେବାରେ ଆତ୍ମୀୟତାର ଭାବକୁ ଆଧାର କରିଛି। ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯାଇଛି ବୋଲି ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଅନ୍ୟତମ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଅପରେଶନ ହେଡ୍ ନିହାରରଞ୍ଜନ ନନ୍ଦ, ଜୋନାଲ ମ୍ୟାନେଜର ଦେବୟାନ ମୁଖାର୍ଜୀ ଏବଂ ଶାଖା ପରିଚାଳକ ଅନିଲ ଯାଦବ ଉପସ୍ଥିତ ଥିଲେ।

**ଅନ୍ୟାନ୍ୟ ଖବର**

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିତାନାସୀ ନଈକୂଳ,**
**ତୋ'ସଙ୍ଗେ ବସିଲି ପେଣ୍ଡି ବଉଳ,**
**ହରେଇଲି ଜାତିକୁଳ।**

ପ୍ରେମ ହେଉଛି ତ୍ୟାଗ, ଭଲ ପାଇବାର ପ୍ରତୀକ। ପ୍ରେମ ମାନେନା ବୟସର ମାପକାଠି କି ଧନୀ ଗରିବର ପ୍ରଭେଦ। ଏହା ହେଉଛି ପବିତ୍ର, ଶାଶ୍ୱତ, ସତ୍ୟ ଆଉ ସନାତନ। ଭଲପାଇବା ଭଳି ପବିତ୍ର ବନ୍ଧନ ଆଗରେ ଜାତି, ସମାଜ, ଧନ, ସମ୍ପତ୍ତି, ପ୍ରତିପତ୍ତି ଏସବୁ ଦେଖାଯାଏନି। ପ୍ରେମ ପାଇଁ ଜାତି, କୁଳ ହରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜାରୀ, ହଟାରି, ସୁନାରି, ଦାରୀ;**
**ଏ ଚାରିହେଁ ନୁହନ୍ତି କାହାରି।**

ଉପରୋକ୍ତ ବର୍ଣ୍ଣିତ ବ୍ୟକ୍ତିଙ୍କ ଚରିତ୍ର ଓ ମନୋବୃତ୍ତି ଆଦୌ ସନ୍ତୋଷଜନକ ହୋଇ ନ ଥାଏ। ଏମାନେ ସବୁବେଳେ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାନ୍ତି। ଯେଉଁଠି ବି ପଇସା ଅଧିକ ପାଇଥାନ୍ତି ସେଠିକି ଯିବାକୁ ଉଚିତ ମଣିଥାନ୍ତି। ଏମାନଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଷ୍ଟାର୍ଟଅପ୍ ପୁରସ୍କୃତ

### ଓୟୁଟିଆର୍ ଛାତ୍ର ଅନୁପଙ୍କ 'ଚୁଲିଭ୍' ଶ୍ରେଷ୍ଠ ବିବେଚିତ

ଭୁବନେଶ୍ୱର,୩।୫ (ବନ୍ଦନା ସେଠୀ)




ଆମେରିକାର ବୋଷ୍ଟନ ନର୍ଥ ଇଷ୍ଟର୍ନ ୟୁନିଭର୍ସିଟିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନ ଓ ତତ୍‌ସମ୍ବନ୍ଧୀୟ ଅଭିଭାଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟାର୍ଟଅପ୍ କୃତିତ୍ୱ ଅର୍ଜନ କରିଛି। ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ସ୍ୱୀକୃତ ତଥା ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ପୁରସ୍କୃତ ନିଉରୂପ ଟେକ୍ ସଲ୍ୟୁଶନ୍ କମ୍ପାନୀର ପ୍ରତିଷ୍ଠାତା ଅନୁପ ପାଇକରାୟ ଏହି ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ହାର୍ଭାର୍ଡ ୟୁନିଭର୍ସିଟି, ଏମ୍‌ଆଇଟି (ଆମେରିକା), ଟଫସ୍ ୟୁନିଭର୍ସିଟି, ବୋଷ୍ଟନ ୟୁନିଭର୍ସିଟି, ବେଣ୍ଟଲି ୟୁନିଭର୍ସିଟି, ୱେଣ୍ଟୱର୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି, ଇମର୍‌ସନ୍ କଲେଜ ଆଦି ୧୦ଟି ବିଶ୍ୱବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଥିଲେ। ତେବେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ(ଓୟୁଟିଆର୍)ର ଛାତ୍ର ଅନୁପ ଏକମାତ୍ର ଭାରତୀୟ ଛାତ୍ର ଭାବେ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୨ଲକ୍ଷ ଟଙ୍କା ଓ ଟ୍ରଫି ମିଳିଛି। ଏହି ସମୟରେ ଅନୁପ ଭାରତର ଜାତୀୟ ପତାକା ଉଡ଼ାଇ ବିଶ୍ୱସ୍ତରରେ ଭାରତ ମାଟିକୁ ସମ୍ମାନିତ କରିଥିଲେ। ଓଡ଼ିଶା ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ପ୍ରାୟୋଜିତ ଷ୍ଟାର୍ଟଅପ୍ ଉତ୍ସବରେ ସେ ଶ୍ରେଷ୍ଠ ଷ୍ଟାର୍ଟଅପ୍ ଛାତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଅନୁପଙ୍କ ପ୍ରକଳ୍ପ ମୁଖ୍ୟତଃ ଆଫ୍ରିକାର ଗ୍ରାମାଞ୍ଚଳରେ ରହିଥିବା ୫୦ କୋଟି ମହିଳାଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ। ପ୍ରକଳ୍ପ 'ଚୁଲିଭ୍' ବିଶ୍ୱର ପ୍ରଥମ ଅଟୋମେଟିକ୍ ଏୟାରବ୍ଲୋୟର୍। ଏହାର ଦାମ୍ ମାତ୍ର ୫୦୦ ଟଙ୍କା ହୋଇଥିବାବେଳେ ମାଟି ଚୁଲିରେ ଆସୁଥିବା ଧୂଆଁକୁ ହ୍ରାସ କରି ମହିଳାଙ୍କ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ରିପୋର୍ଟ ଅନୁଯାୟୀ ଚୁଲି ଧୂଆଁଜନିତ କାରଣରୁ ପ୍ରତ୍ୟେକ ବର୍ଷ ଆପାତତଃ ୨୦ଲକ୍ଷ ମହିଳାଙ୍କର ମୃତ୍ୟୁ ଘଟୁଛି। ଅନୁପଙ୍କର 'ଚୁଲିଭ୍' ଏହି ସମସ୍ୟାକୁ ଦୂରେଇ ଦେବାରେ ଯଥେଷ୍ଟ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି।

## ୧୪୦ ନିୟୁତ ମାଇଲ ଦୂରରୁ ପୃଥିବୀକୁ ଲେଜର ବାର୍ତ୍ତା

ନୂଆଦିଲ୍ଲୀ,୩।୫



ପ୍ରାୟ ୧୪୦ ନିୟୁତ ମାଇଲ ଦୂର ଗଭୀର ମହାକାଶରୁ ରହସ୍ୟମୟ ସିଗ୍‌ନାଲ ପୃଥିବୀ ଗ୍ରହଣ କରିଥିବା ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ନାସାର ନୂଆ ମହାକାଶ ଯାନ 'ସାଇଚେ'ରୁ ଏହି ସିଗ୍‌ନାଲ ଆସିଛି। ଗତବର୍ଷ ଅକ୍ଟୋବରରେ ନାସା ଏହି ମହାକାଶ ଯାନକୁ 'ସାଇଚେ ୧୬' ନାମରେ ଏକ ଗ୍ରହାଣୁ ଅଭିମୁଖେ ପଠାଇଥିଲା। ସୌରଜଗତରେ ଏହା ବିରଳ ତଥା ଧାତୁରେ ଗଠିତ ଗ୍ରହାଣୁ ବୋଲି ବିଶ୍ୱାସ କରାଯାଉଛି। ମଙ୍ଗଳ ଏବଂ ବୃହସ୍ପତି ଗ୍ରହର ମଧ୍ୟବର୍ତ୍ତୀ ଗ୍ରହାଣୁ ପୁଞ୍ଜ ମଧ୍ୟରେ ଉକ୍ତ ଗ୍ରହାଣୁ ରହିଛି। ନାସା ପଠାଇଥିବା ମହାକାଶ ଯାନ ସାଇଚେ ଜରିଆରେ ଲେଜର ଯୋଗାଯୋଗର ପରୀକ୍ଷା କରାଯାଇଛି। ଏଥିରେ ଥିବା ଡିପ୍ ସ୍ପେସ୍ ଅପ୍ଟିକାଲ କମ୍ୟୁନିକେଶନ୍ସ (ଡିଏସ୍‌ଓସି) ସିଷ୍ଟମ୍ ମହାକାଶର ଏତେ ଦୂରରୁ ପୃଥିବୀ ସହ ସଂଯୋଗକୁ ସମ୍ଭବ କରିପାରିଥିବା ବେଳେ ବର୍ତ୍ତମାନର ଯୋଗାଯୋଗ ପଦ୍ଧତିଠାରୁ ଏହା ଅଧିକ ଦ୍ରୁତତର ହୋଇପାରିଛି।

## ଖୋର୍ଦ୍ଧା ବ୍ଲକ୍‌ର ପିଇଓ ଅଶୋକ ପାଟଶାଣୀ ବହିଷ୍କୃତ

ଭୁବନେଶ୍ୱର,୩।୫(ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଦଣ୍ଡିତ ହୋଇଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଓ ବୋଲଗଡ଼ ବ୍ଲକ୍‌ର ପୂର୍ବତନ ଭିଏଲ୍‌ଡବ୍ଲ୍ୟୁ ତଥା ବର୍ତ୍ତମାନ ଖୋର୍ଦ୍ଧା ବ୍ଲକ୍‌ର ପିଇଓ ଅଶୋକ କୁମାର ପାଟଶାଣୀଙ୍କୁ ରାଜ୍ୟ ସରକାର ଚାକିରିରୁ ବହିଷ୍କୃତ କରିଛନ୍ତି। ଶୁକ୍ରବାର ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଅଶୋକଙ୍କୁ ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗତବର୍ଷ ଡିସେମ୍ବର ୧୮ରେ ଦୋଷୀସାବ୍ୟସ୍ତ କରିଥିଲେ। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ହୋଇଥିଲା। ଏହି ଦଣ୍ଡାଦେଶକୁ ଆଧାର କରି ଅଶୋକଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିସ୍ କରାଯାଇଥିଲା।

୨୦୧୧ ମସିହାରେ ଅଶୋକ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ହୀରାପୁର ଓ ବୋତଲମା ଗ୍ରାମ ପଞ୍ଚାୟତରେ ଭିଏଲ୍‌ଡବ୍ଲ୍ୟୁ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ଇନ୍ଦିରା ଆବାସ ପାଇଥିବା ସ୍ଥାନୀୟ ବାସିନ୍ଦା ଦୋଳଗୋବିନ୍ଦଙ୍କ ପ୍ରଥମ କିସ୍ତି ବିଲ୍ ପାସ୍ କରାଇଦେବାକୁ ଅଶୋକ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ୧ ହଜାର ନେବାକୁ କଥା ଛିଡ଼ିଥିଲା। ଏନେଇ ୨୦୧୧ ମେ' ୪ରେ ଦୋଳଗୋବିନ୍ଦ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ।

## କଳାହାଣ୍ଡିରେ ଧାନକିଣା ବାଟବଣା

### ବର୍ଷେ ପରେ ବି ମିଳିଲାନି ଧାନବିକ୍ରି ଟଙ୍କା

ଭବାନୀପାଟଣା,୩।୫
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଧାନକିଣା ବାଟବଣା ହୋଇଛି। ଧାନ ବିକ୍ରି କରିବାର ବର୍ଷେ ପରେ ବି ଜଣେ ଚାଷୀଙ୍କୁ ଏଯାଏ ଟଙ୍କା ମିଳିନାହିଁ। ଏହାକୁ ନେଇ ପରିବାର ଚିନ୍ତାରେ ରହିଥିବାବେଳେ ଟଙ୍କାକୁ ଚାହିଁ ଚାଷୀଙ୍କ ବାପା ମଧ୍ୟ ଆଖି ବୁଜିସାରିଲେଣି। ଏପରି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ମଣ୍ଡିରେ।

ଏହି ମଣ୍ଡିରେ ସ୍ଥାନୀୟ ପିଲିକିଆ ଗ୍ରାମର ହିମାଂଶୁ ନାଏକ ନାମକ ଚାଷୀ ୪ ଫେବୃଆରୀ ୨୦୨୩ରେ ୭୪.୧୯ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଏ ବାବଦ ପାଉଣା ୧ଲକ୍ଷ ୫୧ହଜାର ୩୪୭ ଟଙ୍କା ବୋଲି ଧାନ କ୍ରୟ କରୁଥିବା ସ୍ଥାନୀୟ ମା' ଲଙ୍କେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ହିମାଂଶୁଙ୍କୁ ଭେଣ୍ଡର (ରସିଦ) ମଧ୍ୟ ଦିଆଯାଇଥିଲା। ଇତିମଧ୍ୟରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ପରେ ବି ହିମାଂଶୁଙ୍କୁ ଧାନବିକ୍ରି ଟଙ୍କା ମିଳିନାହିଁ। ଏ ନେଇ ହିମାଂଶୁଙ୍କ ପରିବାର ଲୋକେ ଜିଲା ଯୋଗାଣ ବିଭାଗ, ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନାହିଁ। ଧାନ ବିକ୍ରି କରିବା ସମୟରେ ହିମାଂଶୁଙ୍କ ବୟସ ୧୮ ବର୍ଷ ହୋଇ ନ ଥିବାରୁ ଏପରି ଅସୁବିଧା ହୋଇଥିବା ଦାୟିତ୍ୱରେ ଥିବା ଧାନ କ୍ରୟ କେନ୍ଦ୍ର ପରିଚାଳକଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ୧୮ବର୍ଷ ପରେ ତାଙ୍କ ଟଙ୍କା ବ୍ୟାଙ୍କ ଏକାଉଣ୍ଟରେ ପଡିବ ବୋଲି କହାଯାଇଥିଲା। ଏବେ ତାଙ୍କୁ ୧୮ ବର୍ଷ ୫ମାସ ହୋଇଥିଲେ ମଧ୍ୟ ଧାନ ଟଙ୍କା ମିଳିନାହିଁ। ଅନ୍ୟପଟେ ଧାରକରଜ କରିଥିବା ହିମାଂଶୁଙ୍କ ବାପା କାଶୀନାଥ ଧାନ ବିକ୍ରି ଟଙ୍କାକୁ ଚାହିଁ ଗତ ଅକ୍ଟୋବର ମାସରେ ମୃତ୍ୟୁବରଣ କରିଛନ୍ତି। ବାପାଙ୍କ ମୃତ୍ୟୁ ପରେ ହିମାଂଶୁ ଏବେ ତାଙ୍କ ମା' ବୈଦେହୀ, ୩ ଭଉଣୀଙ୍କ ସହ ଅତି କଷ୍ଟରେ ଜୀବନ ବିତାଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ।


ଧାନ ବିକ୍ରି କରିଥିବା ରସିଦ ଦେଖାଉଛନ୍ତି ହିମାଂଶୁ ଓ ତାଙ୍କ ମା'।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଓଁ ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ବେଙ୍ଗାଲୁରୁ ବନାମ ଗୁଜରାଟ

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଜୟ ଲକ୍ଷ୍ୟରେ ଆରସିବି, ଗୁଜରାଟ

**ବେଙ୍ଗାଲୁରୁ, ୩।୫ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇଟି ଯାକ ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ତେଣୁ ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଆଗାମୀ ମ୍ୟାଚରେ ଉଭୟ ଦଳକୁ ବିଜୟ ଲକ୍ଷ୍ୟରେ ଖେଳିବାକୁ ହେବ। ଆରସିବି ୧୦ ମ୍ୟାଚରୁ ମାତ୍ର ୬ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ସେହିପରି ଟାଇଟନ୍ସ ସମାନ ମ୍ୟାଚରୁ ୮ ପଏଣ୍ଟ ପାଇ ୮ମ ସ୍ଥାନ ପାଇଛି। ଚଳିତ ସିଜନରେ ଅନ୍ୟ କିଛି ଦଳର ପ୍ରଦର୍ଶନରେ ମଧ୍ୟ ସ୍ଥିରତା ରହିନାହିଁ। ଫଳରେ ଗୁଜରାଟ ଓ ଆରସିବି ପାଇଁ ଆଗକୁ ବଢ଼ିବାକୁ କ୍ଷୀଣ ଆଶା ଅଛି। ଆଇପିଏଲ୍ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅନ୍ୟ କୌଣସି ଦଳର ଫଳାଫଳକୁ ଦେଖିବା ଅପେକ୍ଷା ଏବେ ଉଭୟ ଆରସିବି ଓ ଗୁଜରାଟ ନିଜର ବିଜୟ ଉପରେ ଫୋକସ କରୁଛନ୍ତି।

ତୁଳନାତ୍ମକଭାବେ ଦେଖିବାକୁ ଗଲେ ଗୁଜରାଟ ଅପେକ୍ଷା ଆରସିବିର ପଲା ଭାରି ରହିଛି। କାରଣ ଏହି ଦଳ କ୍ରମାଗତ ୨ଟି ବିଜୟ ପରେ ଏହି ମ୍ୟାଚ ଖେଳିବାକୁ ଯାଉଛି। ପୂର୍ବ ମ୍ୟାଚରେ ଗୁଜରାଟକୁ ପରାସ୍ତ କରିଥିବାରୁ ଦଳର ମନୋବଳ ମଧ୍ୟ ଦୃଢ଼ ରହିଛି। ୱିଲ୍ ଜ୍ୟାକ୍ସ ଦଳର ନୂଆ ହିରୋଭାବେ ଉଭା ହୋଇଛନ୍ତି। କାମେରନ ଗ୍ରୀନ୍ ମଧ୍ୟ ଗତ ୨ ମ୍ୟାଚରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଛନ୍ତି। ଟପ୍ ଅର୍ଡରରେ ବିରାଟ କୋହଲି କ୍ରମାଗତ ରନ ସଂଗ୍ରହ କରି ଚାଲିଛନ୍ତି। ପ୍ରଥମ ଖେଳାଳିଭାବେ ସେ ଚଳିତ ସିଜନରେ ୫୦୦ ରନ ପୂରଣ କରିଛନ୍ତି। ମହମ୍ମଦ ସିରାଜ, ଯଶ ଦୟାଲ, କର୍ନ ଶର୍ମା ଓ ସ୍ୱପ୍ନିଲ ସିଂଙ୍କ ପରି ବୋଲରଙ୍କଠାରୁ ଦଳ ଅଧିକ ଏକାଗ୍ରତା ଆବଶ୍ୟକ କରୁଛି। ଅନ୍ୟପକ୍ଷରେ ଗୁଜରାଟ କ୍ରମାଗତ ୨ ପରାଜୟ ପରେ ଆଗାମୀ ମ୍ୟାଚ ଖେଳିବ। ଶୁବମନ ଗିଲ୍ ଓ ଭରଦ୍ୱାଜ ସାଇ ସୁଦର୍ଶନ ଦଳପାଇଁ ରନ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି।


ଶୁବମନ ଗିଲ୍ ଓ ଫାଫ ଡୁପ୍ଲେସି।





CLASSIFIED DISPLAY
MORE SPACE • SAME PRICE
TARIFF GST 5%

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଷ୍ଟିକର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୨୧ ଶିବପୁରୀ
ୟୁପି-୨୦୨, ସେକ୍ଟର ୫, ନୋଏଡ଼ା
9810432170
7606841840


## ବକ୍ସିଂ: ୨୨ ପଦକ ନିଶ୍ଚିତ କଲା ଭାରତ

**ଅଷ୍ଟାନା, ୩।୫ (ପି.ଟି.):** ଏଠାରେ ଚାଲିଥିବା ଏଏସ୍‌ବିସି ଏସିଆନ ୨୨ ବର୍ଷରୁ କମ୍ ଓ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍ ୨୦୨୪ରେ ଭାରତୀୟ ବକ୍ସରମାନେ ବିଭିନ୍ନ କାଟେଗୋରିରେ ୨୨ଟି ପଦକ ପକ୍କା କରିଛନ୍ତି। ବ୍ରିଜେଶ ତମତା ଓ ଆର୍ଯ୍ୟନଙ୍କ ସମେତ ଅନ୍ୟ ୫ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ୨୨ ପଦକ ନିଶ୍ଚିତ କରିଥିବା ବକ୍ସରଙ୍କ ମଧ୍ୟରେ ୧୨ମହିଳା ବକ୍ସର ରହିଛନ୍ତି। ଭାରତର ବ୍ରିଜେଶ ୪୮ କେଜି କାଟେଗୋରିରେ ମଙ୍ଗୋଲିଆର ତାଲାଇବେକ୍ ଇଆସୁରଙ୍କ ବିପକ୍ଷରେ ୫-୦ ସ୍କୋର ଲାଇନ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ସେହିପରି ସର୍ବସମ୍ମତି ନିଷ୍ପତ୍ତିରେ ସାମନ ସ୍କୋର ବ୍ୟବଧାନରେ ରାହୁଲ କୁଣ୍ଡୁ (୭୫କେଜି) ଓ ଆର୍ଯ୍ୟନ (୯୨କେଜି) ଯଥାକ୍ରମେ ଚାଇନାର କାଙ୍ଗିବାଇ ଏର୍ସି ଓ କିରଗିଜସ୍ତାନର ଆଲବାଏଭ ତାଇନିସ୍ତାନଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ କିରଗିଜସ୍ତାନର ସାଦିରୋଭ ଦିଲେରବେକ୍ ଏବଂ ସାଗର ଜାଖର (୬୦କେଜି)ଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡ ମୁକାବିଲାକୁ ରେଫରି ବନ୍ଦ ରଖିବାକୁ ବାଧ ହୋଇଥିଲେ। ଏଥିରେ ଭାରତୀୟ ବକ୍ସରଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସେହିପରି ଆର୍ଯ୍ୟନ (୫୧କେଜି) ଯଶବର୍ଦ୍ଧନ ସିଂ (୬୩.୫କେଜି) ଓ ପ୍ରିୟାଂଶୁ ବିଭାଜିତ ନିଷ୍ପତ୍ତି ରାୟରେ ଜିତି ଭାରତର ବିଜୟ ଧାରାକୁ ଜାରି ରଖିଥିଲେ। ସୁମିତ (୬୭କେଜି) ଓ ସାହିଲ (୮୦କେଜି) ଉଭୟେ ୦-୫ରେ ଯଥାକ୍ରମେ କାଜାଖସ୍ତାନର ସାବିରଖାନ୍ ତୋରେ ଖାନ୍ ଏବଂ କିରଗିଜସ୍ତାନର ଜାକିରୋଭ ମୁଖାମାଦାଜିଜ୍‌ଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜ ପାଇଛନ୍ତି। ଧ୍ରୁବ ସିଂ (୮୦କେଜି), ଗୁଞ୍ଜି (୪୮କେଜି) ଓ ପୁନମ (୫୭କେଜି) ୨୨ ବର୍ଷରୁ କମ୍ କାଟେଗୋରୀରେ ଗୁରୁବାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିଥିବା ପ୍ରୀତି (୫୪କେଜି) ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ବିଶ୍ୱନାଥ ସୁରେଶ (୪୮କେଜି) ଅନ୍ୟ ୧୭ ବକ୍ସରଙ୍କ ସହିତ ୨୨ ବର୍ଷରୁ କମ୍ ସେମିଫାଇନାଲରେ ଭାରତର ନେତୃତ୍ୱ ନେବେ।

# ମୁମ୍ବାଇ ଆଶା ଧୂଳିସାତ

**ମୁମ୍ବାଇ, ୩।୫**

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୨୪ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ୨ଟି ଯାକ ଦଳ ଅଲ୍‌ଆଉଟ ହୋଇଥିବାବେଳେ ବାଜି ମାରିଥିଲା କୋଲକାତା। ନାଇଟ ରାଇଡର୍ସ ୧୯.୫ ଓଭରରେ ୧୬୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ମୁମ୍ବାଇ ୧୮.୫ ଓଭରରେ ୧୪୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ମୁମ୍ବାଇ ପକ୍ଷରୁ କେବଳ ସୂର୍ଯ୍ୟକୁମାର ଯାଦବ (୫୬ ରନ, ୩୫ ବଲ, ୬ ଚୌକା, ୨ ଛକା) ଓ ଟିମ୍ ଡାଭିଡ୍ (୨୪ ରନ, ୨୦ ବଲ, ୧ ଚୌକା, ୧ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ତିଷ୍ଠିପାରି ନ ଥିଲେ। କୋଲକାତା ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪ଟି ଏବଂ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୧ ମ୍ୟାଚରୁ ୮ମ ପରାଜୟ ଫଳରେ ମୁମ୍ବାଇର ପ୍ଲେ-ଅଫ୍ ଆଶା ଧୂଳିସାତ ହୋଇଛି। ଅନ୍ୟପକ୍ଷରେ କୋଲକାତା ୭ମ ବିଜୟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମୁମ୍ବାଇ ଟସ୍ ଜିତି ଫିଲ୍ଡିଂ ନେବାପରେ ଘାତକ ବୋଲିଂ କରିଥିଲେ ନୁୱାନ ଥୁସାରା। ସେ ଟପ୍ ଅର୍ଡରର ୩ ପ୍ରମୁଖ ବ୍ୟାଟର ଫିଲିପ୍ ସଲ୍ଟ ୫, ଅଙ୍କ୍ରିଶ୍ ରଘୁବଂଶୀ ୧୩ ଓ ଅଧିନାୟକ ଶ୍ରେୟସ ଆୟରଙ୍କୁ ୬ ରନରେ ଆଉଟ କରି କୋଲକାତାକୁ ବ୍ୟାକ୍‌ଫୁଟରେ ପହଞ୍ଚାଇଥିଲେ। ଏହାପରେ ସୁନୀଲ ନାରିନଙ୍କୁ ହାର୍ଦ୍ଦିକ ଓ ରିଙ୍କୁ ସିଂଙ୍କୁ ପୀୟୂଷ ଚାୱଲା ପ୍ୟାଭିଲିୟନ ପଠାଇବାରୁ ୬.୧ ଓଭର ବେଳକୁ କୋଲକାତା ସ୍କୋର ୫୭/୫ ହୋଇ ଯାଇଥିଲା। ଇମ୍ପାକ୍ଟ ପ୍ଲେୟର ମନୀଷ ପାଣ୍ଡେ ଓ ଭେଙ୍କଟେଶ ଆୟର ୬ଷ୍ଠ ଉଇକେଟରେ ୮୩ ରନ ଯୋଗକରି ଦଳକୁ ଲଜ୍ଜାଜନକ ସ୍ଥିତିରୁ ମୁକୁଳାଇ ଥିଲେ। ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମନୀଷ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୨ ରନ କରିଥିଲେ। ୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଭେଙ୍କଟେଶ୍ ୬ ଚୌକା ଓ ୩ ଛକା ସହ ସର୍ବାଧିକ ୭୦ ରନ ସ୍କୋର କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଥୁସାରା ଓ ବୁମ୍‌ରା ୩ଟି ଲେଖାଏ, ହାର୍ଦ୍ଦିକ ୨ଟି ଓ ଚାୱଲା ଗୋଟିଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ଉଲ୍ଲସିତ ମୁମ୍ବାଇ ଇଣ୍ଡିଆନ୍ସର ନୁଆନ ଥୁସାରା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୧୯.୫ ଓଭରରେ ୧୬୯/ଅଲ୍‌ଆଉଟ (ଭେଙ୍କଟେଶ ଆୟର-୭୦, ମନୀଷ ପାଣ୍ଡେ-୪୨, ଯଶପ୍ରୀତ୍ ବୁମ୍‌ରା-୩/୧୮, ନୁୱାନ ଥୁସାରା-୩/୪୨, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୪, ପୀୟୂଷ ଚାୱଲା-୧/୧୫)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୧୪୫/ଅଲ୍‌ଆଉଟ (ସୂର୍ଯ୍ୟକୁମାର ଯାଦବ-୫୬, ଟିମ୍ ଡାଭିଡ-୨୪, ମିଚେଲ ଷ୍ଟାର୍କ-୪/୩୩, ବରୁଣ ଚକ୍ରବର୍ତ୍ତୀ-୨/୨୨, ସୁନୀଲ ନାରିନ-୨/୨୨, ଆନ୍ଦ୍ରେ ରସେଲ-୨/୩୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୭ | ୩ | ୧୪ | +୧.୦୯୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୬ | ୪ | ୧୨ | +୦.୦୯୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ପଞ୍ଜାବ କିଙ୍ଗ୍ସ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୩ | ୮ | ୬ | -୦.୩୫୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

# କିଜ୍‌ଙ୍କୁ ହରାଇ ସ୍ୱିଟେକ୍ ଫାଇନାଲରେ

**ମାଡ୍ରିଡ୍, ୩।୫ (ଏପି)**

**ମାଡ୍ରିଡ୍ ଓପନ ଟେନିସ**

ଇଗା ସ୍ୱିଟେକ୍ ସେମିଫାଇନାଲରେ ମାଡିସନ କିଜ୍‌ଙ୍କୁ ୬-୧, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ମାଡ୍ରିଡ୍ ଓପନ ଟେନିସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ତଥା ଗତଥରର ଚାମ୍ପିୟନ ଆରିନା ସାବାଲେଙ୍କାଙ୍କୁ ଭେଟିବେ। ସାବାଲେଙ୍କା ଅନ୍ୟ ସେମିଫାଇନାଲ ମ୍ୟାଚରେ ବିଶ୍ୱର ୪ ନମ୍ବର ଖେଳାଳି ଏଲିନା ରିବାନିକାଙ୍କ ବିପକ୍ଷରେ ୧-୬, ୭-୫, ୭-୬ (୫)ରେ ବିଜୟ ସହଜ କରିଛନ୍ତି। ମାଡ୍ରିଡ୍ ଓପନ ହେଉଛି ଏକ ମାତ୍ର ୟୁରୋପିଆନ କ୍ଲେ-କୋର୍ଟ ଟୁର୍ନାମେଣ୍ଟ। ଏଠାରେ ସ୍ୱିଟେକ ଥରେ ହେଲେ ଟାଇଟଲ ବିଜୟୀ ହୋଇପାରି ନାହାନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମାଡ୍ରିଡ୍ ଓପନରେ ସ୍ୱିଟେକଙ୍କୁ ପରାସ୍ତ କରିବା ଲାଗି ସାବାଲେଙ୍କା ତିନି ସେଟ୍ ଆବଶ୍ୟକ କରିଥିଲେ।


ବିଜୟ ହାସଲପରେ ଇଗା ସ୍ୱିଟେକ୍।

**ମେଡଭେଡେଭ ଆଘାତପ୍ରାପ୍ତ**

ଡାନିଲ ମେଡଭେଡେଭ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ସେ ୩୧ତମ ର୍ୟାଙ୍କିଙ୍ଗପ୍ରାପ୍ତ ଜିରି ଲେହେକାଙ୍କ ବିପକ୍ଷ ସେମିଫାଇନାଲର ପ୍ରଥମ ସେଟ୍ ୬-୪ରେ ହାରିବା ପରେ ମେଡଭେଡେଭ ଆଘାତପ୍ରାପ୍ତ ଯୋଗୁ ରିଟାୟର୍ଡ ନେଇ ଯାଇଥିଲେ। ଲେହେକା ସେମିଫାଇନାଲରେ ୩୫ତମ ର୍ୟାଙ୍କିଙ୍ଗପ୍ରାପ୍ତ ଫେଲିକ୍ସ ଅଗର ଆଲିଆସିମ୍‌ଙ୍କୁ ଭେଟିବେ। ମେଡେଭେଡେଭଙ୍କ ଡାହାଣ ଗୋଡ଼ ଉପରିଭାଗରେ ଚିକିତ୍ସା ଆବଶ୍ୟକ ପଡ଼ିଛି।

# ହ୍ୱାଇଟ ବଲ୍ ଫର୍ମାଟରେ ଭାରତ ନମ୍ବର ୱାନ

**ଦୁବାଇ, ୩।୫ (ପି.ଟି.)**

**ଆଇସିସି ର୍ୟାଙ୍କିଙ୍ଗ**

■ ଟେଷ୍ଟ ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ ପ୍ରଥମ



ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ହ୍ୱାଇଟ ବଲ୍ ଫର୍ମାଟରେ ଭାରତ ନମ୍ବର ୱାନ ସ୍ଥାନ ବଜାୟ ରଖିଛି। ଟେଷ୍ଟ ର୍ୟାଙ୍କିଙ୍ଗରେ କିନ୍ତୁ ଦଳ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ଭାରତ ସ୍ଥାନରେ ଅଷ୍ଟ୍ରେଲିଆ ନମ୍ବର ୱାନ ସ୍ଥାନ ଦଖଲ କରିନେଇଛି। ଭାରତ (୧୨୦) ବର୍ତ୍ତମାନ ଅଷ୍ଟ୍ରେଲିଆ (୧୨୪)ଠାରୁ ୪ ପଏଣ୍ଟ ପଛୁଆ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ୧୫ ପଏଣ୍ଟ ଆଗରେ ରହିଛି। ଦକ୍ଷିଣ ଆଫ୍ରିକା(୧୦୩) ଚତୁର୍ଥ ଦଳ ଭାବେ ୧୧୦ରୁ ଅଧିକ ପଏଣ୍ଟ ଅର୍ଜନ କରିଛି। ପୂର୍ବରୁ ଯଥାକ୍ରମେ ତୃତୀୟରୁ ନବମ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବର୍ତ୍ତମାନ କେବଳ ୯ଟି ଦଳକୁ ନେଇ ର୍ୟାଙ୍କିଙ୍ଗ ତାଲିକା ପ୍ରସ୍ତୁତ କରାଯାଇଛି, କାରଣ ଅଫଗାନିସ୍ତାନ ଓ ଆୟର୍ଲାଣ୍ଡ ଯଥେଷ୍ଟ ସଂଖ୍ୟାରେ ଟେଷ୍ଟ ମ୍ୟାଚ ଖେଳି ନ ଥିବା ବେଳେ ଜିମ୍ବାୱେ ଗତ ୩ ବର୍ଷରେ ମାତ୍ର ୩ଟି ଟେଷ୍ଟ ମ୍ୟାଚ ଖେଳିଥିବାରୁ ଏହାକୁ ତାଲିକାଭୁକ୍ତ କରାଯାଇ ନାହିଁ। ର୍ୟାଙ୍କିଙ୍ଗ ଟେବୁଲରେ ସ୍ଥାନ ପାଇବାକୁ ହେଲେ ଦଳଗୁଡ଼ିକୁ ୩ ବର୍ଷରେ ଅତିକମ୍‌ରେ ୮ରୁ ଅଧିକ ଟେଷ୍ଟ ମ୍ୟାଚ ଖେଳିବାକୁ ହେବ। ତେବେ ଭାରତ ବାର୍ଷିକ ଅପ୍‌ଡେଟ୍‌ରେ ଅନ୍ତର୍ଜାତୀୟ ଦିନିକିଆ ଓ ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ବଜାୟ ରଖିପାରିଛି। ଭାରତ ହୁଏତ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଥାଇପାରେ, ମାତ୍ର ଏହି ଦଳଠାରୁ ବ୍ୟବଧାନ ୩ ପଏଣ୍ଟରୁ ୬ ପଏଣ୍ଟକୁ ବୃଦ୍ଧି କରିପାରିଛି। ଭାରତର ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୧୨୨ ରହିଛି। ଟପ୍ ୧୦ରେ ଅନ୍ୟ କୌଣସି ସ୍ଥାନରେ ପରିବର୍ତ୍ତନ ଘଟି ନାହିଁ। ଆୟର୍ଲାଣ୍ଡ କିନ୍ତୁ ଜିମ୍ବାୱେଙ୍କୁ ଅତିକ୍ରମ କରି ୧୧ଶ ସ୍ଥାନ ଅଧିକାର କରିଛି। ତୃତୀୟ ସ୍ଥାନରେ ରହିଥିବା ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ରହିଥିବା ବ୍ୟବଧାନ ୮ପଏଣ୍ଟରୁ ୪ପଏଣ୍ଟକୁ ହ୍ରାସ ପାଇଛି। ଶ୍ରୀଲଙ୍କା ୫ମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡଠାରୁ ମାତ୍ର ଦୁଇ ପଏଣ୍ଟ ପଛରେ ରହିଛି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗରେ ଇଂଲଣ୍ଡ ଆଗରେ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ସେମାନେ ଭାରତଠାରୁ ୭ ପଏଣ୍ଟ ପଛରେ ରହିଛନ୍ତି। ଭାରତ ୨୬୪ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି। ଦକ୍ଷିଣ ଆଫ୍ରିକା ୬ଷ୍ଠ ସ୍ଥାନରୁ ଦୁଇସ୍ଥାନ ଉପରକୁ ଉଠି ମାତ୍ର ୨ ପଏଣ୍ଟ ବ୍ୟବଧାନରେ ଇଂଲଣ୍ଡ ପଛରେ ରହିଛି। ଦକ୍ଷିଣ ଆଫ୍ରିକା ଭଳି ନ୍ୟୁଜିଲାଣ୍ଡ ପଏଣ୍ଟ ସଂଖ୍ୟା ମଧ୍ୟ ୨୫୦ ରହିଛି, ହେଲେ ଦଶମିକ ହିସାବରେ ପଛରେ ରହିଛି। ଅନ୍ୟପକ୍ଷରେ ୬ଷ୍ଠ ସ୍ଥାନରେ ରହିଥିବା ୱେଷ୍ଟଇଣ୍ଡିଜର ପଏଣ୍ଟ ସଂଖ୍ୟା ୨୪୯ ରହିଛି। ତୃତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ଏହାର ପଏଣ୍ଟ ବ୍ୟବଧାନ ମାତ୍ର ୩ ରହିଛି। ତାଲିକାରେ ଘଟିଥିବା ଅନ୍ୟ ପରିବର୍ତ୍ତନ ମଧ୍ୟରେ ପାକିସ୍ତାନ ଦୁଇ ସ୍ଥାନ ତଳକୁ ଖସି ୭ମକୁ ଖସି ଆସିଥିବା ବେଳେ ଜିମ୍ବାୱେକୁ ଅତିକ୍ରମ କରି ସ୍କଟଲାଣ୍ଡ ୧୨ତମ ସ୍ଥାନରେ ରହିଛି।


**Classified Everyday**
0674-2580101, 2549949


REAL ESTATE

SALE

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

**Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact-7008513309.** D-192

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769.** D-093

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Ready to move 3BHK duplex, Bank loan Gudiapokhari, Bhubaneswar. 9827152441. D-75531

2/3 BHK premium completed flat sale Patia Mainroad side - 9776866520. D-75953

**ଭୁବନେଶ୍ୱର, ଟଙ୍କପାଣି ରୋଡ, ରଙ୍ଗବଜାର ଛକରେ 3BHK** Duplex ଓ ଧଉଳିଛକ ପାଖରେ 3BHK Flat ବିକ୍ରୟ ହେବ। BDA Approved, Bank Finance ସୁବିଧା ଅଛି। ସବିଶେଷ ତଥ୍ୟ ପାଇଁ ଯୋଗାଯୋଗ କରନ୍ତୁ: **9438220432 / 8144658008.** D-211

**Plot for sale in BDA Town Planning scheme (TP-1), area 9150 sqft. 9861339189, 9398095446.** D-75532

200ft roadside commercial private plot sale, Jharapada, Bhubaneswar. 9437283845. D-75329

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Healthcare

Newly open Jyoti SPA positively health benefits (Expert therapist). 8458067955. D-76116

Relax, refresh your body, mind by expert therapist. Contact- 9938843929. D-76117

Newly open SPA positively health benefits with expert therapist. 8658466886. D-76115

Monalisa massage Club: All types Body massage with hiprofile smart lady rooms service available. 9708545108. D-190

Kerala body Massage best Therapist, Bhubaneswar. 9337672475. D-210

LOST

My Regd. Sale Deed bearing No.11371804631 Dt.3.10.2018 has been lost for which I have lodged a F.I.R. before the I.I.C., Sarankul P.S. on 28.04.24 bearing S.D.E. No.03. So I want to publication the matter in the daily newspaper The Dharitri. Yours faithfully, Manoj Kumar Mahapatra. D-209

ମନେ ପଡ଼ନ୍ତି

୧୩ତମ ଶ୍ରାଦ୍ଧବାର୍ଷିକ


ସ୍ୱ.ଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧
କେମିତି ୧୩ ବର୍ଷ କଟିଗଲା ଆମେ ଜାଣିପାରିଲୁ ନାହିଁ। ଆପଣଙ୍କ ସ୍ମୃତି ସବୁ ଅପାସୋରା। ଆପଣ ଆମ ପାଇଁ ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଡାକ୍ତର ଅବକାଶ ଦାସ ଯାଦବ, ଅଧ୍ୟକ୍ଷ, ଗୌରାଙ୍ଗ କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ, ଗୌରାଙ୍ଗ ଚରଣ ଦାସ ସ୍ମୃତି କମିଟି କର୍ମକର୍ତ୍ତା ତଥା ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୧୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।






ନାମାଙ୍କନର ଅନ୍ତିମ ଦିନରେ ବରଗଡ଼ ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ନନ୍ଦନ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି । ନାମାଙ୍କନ ଅନ୍ତିମ ଦିନରେ ବରଗଡ଼ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ନିପନ କୁମାର ଦାଶ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।





ବରଗଡ଼ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ଘରଘର ବୁଲି ଭୋଟ୍ ନିବେଦନ କରୁଛନ୍ତି । ବରଗଡ଼ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଯୁବକର୍ମୀଙ୍କ ସହିତ ପ୍ରଚାର ଅଭିଯାନରେ ବାହାରିଛନ୍ତି ।

# ନାମାଙ୍କନ ସରିଲା, ପ୍ରଚାର ଜୋର୍‌ଦାର୍

**ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୨୦ତାରିଖରେ ମତଦାନ ଗ୍ରହଣ ହେବ। ଶୁକ୍ରବାର ଏହି ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଅବଧି ଶେଷ ହୋ ପରେ ନିର୍ବାଚନୀ ପ୍ରଚାରକୁ ପ୍ରାର୍ଥୀମାନେ ଓହ୍ଲାଇଛନ୍ତି। କିଏ ଘରଘର ବୁଲି ତ ଆଉ କେହି ସଭା, ସମ୍ମିଳନୀ କରି ପ୍ରଚାରକୁ ବାହାରିଛନ୍ତି। ଶନିବାର ନାମାଙ୍କନ ଯାଞ୍ଚ ତଥା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ନିର୍ବାଚନୀ ପ୍ରଚାର ଆହୁରି ଜୋର୍ ଧରିବାର ସମ୍ଭାବନା ରହିଛି। ନାମାଙ୍କନ ଦାଖଲର ଅନ୍ତିମ ଦିବସରେ ବରଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ନିପନ କୁମାର ଦାଶ ଏବଂ ନନ୍ଦନ ମହାନନ୍ଦ ନାମାଙ୍କନ ଦାଖଲ କରିଥିଲେ। ସେମାନେ ଶୋଭାଯାତ୍ରାରେ ପୃଥକ ଭାବେ ଶତାଧିକ ସମର୍ଥକଙ୍କ ଗହଣରେ ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲାପାଳ କୁମାର ନାଗଭୂଷଣ ସେମାନଙ୍କଠାରୁ ନାମାଙ୍କନ ପତ୍ର ଗ୍ରହଣ କରିଥିଲେ। ତେବେ ଏଥର ବରଗଡ଼ ଲୋକ ସଭା ଆସନ ପାଇଁ ୯ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ କଂଗ୍ରେସର ସଞ୍ଜୟ ଭୋଇ, ବିଜେଡିର ପରିଣୀତା ମିଶ୍ର, ଭାଜପାର ପ୍ରଦୀପ ପୁରୋହିତ, ବହୁଜନ ସମାଜ ପାର୍ଟି(ବିଏସପି)ର ଟଙ୍କଧର କଣ୍ଡା, କୌଶିକ ସୁନା, ଜୟରମ ବାଘ, ନ୍ୟାଶନାଲ ଅପନି ପାର୍ଟିର ଦେବିକା ଶିକାଙ୍କ ସମେତ ସ୍ୱାଧୀନ ପ୍ରାର୍ଥି ପ୍ରଭାତ କୁମାର ଧରୁଆ ଏବଂ ଜ୍ଞାନେନ୍ଦ୍ର ବେହେରା ରହିଛନ୍ତି। ବିଏସପିର ରହିଥିବା ୩ପ୍ରାର୍ଥିଙ୍କ ମଧ୍ୟରୁ ଦଳ ଯାହାଙ୍କୁ ସୁପାରିଶ କରିବ, କେବଳ ତାଙ୍କ ପ୍ରାର୍ଥିପତ୍ର କାଏମ ରହିବ ଏବଂ ଅନ୍ୟ ୨ପ୍ରାର୍ଥିଙ୍କ ନାମାଙ୍କନ ରଦ୍ଦ ହେବ ବୋଲି ସୂଚନା ମିଳିଛି। ସେହିପରି ବରଗଡ଼ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସର୍ବାଧିକ ୯ପ୍ରାର୍ଥି ନାମାଙ୍କନ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ଦେବେଶ ଆଚାର୍ଯ୍ୟ, ଭାଜପାର ଅଶ୍ୱିନୀ ଷଡ଼ଙ୍ଗୀ, କଂଗ୍ରେସର ନିପନ କୁମାର ଦାଶ, ବିଏସପିର ଜୟଶଙ୍କର ସିହ୍ନା, ରାଷ୍ଟ୍ରୀୟ ମାନବ ପାର୍ଟିର ମୁକ୍ତା ନାଗ, ଆମ ଆଦମୀ ପାର୍ଟି(ଆପ୍)ର ଆଶିଷ ଶତପଥୀ ଏବଂ ୩ ସ୍ୱାଧୀନ ପ୍ରାର୍ଥି ପାଣ୍ଡବ କର୍ଣ୍ଣ, ଭକ୍ତ ବିନୋଦ ବାବା ଏବଂ ନନ୍ଦନ ମହାନନ୍ଦ ରହିଛନ୍ତି। ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୪ପ୍ରାର୍ଥି ରହିଛନ୍ତି। ସେମାନଙ୍କ ମଧ୍ୟରେ କଂଗ୍ରେସର କିଶୋର ଦଫାଦାର, ବିଜେଡିର ରୀତା ସାହୁ, ଭାଜପାର ସନତ କୁମାର ଗଡ଼ତୀୟା ଏବଂ ବିଏସପିର ଧବଳେଶ୍ୱର ମହାନନ୍ଦ ଅଛନ୍ତି। ତେବେ ନିର୍ବାଚନମଣ୍ଡଳୀରେ କେହି ସ୍ୱାଧୀନ ପ୍ରାର୍ଥି ନାହାନ୍ତି। ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରେ ୫ପ୍ରାର୍ଥି ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ, ଭାଜପାର ନିହାର ରଞ୍ଜନ ମହାନନ୍ଦ, କଂଗ୍ରେସର ଅଭିଷେକ ସେଠ, ଏଏପିର ଜୟକ୍ରିଷ୍ଣା ଛୁରିଆ ଏବଂ ବିଏସପିର ଭୁବନ ଭୋସାଗର ଅଛନ୍ତି। ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୭ପ୍ରାର୍ଥି ରହିଛନ୍ତି। ସେମାନଙ୍କ ମଧ୍ୟରେ କଂଗ୍ରେସର ଟଙ୍କଧର ସାହୁ, ବିଜେଡିର ବର୍ଷା ସିଂ ବରିହା, ଭାଜପାର ଗୋବର୍ଦ୍ଧନ ଭୋଏ, ବିଏସପିର ରୂପଧର କୁମ୍ଭାର, ଏଏପିର ବାଲ୍ମିକୀ ନାଏକ ଏବଂ ୨ସ୍ୱାଧୀନ ପ୍ରାର୍ଥୀ ଗଙ୍ଗାଧର ଶାହା, ରେବତୀ ଗିରି ଅଛନ୍ତି। ଭଟଲି ନିର୍ବାଚନ ମଣ୍ଡଳୀରେ ୮ପ୍ରାର୍ଥି ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ସୁଶାନ୍ତ ସିଂ, ଭାଜପାର ଇରାସିସ୍ ଆଚାର୍ଯ୍ୟ, କଂଗ୍ରେସର ବ୍ରହ୍ମା ମହାକୁଡ଼, ବିଏସପିର ନାରାୟଣ ଭେସ୍ରା, ଏଏପିର ମହମ୍ମଦ ଶାହାରୁଖ ଲୋଧିଆ, ନବ ଭାରତ ସେବା ନିର୍ମାଣ ପାର୍ଟିର ପ୍ରେମାନନ୍ଦ ସାହୁ ଏବଂ ୨ ସ୍ୱାଧୀନ ପ୍ରାର୍ଥୀ ସାବିତ୍ରୀ ଆଚାର୍ଯ୍ୟ ଏବଂ ବଲ୍ଲଭ ପାତ୍ର ଅଛନ୍ତି। ଯାଞ୍ଚ ପ୍ରକ୍ରିୟାରେ ଉପରୋକ୍ତ ପ୍ରାର୍ଥିଙ୍କ ମଧ୍ୟରୁ କାହାରି ନାମାଙ୍କନ ନାକଚ ହେଉଛି ନା ସଭିଙ୍କ ପ୍ରାର୍ଥିପତ୍ର କାଏମ ରହୁଛି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ନାମାଙ୍କନ ପତ୍ର ଯାଞ୍ଚ ସରି ନ ଥିଲେ ସୁଦ୍ଧା ସମସ୍ତ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର କାଏମ ରହିବ ବୋଲି ଆଶାବାଦୀ ଅଛନ୍ତି ଏବଂ ନାମାଙ୍କନ ଦାଖଲ ପରେ ନିର୍ବାଚନୀ ପ୍ରଚାରକୁ ପୂର୍ବାପେକ୍ଷା ଜୋରଦାର କରିଥିବା ପରିଲକ୍ଷିତ ହୋଇଛି।

## ସୀମାନ୍ତ ଲୁହୁରାଚଟିରେ ଯାଞ୍ଚ ବେଳେ ଟଙ୍କା ଜବତ

**ସୋହେଲା,୩।୫(ଅଶ୍ୱିନୀ କୁମାର ପାତ୍ର):** ସୀମାନ୍ତ ଲୁହୁରାଚଟିଠାରେ ଗୁରୁବାର ସନ୍ଧ୍ୟାରେ ସୋହେଲା ପୋଲିସ ଏବଂ ଏଫଏସଟି (ଫାଇଙ୍ଗି ସ୍କ୍ୱାର୍ଡ)ଜଣେ ବ୍ୟକ୍ତିଠାରୁ ନଗଦ ୭୫୦୦୦୦ ଟଙ୍କା ଜବଦ କରିଛି। ଛତିଶଗଡ଼ ମହାସମୁନ୍ଦ ଜିଲା ବାଲସି ଗ୍ରାମର ଦୌଳତ ପ୍ରସାଦ ରାତ୍ରେ ଗାଡ଼ି (ନଂ.ସିଜି୦୪-ଏଚପି୭୯୫୯)ରେ ବରଗଡ଼ ପଟକୁ ଆସୁଥିଲେ। ନିର୍ବାଚନ ପାଇଁ ବ୍ଲକିଙ୍ଗ କରି ଯାଞ୍ଚ କରିବାବେଳେ ଦୌଳତଙ୍କଠାରୁ ବିପୁଳ ଟଙ୍କା ମିଳିଥିଲା। ଘଟଣା ସ୍ଥଳରେ ଦୌଳତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଏହାକୁ ପୋଲିସ ଜବତ କରିଥିଲେ। ଯାଞ୍ଚ ଦଳରେ ସୋହେଲା ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀ, ସୋହେଲା ଥାନା ସବଇନିସପେକ୍ଟର ଅନିମା ଏକ୍କା, ଏଏସଆଇ ଜୀବନ ଲାଲ ସାହୁ ପ୍ରମୁଖ ସାମିଲ ଥିଲେ।

## ବିଭିନ୍ନ ଗାଁରେ ବିଜେଡି ପ୍ରାର୍ଥିନୀଙ୍କ ଜୋରଦାର ପ୍ରଚାର

**ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ବିଜେଡି ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂ ବରିହା ପାଇକମାଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଜୋରଦାର ପ୍ରଚାର କରିଛନ୍ତି। ବ୍ଲକର ଘେସରା, ବାଦୀକଟା, ପଲସେନ, ବୁକୁରାମୁଣ୍ଡା, ମହୁଲପାଲି ଗ୍ରାମପଞ୍ଚାୟତର ବିଭିନ୍ନ ଗାଁରେ ନିର୍ବାଚନୀ ସଭା କରିଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିକାଶ ମୂଳକ କାମ ଓ ଜନହିତକର ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇ ଭୋଟ ଭିକ୍ଷା କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ରଙ୍କ ସମେତ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ପ୍ରୀତମ ମେହେରଙ୍କୁ କଣ୍ଟାବାଞ୍ଜି ନିର୍ବାଚନ ସଂଯୋଜକ ଦାୟିତ୍ୱ

**ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ):** ପଦ୍ମପୁରର ବରିଷ୍ଠ ବିଜେଡି ନେତା ପ୍ରିତମ ମେହେରଙ୍କୁ



ବିଜୁ ଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ସଂଯୋଜକ ଦାୟିତ୍ୱ ଦିଆଯାଇଛି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ନିଜର ସଙ୍ଗଠନକୁ ଦୃଢ କରିଥିବା ମେହେର ଆଗରୁ କଣ୍ଟାବାଞ୍ଜିର ସହପର୍ଯ୍ୟବେକ୍ଷକ ଭାବେ କାମ କରିବା ସହ ପଦ୍ମପୁର ବିଜେଡି ପ୍ରାର୍ଥୀ ପାଇଁ ଦାବିଦାର ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଦୁର୍ଯ୍ୟୋଧନ



@ ବିଜୟ



@ ନନ୍ଦକିଶୋର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତା ମରାମତି ଦାବି, ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ

**ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରେଲୱେ ଓଭରବ୍ରିଜ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିଯାଇଛି। ଏଥି ଯୋଗୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି କାର୍ଯ୍ୟ ତୁରନ୍ତ କରିବା ପାଇଁ ଶୁକ୍ରବାର ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ରାସ୍ତା ଓ ଗୃହ ବିଭାଜନର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେଙ୍କୁ ଭେଟି ତାଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଏହା ସହିତ ତାଙ୍କୁ ଉପଭୋକ୍ତା ସଂଘ ପକ୍ଷରୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଆଲୋଚନାକାଳରେ ସହରର ବିଭିନ୍ନ ରାସ୍ତାର ସମସ୍ୟା ଉପରେ ମଧ୍ୟ ସଂଘର ପ୍ରତିନିଧିମାନେ ନିର୍ବାହୀ ଯନ୍ତ୍ରୀ ପାଣ୍ଡେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ଦଳରେ ସଂଘ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରୀତମ ସିଂ, ସମ୍ପାଦକ କମଳ ଯୋଶୀ, ଅଭିଜିତ ପ୍ରତିହାର, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଅରୁନ୍ଧତୀ ଜୁଏଲର୍ସର ବରଗଡ଼ ଷ୍ଟୋରର ବାର୍ଷିକୋତ୍ସବ



ଅରୁନ୍ଧତୀ ଜୁଏଲର୍ସର ବାର୍ଷିକ ଉତ୍ସବ ଅବସରରେ କେକ୍ କଟାଯାଉଛି ।

**ବରଗଡ଼,୩।୫ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ରହିଥିବା ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ପଞ୍ଚମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଷ୍ଟୋରର ବ୍ରାଞ୍ଚ ମ୍ୟାନେଜର ଏବଂ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ କେକ୍ କଟାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହା ସହିତ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଏହି ଷ୍ଟୋରରେ ସ୍ୱତନ୍ତ୍ର ଡିଜାଇନର ଗହଣା ଉପଲବ୍ଧ ରହିଥିବାବେଳେ ରିହାତି ବ୍ୟବସ୍ଥା ରହିଛି । ଉତ୍ସବ ପାଳନ ସମୟରେ ବହୁସଂଖ୍ୟକ ଗ୍ରାହକଙ୍କ ମଧ୍ୟ ଭିଡ଼ ହୋଇଥିଲା।

## ବରପାଲି ମହାବିଦ୍ୟାଳୟରେ ଉଦ୍ୟମିତା ସମ୍ପର୍କିତ ପାଠଚକ୍ର

**ବରପାଲି,୩।୫(ଚିତ୍ତରଞ୍ଜନ ସାହୁ)**

ବରପାଲି ମହାବିଦ୍ୟାଳୟ ଓ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଅହମଦାବାଦ ଗୁଜରାଟର ମିଳିତ ଆନୁକୂଲ୍ୟରେ ଉଦ୍ୟମିତା ସମ୍ପର୍କିତ ଏକ ପାଠଚକ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଶୀଲ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଦୀପକ ଗୋୟଲ ନିର୍ଦ୍ଦେଶକ ଇମ୍ପେରିଆଲ କଲେଜ ବରଗଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଷ୍ଣୁପ୍ରସାଦ ପଣ୍ଡା ପ୍ରାଧ୍ୟାପକ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା ଗୁଜୁରାଟ ଯୋଗଦେଇ ଉଦ୍ୟମିତା କିପରି ସଫଳତାର ମାପକାଠି, ତାହା ଉପରେ ବ୍ୟାପକ ଆଲୋଚନା କରିଥିଲେ। କ୍ୟାରିୟର କାଉନସେଲିଂ ସେଲର ସଂଯୋଜକ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଧିରୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରହ୍ଲାଦ ଦେବତା, ସହ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ଥାଇ ଭୋଟ ଦେଇପାରିବେ ଦିବ୍ୟାଙ୍ଗ

**ବରପାଲି,୩।୫(ଚିତ୍ତରଞ୍ଜନ ସାହୁ)**

ଆସନ୍ତା ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗମାନେ ବୁଥକୁ ନ ଯାଇ ଘରେ ଥାଇ ତାଙ୍କ ମତଦାନ କରି ପାରିବେ ବୋଲି ଦିବ୍ୟାଙ୍ଗମାନଙ୍କ ପାଇଁ କାମ କରୁଥିବା ସୁଇଟ ସ୍ମାଇଲ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ସୁଇଟ ସ୍ମାଇଲ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନ ମୁଖ୍ୟ ମଞ୍ଜୁଲତା ଦାଶ ପ୍ରକାଶ କରିଛନ୍ତି କି ସମସ୍ତ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତି ବିଶେଷ ସମସ୍ତେ ଏହି ଯୋଜନାରେ ସାମିଲ ହେବାକୁ ହେଲେ ସକ୍ଷମ ଆପ ମାଧମରେ ନାମ ପଞ୍ଜୀକୃତ କରିବାକୁ ହେବ। ପଞ୍ଜୀକୃତ ବ୍ୟକ୍ତି ନିଜେ ଘରେ ଥାଇ ନିଜର ମତଦାନ କରି ପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବରଗଡ଼ ଜିଲାରେ ସଚେତନତା ସୃଷ୍ଟି କରିବା ପାଇଁ ସୁଇଟ ସ୍ମାଇଲ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସେମାନେ ବରଗଡ଼ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରୂପା ବେହେରା, ମମତା ଦାଶ, ସୁରେନ୍ଦ୍ର ଦାଶ, ବୁଦ୍ଧିମନ୍ତ ମେହେର, କମଳ ସାହୁ, ତରଣୀ ସୁନା, ତୁଳସୀ ବରିହା, କରନ ଦାଶ, ସତ୍ୟବତୀ ବିଶାଳ ପ୍ରମୁଖ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ କରାଯାଉଛି।

## ଭାଜପା ପ୍ରାର୍ଥୀ ଗୋବର୍ଦ୍ଧନଙ୍କ ନାମାଙ୍କନପତ୍ର ଦାଖଲ

**ପଦ୍ମପୁର,୩।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ବିଧାନସଭା ପ୍ରାର୍ଥୀ ଭାବେ ଗୋବର୍ଦ୍ଧନ ଭୋଏ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀର ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସମର୍ଥକଙ୍କ ସାମିଲ ହୋଇ ପ୍ରଥମେ ସ୍ଥାନୀୟ ଅଶୋକ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପଦ୍ମପୁର ନଗର ପରିକ୍ରମା କରିଥିଲେ। ପରେ ନିଜର ସମର୍ଥକଙ୍କ ସହିତ ଉପଜିଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ସହିତ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରସ୍ୱତୀ ସାହୁ, ତ୍ରିପୁରା ବରିହା, ଅଶୋକ ମିଶ୍ର, ପ୍ରିତେଶ ବହିଦାର, ସମସ୍ତ ମଣ୍ଡଳ ସଭାପତି, ସରୋଜ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ନଗର ମଣ୍ଡଳ ସଭାପତି ସୁନିଲ ଅଗ୍ରୱାଲ, ବରଗଡ଼ ଜିଲା ସଭାପତି ଅରୂପା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କୁମ୍ଭାରୀରେ କୃଷ୍ଣ ଲୀଳା ଓ କଂସ ଦରବାର

**ବରପାଲି,୩।୫(ଚିତ୍ତରଞ୍ଜନ ସାହୁ)**



ବରପାଲି ନିକଟସ୍ଥ ଲୋକ କଳା ଗ୍ରାମ କୁମ୍ଭାରୀରେ ବ୍ରଜେଶ୍ୱରୀ ନୃତ୍ୟ କଳା ସାଂସଦ ଆନୁକୂଲ୍ୟରେ କୃଷ୍ଣ ଲୀଳା ଓ କଂସ ଦରବାର ଅନୁଷ୍ଠିତ ହେଉଛି। ଏହି ପରମ୍ପରା ଶହ ଶହ ବର୍ଷ ହେଲା ଚାଲିଆସୁଛି। ହେଲେ ଅନୁଷ୍ଠାନରେ ଗତ ୧୫୦ ବର୍ଷର ଇତିହାସ ରହିଛି ବୋଲି କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ। ଏହା ଦୀର୍ଘ ଦୁଇ ମାସ ଧରି ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ସମାପ୍ତ ହେବ। ଏହି ଅବସରରେ ପ୍ରତ୍ୟହ ନାଟ୍ୟାଭିନୟ ସହ କଂସ ମହାରାଜଙ୍କ ରଙ୍ଗ ସଭା ଅନୁଷ୍ଠିତ ହୁଏ। କଂସ ମହାରାଜ କୁମ୍ଭାରୀ ବ୍ୟତୀତ ବରିକେଲ, ପାଟ କୁଲୁଣ୍ଡା, ବୁରୋମୁଣ୍ଡା ଆଦି ଗ୍ରାମକୁ ପାତ୍ର ମନ୍ତ୍ରୀ ସହ ଯାଇ ପ୍ରଜାଙ୍କ ଦୁଃଖସୁଖ ବୁଝିଥାଆନ୍ତି। ପ୍ରତ୍ୟହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଏ। ବିଳମ୍ବିତ ରାତ୍ର ଯାଏଁ ଏହି କାର୍ଯ୍ୟକ୍ରମ ଗ୍ରାମବାସୀ ଉପଭୋଗ କରନ୍ତି। ବୁଧବାର କଂସ ଦରବାରରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ସାମ୍ବାଦିକ ବାଲ କିଶୋର ଖାଡଙ୍ଗା, ସାମ୍ବାଦିକ ସୂର୍ଯ୍ୟଦାଶ ରାଜ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। କଂସ ଭୂମିକାରେ ସୁମନ୍ତ, ମନ୍ତ୍ରୀ ଶକ୍ରାଦିତ୍ୟ ଭୂମିକାରେ ଶିକ୍ଷକ ରାମଜୀ ପ୍ରଧାନଙ୍କ ଉଚ୍ଚ କୋଟୀର ଅଭିନୟ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଦୀର୍ଘ ୨ ମାସ ଧରି ଅଭିନୟ କରୁଥିବା କଳାକାର କୌଣସି ପାରିଶ୍ରମିକ ନେଇ ନ ଥାଆନ୍ତି। ଗ୍ରାମବାସୀ ନିଜେ ଚାନ୍ଦା କରି ଏହି କାର୍ଯ୍ୟକ୍ରମ କରୁଥିବା ବେଳେ ଶହ ଶହ ବର୍ଷ ପୁରୁଣା ଲୋକ ସଂସ୍କୃତି ବଞ୍ଚାଇବା ପାଇଁ କରୁଥିବା ଉଦ୍ୟମ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନାହିଁ। ଯଦି ସରକାରୀ ସହାୟତା ମିଳେ କାର୍ଯ୍ୟକ୍ରମ ଆହୁରି ଆକର୍ଷଣୀୟ କରାଯାଇ ପାରିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ମୋହନ ବାଗାନ ବନାମ ମୁମ୍ବାଇ ସିଟି ଏଫ୍‌ସି

## ଆଇଏସ୍‌ଏଲ୍ ଫାଇନାଲ ଆଜି

**କୋଲକାତା, ୩।୫ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍)ର ମେଗା ଫାଇନାଲ ଶନିବାର ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ଶକ୍ତିଶାଳୀ ଫୁଟବଲ କ୍ଲବ ମୋହନ ବାଗାନ ସୁପର ଜାଏଣ୍ଟ ଓ ମୁମ୍ବାଇ ସିଟି ଏଫ୍‌ସି। ଘରୋଇ ପରିବେଶରେ ମ୍ୟାଚ ଖେଳାଯିବାକୁ ଥିବାରୁ ଗ୍ରୀନ୍ ଆଣ୍ଡ ମାରୁନ୍ (ମୋହନ ବାଗାନ) ଦଳକୁ ସମର୍ଥନ ପାଇଁ ଷ୍ଟାଡିୟମରେ ୬୨,୦୦୦ ଦର୍ଶକ ଉପସ୍ଥିତ ରହିବା ସମ୍ଭାବନା ରହିଛି। ଦୀର୍ଘ ୨୩ ବର୍ଷ ବ୍ୟବଧାନରେ ପ୍ରଥମଥର ଡୁରାଣ୍ଡ କପ୍ ବିଜୟ ସହ ମୋହନ ବାଗାନ ଦଳର ସିଜନ ଆରମ୍ଭ ହୋଇଥିଲା। ଆଇଏସ୍‌ଏଲ୍ ସିଜନ ମଧ୍ୟଭାଗରେ ଦଳ ପଏଣ୍ଟ ଟେବୁଲରେ ୫ମ ସ୍ଥାନକୁ ଖସି ଆସିଥିଲା। ମାତ୍ର ଜୁଆନ ଫେରାଣ୍ଡୋଙ୍କଠାରୁ ଆଣ୍ଟୋନିଓ ହବାସ ଦାୟିତ୍ୱ ନେବା ପରେ ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିଲା। ଫଳ ସ୍ୱରୂପ ମୋହନ ବାଗାନ ପ୍ରଥମଥର ପାଇଁ ୱିନର୍ସ ଶିଲ୍ଡ ହାସଲ କରିଥିଲା। ଦୁଇ ସପ୍ତାହ ପୂର୍ବରୁ ଏହି ଷ୍ଟାଡିୟମରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ମୋହନ ବାଗାନ ଶିଲ୍ଡ ବିଜୟ ପକ୍କା କରିଥିଲା। ସମାନ ଗ୍ରାଉଣ୍ଡରେ ଏବେ ଦୁଇ ଦଳ ଫାଇନାଲରେ ଅବତୀର୍ଣ୍ଣ ହୋଇଛନ୍ତି। ଡୁରାଣ୍ଡ କପ୍ ପରେ ଆଇଏସ୍‌ଏଲ୍ ଶିଲ୍ଡ ଜିତି ସାରିଥିବାରୁ ଏବେ ଟାଇଟଲ ଜିତି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି ମୋହନ ବାଗାନ।

ଫୁଟବଲ ପରିସଂଖ୍ୟାନବିତ୍ ହରି ପ୍ରସାଦ ଚଟୋପାଧ୍ୟାୟଙ୍କ ସୂଚନା ଅନୁସାରେ ମୋହନ ବାଗାନ ୨୩ ବର୍ଷ ତଳେ ୩ରୁ ଊର୍ଦ୍ଧ୍ୱ ଟାଇଟଲ ହାସଲ କରିଥିଲା। ସେତେବେଳେ ଏହି ଦଳ ନ୍ୟାଶନାଲ ଫୁଟବଲ ଲିଗ୍ (ଏନ୍‌ଏଫ୍‌ଏଲ୍), ଫେଡେରେଶନ କପ୍ କୋଲକାତା ପ୍ରିମିୟର ଡିଭିଜନ ଲିଗ୍, ସିକ୍କିମ ଗୋଲ୍ଡ କପ୍ ଆଣ୍ଡ ବୋର୍ଦୋଲୋଇ ଟ୍ରଫି ଜିତିଥିଲା। ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ ଶ୍ୱଶୁର ସୁବ୍ରତୋ ଭଟ୍ଟାଚାର୍ଯ୍ୟ ସେତେବେଳେ ମୋହନ ବାଗାନର କୋଚ୍ ଥିଲେ।

ମୁମ୍ବାଇ ସିଟି ଏଫ୍‌ସି ୨୦୨୦-୨୧ ସିଜନରେ ଆଇଏସ୍‌ଏଲ୍ ଚାମ୍ପିୟନ ହୋଇସାରିଛି। ଏବେ ମୋହନ ବାଗାନ ପାଇଁ ସୁଯୋଗ ଆସିଛି। ୩ ବର୍ଷ ତଳେ ମୋହନ ବାଗାନ ଏକଦା ୧-୦ରେ ଅଗ୍ରଣୀ ରହିଥିଲେ ମଧ୍ୟ ମାର୍ଗାଓରେ ଅନୁଷ୍ଠିତ ଫାଇନାଲରେ ସମାନ ଦଳ ନିକଟରୁ ୧-୨ ଗୋଲରେ ହାରିଯାଇଥିଲା। କୋଭିଡ-୧୯ ମହାମାରୀ ଯୋଗୁ ସେତେବେଳେ ମ୍ୟାଚ ରୁଦ୍ଧଦ୍ୱାର (କ୍ଲୋଜ୍ ଡୋର୍ସ)ରେ ଖେଳାଯାଇଥିଲା। ମାତ୍ର ଏହି ପରାଜୟର ପ୍ରତିଶୋଧ ନେବା ତାଙ୍କ ମନରେ ନାହିଁ ବୋଲି ହବାସ ସ୍ପଷ୍ଟ କରିଛନ୍ତି। ଏପରି କଥା ମୁଭି ଓ ମିଡିଆରେ ଦେଖିବାକୁ ମିଳିଥାଏ। କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଆମେ ଆଉ ଏକ ମ୍ୟାଚ ଖେଳିବାକୁ ଯାଉଛୁ। ସମ୍ଭାବତଃ ଏହା ଆଇଏସ୍‌ଏଲ୍‌ର ଏକ ଗ୍ରେଟ୍ ଶୋ' ହେବ ବୋଲି ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ହବାସ ପ୍ରକାଶ କରିଛନ୍ତି। ଅନିରୁଦ୍ଧ ଥାପା, ଜାସନ କୁମିଙ୍ଗ୍ସ, ଡିମିଟ୍ରି ପେଟ୍ରାଟୋସ ଓ ମନଭିର ସିଂଙ୍କୁ ନେଇ ମୋହନ ବାଗାନ ଆକ୍ରମଣକୁ ଜୋରଦାର କରିବ। ଅତିରିକ୍ତ ସମୟକୁ ନ ଯାଇ ମ୍ୟାଚ ୯୦ ମିନିଟ ମଧ୍ୟରେ ଶେଷ କରିବା ତାଙ୍କ ଲକ୍ଷ୍ୟ ବୋଲି ହବାସ କହିଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ଆଗାମୀ ମ୍ୟାଚରେ ଡଚ୍ ମିଡ୍‌ଫିଲ୍ଡର ୟୋଏଲ ଭନ୍ ନିଏଫ୍‌ଙ୍କ ସେବାରୁ ବଞ୍ଚିତ ରହିବ। କାରଣ ସେ ସସ୍‌ପେଣ୍ଡ ଅଛନ୍ତି। ଗତ ୪ ବର୍ଷ ଧରି ଆଇଏସ୍‌ଏଲ୍ ଶିଲ୍ଡ ଓ ଟ୍ରଫି ପାଇଁ ଲଢ଼େଇ ମୁଖ୍ୟତଃ ମୁମ୍ବାଇ ଓ ମୋହନ ବାଗାନ ମଧ୍ୟରେ ହେଉଛି। ଏକ ହୋଇ ରହିବା ଓ ଦଳଗତ ପ୍ରଦର୍ଶନ ହେଉଛି ଆମ ସଫଳତାର ମନ୍ତ୍ର। ସିଜନ ଆରମ୍ଭରେ ଆମେ ଗୋଟିଏ ଗ୍ରୁପ୍‌ଭଳି ଥିଲୁ। ଏବେ ପରିବାର ଭଳି ହୋଇଯାଇଛୁ ଏବଂ ସେଭଳି ଖେଳୁଛୁ। ଖେଳାଳିମାନେ ସର୍ବଦା ଦର୍ଶକରେ ଭରା ଷ୍ଟାଡିୟମରେ ଖେଳିବାକୁ ଭଲ ପାଆନ୍ତି। ଏହା ସେମାନଙ୍କୁ ଅଧିକ ମୋଟିଭେଟ କରିଥାଏ ବୋଲି ମୁମ୍ବାଇ ସିଟି ଏଫ୍‌ସି କୋଚ୍ ପିଟର କ୍ରାଟ୍‌କି ପ୍ରକାଶ କରିଛନ୍ତି।



ଆଇଏସ୍‌ଏଲ୍ ଫାଇନାଲ ପୂର୍ବରୁ ଶୁକ୍ରବାର ଟ୍ରଫି ସହ ମୋହନ ବାଗାନ ସୁପର ଜାଏଣ୍ଟ କୋଚ୍ ଆଣ୍ଟୋନିଓ ଲୋପେଜ ହବାସ, ଅଧିନାୟକ ଶୁଭାଶିଷ ବୋଷ ଏବଂ ମୁମ୍ବାଇ ସିଟି ଏଫ୍‌ସି କୋଚ୍ ପିଟର କ୍ରାଟ୍‌କି ଓ ଅଧିନାୟକ ରାହୁଲ ଭେକେ।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ ଭାରତ

**ବେଙ୍ଗାଲୁରୁ, ୩।୫ (ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳ ଜୁନ୍ ଓ ଜୁଲାଇରେ ନିଜ ଦେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଓ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଦିନିକିଆ ଓ ଟି୨୦ ମ୍ୟାଚଗୁଡ଼ିକ ବେଙ୍ଗାଲୁରୁରେ ଖେଳାଯିବ ବୋଲି କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ)ର ଜଣେ ଅଫିସିଆଲ ସୂଚନା ଦେଇଛନ୍ତି। ଏକମାତ୍ର ଟେଷ୍ଟ ମ୍ୟାଚ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଜୁନ୍ ୨୮ରୁ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚଗୁଡ଼ିକ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଜୁନ୍ ୧୬ରୁ ଖେଳାଯିବ। ପରେ ଦୁଇ ଦଳ ଟି୨୦ ସିରିଜ ଖେଳିବା ଲାଗି ବେଙ୍ଗାଲୁରୁକୁ ଫେରିବେ। ଏହି ମ୍ୟାଚଗୁଡ଼ିକ ଜୁଲାଇ ୫, ୭ ଓ ୯ରେ ଖେଳାଯିବ। ଏହି ସିରିଜ ଶେଷ ହେବା ପରେ ଦୁଇ ଦଳ ସେପ୍ଟେମ୍ବର-ଅକ୍ଟୋବରରେ ଖେଳାଯିବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଖେଳିବା ଲାଗି ବାଂଲାଦେଶ ଗସ୍ତ କରିବେ। ସୂଚନାଯୋଗ୍ୟ, ହ୍ୱାଇଟ୍ ବଲ୍ ଫର୍ମାଟ ମ୍ୟାଚଗୁଡ଼ିକ ପ୍ରକୃତରେ ଆଇସିସି ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି)ର ଅଂଶବିଶେଷ ସ୍ୱରୂପ ୨୦୨୩ ଶେଷ ଭାଗରେ ଖେଳାଯାଇଥାନ୍ତା। ମାତ୍ର ଗତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଭାରତରେ ୫୦-ଓଭର ଆଇସିସି ପୁରୁଷ ବିଶ୍ୱକପ୍ ଅନୁଷ୍ଠିତ ହେଉଥିବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି ଟେଷ୍ଟ ମ୍ୟାଚଟି ବିସିସିଆଇ ଓ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ)ର ମିଳିତ ପ୍ରୟାସର ଅଂଶବିଶେଷ ସ୍ୱରୂପ କାର୍ଯ୍ୟସୂଚୀରେ ଅତିରିକ୍ତ ଏକ ଟେଷ୍ଟ ମ୍ୟାଚକୁ ସାମିଲ କରାଯାଇଛି। ଏଠାରେ ସ୍ମରଣଯୋଗ୍ୟ, ଗତ ଡିସେମ୍ବରରେ ଭାରତ ମୁମ୍ବାଇରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ଟେଷ୍ଟ ମ୍ୟାଚ ଖେଳିଥିଲା। ଇଂଲଣ୍ଡ ବିପକ୍ଷରେ ଭାରତ ୩୪୭ରନରେ ବିଜୟୀ ହୋଇଥିଲା।

## ଟି୨୦ ବିଶ୍ୱକପ୍: ଶ୍ରୀନାଥ, ମେନନ, ମଦନଗୋପାଳ ମ୍ୟାଚ ଅଫିସିଆଲ


ଜାଭାଗଲ ଶ୍ରୀନାଥ



ନୀତୀନ ମେନନ

**ଦୁବାଇ, ୩।୫ (ପି.ଟି.):** ଆସନ୍ତା ମାସରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହେଉଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଆଇସିସି ମ୍ୟାଚ ରେଫରି ଜାଭାଗଲ ଶ୍ରୀନାଥଙ୍କ ସମେତ ଅମ୍ପାୟର ନୀତୀନ ମେନନ ଓ ଜୟରମଣ ମଦନଗୋପାଳ ଭାରତୀୟ ପ୍ରତିନିଧି ରହିବେ। ଜୁନ୍ ୧ରୁ ଆରମ୍ଭ ହେଉଥିବା ଇଭେଣ୍ଟ ଲାଗି ଆଇସିସି ଶୁକ୍ରବାର ୨୬ ଜଣିଆ ମ୍ୟାଚ ଅଫିସିଆଲ ତାଲିକା ପ୍ରକାଶ କରିଛି। ତନ୍ମଧ୍ୟରୁ ୨୦ ଅମ୍ପାୟର ୯ଟି ବିଭିନ୍ନ ଭେନ୍ୟୁରେ ୫୫ଟି ମ୍ୟାଚ ପରିଚାଳନା କରିବେ। ସେମାନଙ୍କ ମଧ୍ୟରେ ରିଚାର୍ଡ ଇଲିଙ୍ଗୱର୍ଥ, କୁମାର ଧର୍ମସେନା, କ୍ରିସ୍ ଗାଫାନି ଓ ପଲ୍ ରିଫିଲ ରହିଛନ୍ତି। ମଦନଗୋପାଳଙ୍କ ବ୍ୟତୀତ ସାମ୍ ନୋଗାଜ୍‌ସ୍କି, ଆଲାହୁଦ୍ଦିନ ପାଲେକର, ରଶିଦ ରିଆଜ ଓ ଅସିଫ ୟାକୁବ ପ୍ରମୁଖ ଆଇସିସି ସିନିୟର ପୁରୁଷ ପ୍ରତିଯୋଗିତାରେ ସେମାନଙ୍କର ପ୍ରଥମ ପଦାର୍ପଣ କରିବେ। ଶ୍ରୀନାଥଙ୍କ ବ୍ୟତୀତ ୬ଜଣ ଜଣାଶୁଣା ରେଫରିଙ୍କ ମଧ୍ୟରେ ରଞ୍ଜନ ମଦୁଗାଲେ, ଜେଫ୍ କ୍ରୋ ଓ ଆଣ୍ଡ୍ରୁ ପାଇକ୍ରଫ୍ଟ ଅନ୍ୟତମ ରହିଛନ୍ତି। ଅଭିଜ୍ଞ ତଥା ସ୍ଥିର ପ୍ରଦର୍ଶନ କରି ଆସୁଥିବା ମ୍ୟାଚ ଅଫିସିଆଲଙ୍କୁ ବିଶ୍ୱକପ୍ ପାଇଁ ମନୋନୀତ କରାଯାଇଥିବା ଆଇସିସି ଜେନେରାଲ ମ୍ୟାନେଜର ୱାସିମ୍ ଖାନ୍ ପ୍ରକାଶ କରିଛନ୍ତି।

## ଇଂଲଣ୍ଡ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ଖେଳିବ ପାକିସ୍ତାନ

**ଲାହୋର, ୩।୫(ପି.ଟି.):** ଆସନ୍ତା ବର୍ଷ ଶେଷ ହେବାକୁଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ତୃତୀୟ ସାଇକେଲ (ଚକ୍ର)ର ଅଂଶବିଶେଷ ସ୍ୱରୂପ ପାକିସ୍ତାନ ୨୦୨୪ ଅଗଷ୍ଟ ଏବଂ ୨୦୨୫ ଜାନୁଆରୀ ମଧ୍ୟରେ ଇଂଲଣ୍ଡ, ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମୋଟ ୭ଟି ଟେଷ୍ଟ ମ୍ୟାଚ ଖେଳିବ। ପାକିସ୍ତାନ ନିଜ ଦେଶରେ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷରେ ଯଥାକ୍ରମେ ଦୁଇ ଓ ତିନି ଟେଷ୍ଟ ମ୍ୟାଚର ଆୟୋଜନ କରିବ। ଏହାପରେ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରି ୩ ଟି୨୦, ସମାନ ସଂଖ୍ୟକ ଦିନିକିଆ ଏବଂ ୩ଟି ଟେଷ୍ଟ ଖେଳିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା-୧୬+୪
ଭୁବନେଶ୍ୱର, ଶନିବାର, ମେ ୪/୨୦୨୪ (୧୬+୪=୨୦ ପୃଷ୍ଠା) | Bhubaneswar, Saturday, May 4/2024 | Page 20 | ₹ 7.00 | SAMBALPUR



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଲିଟିବେଡା ଜଙ୍ଗଲରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗିଛି।

# ଲିଟିବେଡ଼ା ଜଙ୍ଗଲରେ ନିଆଁ

କୁତ୍ରା,୩।୫(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଲିଟିବେଡା ଜଙ୍ଗଲରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ବହୁ ଗଛ ଜଳିଯାଇଛି। ହେଲେ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଶୁକ୍ରବାର ହଠାତ ନିଆଁ ଲାଗି ଜଙ୍ଗଲ ଏବଂ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଦେଖୁ ଦେଖୁ ଏକର ଏକର ଜଙ୍ଗଲରେ ନିଆଁ ବ୍ୟାପିବାରେ ଲାଗିଥିଲା। ଲିଟିବେଡା ଓ ମଖାପଡା ଗ୍ରାମବାସୀ ଏବଂ ସ୍ଥାନୀୟ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ କୁତ୍ରା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସେମାନେ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଅନେକ ମୂଲ୍ୟବାନ ବୃକ୍ଷ ନଷ୍ଟ ହୋଇଛି। ପ୍ରତିବର୍ଷ ଜଙ୍ଗଲ ନିଆଁ ଯୋଗୁ ବହୁ ମୂଲ୍ୟବାନ ବୃକ୍ଷ ନଷ୍ଟ ହେବା ସହିତ ପରିବେଶ ମଧ୍ୟ ପ୍ରଦୂଷଣ ହେଉଛି। ବର୍ଷା ଦିନେ ଲୋକେ ବନ ମହୋତ୍ସବ କରି ବୃକ୍ଷ ରୋପଣ କରୁଛନ୍ତି। ହେଲେ ଖରା ଦିନେ ଜଙ୍ଗଲରେ ନିଆଁ ଲାଗି ବୃକ୍ଷ ସବୁ ନଷ୍ଟ ହେଉଛି। ଜଙ୍ଗଲ ନିଆଁ ଯୋଗୁ ସେଠାରେ ଥିବା ବୃକ୍ଷ ସହିତ ଶରୀସୃପ, ପଶୁପକ୍ଷୀଙ୍କ ଜୀବନ ହାନି ହେଉଛି। ମାଟିର ଉର୍ବରତା ମଧ୍ୟ ହ୍ରାସ ପାଉଛି। ତେଣୁ ବନବିଭାଗ ଏହାକୁ ଗୁରୁତର ସହିତ ନେଇ ଜଙ୍ଗଲ ନିଆଁ ରୋକିବାକୁ ପ୍ରୟାସ କରିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# କାର୍‌ରୁ ୨୬ ଲକ୍ଷ ଜବତ

ବଡ଼ବିଲ/ନୂଆପଡ଼ା,୩।୫
(ଦେବପ୍ରିୟ ରଣା/ମକାରୁ ବେମାଲ)



ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହିକ୍ରମରେ ଶୁକ୍ରବାର ଏକାଧିକ ସ୍ଥାନରେ ଯାଞ୍ଚ କରାଯାଇ ୨୬ଲକ୍ଷ ୨୯ହଜାର ଟଙ୍କା ଜବତ କରାଯାଇଛି। କେନ୍ଦୁଝର ଜିଲା ବଡ଼ବିଲ୍ ପୋଲିସ ଏକ କାର୍‌ରୁ ୨୦ଲକ୍ଷ ଟଙ୍କା ଜବତ କରିଥିବାବେଳେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରୁ ୬ଲକ୍ଷ ୨୯ହଜାର ଟଙ୍କା ଜବତ କରାଯାଇଛି। ଜବତ ଟଙ୍କାର ଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଏହାକୁ ପ୍ରଶାସନିକ ଜିମା ଦେଇ ପଚରାଉଚରା ଜାରି ରଖିଛି।

ସୂଚନା ଅନୁସାରେ କେନ୍ଦୁଝରର ବଡ଼ବିଲ ପୋଲିସ ଭଦ୍ରାସାହିଠାରେ ଶୁକ୍ରବାର ମଧ୍ୟାହ୍ନରେ ଯାଞ୍ଚ କରୁଥିବାବେଳେ ପୋଲିସ ଏକ କାର୍ (ଓଡି୦୨-ବିଏଫ୍- ୭୭୨୮)କୁ ଅଟକାଇ ତନଖି କରିଥିଲା। କାର୍ ଭିତରୁ ଏକ ବ୍ୟାଗ୍ ଭର୍ତ୍ତି ୨୦ ଲକ୍ଷ ଟଙ୍କାକୁ ଜବତ କରିବା ସହ କାର୍‌ରେ ବସିଥିବା ଅବିନାଶ କୁମାର ମିଶ୍ର ଓ ଚାଳକ ହେମନ୍ତ ସିଂ ରାଠୋରଙ୍କୁ ପୋଲିସ ଅଟକ ରଖିଛି। ଅବିନାଶଙ୍କ କହିବା ମୁତାବକ, କୋଇଡ଼ାସ୍ଥିତ ହନୁମାନ ମନ୍ଦିର ଗଳିରେ ଥିବା ପୱନ ଟ୍ରାନ୍ସପୋର୍ଟ ନାମକ ସଂସ୍ଥାର ପେମେଣ୍ଟ ନିମନ୍ତେ ଯୋଡ଼ାସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରୁ ଟଙ୍କା ଉଠାଣକରି କୋଇଡ଼ା ଅଭିମୁଖେ ଯାଉଥିଲେ। ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷ ଥାନାରେ ପହଞ୍ଚି ଟଙ୍କା ଉଠାଣ ହୋଇଥିବା କହିଥିଲେ ହେଁ ସମସ୍ତ ଟଙ୍କା କେନ୍ଦୁଝର ଜିଲା କୋଷାଗାରରେ ଜମା କରାଯିବ ଓ ଏ ନେଇ ଆୟକର ବିଭାଗକୁ ତଦନ୍ତ ନିମନ୍ତେ ଅବଗତ କରାଯାଇଛି ବୋଲି ବଡ଼ବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ସେହିପରି ଅବିଭକ୍ତ କଳାହାଣ୍ଡି ଜିଲା ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଟିମ୍ ଖରିଆର ରୋଡ ଏନ୍ଏସି ନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ନେତୃତ୍ୱରେ ଷ୍ଟାଟିକ ସର୍ଭେଲାନ୍ସ ଟିମ୍ କୋମନା ବ୍ଲକ ଘାଟିପଡ଼ା ନିକଟରେ ଯାଞ୍ଚ କରୁଥିବାବେଳେ ନରେନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ନିଜ ଗାଡ଼ିରେ ୧ ଲକ୍ଷ ୪୦ ହଜାର ଟଙ୍କା ନେଇ ଯାଉଥିବାବେଳେ ତାଙ୍କୁ ଅଟକ ରଖି ପଚାରାଉଚରା କରିଥିଲେ। କିନ୍ତୁ ସେ ଉକ୍ତ ଟଙ୍କାର ଉପଯୁକ୍ତ ନଥିପତ୍ର ଦେଖାଇ ନ ପାରିବାରୁ ଟଙ୍କା ଜବତ କରାଯାଇଛି। ସେହିପରି ନୂଆପଡ଼ା-ବରଗଡ ଜିଲ୍ଲା ସୀମାନ୍ତ ସାହିପଲା ନିକଟରେ ନୂଆପଡା ପୋଲିସ ପକ୍ଷରୁ ଯାଞ୍ଚ ସମୟରେ ଖରିଆର ରୋଡ୍‌ର କେତନ କୁମାର ସାହା ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୪ଲକ୍ଷ ୮୯ହଜାର ଟଙ୍କା ମିଳିଥିଲା। ତେବେ ସେ ଟଙ୍କାର କୌଣସି କାଗଜାତ ଦେଖାଇ ନ ପାରିବାରୁ ପୋଲିସ ଟଙ୍କା ଜବତ କରିଛି।

# ଅସହ୍ୟ ନିର୍ଯାତନା: ହାଇଦ୍ରାବାଦରୁ ଲୁଚିଆସିଲେ ୪ ଶ୍ରମିକ

ଭବାନୀପାଟଣା/ଜୁନାଗଡ଼,୩।୫ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

## କଳାହାଣ୍ଡିରେ ଥମୁନି ଦାଦନ ଦୁଃଖ

### ଏବେ ବି ବନ୍ଧାପଡ଼ିଛନ୍ତି ୨୦ ଶ୍ରମିକ

କଳାହାଣ୍ଡି ଜିଲାରେ ଥମୁନି ଦାଦନ ଦୁଃଖ। ହାଇଦ୍ରାବାଦ କାମ କରିବାକୁ ଯାଇ ଜୁନାଗଡ ସହରର ୪ଜଣ ଶ୍ରମିକ ନିର୍ଯାତନା ସହି ନ ପାରି ଶେଷରେ ଠିକାଦାରଙ୍କ କବଳରୁ ଲୁଚି ଶୁକ୍ରବାର ଘରକୁ ଚାଲି ଆସିଛନ୍ତି। ସେମାନେ ହେଲେ ଲଳିନ ଗହୀର(୩୮), ଲଳିତା ଗହୀର (୩୫), ପୁଷ୍ପାଞ୍ଜଳି ଦଳପତି (୩୦) ଓ ପିଣ୍ଟୁ ଦଳପତି (୪୦)। ସେଠାରେ ସେମାନେ କେମିତି କଷ୍ଟରେ ଜୀବନ ଯାପନ କରୁଥିଲେ ତାହାର କରୁଣ କାହାଣୀ କୋହଭରା କଣ୍ଠରେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

୬ମାସ ତଳେ ଧର୍ମଗଡ ଥାନା ତାରାପୁରର ଜଣେ ଦାଦନ ଦଲାଲଙ୍କ କଥାରେ ପଡି ଜୁନାଗଡ ସହରର ଫତେନଗରପଡ଼ା, ଗୋଡିପଡା ଓ ତାଲବନ୍ଧ ପଡ଼ାର ୨୪ ଜଣ ଶ୍ରମିକ ଦାଦନ ଖଟିବାକୁ ହ୍ରାଇଦାବାଦ ଯାଇଥିଲେ। ସେଠାରେ ସେମାନେ ଏକ ଇଟାଭାଟିରେ କାମ କରୁଥିଲେ। କାମର ପାଉଣା ମାଗିବା ସମୟରେ ଠିକାଦାର ସେମାନଙ୍କୁ ମାଡ ମାରିବା ସହ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସେମାନେ ଘରକୁ ଯିବା ଲାଗି କହିବାରୁ ଠିକାଦାର ସେମାନଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ପରେ ସମସ୍ତ ଶ୍ରମିକ ଅନ୍ଧାର ରାତିର ସୁଯୋଗ ନେଇ ଚାଲିଆସୁଥିବାବେଳେ ଖବର ପାଇ ଠିକାଦାର ବାଟରେ ଅଟକାଇ ସେମାନଙ୍କୁ ଜୋର ଜବରଦସ୍ତ ପୁଣି ନେଇଯାଇଥିଲେ। ତେବେ ଉପରୋକ୍ତ ୪ ଶ୍ରମିକ କୌଶଳକ୍ରମେ ସେଠାରୁ ଜଙ୍ଗଲ ରାସ୍ତା ଦେଇ ନିକଟସ୍ଥ ସହରର ଏକ ଛକକୁ ଚାଲିଆସିଥିଲେ। ସେଠାରୁ ସେମାନେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ଫୋନରେ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ବସ୍‌ରେ ଘରକୁ ଯିବା ପାଇଁ ଟଙ୍କା ପଠାଇବାକୁ ନଗରପାଳ ଅଗ୍ରୱାଲଙ୍କୁ ନିବେଦନ କରିଥିଲେ। ନଗରପାଳ ଟଙ୍କା ପଠାଇବା ପରେ ସେମାନେ ବସ୍‌ରେ ଘରକୁ ଚାଲିଆସିଥିଲେ। ଠିକାଦାରଙ୍କ ପାଖରେ ସେମାନଙ୍କ ମୋବାଇଲ ରହିଯାଇଥିବାବେଳେ କାମ କରିଥିବା ୮୦ହଜାର ଟଙ୍କା ମଧ୍ୟ ବକେୟା ରହିଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ମଧ୍ୟ ଆହୁରି ୨୦ଜଣ ଶ୍ରମିକ ଠିକାଦାରଙ୍କ ପାଖରେ ବନ୍ଧା ପଡିଛନ୍ତି। ସେମାନଙ୍କୁ ଠିକାଦାର ନିର୍ଯାତନା ଦେଉଥିବା ଫେରିଥିବା ଶ୍ରମିକ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ସେମାନଙ୍କୁ ଉଦ୍ଧାର କରିବା ସହ ଠିକାଦାରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ୪ଶ୍ରମିକ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ନଗରପାଳ ଅଗ୍ରୱାଲ କଳାହାଣ୍ଡିକୁ ନିର୍ବାଚନୀ ପ୍ରଚାର କରିବାକୁ ଆସିଥିବା କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବଙ୍କୁ ଅବଗତ କରିଥିଲେ। ଶୀଘ୍ର ସେମାନଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯାଦବ ପ୍ରୟାସ ଆରମ୍ଭ କରିଥିବା ନଗରପାଳ ଅଗ୍ରୱାଲ ପ୍ରକାଶ କରିଛନ୍ତି।



ନଗରପାଳ ମୁକେଶ ଅଗ୍ରୱାଲ ଫେରିଥିବା ୪ ଶ୍ରମିକଙ୍କ ସହ କଥା ହେଉଛନ୍ତି।

# ଉଦଳା ବିଧାୟକଙ୍କୁ ବନ୍ଦ କୋଠରିରେ ଦୁର୍ବ୍ୟବହାର

ଉଦଳା,୩।୫
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବିଧାୟକ ତଥା ଭାଜପା ପ୍ରାର୍ଥୀ ଭାସ୍କର ମଢ଼େଇଙ୍କୁ ବନ୍ଦ କୋଠରି ଭିତରେ ୮ ଜଣ ବ୍ୟକ୍ତି ଦୁର୍ବ୍ୟବହାର କରିଛନ୍ତି। ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବା ପରେ ବିଧାୟକ ମଢ଼େଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୬୫/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, କପ୍ତିପଦା ଅଞ୍ଚଳର ନୀଳମାଧବ ପାତ୍ର, ଉଦଳାର ସୀମାନ୍ତ ତ୍ରିପାଠୀ ଓ ଧୀରେନ୍ଦ୍ର ଖଣ୍ଡେଲୱାଲଙ୍କ ସମେତ ୮ ବ୍ୟକ୍ତି କିଛିଦିନ ପୂର୍ବେ ଏକ କାମ ବାବଦରେ ଆଲୋଚନା କରିବାକୁ ବିଧାୟକ ମଢ଼େଇଙ୍କୁ ସୀମାନ୍ତଙ୍କ ବାସଭବନକୁ ଡାକିଥିଲେ। ସେଠାରେ ସମସ୍ତେ ମିଶି ତାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ନିକଟରୁ ଜୋରଜବରଦସ୍ତ ଏକ ଚେକ୍‌ରେ ୨୦ ଲକ୍ଷ ଟଙ୍କା ନେଇଥିଲେ। ଏହାବ୍ୟତୀତ ଜାତିଆଣ ଆକ୍ଷେପ କରିବା ସହ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ଭାଜପା ଟିକେଟ ଫେରାଇବା ଏବଂ ଅନ୍ୟ ଜଣଙ୍କୁ ଟିକେଟ ଦେବା ପାଇଁ ସେମାନେ କହିଥିଲେ। ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରି 'ଏହା ଟ୍ରେଲର, ଆଗକୁ ପୁରା ସିନେମା ଆସିବ' ବୋଲି ଲେଖି ବିଧାୟକଙ୍କ ମାନହାନି କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ବିଧାୟକ ମଢ଼େଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ବାଥୁଡ଼ି ଜାତିର ଜଣେ ବିଧାୟକଙ୍କୁ ଏପରି ଦୁର୍ବ୍ୟବହାର କରାଯିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବିଧାୟକ ମଢ଼େଇଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଆଜି ଆସୁଛନ୍ତି ଜୟଶଙ୍କର, ୫ରେ ନଡ୍ଡା

ଭୁବନେଶ୍ୱର, ୩।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ଶକ୍ତି ବୃଦ୍ଧି ନିମନ୍ତେ ଭାଜପା କେନ୍ଦ୍ରୀୟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରୁଛନ୍ତି। କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରାଜ୍ୟ ଗସ୍ତରେ ଆସିଥିଲେ। ଏବେ ଆହୁରି ଅନେକ କେନ୍ଦ୍ରୀୟ ନେତାଙ୍କ ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିବ ବୋଲି କେନ୍ଦ୍ରୀୟ ନେତା ଯୁକ୍ତି ବାଢ଼ିବା ସଙ୍ଗେସଙ୍ଗେ ପ୍ରଚାର ଜୋର୍‌ଦାର କରିଛନ୍ତି। ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଜୟଶଙ୍କର ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେବା ସହିତ ସନ୍ଧ୍ୟାରେ ବୁଦ୍ଧିଜୀବୀ ସମ୍ମିଳନୀକୁ ସମ୍ବୋଧନ କରିବେ। ଆସନ୍ତା ରବିବାର ଜୟଶଙ୍କର କଟକଠାରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଆସନ୍ତା ରବିବାର (୫ ତାରିଖ) ଭୁବନେଶ୍ୱର ଏବଂ କଟକଠାରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ନିର୍ବାଚନ ପ୍ରଚାରକୁ ଶାଣିତ କରିବା ପାଇଁ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ନବରଙ୍ଗପୁର ଗସ୍ତ କରିବେ। ତେବେ ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀ କିମ୍ବା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୁରୀକୁ ପ୍ରଚାର ଲାଗି ଆସିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ୫ ଲକ୍ଷ କୋଟିର ଜବତ ହେରୋଇନ ଗାଏବ

## କେନ୍ଦ୍ରକୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୩।୫

୨୦୧୮ରୁ ୨୦୨୦ ମଧ୍ୟରେ ଜବତ ହୋଇଥିବା ୭୦,୭୭୨.୪୮ କିଲୋଗ୍ରାମ ହେରୋଇନ୍ ରେକର୍ଡରୁ ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ବି.ଆର୍. ଅରବିନ୍ଦାକ୍ଷଣଙ୍କ ପକ୍ଷରୁ ଦାଏର ପିଟିଶନ ଉପରେ ଜଷ୍ଟିସ୍ ସୁବ୍ରମଣ୍ୟମ ପ୍ରସାଦ କେନ୍ଦ୍ରକୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଛନ୍ତି। ଡ୍ରଗ୍ସ ଜବତ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟରେ ତାଳମେଳ ନ ଥିବା ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଜବତ ହେରୋଇନର ଦାମ୍ ଅନ୍ତର୍ଜାତୀୟ ବଜାରରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ଏହା ରେକର୍ଡରୁ ଗାଏବ ହୋଇଯିବା ଜାତୀୟ ସୁରକ୍ଷା, ସାମାଜିକ ସ୍ଥିରତା ଏବଂ ଆର୍ଥିକ ଦୁଷ୍ପରିଣାମକୁ ନେଇ ଚିନ୍ତା ବଢ଼ାଇଛି ବୋଲି ଆବେଦନକାରୀ କହିଛନ୍ତି।

# ୨ ବଳାତ୍କାର ମାମଲା: ଜଣଙ୍କୁ ଆଜୀବନ, ଅନ୍ୟ ଜଣଙ୍କୁ ୨୦ ବର୍ଷ ଜେଲଦଣ୍ଡ

ସମ୍ବଲପୁର, ୩।୫(ପ୍ରମୋଦ ବହିଦାର)

ସମ୍ବଲପୁରରେ ୨ଟି ପୃଥକ୍ ବଳାତ୍କାର ମାମଲାର ରାୟ ପ୍ରକାଶ କରି ଦୁଇ ପୃଥକ ପୋକ୍ସୋ ବିଚାରପତି ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେଥିମଧ୍ୟରେ ପ୍ରଥମ ମାମଲାରେ ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଜଣେ ନାବାଳିକା ବଳାତ୍କାର ଅଭିଯୁକ୍ତ ଟାମ୍ପରକେଲା ଲାଙ୍ଗବାହାଲ ଗ୍ରାମର ଅନିଲ ଖଡ଼ିଆ(୨୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୦ ଜାନୁଆରୀ ୨୫ରେ ଅଭିଯୁକ୍ତ ଅନିଲ ଖଡ଼ିଆ ଅଇଁଠାପାଲିସ୍ଥିତ ତାଙ୍କ ଘରକୁ ଆସିଥିଲେ। ଅଭିଯୁକ୍ତ ଅନିଲ ପୀଡ଼ିତା ଓ ତାଙ୍କ ସାନଭାଇଙ୍କୁ ଚକୋଲେଟ କିଣିଦେବାକୁ ନିଜ ବାଇକ୍‌ରେ ବସାଇ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପରେ ଉଭୟଙ୍କୁ ଆଣି ଘରେ ଛାଡ଼ି ଚାଲିଯାଇଥିଲେ। ଘରକୁ ଫେରି ପୀଡ଼ିତା ପରିବାର ଲୋକଙ୍କୁ ସବୁ ବିଷୟ ଜଣାଇଥିଲେ। ଘଟଣାର ପରଦିନ ପୀଡ଼ିତାଙ୍କ ମାତାଙ୍କ ଲିଖିତ ଅଭିଯୋଗ କ୍ରମେ ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତ ଅନିଲଙ୍କୁ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ଅଦାଲତରେ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ।

ସେହିପରି ୨୦୧୯ରେ ଜଣେ ଆଦିବାସୀ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରି ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ(ଫାଷ୍ଟଟ୍ରାକ) ବିଚାରପତି ଆର୍‌ଏଲ୍ ପଣ୍ଡା ଅଭିଯୁକ୍ତ ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ବେଲମୁଣ୍ଡା ଗ୍ରାମର କ୍ଷୀରୋଦ ଚୌଧୁରୀ(୫୧)ଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଗତ ୨୦୧୯ ନଭେମ୍ବର ୩ରେ ବେଲମୁଣ୍ଡା ଗ୍ରାମରେ ପୀଡ଼ିତା ଘରେ ଏକାକୀ ଥିବାର ସୁଯୋଗରେ କ୍ଷୀରୋଦ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଘରକୁ ଫେରିଲା ପରେ ମାତପିତାଙ୍କୁ ପୀଡ଼ିତା ଘଟଣା ସମ୍ପର୍କରେ ଜଣାଇଥିଲେ। ସବୁକଥା ଶୁଣି ଉଭୟ ମାତାପିତା ଅଭିଯୁକ୍ତଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ସମସ୍ତ ବିଷୟ ଜଣାଇଥିଲେ। ମାତ୍ର ପରିବାର ଲୋକେ ଓଲଟା ପୀଡ଼ିତାଙ୍କ ମାତାପିତାଙ୍କୁ ଗାଲୁଗୁଲଜ କରିବା ସହ ସେମାନଙ୍କ ସହିତ ଗଣ୍ଡଗୋଳ କରିଥିଲେ। ଫଳରେ ପୀଡ଼ିତାଙ୍କ ମାତା ମହୁଲପାଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଏହି ମାମଲାର ରାୟ ପ୍ରକାଶ କରି ବିଚାରପତି ଆର୍‌ଏଲ୍ ପଣ୍ଡା ଅଭିଯୁକ୍ତ କ୍ଷୀରୋଦଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି ବିଚାରପତି। ଏହି ମାମଲାକୁ ଅଦାଲତରେ ସରକାରୀ ଓକିଲ ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ଅଭିଯୋଗ,ଯୁବକ ଗିରଫ

**ବଡ଼ଗାଁ,୩।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଡ଼ଗାଁ ଥାନା ଅଧୀନ ସାଲବିରା ଗ୍ରାମର ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଧରୁଆଡିହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପରମେଶ୍ୱର ମୁଣ୍ଡା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରମେଶ୍ୱର ସଂପୃକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଡାଲମିଆ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**କୁତ୍ରା,୩।୫(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦର୍ଶନ ବିଭାଗ ମୁଖ୍ୟ ଡ. ଜିତେନ୍ଦ୍ର କୁମାର ପଟେଲ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ପଟେଲ ୨୦୧୧ରେ ବଣାଇଁ ମହାବିଦ୍ୟାଳୟରୁ ଏଠାକୁ ବଦଳି ହୋଇ ଆସିବା ପରେ ଦର୍ଶନ ବିଭାଗରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ମହାବିଦ୍ୟାଳୟର ଷ୍ଟାଫ ଆସୋସିଏଶନ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ମିଶ୍ର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ସଭାପତି ଧନେଶର ତାଣ୍ଡିଆ, ମୋ ସ୍କୁଲ ସଭାପତି ବେଣୁମାଧବ ପୃଷେଟ, ଅବସର ପ୍ରାପ୍ତ ଶିକ୍ଷକ ଖଗେଶ୍ୱର ରଣା, ବରିଷ୍ଠ ଶିକ୍ଷୟିତ୍ରୀ ରମା ପଟେଲ, ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ଥିଲା। ଶିକ୍ଷକ କ୍ଷେତ୍ରବାସୀ ବିଶାଳ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରବନ୍ଧରେ ବିଜେଡିର ମାରାଥନ ପ୍ରଚାର

ପଦ୍ମପୁର/ଝାରବନ୍ଧ,୩।୫(ପ୍ରଦୀପ୍ତ ଦାଶ/ ଦେବେନ୍ଦ୍ର ସାହୁ) : ପ୍ରଚଣ୍ଡ ଗ୍ରୀଷ୍ମ ତାତି ସହ ରାଜନୀତିର ତାତି ପରିବେଶକୁ ସରଗରମ କରି ଦେଉଛି। ରାଜନୈତିକ ଦଳଗୁଡିକ ଖରାକୁ ଭ୍ରୂକ୍ଷେପ ନ କରି ପ୍ରଚାର ପ୍ରସାରରେ ଲାଗି ପଡିଛନ୍ତି। ଏଥିରେ ବିଜେଡି ମଧ୍ୟ ପ୍ରଚାରକୁ ଜୋର କରି ଦେଇଛି। ବିଧାୟିକା ବର୍ଷା ସିଂ ବରିହା ନିଜ ଦଳ ନେତୃମଣ୍ଡଳୀଙ୍କୁ ନେଇ ଝାରବନ୍ଧ ବ୍ଲକର ଅନଗୁଳ, ଡ଼ୁଭା, ପଲସଦା, ବଲାଙ୍ଗୀର, ଛୋଟ ଅନକୀ, ବଡ଼ ଅନକୀ ଆଦି ଉପାନ୍ତ ଅଞ୍ଚଳରେ ମାରାଥନ ପ୍ରଚାର କରିଛନ୍ତି। ବିଜେଡିକୁ ଭୋଟ ଦେଇ ରାଜ୍ୟର ବିକାଶ ସହ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ମଜଭୁତ କରିବାକୁ ନିବେଦନ କରିଥିଲେ।

### ରାଣାପ୍ରତାପ ସ୍କୁଲରେ ପ୍ରସ୍ତୁତି ବୈଠକ

ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ): ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ କ୍ଲଷ୍ଟରସ୍ତରୀୟ ୨ଦିନିଆ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ସଫଳ ଆୟୋଜନ ପାଇଁ ସ୍କୁଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସିଆରସିସି ପାର୍ବତୀ ସାହୁ ଯୋଗଦାନ କରିଥିଲେ। ଶୁକ୍ରବାରରୁ ରବିବାର ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ୧୨ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ କାର୍ଯ୍ୟକ୍ରମ ଉପରେ ତାଲିମ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ନିଳିମା ପ୍ରଧାନ, ସୁନୀତା ମିଶ୍ର, ଗୀତା ଜାଲ, ତପସ୍ୱିନୀ ତ୍ରିପାଠୀ, ଜ୍ୟୋତି ବେହେରା, ଦିପିକା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ

## ଲେଫ୍ରିପଡ଼ାରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଯୋଗେଶ କୁମାର ସିଂହ ଲେଫ୍ରିପଡା ବ୍ଲକ ଝୁରିମାଲ ଏବଂ ଛଟେନପାଲି ପଞ୍ଚାୟତର ଅଳାବାହାଲ, ଝୁରିମାଲ, ଚାନ୍ଦପଡା, ଦିଆମୁଣ୍ଡା, ଖଲିଆପଡା, ବଡଖଲିଆପଡା, ଦେଉଲି, ସୁରଗୁଡା, ଛଟେନପାଲି ଠାରେ ନିର୍ବାଚନ ପ୍ରଚାର କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇ ସୁନ୍ଦରଗଡର ବିକାଶ ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଯୁବ ନେତା ହିମାଂଶୁ ଶେଖର ଷଡ଼ଙ୍ଗୀ, ବ୍ଲକ ସଭାପତି ମନୋଜ ପଟେଲ, ଛଟେନପାଲି ସମିତି ସଭ୍ୟ ସୁଶାନ୍ତ କୁମାର ସେଠ,ସୁନୀଲ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।



ଯୋଗେଶ ସିଂ ନିର୍ବାଚନୀ ପ୍ରଚାର କରୁଛନ୍ତି।

## ସ୍ୱାମୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଲେ ଶ୍ରଦ୍ଧାଞ୍ଜଳି



ଯୋଗେଶଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଚାର କରୁଛନ୍ତି।

**ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଢୁଲି)**

ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ପାଇଁ ଶୁକ୍ରବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ସିଂହ। ସନ୍ଧ୍ୟାରେ ସୁନ୍ଦରଗଡ ସହରର ୧୫ନଂ ୱାର୍ଡର ଡେଙ୍ଗିଭାଡି ,ମିଶନରୋଡ, ଫାୟାର ଅଫିସ ଅଞ୍ଚଳରେ ବିଜୁ ମହିଳା ଜନତା ଦଳ କର୍ମୀଙ୍କ ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ବିଶେଷ କରି ମହିଳା ସଶକ୍ତିକରଣ ଓ ଅନ୍ୟ ସମସ୍ତ ବର୍ଗର ଉନ୍ନତି ପାଇଁ କରିଥିବା ଯୋଜନାର ପ୍ରଚାର ପତ୍ର ବଣ୍ଟନ କରି ଭୋଟ ଭିକ୍ଷା କରିଥିଲେ।ଏହି ପ୍ରଚାର ବେଳେ ସୁନ୍ଦରଗଡ ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା,ସେହେବାଜ ହୁସେନଙ୍କ ସହ ଅନ୍ୟ ମହିଳା ଓ ନେତୃମଣ୍ଡଳୀ ସାମିଲ ହୋଇଥିଲେ।

## ନାମାଙ୍କନପତ୍ର ଦାଖଲକଲେ ସେବତୀ

### ସାମିଲ ହେଲେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଜୁଏଲ

**ବଣାଇଁ,୩।୫(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ସେବତୀ ନାୟକ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶତାଧିକ କର୍ମୀଙ୍କ ଗହଣରେ ପ୍ରଥମେ ବାବା ବାଣେଶର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଣାଇଁ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଜୁଏଲ ଓରାମ, ନୂତନ ଭାବେ ଦଳରେ ମିଶିଥିବା ହକି ତାରକା ପ୍ରବୋଧ ତିର୍କୀ ପ୍ରମୁଖଙ୍କ ସମେତ ବହୁ ନେତା ଏଥିରେ ସାମିଲ ହୋଇଥିଲେ। ବଣାଇଁ ବିଧାନସଭା କ୍ଷେତ୍ର ନିମନ୍ତେ ସମୁଦାୟ ୧୪ ଜଣ ପ୍ରାର୍ଥୀପତ୍ର କ୍ରୟ କରିଥିବା ବେଳେ ଅନ୍ତିମ ଦିବସ ଶେଷ ଶୁଦ୍ଧା ସମୁଦାୟ ୧୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତନ୍ମଧ୍ୟରେ ବିଜେଡିରୁ ଭୀମସେନ ଚୌଧୁରୀ, ଭାଜପାରୁ ସେବତୀ ନାୟକ, ସିପିଆଇଏମ ପକ୍ଷରୁ ଲକ୍ଷ୍ମଣ ମୁଣ୍ଡା, ଆମ ଆଦମୀ ପାର୍ଟି ପକ୍ଷରୁ କୁନି ମୁଣ୍ଡା, ଏଜେଏସୟୁ ପକ୍ଷରୁ ନବୀନ କିଷାନ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଗୋପିନାଥ କିଷାନ, ଅଶୋକ କୁମାର ଲୋହାର, ମାନାଇ ମୁଣ୍ଡା, ବାଜି କିଷାନ, ମାଙ୍ଗା ଓରାମ, ସୁଶୀଲ ସାବନ ହାରାଦ ଓ ହରିହର କିଷାନ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଜି ନାମାଙ୍କନ ପତ୍ର ଯାଞ୍ଚ ଏବଂ ୬ରେ ନାମାଙ୍କନ ପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।



ସେବତୀ ନାମାଙ୍କ ଦାଖଲ କରିବାକୁ ଯାଉଛନ୍ତି।

## ବିଜେଡି ପ୍ରାର୍ଥିନୀ ଦୀପାଲିଙ୍କ ନାମାଙ୍କନ ପତ୍ର ଦାଖଲ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**



ଝାରସୁଗୁଡା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥିନୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ଝିଅ ସୁଶ୍ରି ଦିପାଲି ଦାସ ଶୁକ୍ରବାର ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗତ କିଛି ମାସ ପୂର୍ବରୁ ଉପନିର୍ବାଚନରେ ରେକର୍ଡ ସଂଖ୍ୟକ ଭୋଟ ବିଜୟୀ ହୋଇଥିବା ଦିବଙ୍ଗତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାସଙ୍କ ଝିଅ ଦୀପାଲିଙ୍କୁ ବିଜେଡି ପୁଣିଥରେ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥିନୀ ଭାବେ ମଇଦାନକୁ ଓହ୍ଲାଇଛି। ଦିପାଲି ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସକାଳୁ ଦୀପାଲି ଦାସ ତାଙ୍କ ଭାଇ ବିଶାଳ ଦାସ ଓ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଶ୍ୟାମଳା ମା' ଏଂ ମା' ପାଟମେଶ୍ୱରିଙ୍କ ଦର୍ଶନ କରି ଝାରସୁଗୁଡା ଇଷ୍ଟଦେବତା ଝାଡେଶ୍ୱର ବାବା ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ଝାରସୁଗୁଡ଼ା ମନମୋହନ ସ୍କୁଲ ପଡ଼ିଆରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦୀପାଲି ନାମାଙ୍କନ ପତ୍ର ଦାଖଲ କରିଥିଲେ। ପରେ ଝାରସୁଗୁଡା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସ୍ୱର୍ଗତ ନବ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବାପାଙ୍କ ଆଶୀର୍ବାଦ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଓ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ସମର୍ଥକ, ଭୋଟରଙ୍କ ଆଶୀର୍ବାଦ ସହିତ ଏହି ନିର୍ବାଚନକୁ ସାମ୍ନା କରିବାକୁ ସେ ପ୍ରସ୍ତୁତ ଏବଂ ଆଜିର ଏହି ଜନସମର୍ଥନ ଓ ଜନସମୁଦ୍ର ଯେଉଁ ଭଳି ଏତିକି ଗ୍ରୀଷ୍ମ ପ୍ରବାହରେ ପାଦକୁ ପାଦ ମିଳେଇ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ଏହା ବିଜୁ ଜନତା ଦଳର ଐତିହାସିକ ଜିତକୁ ଇଙ୍ଗିତ କରୁଛି ବୋଲି ଦୀପାଲି କହିଥିଲେ। ଝାରସୁଗୁଡ଼ା ଜିଲାରେ ଯେଉଁଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବିକାଶ ମୂଳକ କାର୍ଯ୍ୟ ହୋଇଛି ଏହାକୁ ହୃଦୟଙ୍ଗମ କରି ସାରିଥିବା ବିଧାନସଭାବାସୀ ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିକୁ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବେ ବୋଲି ଦୀପାଲି ଦାସ କହିଥିଲେ। ନାମାଙ୍କନ ଶୋଭାଯାତ୍ରାରେ ବରଗଡ ଲୋକ ସଭା ପ୍ରାର୍ଥିନୀ ପରିନିତା ମିଶ୍ର, ସୁଶାନ୍ତ ମିଶ୍ର, ରାନୀ ହାତୀ, ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ି, ସରିତା ଅଗ୍ରୱାଲଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେଇଥିଲେ।

### କାଳୀମନ୍ଦିର ପୋଷ୍ଟ ଅଫିସ ସାମନା ରୋଡରେ ନିଆଁ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ କାଳୀ ମନ୍ଦିର ପୋଷ୍ଟ ଅଫିସ ସାମନା ରୋଡରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହଠାତ ନିଆଁ ଲାଗିଗଲା। ଲୋକେ ଭୟରେ ପାଖ ଘରୁ ପାଣି ଆଣି ପକାଇବା ସହ ଅଗ୍ନିଶମ ବିଭାଗ (ଦମକଳ ଅଫିସକୁ)କୁ ଫୋନ କରାଗଲା। କିନ୍ତୁ କିଛି ସମୟ ବିଳମ୍ବ ହେବା ପରେ ପୁଣି ଦମକଳ ବାହିନୀଙ୍କୁ ଫୋନ କରାଗଲା। ବିଜେଡି ରାଲିରେ ଫସି ଯାଇଛୁ, ଟିକିଏ ସମୟ ଲାଗିବ। ଏହି ପରିସ୍ଥିତି ଝାରସୁଗୁଡା ସହର ମଧ୍ୟରେ ସବୁ ବେଳେ ଦେଖା ଦିଏ ଏବଂ ଟ୍ରାଫିକ ସମସ୍ୟା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୁଅନ୍ତି।

### ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ବବିଙ୍କ ଗୁରୁମନ୍ତ୍ର

**ବୌଦ୍ଧ,୩।୫(ଅଜିତ କୁମାର ବାରିକ):** ସାରା ରାଜ୍ୟରେ ନିର୍ବାଚନ ନେଇ ରାଜନୀତି ସରଗରମ ହୋଇଛି । ବିଜେଡିର ଷ୍ଟାର ପ୍ରଚାରକ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ଦିନ ନିର୍ବାଚନ ପ୍ରଚାରରେ ବୌଦ୍ଧ ଜିଲାକୁ ଆସୁଥିବା ବେଳେ ଶୁକ୍ରବାର ଦିନ ଦଳର ସାଂଗଠନିକ ସଂପାଦକ ତଥା ସମ୍ବଲପୁର ଏମ୍ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ବୌଦ୍ଧ ଆସି ଦଳର ନେତା କର୍ମୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୌଦ୍ଧ ମାରୱାଡି ଧର୍ମଶାଳାର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ତଥା ବୌଦ୍ଧର ପ୍ରାର୍ଥୀ ପ୍ରଦିପ କୁମାର ଅମାତ,ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନାଙ୍କ ସମେତ ଦଳର ସମସ୍ତ ପ୍ରମୁଖ ନେତା, କାର୍ଯ୍ୟକର୍ତ୍ତା, ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ସାଂଗଠନିକ ସଂପାଦକ ଦାସ ଦଳର ସାଂଗଠନିକ ସ୍ଥିତି ନେଇ ସମୀକ୍ଷା କରିବା ସହିତ ଏକଜୁଟ ହୋଇ ଦଳୀୟ ପ୍ରାର୍ଥୀ ଅମାତଙ୍କୁ ପୁଣିଥରେ ଜିତାଇବା ସହ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଷଷ୍ଠଥର ପାଇଁ ସରକାର ଗଠନ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

## ଟାଙ୍ଗରପାଲିରେ କୁସୁମଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଢୁଲି)**

ନାମାଙ୍କନ ପତ୍ର ଦାଖଲ ପରେ ସୁନ୍ଦରଗଡ଼ ସଦର ବିଧାନସଭା ଭାଜପା ପ୍ରାର୍ଥୀ ତଥା ବିଧାୟିକା କୁସୁମ ଟେଟେ ଶୁକ୍ରବାର ତାଙ୍କର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ପଞ୍ଚାୟତର ବାଉଁଶମୁଣ୍ଡା ଓ ସାଗରପାଲି ଗ୍ରାମରେ ପହଞ୍ଚି କୁସୁମ ନିଜର ପ୍ରଚାର କରିଥିଲେ। ଯୋଗୀମାଲଠାରେ ଆଉ ୩ଟି ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଯୋଗ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ସୁରେନ୍ଦ୍ର ଭିତିରିଆ, ସୁରେଶ ପଟେଲ, ବେଣୀମାଧବ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟିକା ପ୍ରାର୍ଥୀ କୁସୁମ ଟେଟେ ପ୍ରଚାର କରୁଛନ୍ତି।

## ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା ଦାବି

**କୁତ୍ରା,୩।୪(ଦେବାଶିଷ ସାହୁ)**

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିଛି। ହେଲେ ଅଙ୍ଗନୱାଡି କେନ୍ଦ୍ର ଖୋଲା ରହୁଛି। ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶିଶୁଙ୍କ ସୁରକ୍ଷା ପ୍ରତି ବିଚାର କରି ଅଙ୍ଗନୱାଡି କେନ୍ଦ୍ର ବନ୍ଦ କରିବାକୁ ଅଭିଭାବକମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁତ୍ରା ସିଡିପିଓଙ୍କୁ ଲିଖିତ ଜଣାଇଛନ୍ତି। କରୋନା ସମୟରେ ଯେଉଁଭଳି ଭାବେ ଶିଶୁଙ୍କ ଘରକୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟ କରାଯାଉଥିଲା ଖରା ଦିନେ ସେହିଭଳି ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ନାମାଙ୍କନ ଭରିଲେ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**



ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କଲେ କୋଶଳ ପ୍ରେମୀ ଜ୍ଞାନେନ୍ଦ୍ର ବେହେରା। ଗତ ଦିନରେ ହୋଇଥିବା ଉପନିର୍ବାଚନରେ ସେ କୋଶଳ ସମର୍ଥିତ ଭାବେ ଛିଡ଼ା ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ବେଶ ପରିଚିତ ହୋଇଥିଲେ ବେହେରା। ଝାରସୁଗୁଡ଼ା ଜିଲାର ଅନେକ ଜନାଭିମୁଖୀ ପ୍ରସଙ୍ଗ ଯେମିତି ରାସ୍ତା କଡର ଆଲୋକି କରଣ ପାଇଁ ଆଲୋକ ର ବ୍ୟବସ୍ଥା (ଷ୍ଟ୍ରିଟ ଲାଇଟ)ଲଗାଇବା, କିସାନ ଛକ ନିକଟରେ ସର୍ବସାଧାରଣ ଜାଗାରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରଣ, ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ରହିବା, ପଛୁଆବର୍ଗ ଓ ଆଦିବାସୀ ସମାଜକୁ ତାଙ୍କ ହକ ଓ ଅଧିକାର ଲଢେଇରେ ସାମିଲ ହେବା ତଥା ପଶ୍ଚିମ ଓଡ଼ିଶାର ଲୋକମାନେ ସାମାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାରୁ ଅଲଗା ରାଜ୍ୟ ପାଇଁ କୋଶଳ ରଥ ମାଧ୍ୟମରେ ଜନସାଧାରଣଙ୍କୁ ଚେତେଇ ନିଜ ଅଧିକାର ପାଇଁ ଏକଜୁଟ କରେଇବା ସହ ଶାସନ ପ୍ରଶାସନକୁ ଉପରୋକ୍ତ ସମସ୍ୟା ଉପରେ ଆଲୋକପାତ କରିବା ସମୃଦ୍ଧ ଝାରସୁଗୁଡା ପ୍ରଦୂଷଣ ମୁକ୍ତ ପରିବେଶ, ଉନ୍ନତ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନିରାପଦ ରାସ୍ତା, କୃଷକଙ୍କୁ ସହାୟତା, ବିକଶିତ ଓ ଉନ୍ନତ ଗ୍ରାମୀଣ ଭିତ୍ତିଭୂମି, ସ୍ଥାନୀୟ ନିଯୁକ୍ତି, ଦାୟିତ୍ୱପୂର୍ଣ୍ଣ ଶିଳ୍ପାନୁଷ୍ଠାନ ସହ ଶିଳ୍ପ ଅବଶେଷ ପରିଚାଳନା ଆମର ପ୍ରତିବଦ୍ଧତା ନାରା ଦେଇ ପ୍ରାର୍ଥୀପତ୍ର ଦାଖଲ କଲେ ଜ୍ଞାନେନ୍ଦ୍ର ବେହେରା।

## ସୁନ୍ଦରଗଡ଼ରେ ପୋଲିସର ଫ୍ଲାଗ ମାର୍ଚ୍ଚ

**ସୁନ୍ଦରଗଡ,୩।୫(ଜୟ ନାରାୟଣ ମେଣ୍ଢୁଲି)**

ନିର୍ବାଚକୁ ଆଖି ଆଗରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ଟାଉନଥାନା ପୋଲିସ ପକ୍ଷରୁ ସହରରେ ଫ୍ଲାଗ ହୋଇଥିଲା। ସଦର ଏସଡିପିଓ ହିମାନଂଶୁ ବେହେରା, ଟାଉନଥାନା ଆଇଆଇସି ଆଦିତ୍ୟ ମହିକୁଲଙ୍କ ତତ୍ତ୍ୱାବଧାନରେ ଏହି ଫ୍ଲାଗ ମାର୍ଚ୍ଚ ଟାଉନଥାନାରୁ ବାହାରି ରିଜେଣ୍ଟ ମାର୍କେଟ, ଗାନ୍ଧୀ ନଗର,ପଞ୍ଚମୁଖୀ ହନୁମନ୍ତ ଛକ,ଡିଆରଡିଏ ଛକ,ହସ୍ପିଟାଲ ଛକ ଦେଇ ଶଙ୍କରାଚାର୍ଯ୍ୟ ପର୍ଯ୍ୟନ୍ତ ଯାଇଥିଲା। ଏହି ଫ୍ଲାଗ ମାର୍ଚ୍ଚରେ ସ୍ୱତନ୍ତ୍ର ପୋଲିସର ବାହିନୀ ସାମିଲ ଥିଲେ।

## ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଜଳସେବା

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ ବିଦ୍ୟାନଗର ପଞ୍ଚପଡାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଶିଶୁ ବିକାଶ ବିଦ୍ୟାମନ୍ଦିର ମିଳିତ ଆନକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଜିଲା ଶିକ୍ଷା କାର୍ଯ୍ୟାଳୟ ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ରେଡ ଜୋନରେ ଥିବା ଝାରସୁଗୁଡ଼ାରେ ଶିକ୍ଷା ବିଭାଗ ଓ ଶିଶୁ ବିକାଶର ଏହି ପ୍ରକାର ଜନସେବା ହିଁ ଅତ୍ୟନ୍ତ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, ପ୍ରଦୀପ୍ତ କୁମାର ସା, ଜିଲା ଶିକ୍ଷା କାର୍ଯ୍ୟାଳୟ ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ସିଂ, ପଞ୍ଚପଡ଼ା ସିଆରସିସି ସୁରଜ ପଟେଲ, ଶିଶୁ ବିକାଶ ବିଦ୍ୟା ମନ୍ଦିର ସମ୍ପାଦକ ଦିଗାମ୍ବର ମାଝି ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ନବୀନ ସେନ, ମନୋଜ ପରିଡ଼ା, ପ୍ରେମାନନ୍ଦ ପଟେଲ, ସୁରେନ ସେଟ, ରୁପାନନ୍ଦ ଚୌଧୁରୀ କାର୍ଯ୍ୟକ୍ରମରେ ସାମିଲ ରହିଥିଲେ। ପଞ୍ଚପଡ଼ ଶିଶୁ ବିକାଶ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମମତା ସିଂହ, କୋଷାଧ୍ୟକ୍ଷ ପ୍ରିୟଙ୍କା ସାହୁଙ୍କ ସମେତ ଆରତୁ ପଟେଲ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ବର୍ଷାରାଣି ଦୋରା, ବୀଣାପାଣି ପ୍ରଧାନ, ତାରିଣୀ ପ୍ରିୟା ମହାନ୍ତି, ଝରଣା ସାହୁ ପ୍ରମୁଖ ଗୁରୁମା ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ବିଦ୍ୟାନଗର ଅଞ୍ଚଳରେ ମେଡିକାଲ ଜିଲା ପ୍ରଶିକ୍ଷଣ ଶିକ୍ଷା କେନ୍ଦ୍ର ସହ ଉଚ୍ଚ ବିଦ୍ୟାଳୟ ଥିବାରୁ ପଞ୍ଚପଡ଼ା ଓ ଝରିଆନାଲ ଗ୍ରାମବାସୀ ବହୁତ ଖୁସି ଓ ଏହି ଜାଗାରେ ଏ ପ୍ରକାର ସେବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସଦା ସର୍ବଦା ପାଇପାରିବେ ବୋଲି ବିଦ୍ୟାଳୟ ସମ୍ପାଦକ ମାଝି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ଡିଆଙ୍କ ଉକ୍ତ ପ୍ରେରଣା ଦାୟୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ଝାରସୁଗୁଡ଼ା ଶିକ୍ଷା କ୍ଷେତ୍ରରେ ବିଶେଷ ପ୍ରଭାବ ପଡ଼ିବ ବୋଲି ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି କହିଥିଲେ।

## ନିଆରା ଢଙ୍ଗରେ ନିର୍ବାଚନୀ ପ୍ରଚାର

**ବରଗଡ଼,୩।୫(ପ୍ରେମାନନ୍ଦ ଖମାରୀ)**





ବରଗଡ଼ କେଶବ ନଗରରେ ମ୍ୟାଜିକ ଶୋ'ରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର । ସ୍ୱାଧୀନ ପ୍ରାର୍ଥୀ ପାଣ୍ଡବ କର୍ଣ୍ଣ ପରିବା ବାଣ୍ଟି ଭୋଟ୍ ଭିକ୍ଷା କରୁଛନ୍ତି ।

- ମ୍ୟାଜିକ ଶୋ ସାଜିଛି ବିଜେଡ଼ିର ମାଧ୍ୟମ
- ପରିବା ବାଣ୍ଟି ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ୍‌ଭିକ୍ଷା

ସାଧାରଣ ନିର୍ବାଚନ ପାଇଁ ମତଦାନ ଯେତିକି ପାଖେଇ ଆସୁଛି, ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନିଆରା ପ୍ରଚାର ମାଧ୍ୟମକୁ ଆପଣାଇଥିବା ପରିଲକ୍ଷିତ ହେଉଛି। ଏହି କ୍ରମରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥି ଦେବେଶ ଆଚାର୍ଯ୍ୟଙ୍କ ପାଇଁ ବିଭିନ୍ନ ଗ୍ରାମରେ ମ୍ୟାଜିକ ଶୋ' ଚାଲିଛି। ଉକ୍ତ ନିର୍ବାଚନ ମଣ୍ଡଳୀର ବରଗାଁ, କଟାପାଲି, ବରଡ଼ୋଲ, ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୩ର ମନାବନ୍ଧ ପଡ଼ା, ପିଏଚଡ଼ି ପଡ଼ା, ନିଲିବନ୍ଧ ପଡ଼ା, ନଦୀପଡ଼ାରେ ଏଭଳି ମ୍ୟାଜିକ ଶୋ' କାର୍ଯ୍ୟକ୍ରମ ହୋଇଥିଲା ଏବଂ ସେହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମ୍ୟାଜିକ ଶୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଲୋକେ ଏହାକୁ ମନ ଭରି ଉପଭୋଗ କରିଥିଲେ।

ସେହିପରି ଉକ୍ତ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ପାଣ୍ଡବ କର୍ଣ୍ଣଙ୍କ ନିର୍ବାଚନୀ ପ୍ରଚାର ଆହୁରି ନିଆରା। ସେ ମାଗଣାରେ ପରିବା ବଣ୍ଟନ କରି ନିର୍ବାଚନୀ ପ୍ରଚାର ଅଭିଯାନରେ ବାହାରିଛନ୍ତି। ଶୁକ୍ରବାର ପାଣ୍ଡବ ନିଜ ଗାଡ଼ିରେ ୨ କୁଇଣ୍ଟାଲ ଟମାଟର ଏବଂ ୧ କୁଇଣ୍ଟାଲ ଫୁଲକୋବି ଧରି ନିର୍ବାଚନମଣ୍ଡଳୀ ଅଧୀନ ବରଗଡ଼ ସହରର ବିଭିନ୍ନ ୱାର୍ଡ଼ରେ ଭୋଟ୍ ଭିକ୍ଷା କରିଥିବା କହିଛନ୍ତି। ଜଣେ ରକ୍ତଦାତା ଭାବେ ଜଣାଶୁଣା ପାଣ୍ଡବ ଗୁରୁବାର ବରଗଡ଼ ରକ୍ତ ଭଣ୍ଡାରକୁ ଯାଇ ସେଠାରୁ ରକ୍ତଦାନ ପରେ ନାମାଙ୍କନ ପତ୍ର ଦାଖଲ କରିବା ଘଟଣା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା।

### ଉଦ୍‌ଯାପିତ ହେଲା ରାମଲୀଳା ନାଟକ

**ବାଉଁଶୁଣୀ,୩।୫ (ଦେବାଶିଷ ନେପାକ)**

ବୌଦ୍ଧ ଜିଲାର ବାଉଁଶୁଣୀ ଛକସ୍ଥିତ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ୫୮ ତମ ଶ୍ରୀରାମ ଲୀଳା ନାଟକ ଅନୁଷ୍ଠିତ ହେଉଥିବା ବେଳେ ଶେଷ ରଜନୀରେ ନାଟକ ରାବଣ ବଧ ସହ ରାବଣ ପୋଡ଼ି ଅନୁଷ୍ଠିତ ହୋଇଯାଇଛି । କଳାକାରମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ରାବଣ ଆଦି ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ନାଟ୍ୟ ପରିବେଷଣ କରିଥିଲେ। ଅନ୍ତିମ ଦିନରେ ରାମ, ଲକ୍ଷ୍ମଣ, ହନୁମାନ ତାଙ୍କ ସୈନ୍ୟଗଣକୁ ନେଇ ଜମଘାଟି ପରିକ୍ରମା କରି ବାଉଁଶୁଣୀ ଛକରେ ପହଞ୍ଚିଥିଲେ । ସେପଟେ ରାବଣ ମଧ୍ୟ ଟିକିରାପଡ଼ା, ଗଡଭିତର ଗ୍ରାମ ପରିକ୍ରମା କରି ସେଠାରେ ପହଞ୍ଚି ଥିଲା । ପରେ ଉଭୟ ପକ୍ଷକୁ ନେଇ ବାଉଁଶୁଣୀ ବସଷ୍ଟାଣ୍ଡ ପାଲଟିଥିଲା ରଣକ୍ଷେତ୍ର । ରାମ ଓ ରାବଣର ମହାସମର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଅବସରରେ ସଂଧ୍ୟା ସମୟରେ ମଣ୍ଡପ ଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପରେ ନାଟ୍ୟ ମଣ୍ଡପରେ ରାବଣ ବଧ ନାଟକ ଅନୁଷ୍ଠିତ ହୋଇଥିଲା । ରାମ ଭୂମିକାରେ ଛବିଳ, ଲକ୍ଷ୍ମଣ ଭକ୍ତରାମ, ରାବଣ ଗୋପାଳ, ହନୁମାନ ଭୂମିକାରେ ହଳଧର ଅଭିନୟ କରିଥିଲେ ।

## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ଅଭିଯୋଗ,ଯୁବକ ଗିରଫ

**ବଡ଼ଗାଁ,୩।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଡ଼ଗାଁ ଥାନା ଅଧୀନ ସାଲବିରା ଗ୍ରାମର ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଧରୁଆଡିହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପରମେଶ୍ୱର ମୁଣ୍ଡା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପରମେଶ୍ୱର ସଂପୃକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଡାଲମିଆ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**କୁତ୍ରା,୩।୫(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦର୍ଶନ ବିଭାଗ ମୁଖ୍ୟ ଡ. ଜିତେନ୍ଦ୍ର କୁମାର ପଟେଲ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ପଟେଲ ୨୦୧୧ରେ ବଣାଇଁ ମହାବିଦ୍ୟାଳୟରୁ ଏଠାକୁ ବଦଳି ହୋଇ ଆସିବା ପରେ ଦର୍ଶନ ବିଭାଗରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ମହାବିଦ୍ୟାଳୟର ଷ୍ଟାଫ ଆସୋସିଏଶନ, ସମସ୍ତ ଅଧ୍ୟାପିକା, ଅଧ୍ୟାପିକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ମୃତ କଳାକାରଙ୍କୁ ସମବେଦନା ଜଣାଇବାକୁ ଭାଜପା ନେତାଙ୍କ ସମୟ ନାହିଁ: ଲେନିନ୍

**ସମ୍ବଲପୁର,୩।୫(ପ୍ରମୋଦ ବହିଦାର):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ସାମିଲ ହୋଇଥିବା କଳାକାର ଗୋବିନ୍ଦପୁର ଥାନା ଅନ୍ତର୍ଗତ ପିଣ୍ଡାପଥର ବାଘପଡ଼ା ଗ୍ରାମର କୁମର ମାଝି(୨୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ମାତ୍ର ଧର୍ମେନ୍ଦ୍ର ବା ଜୟନାରାୟଣଙ୍କ ଶୋଭାଯାତ୍ରାରେ ମୃତ କଳାକାରଙ୍କୁ ଶେଷ ସମ୍ମାନ ତ ଦୂରକଥା ତାଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇବାକୁ ମଧ ଉଭୟଙ୍କ ନିକଟରେ ସମୟର ଅଭାବ ରହିଛି ବୋଲି ଏକ ପ୍ରେସ ବିବୃତି ଜରିଆରେ ଅଭିଯୋଗ କରିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି। ସୂଚନା ଯୋଗ୍ୟ ଯେ, ନାମାନଙ୍କପତ୍ର ଦାଖଲ କାର୍ଯ୍ୟକ୍ରମରେ ଭାଜପା ଭିଡ ଦେଖାଇବାକୁ ଦୂରଦୂରାନ୍ତରରୁ ଲୋକଙ୍କୁ ସମ୍ବଲପୁର ଡାକି ଠୁଳ କରିଥିଲା। ଏପରିକି ଅନେକ କଳାକାରମାନଙ୍କୁ ମଧ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଡକା ଯାଇଥିଲା। ପିଣ୍ଡାପଥର ଗାଁର ବାଘପଡାଠାରୁ ଆସିଥିବା ବାଜାଦଳ ସହିତ କୁମର ମାଝୀ ମଧ ସମ୍ବଲପୁର ଆସିଥିଲେ। ଦୀର୍ଘ ସମୟ ଧରି ବାଜା ବଜାଉଥିବା କୁମର ହଠାତ୍ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏସମ୍ପର୍କରେ ଭାଜପା ନେତାଙ୍କ ନିକଟରେ ଖବର ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରିକି ଏନେଇ କିଛି ଜାଣିବାକୁ ସେମାନେ କୌଣସି ଚେଷ୍ଟା ମଧ କରିନଥିଲେ ବୋଲି କହିଛନ୍ତି ଡ. ଲେନିନ ମହାନ୍ତି।

### ଝାରବନ୍ଧରେ ବିଜେଡିର ମାରାଥନ ପ୍ରଚାର

ପଦ୍ମପୁର/ଝାରବନ୍ଧ,୩।୫(ପ୍ରଦୀପ୍ତ ଦାଶ/ ଦେବେନ୍ଦ୍ର ସାହୁ) : ପ୍ରଚଣ୍ଡ ଗ୍ରୀଷ୍ମ ତାତି ସହ ରାଜନୀତିର ତାତି ପରିବେଶକୁ ସରଗରମ କରି ଦେଇଛି। ରାଜନୈତିକ ଦଳଗୁଡିକ ଖରାକୁ ଭ୍ରୂକ୍ଷେପ ନ କରି ପ୍ରଚାର ପ୍ରସାରରେ ଲାଗି ପଡିଛନ୍ତି। ଏଥିରେ ବିଜେଡି ମଧ ପ୍ରଚାରକୁ ଜୋର କରି ଦେଇଛି। ବିଧାୟିକା ବର୍ଷା ସିଂ ବରିହା ନିଜ ଦଳ ନେତୃମଣ୍ଡଳୀଙ୍କୁ ନେଇ ଝାରବନ୍ଧ ବ୍ଲକର ଅନଗୁଳ, ଡ଼ଭା, ପଲସଦା, ବଲାଙ୍ଗୀର, ଛୋଟ ଅନକୀ, ବଡ଼ ଅନକୀ ଆଦି ଉପାନ୍ତ ଅଞ୍ଚଳରେ ମାରାଥନ ପ୍ରଚାର କରିଛନ୍ତି। ବିଜେଡିକୁ ଭୋଟ ଦେଇ ରାଜ୍ୟର ବିକାଶ ସହ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ମଜଭୁତ କରିବାକୁ ନିବେଦନ କରିଥିଲେ।

# କଂଗ୍ରେସ ଲୋକସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଚାଷୀଙ୍କ ସମସ୍ୟା ଉଠାଇବାକୁ ଦଳରୁ ଏକ ଘରକିଆ ହେଲେ: ନଗେନ୍ଦ୍ର**

**ସମ୍ବଲପୁର, ୩।୫(ପ୍ରମୋଦ ବହିଦାର)**





ଅତିରିକ୍ତ ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଇଂ ଦିଲୀପ ଦୁରିଆ। ଜିଲାପାଳଙ୍କ ନିକଟରେ ପ୍ରସ୍ତାବକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ନଗେନ୍ଦ୍ର ପ୍ରଧାନ।

କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ରେଙ୍ଗାଲୀ ବିଧାନସଭା ବିଧାୟକ ପ୍ରାର୍ଥୀ ଇଂ. ଦିଲୀପ କୁମାର ଦୁରିଆ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟ ପ୍ରାର୍ଥୀ ମା'ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ବାଲିବନ୍ଧାରୁ ଦଳୀୟ ପଦାଧିକାରୀ ଓ ବହୁ ସଂଖ୍ୟାରେ ଯୁବ ଓ ମହିଳା କର୍ମୀଙ୍କ ଗହଣରେ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପୂର୍ବକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଇଂ ଦିଲୀପ ଦୁରିଆ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତିଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଉଭୟେ ଦୁଇଟି ଲେଖାଁଏ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ନଗେନ୍ଦ୍ର କୁମାର ପ୍ରଧାନଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକ ଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର ଓ ରାଧାକାନ୍ତ ବହିଦାର ତଥା ଇଂ. ଦିଲୀପ ଦୁରିଆଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକ ଭାବେ ସୁବାସ ବିଶ୍ୱାଳ ଓ ଚତୁର୍ଭୁଜ ଝାଙ୍କର ସ୍ୱାକ୍ଷର କରିଛନ୍ତି। ନଗେନ୍ଦ୍ରଙ୍କ ପ୍ରାର୍ଥିପତ୍ର ଦାଖଲ ସମୟରେ କଂଗ୍ରେସର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ, କଂଗ୍ରେସ ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାଁ, ଛେଣ୍ଡିପଦା କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାୟକ, ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନପତ୍ର ଦାଖଲ ପରେ ନଗେନ୍ଦ୍ର ପ୍ରଧାନ ବିଜେଡିକୁ ସମାଲୋଚନା କରି ଏହା ଏକ ଇଞ୍ଜିନ ବିହୀନ ଦଳ। କେନ୍ଦ୍ରର କ୍ଷମତାସୀନ ସରକାର ଇଞ୍ଜିନ ଭାବେ ବିଜେଡିକୁ ପରିଚାଳନା କରିଥାଏ। ତେବେ ଚାଷୀଙ୍କ ସମସ୍ୟା ଉପସ୍ଥାପନ କରିବାରୁ ସେ ବିଜେଡିରୁ ଏକ ଘରକିଆ ହୋଇଥିଲେ ବୋଲି କହିଛନ୍ତି ନଗେନ୍ଦ୍ର।

## ନାମାଙ୍କନପତ୍ର ଦାଖଲକଲେ ସେବତୀ

**ବଣାଇଁ,୩।୫(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ସେବତୀ ନାୟକ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶତାଧିକ କର୍ମୀଙ୍କ ଗହଣରେ ପ୍ରଥମେ ବାବା ବାଣେଶର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଣାଇଁ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଜୁଏଲ ଓରାମ, ନୂତନ ଭାବେ ଦଳରେ ମିଶିଥିବା ହକି ତାରକା ପ୍ରବୋଧ ତିର୍କୀ ପ୍ରମୁଖଙ୍କ ସମେତ ବହୁ ନେତା ଏଥିରେ ସାମିଲ ହୋଇଥିଲେ। ବଣାଇଁ ବିଧାନସଭା କ୍ଷେତ୍ର ନିମନ୍ତେ ସମୁଦାୟ ୧୪ ଜଣ ପ୍ରାର୍ଥୀପତ୍ର କ୍ରୟ କରିଥିବା ବେଳେ ଅନ୍ତିମ ଦିବସ ଶେଷ ଶୁଦ୍ଧା ସମୁଦାୟ ୧୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତନ୍ମଧ୍ୟରେ ବିଜେଡିରୁ ଭୀମସେନ ଚୌଧୁରୀ, ଭାଜପାରୁ ସେବତୀ ନାୟକ, ସିପିଆଇଏମ ପକ୍ଷରୁ ଲକ୍ଷ୍ମଣ ମୁଣ୍ଡା, ଆମ ଆଦମୀ ପାର୍ଟି ପକ୍ଷରୁ କୁନି ମୁଣ୍ଡା, ଏଜେଏସୟୁ ପକ୍ଷରୁ ନବୀନ କିଷାନ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## ଭିନ୍ନକ୍ଷମ ସଚେତନତା ରଥର ଶୁଭାରମ୍ଭ

**ସମ୍ବଲପୁର,୩।୫(ପ୍ରମୋଦ ବହିଦାର)**

ଚଳିତ ସାଧାରଣ ନିର୍ବାଚନକୁ ନେଇ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ଚଳନଶକ୍ତି ରହିତ ଭୋଟରମାନଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ୩ଟି ସଚେତନତା ରଥର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ପତାକା ଦେଖାଇ ସଚେତନତା ରଥ ଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ଅଗ୍ରୱାଲ ଦେଶରେ ଗଣତନ୍ତ୍ରକୁ ସୁସ୍ଥ ଓ ସୁଦୃଢ଼ କରିବା ଦିଗରେ ଭୋଟ୍ ପ୍ରକ୍ରିୟାରେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ଭାଗିଦାରୀଙ୍କୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଚେତନତା ରଥରେ ନିର୍ବାଚନରେ ଭୋଟରଙ୍କ ଶତ ପ୍ରତିଶତ ଅଂଶଗ୍ରହଣକୁ ନେଇ ଜିଲାପାଳଙ୍କ ବାର୍ତ୍ତା ସହିତ ସୁମଧୁର ସଙ୍ଗୀତ ଦ୍ୱାରା ଭୋଟ ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବା ବ୍ୟବସ୍ଥା କରାଯାଇଛି। ରଥଗୁଡ଼ିକ ଜିଲାର ସମସ୍ତ ଉପଖଣ୍ଡସ୍ଥ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ସେଠାରୁ ରଥ ଗୁଡ଼ିକ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ବ୍ଲକଗୁଡ଼ିକୁ ଯାଇ ପଞ୍ଚାୟତ ସ୍ତରରେ ବୁଲିବୁଲି ନିର୍ବାଚନୀ ମତଦାନରେ ଶତ ପ୍ରତିଶତ ଅଂଶଗ୍ରହଣ ପାଇଁ ଭିନ୍ନକ୍ଷମ, ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବ। ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଓ ସୁଚାରୁ କୁମାର ବଳ ଉପସ୍ଥିତ ଥିବା ବେଳେ ଅଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବିନ୍ଦ୍ର ନାଥ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଜିଲାପାଳଙ୍କ ଦ୍ୱାରା ନିର୍ବାଚନୀ ସଚେତନତା ରଥର ଶୁଭାରମ୍ଭ।

## କାଳୀମନ୍ଦିର ପୋଷ୍ଟ ଅଫିସ ସାମ୍ନା ରୋଡ଼ରେ ନିଆଁ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ କାଳି ମନ୍ଦିର ପୋଷ୍ଟ ଅଫିସ ସାମନା ରୋଡରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହଠାତ ନିଆଁ ଲାଗିଗଲା। ଲୋକେ ଭୟରେ ପାଖ ଘରୁ ପାଣି ଆଣି ପକାଇବା ସହ ଅଗ୍ନିଶମ ବିଭାଗ (ଦମକଳ ଅଫିସକୁ)କୁ ଫୋନ କରାଗଲା। କିନ୍ତୁ କିଛି ସମୟ ବିଳମ୍ବ ହେବା ପରେ ପୁଣି ଦମକଳ ବାହିନୀଙ୍କୁ ଫୋନ କରାଗଲା। ବିଜେଡି ରାଲିରେ ଫସି ଯାଇଛୁ, ଟିକିଏ ସମୟ ଲାଗିବ। ଏହି ପରିସ୍ଥିତି ଝାରସୁଗୁଡା ସହର ମଧ୍ୟରେ ସବୁ ବେଳେ ଦେଖା ଦିଏ ଏବଂ ଟ୍ରାଫିକ ସମସ୍ୟା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୁଅନ୍ତି।

## ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ବବିଙ୍କ ଗୁରୁମନ୍ତ୍ର

**ବୌଦ୍ଧ,୩।୫(ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ନିର୍ବାଚନ ନେଇ ରାଜନୀତି ସରଗରମ ହୋଇଛି । ବିଜେଡିର ଷ୍ଟାର ପ୍ରଚାରକ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ଦିନ ନିର୍ବାଚନ ପ୍ରଚାରରେ ବୌଦ୍ଧ ଜିଲାକୁ ଆସୁଥିବା ବେଳେ ଶୁକ୍ରବାର ଦିନ ଦଳର ସାଂଗଠନିକ ସଂପାଦକ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ବୌଦ୍ଧ ଆସି ଦଳର ନେତା କର୍ମୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୌଦ୍ଧ ମାରୱାଡି ଧର୍ମଶାଳାର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ତଥା ବୌଦ୍ଧର ପ୍ରାର୍ଥୀ ପ୍ରଦିପ କୁମାର ଅମାତ,ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଜିଲା ପର୍ଯ୍ୟବେକ୍ଷକ ଅମରେଶ ଜେନାଙ୍କ ସମେତ ଦଳର ସମସ୍ତ ପ୍ରମୁଖ ନେତା, କାର୍ଯ୍ୟକର୍ତ୍ତା, ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ସାଙ୍ଗଠନିକ ସଂପାଦକ ଦାସ ଦଳର ସାଙ୍ଗଠନିକ ସ୍ଥିତି ନେଇ ସମୀକ୍ଷା କରିବା ସହିତ ଏକଜୁଟ ହୋଇ ଦଳୀୟ ପ୍ରାର୍ଥୀ ଅମାତଙ୍କୁ ପୁଣିଥରେ ଜିତାଇବା ସହ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଷଷ୍ଠଥର ପାଇଁ ସରକାର ଗଠନ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

## ଚାଷୀଙ୍କୁ ସଚେତନ କରିବାକୁ ବୈଠକରେ ନିଷ୍ପତ୍ତି

**ନୀଳଡୁଙ୍ଗୁରୀ ଅତ୍ୟାଧୁନିକ କୃଷି ବଜାର ନିର୍ମାଣ ଆଗାମୀ ନିର୍ବାଚନରେ ହେବ ପ୍ରସଙ୍ଗ**

**ସମ୍ବଲପୁର,୩।୫ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା କବରାପାଲି ପଞ୍ଚାୟତର ନୀଳଡୁଙ୍ଗୁରୀଠାରେ ଆଧୁନିକ କୃଷି ବଜାର ନିର୍ମାଣ ଦାବି ସପକ୍ଷରେ ଚାଷୀମାନଙ୍କୁ ସଙ୍ଗଠିତ କରିବାକୁ ସ୍ଥାନୀୟ କୃଷକ ସଂଗଠକ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ବାରିବନ୍ଧଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ସଙ୍ଗଠନ କର୍ମକର୍ତ୍ତା ଦର୍ଶାଇଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀଳଡୁଙ୍ଗୁରୀଠାରେ ୨୦୧୪ରେ ୬୦ ଏକର ପରିମିତ ଜାଗାରେ ଏକ ଆଧୁନିକ କୃଷି ବଜାର ପିପିପି ମୋଡରେ ସ୍ଥାପନ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ମୋଟ ୭୩.୯୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏଥିରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯.୪୯ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ଯୋଜନା ରହିଥିଲା। ପ୍ରକଳ୍ପରେ କୃଷି ଉତ୍ପାଦିତ ଦ୍ରବ୍ୟର ରପ୍ତାନୀ, ବଜାରକରଣ, ଶୀତଳ ଭଣ୍ଡାର ଆଦିର ସୁବିଧା ପାଇଁ ଯୋଜନା କରାଯାଇଥିଲା। ୧୦ବର୍ଷ ପରେ ବି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବଜାର ସମସ୍ୟା ଯୋଗୁ କବରାପାଲି, ବାହାମ, ଘେନୁପାଲି ଆଦି ପଞ୍ଚାୟତରେ ପନିପରିବା ଏବଂ ଫୁଲ ଚାଷୀ କ୍ଷତି ସହୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର କେବଳ ପ୍ରକଳ୍ପ ଘୋଷଣା କରି ଚୁପ ରହିଥିବାରୁ ଏଥିପ୍ରତି ସ୍ଥାନୀୟ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚଳିତ ନିର୍ବାଚନରେ ଏହାକୁ ପ୍ରସଙ୍ଗ କରି ପ୍ରକଳ୍ପ ବିଷୟରେ ଚାଷୀମାନଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଆଗାମୀ ୧୫ଦିନ ମଧ୍ୟରେ ନୀଳଡୁଙ୍ଗୁରୀଠାରେ ଏକ ବୈଠକ ଆୟୋଜନ କରାଯାଇ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କୁ ଆଧୁନିକ କୃଷି ବଜାର ପାଇଁ ସେମାନଙ୍କ ମତ କ'ଣ ରହିଛି ଏବଂ ଚାଷୀଙ୍କ ପାଇଁ ସେମାନଙ୍କ କ'ଣ ଯୋଜନା ରହିଛି ପ୍ରଶ୍ନ କରିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ, କୃଷକ ନେତା ସୁବୋଧ ବେହେରା, ପ୍ରଫୁଲ୍ଲ ମଗର, ରାଜାରାମ ଷଡଙ୍ଗୀ, ଶ୍ୟାମଲାଲ ସାହୁ, ନିର୍ମାଲା ପଧାନ, କୃଷି ଗବେଷକ ଅଭିଲାଷ ପଧାନ ପ୍ରମୁଖ ସାମିଲ ହୋଇଥିଲେ । କିଛିଦିନ ମଧ୍ୟରେ ଚାଷୀ ମାନଙ୍କ ସହ ଆଲୋଚନା କରି ଆଗାମୀ ବୈଠକ ପାଇଁ ଦିନ ଧାର୍ଯ୍ୟ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା।

## ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ନାମାଙ୍କନ ଭରିଲେ

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**



ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କଲେ କୋଶଳ ପ୍ରେମୀ ଜ୍ଞାନେନ୍ଦ୍ର ବେହେରା। ଗତ ଦିନରେ ହୋଇଥିବା ଉପନିର୍ବାଚନରେ ସେ କୋଶଳ ସମର୍ଥିତ ଭାବେ ଛିଡ଼ା ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ବେଶ ପରିଚିତ ହୋଇଥିଲେ ବେହେରା। ଝାରସୁଗୁଡ଼ା ଜିଲାର ଅନେକ ଜନାଭିମୁଖି ପ୍ରସଙ୍ଗ ଯେମିତି ରାସ୍ତା କଡର ଆଲୋକି କରଣ ପାଇଁ ଆଲୋକ ର ବ୍ୟବସ୍ଥା (ଷ୍ଟ୍ରିଟ ଲାଇଟ)ଲଗାଇବା, କିସାନ ଛକ ନିକଟରେ ସର୍ବସାଧାରଣ ଜାଗାରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରଣ, ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ରହିବା, ପଛୁଆବର୍ଗ ଓ ଆଦିବାସୀ ସମାଜକୁ ତାଙ୍କ ହକ ଓ ଅଧିକାର ଲଢେଇରେ ସାମିଲ ହେବା ତଥା ପଶ୍ଚିମ ଓଡ଼ିଶାର ଲୋକମାନେ ସାମାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାରୁ ଅଲଗା ରାଜ୍ୟ ପାଇଁ କୋଶଳ ରଥ ମାଧ୍ୟମରେ ଜନସାଧାରଣଙ୍କୁ ଚେତେଇ ନିଜ ଅଧିକାର ପାଇଁ ଏକଜୁଟ କରେଇବା ସହ ଶାସନ ପ୍ରଶାସନକୁ ଉପରୋକ୍ତ ସମସ୍ୟା ଉପରେ ଆଲୋକପାତ କରିବା ସମୃଦ୍ଧ ଝାରସୁଗୁଡା ପ୍ରଦୂଷଣ ମୁକ୍ତ ପରିବେଶ, ଉନ୍ନତ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନିରାପଦ ରାସ୍ତା, କୃଷକଙ୍କୁ ସହାୟତା, ବିକଶିତ ଓ ଉନ୍ନତ ଗ୍ରାମୀଣ ଭିତ୍ତିଭୂମି, ସ୍ଥାନୀୟ ନିଯୁକ୍ତି, ଦାୟିତ୍ୱପୂର୍ଣ୍ଣ ଶିଳ୍ପାନୁଷ୍ଠାନ ସହ ଶିଳ୍ପ ଅବଶେଷ ପରିଚାଳନା ଆମର ପ୍ରତିବଦ୍ଧତା ନାରା ଦେଇ ପ୍ରାର୍ଥୀପତ୍ର ଦାଖଲ କଲେ ଜ୍ଞାନେନ୍ଦ୍ର ବେହେରା।

## ଟାଙ୍ଗରପାଲିରେ କୁସୁମଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ଼,୩।୫(ଜୟ ନାରାୟଣ ମେଣ୍ଡୁଲି)**

ନାମାଙ୍କନ ପତ୍ର ଦାଖଲ ପରେ ସୁନ୍ଦରଗଡ଼ ସଦର ବିଧାନସଭା ଭାଜପା ପ୍ରାର୍ଥୀ ତଥା ବିଧାୟିକା କୁସୁମ ଟେଟେ ଶୁକ୍ରବାର ତାଙ୍କର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ପଞ୍ଚାୟତର ବାଉଁଶମୁଣ୍ଡା ଓ ସାଗରପାଲି ଗ୍ରାମରେ ପହଞ୍ଚି କୁସୁମ ନିଜର ପ୍ରଚାର କରିଥିଲେ। ଯୋଗୀମାଲଠାରେ ଆଉ ୩ଟି ଦଳୀୟ କାର୍ଯ୍ୟକ୍ରମରେ ମଧ ସେ ଯୋଗ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ସୁରେନ୍ଦ୍ର ଭିତିରିଆ, ସୁରେଶ ପଟେଲ, ବେଣୀମାଧବ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଜଳସେବା

**ଝାରସୁଗୁଡ଼ା,୩।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ ବିଦ୍ୟାନଗର ପଞ୍ଚପଡାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଶିଶୁ ବିକାଶ ବିଦ୍ୟାମନ୍ଦିର ମିଳିତ ଆନକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଜିଲା ଶିକ୍ଷା କାର୍ଯ୍ୟାଳୟ ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ରେଡ ଜୋନରେ ଥିବା ଝାରସୁଗୁଡ଼ାରେ ଶିକ୍ଷା ବିଭାଗ ଓ ଶିଶୁ ବିକାଶର ଏହି ପ୍ରକାର ଜନସେବା ହିଁ ଅତ୍ୟନ୍ତ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, ପ୍ରଦୀପ୍ତ କୁମାର ସା, ଜିଲା ଶିକ୍ଷା କାର୍ଯ୍ୟାଳୟ ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ସିଂ, ପଞ୍ଚପଡ଼ା ସିଆରସିସି ସୁରଜ ପଟେଲ, ଶିଶୁ ବିକାଶ ବିଦ୍ୟା ମନ୍ଦିର ସମ୍ପାଦକ ଦିଗାମ୍ବର ମାଝି ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ନବୀନ ସେନ, ମନୋଜ ପରିଡ଼ା, ପ୍ରେମାନନ୍ଦ ପଟେଲ, ସୁରେନ ସେଟ, ରୁପାନନ୍ଦ ଚୌଧୁରୀ କାର୍ଯ୍ୟକ୍ରମରେ ସାମିଲ ରହିଥିଲେ। ପଞ୍ଚପଡ଼ ଶିଶୁ ବିକାଶ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମମତା ସିଂହ, କୋଷାଧ୍ୟକ୍ଷ ପ୍ରିୟଙ୍କା ସାହୁଙ୍କ ସମେତ ଆରଜୁ ପଟେଲ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ବର୍ଷାରାଣି ଦୋରା, ବୀଣାପାଣି ପ୍ରଧାନ, ତାରିଣୀ ପ୍ରିୟା ମହାନ୍ତି, ଝରଣା ସାହୁ ପ୍ରମୁଖ ଗୁରୁମା ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ବିଦ୍ୟାନଗର ଅଞ୍ଚଳରେ ମେଡିକାଲ ଜିଲା ପ୍ରଶିକ୍ଷଣ ଶିକ୍ଷା କେନ୍ଦ୍ର ସହ ଉଚ୍ଚ ବିଦ୍ୟାଳୟ ଥିବାରୁ ପଞ୍ଚପଡ଼ା ଓ ଝରିଆନାଲ ଗ୍ରାମବାସୀ ବହୁତ ଖୁସି ଓ ଏହି ଜାଗାରେ ଏ ପ୍ରକାର ସେବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସଦା ସର୍ବଦା ପାଇପାରିବେ ବୋଲି ବିଦ୍ୟାଳୟ ସମ୍ପାଦକ ମାଝି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ଡିଆଙ୍କ ଉକ୍ତ ପ୍ରେରଣା ଦାୟୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ଝାରସୁଗୁଡ଼ା ଶିକ୍ଷା କ୍ଷେତ୍ରରେ ବିଶେଷ ପ୍ରଭାବ ପଡ଼ିବ ବୋଲି ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି କହିଥିଲେ।

## ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ





ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ସାଂସଦ ପ୍ରାର୍ଥୀ ନବକିଶୋର ପ୍ରଧାନ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି। ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ସାଂସଦ ପ୍ରାର୍ଥୀ ଲକ୍ଷ୍ମଣ ଭୋଇ।

**ସମ୍ବଲପୁର,୩।୫ (ଭବାନୀ ଶଙ୍କର ଭୋଇ)**

- ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପ୍ରାର୍ଥୀ ନବକିଶୋର ପ୍ରଧାନ
- ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ପ୍ରାର୍ଥୀ ଲକ୍ଷ୍ମଣ ଭୋଇ

ସମ୍ବଲପୁର ଲୋକସଭା କ୍ଷେତ୍ର ପାଇଁ ଶୁକ୍ରବାର ସମ୍ବଲପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଏସୟୁସିଆଇ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟି ପକ୍ଷରୁ ସାଂସଦ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ସାଂସଦ ପ୍ରାର୍ଥୀ ନବକିଶୋର ପ୍ରଧାନ ୨ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ନାମାଙ୍କନ ବେଳେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ସମ୍ବଲପୁର ଚାଷୀନେତା ଲକ୍ଷ୍ମୀନାରାୟଣ ଛତ୍ରିଆ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ନେତା ସଞ୍ଜୟ ସାହୁ ଉପସ୍ଥିତ ଥିଲେ। ସମ୍ବଲପୁର ଲୋକସଭା କ୍ଷେତ୍ର ସମେତ ରାଜ୍ୟର ଚାଷୀ, ମୂଲିଆ, ଶ୍ରମିକ, କର୍ମଚାରୀ, ନିମ୍ନମଧ୍ୟବିତ୍ତ, ମଧ୍ୟବିତ୍ତ ଜନସାଧାରଣଙ୍କ ନ୍ୟାୟ ସଙ୍ଗତ ଦାବିରେ ଗଣ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ଏବଂ ଜନଗଣଙ୍କ ନ୍ୟାୟ ସଙ୍ଗତ ଦାବିକୁ ଲୋକସଭାରେ ଦୃଢ଼ ଭାବେ ଉପସ୍ଥାପନ କରିବା ନିମନ୍ତେ ସେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି ବୋଲି ନବକିଶୋର ପ୍ରଧାନ ପ୍ରକାଶ କହିଛନ୍ତି । ସେହିପରି ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ସମ୍ବଲପୁର ସାଂସଦ ପ୍ରାର୍ଥୀ ଲକ୍ଷ୍ମଣ ଭୋଇ ମଧ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଲକ୍ଷ୍ମଣ ଭୋଇ ଗୋଟିଏ ସେଟ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସେଥିରେ ମହାଦେବ ପୋଢ ପ୍ରସ୍ତାବକ ରହିଛନ୍ତି । ପଶ୍ଚିମାଞ୍ଚଳର ବିକାଶ ପାଇଁ ଆଞ୍ଚଳିକ ଦଳ ଭାବେ ମାଟିର ସ୍ୱାର୍ଥ କାମ କରିବାକୁ ଦଳ ତରଫରୁ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ ଭୋଇ କହିଛନ୍ତି ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଯୁବକ ମୃତ

**କ୍ଷତିପୂରଣ ଦାବିରେ ୭ ଘଣ୍ଟା ରାସ୍ତାଅବରୋଧ**

ରାଉରକେଲା, ୩।୫(ସଙ୍ଗୀତା ଜେନା) ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଏନ୍ଏସି ମାର୍କେଟରେ ଶୁକ୍ରବାର ଅପରାହ୍ନରେ ଏକ ଅଜଣା ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଏଲନଗର ସୁଭଦ୍ରା ବସ୍ତିର ମୃତ୍ୟୁଞ୍ଜୟ ପ୍ରଧାନ(୩୩)। ଦୁର୍ଘଟଣା ଘଟାଇଥିବା ଟ୍ରକ ଫେରାର ହୋଇଯାଇଛି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହକୁ ୭ ଘଣ୍ଟା ବ୍ୟାପୀ ରାସ୍ତା ଉପରେ ରଖି ରାସ୍ତା ରୋକୋ କରିଥିଲେ।ଘଟଣା ସ୍ଥଳରେ ଡିଏସ୍‌ପି ଜୋନ୍-୧ ପୁଷ୍ପରାଣୀ ନିନ୍‌ଗୀ, ଥାନାଧୀକାରୀ ପ୍ରତିଭା ମଞ୍ଜରୀ ସାହୁ ତଥା ପୂର୍ବତନ ବିଧାୟକ ସୁବ୍ରତ ତରାଇ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ପୋଲିସ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସରେ ରଖିଛି । ତେବେ ଖବରଲେଖା ହେବା ପର୍ଯ୍ୟନ୍ତ ରାତି ୧୦ଟା ଥାନାରେ ଏତଲା ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୃତ୍ୟୁଞ୍ଜୟ ଲାଇଟ୍ ଓ ସାଉଣ୍ଡ ଟେଣ୍ଟ ହାଉସରେ କାମ କରୁଥିଲେ।

### ହତ୍ୟା ମାମଲା: ଦୋଷୀଙ୍କୁ ୬ ବର୍ଷ ଜେଲ ଦଣ୍ଡ

**ରାଉରକେଲା,୩।୫(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ମଣ୍ଡଳବସ୍ତିରେ ଜଣେ ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା କରିବା ଘଟଣାର ରାୟ ଗତ ୩୦ ତାରିଖରେ ପ୍ରକାଶ ପାଇଛି। ୨ୟ ଦୌରାଜଜ୍ ମନୋଜ କୁମାର ଦୋଷୀଙ୍କୁ ୬ ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ମଣ୍ଡଳବସ୍ତିରେ ଗୌରାଙ୍ଗ ବଗର୍ତ୍ତୀ ଓ ଅମିତ ନାଗ ରହୁଥିଲେ। ୨୦୧୨ ଫେବୃଆରୀ ୧୨ ତାରିଖରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା। ସ୍ଥାନୀୟ ଲୋକେ ବୁଝାସୁଝା ପରେ ଶାନ୍ତ ହୋଇଥିଲେ। ୧୩ ତାରିଖରେ ସେକ୍ଟର-୬ ତାରିଣୀ ମନ୍ଦିର ନିକଟରେ ଉଭୟଙ୍କ ମଧ୍ୟରେ ପୁଣି ଝଗଡା ହୋଇଥିଲା। ଏଥିରେ ଅମିତ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ଗୌରାଙ୍ଗଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଗୌରାଙ୍ଗଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା।

### ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା,୩।୫(ଦିନେଶ ମିଶ୍ର): ସେକ୍ଟର-୨ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ କୁନଭାଇ ଫ୍ୟାନ୍ସକ୍ଲବ ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ କଲ୍ୟାଣ ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କୁନି ବିହାରୀ ଦାସଙ୍କ ୫୫ତମ ଜନ୍ମ ଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ଆବାହକ ଶଙ୍କର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ଏହି ଶିବିରରେ ଚାମ୍ବର ଅଫ କମର୍ସର ଅଧ୍ୟକ୍ଷ ସୁନିଲ କୟାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ଦାତାଙ୍କୁ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମେମୋଣ୍ଟୋ ସହ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ ଆରଜିଏଚ୍ ବ୍ଲଡ ବ୍ୟାଙ୍କର ଡାକ୍ତରର ଏମ୍. ସୋରେନଙ୍କ ବହୁ ଟେକନିସିଆନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଣତୀ ଜେନା, ଆଦିତ୍ୟ ବାରିକ, କୁନା ସାହୁ, ସନାତନ ସୁନ୍ୟାନି, ସଞ୍ଜୟ ପ୍ରଧାନ, ପ୍ରଶାନ୍ତ ବିହାରୀ, ଜିତୁ ପାଇକରାୟ, ନୃସିଂହ ନାୟକ, ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସିଟୁ ପକ୍ଷରୁ ଶ୍ରମିକ ଦିବସ

**ରାଉରକେଲା, ୩।୫(ସଙ୍ଗୀତା ଜେନା):** ସିଟୁ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି (ସିସିୟୁଏ) ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ବୁଧବାର ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ପତାକାଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେକ୍ଟର-୧୬ ଶ୍ରମିକ ଭବନ ଠାରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଲାଲ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସିଟୁ ରାଜ୍ୟ ସମ୍ପାଦକ ବିମାନ ମାଇତି, ଜିଲା ଉପସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ କମିଟି ସଦସ୍ୟ ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ସୁରେନ୍ଦ୍ର ଦାଶ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି, ଦିବାକର ମହାରଣା, ରତ୍ନାକର ନାୟକ, ଏନ୍ଏନ୍ ପାଣିଗ୍ରାହୀ, ଅରୁଣ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ନିର୍ବାଚନ ପାଇଁ ରାଉରକେଲା ରିଙ୍ଗରୋଡରେ ପୋଲିସ ପକ୍ଷରୁ ଗାଡିମୋଟର ଚେକିଂ କରାଯାଉଛି।

# ପ୍ରାର୍ଥିପତ୍ର ଦାଖଲ କଲେ ଅର୍ଚ୍ଚନା

**ରଘୁନାଥପାଲି ନିର୍ବାଚନ ମଣ୍ଡଳୀ**

ରାଉରକେଲା,୩।୫(ଦିନେଶ ମିଶ୍ର)

ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥନୀ ଅର୍ଚ୍ଚନରେଖା ବେହେରା ଶୁକ୍ରବାର ନିଜର ପ୍ରାର୍ଥୀପତ୍ର ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ଏନେଇ ରଘୁନାଥପାଲିର ଦଳୀୟ କର୍ମୀମାନେ ଉଦିତନଗର ସ୍ଥିତ ସିଂହାସିନୀ ମନ୍ଦିର ନିକଟରେ ଏକତ୍ରିତ୍ର ହୋଇଥିଲେ। ପରେ ବିଧାୟିକା ପ୍ରାର୍ଥୀନୀ ଅର୍ଚ୍ଚନାଙ୍କ ସହ ସ୍ୱାମୀ ସୁବ୍ରତ ଓ ସୁନ୍ଦରଗଡ ଜିଲା ବିଜେଡି ଏମ୍‌ପି ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ଉପସ୍ଥିତ ରହି ସିଂହାସନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସରରୁ ଏକ ବିଶାଳ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲିରେ ଦଳୀୟ କର୍ମୀ ସାମିଲ ହୋଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ରାଲିରେ ସହରର ବହୁ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସହ ମହିଳା, ଯୁବକ, ସମାଜସେବୀ ସଙ୍ଗଠନ ଓ ଦଳୀୟକର୍ମୀ ସାମିଲ ହୋଇଥିଲେ। ଦଳୀୟ କର୍ମୀଙ୍କ ଉପସ୍ଥିତିରେ ଅର୍ଚ୍ଚନା ନିଜର ପ୍ରାର୍ଥୀପତ୍ର ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କ ଜରିଆରେ ଦାଖଲ କରିଥିଲେ। ଏଥିରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ନଗର ସଭାପତି ଆର୍ତ୍ତତ୍ରାଣ ମହାରଣା, ସୁଧୀର ସୁନ୍ଦର ରାୟ, ଜୟନ୍ତୀ ଦାସ, ସୁଭଦ୍ରା ପ୍ରଧାନ, ପ୍ରଶାନ୍ତ ସେଠୀ, ପ୍ରଫୁଲ ସୁନ୍ୟାନି, ରମାକାନ୍ତ ରଥ, ଇନ୍ଦିରା ନାୟକ, ଗୀତା ମଲ୍ଲିକ, ବିଷ୍ଣୁପ୍ରିୟା ନାୟକ, ଗାୟତ୍ରୀ ରାଉତ, ଯୁବ ସଭାପତି ସଞ୍ଜୀପ ନାୟକ, ରାକେଶ ସ୍ୱାଇଁଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।



ଅର୍ଚ୍ଚନା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ବିଜେଡିର ସ୍ୱାଗତ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀ ।

ରାଉରକେଲା,୩।୫(ଦିନେଶ ମିଶ୍ର)

ରାଉରକେଲା ବିଜେଡି କାର୍ଯ୍ୟାଳୟଠାରେ ନିର୍ବାଚନ ପରିଚାଳନା ଷ୍ଟିୟରିଙ୍ଗ କମିଟି ଅଧ୍ୟକ୍ଷ ଆନନ୍ଦଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଦଳୀୟ କର୍ମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁବନେତା ନରେଶ ଅଗ୍ରୱାଲ, ରାମପ୍ରତାପ ଆଖଡାର ସଭାପତି ଜିତେନ୍ଦ୍ର ଅଗ୍ରୱାଲ, ଯୁବନେତା ବଜରଙ୍ଗ ଗୟେଲ, ନୂତନ ଭାବେ ଦାୟିତ୍ୱ ପାଇଥିବା ବିଜେଡି ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ଦଳୀୟ ନେତୃବର୍ଗ ସ୍ୱାଗତ କରିଥିଲେ। ଯୁବନେତା ନରେଶ ଅଗ୍ରୱାଲ ଓ ପ୍ରଶାନ୍ତ ସେଠୀ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଗୁଡିକକୁ ନେଇ ଆଗାମୀ ନିର୍ବାଚନରେ କିଭଳି କାର୍ଯ୍ୟକରିବେ ବୋଲି ଶପଥ ପାଠ କରିଥିଲେ। ଏଥିରେ ଦଳର ବରିଷ୍ଠ ସଦସ୍ୟ ଗଗନ ପଣ୍ଡା, ସୁରେନ୍ଦ୍ର ରାଉତ, କୈଳାସ ପ୍ରଧାନ, ଛବି ମହାନ୍ତି, ସୁଦାମ ଦାଶ, ଶ୍ରୀଚରଣ ମହାନ୍ତି, ସୁନ୍ତୋଷ ନାୟକ, ଜୟନ୍ତ କୁମାର ମିଶ୍ର, ଚନ୍ଦନ କବି, ସୁବାଷ ସ୍ୱାଇଁ, ମୁନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଷ୍ୟଗ୍ରାମରେ ଶ୍ରମ ଦିବସ

**ରାଉରକେଲା, ୩।୫(ସଙ୍ଗୀତା ଜେନା):** ଏନ୍ଆଇଟି ରାଉରକେଲା ପକ୍ଷରୁ ପ୍ରଫେସର୍ ବ୍ରଜଗୋପାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂର୍ବତନ ପ୍ରାନ୍ତୀୟ ସମନ୍ୱୟକ ତଥା ନୋଡାଲ ଅଫିସର ପ୍ରଫେସର ରାଜକିଶୋର ପଟେଲଙ୍କ ମାର୍ଗଦର୍ଶନରେ ୨ଟି ପୋଷ୍ୟଗ୍ରାମ ଝିରପାଣି ଓ ଜାମସେରାରେ ଶ୍ରମ ଦିବସ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ସହ ପ୍ରଫେସର୍ ରାମକୃଷ୍ଣ ବିଶ୍ୱାଳ ପରିବର୍ତ୍ତିତ ଜଳବାୟୁ, କାର୍ଯ୍ୟରେ ନିରାପତ୍ତା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ ସମ୍ପର୍କିତ ବିଷୟବସ୍ତୁ ଆଲୋଚନା କରିଥିଲେ। ପ୍ରଫେସର୍ ସୁଜିତ ସେନ୍, ଅଜିତ ବେହେରା, ଶେଷଦେବ ପ୍ରଧାନ ପରିବେଶର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରେମଦୀପକ ଖେସ୍ ଓ ବନିତା ମହାଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ଓ ପ୍ରସ୍ତାବ ଦେଇଥିଲେ।

# ଶେଷ ଦିନରେ ନାମାଙ୍କନ କଲେ ୨୨ ଜଣ

ରାଉରକେଲା, ୩।୫ (ସଙ୍ଗୀତା ଜେନା)

ନାମାଙ୍କନ ପ୍ରକ୍ରିୟାର ଶେଷ ଦିନରେ ରାଉରକେଲା, ରଘୁନାଥପାଲି ଓ ବିରମିତ୍ରପୁର ନିର୍ବାଚନୀ ମଣ୍ଡଳୀରୁ ମୋଟ ୨୨ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ରାଉରକେଲା ନିର୍ବାଚନୀ ମଣ୍ଡଳୀରେ ଭାଜପାରୁ ଅସନ୍ତୁଷ୍ଟ ତଥା ସ୍ୱାଧୀନପ୍ରାର୍ଥୀ ନିହାର ରାୟ, କୋଶଳ ଜନତା ଦଳର ସମ୍ପାଦକ ସ୍ୱରୁପ ମିଶ୍ର, ଭାରତୀୟ ଯବାନ କିଶାନ ପାର୍ଟି ପକ୍ଷରୁ ଚକ୍ରାନ୍ତ ଜେନା ସମେତ ୮ ଜଣ ନାମାଙ୍କନ ପତ୍ର ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ସେହିପରି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ଅର୍ଚ୍ଚନା ରେଖା ବେହେରା, ନେସନାଲ୍ ଆପନୀ ପାର୍ଟିର ଶ୍ରୀକାନ୍ତ ନାୟକ, ସମ୍ପୂର୍ଣ୍ଣ ଭାରତ କ୍ରାନ୍ତି ପାର୍ଟିର ପ୍ରୀତି ନାୟକ ପ୍ରମୁଖ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ। ଅନୁରୂପ ଭାବେ ବିରମିତ୍ରପୁର ନିର୍ବାଚନମଣ୍ଡଳୀ ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀ ନିହାର ସୁରୀନ୍, ଯୁବ ଇଞ୍ଜିନିୟର ଅନୀଲ ଜାତେ( ସ୍ୱାଧୀନ), ଆଇଜର ଯୋଯୋ(ସ୍ୱାଧୀନ), ରାଜେଶ କେର୍କେଟା( ସ୍ୱାଧୀନ), ପ୍ରସନ୍ନ କୁମାରୀ କୁଲୁ( ସ୍ୱାଧୀନ), ଅନୀଲ ଧନୱାର (ସ୍ୱାଧୀନ), ମହଗୋ ଦେବୀ ପୋଲି ଭଗତ, ଦୌଡ଼ ବୋ ସମେତ ୧୧ ଜଣ ପ୍ରାର୍ଥୀ ଶେଷ ଦିନରେ ନାମାଙ୍କନ ପତ୍ର ଦାଖଲ ଆଇଟିଡିଏ କାର୍ଯ୍ୟାଳୟରେ କରିଥିଲେ। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଆସନ୍ତା ୬ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ।

# ନାମାଙ୍କନ ଦାଖଲ କଲେ ନୀହାର

ରାଉରକେଲା,୩।୫(ସଙ୍ଗୀତା ଜେନା)

ପାନପୋଷ ସାଂଗଠାନିକ ଭାଜପା ଜିଲାର ବିଦ୍ରୋହୀ ସଦସ୍ୟ ନିହାର ରାୟ ଶୁକ୍ରବାର ରାଉରକେଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ନାମାଙ୍କନ ଦାଖଲ କରିଛନ୍ତି। ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ନିହାର ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଥିଲେ। ଉଦିତନଗର ସିଂହାସିନୀ ମନ୍ଦିର ନିକଟରୁ ହଜାର ହଜାର ମହିଳା ଓ ପୁରୁଷ ଶୋଭାଯାତ୍ରା କରି ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଏଜେଣ୍ଟ ଭଗବାନ ମହାପାତ୍ରଙ୍କ ସମର୍ଥନରେ ତଥା ଭଗବାନ ରାଉତ, କେଶରୀଚନ୍ଦ୍ର ସିଂହ, ହରବିନ୍ଦର ସିଂହ, ମୃଗାଙ୍କ ଗୋସାଇଁ, ନୀଳକଣ୍ଠ ପରିଡ଼ା, ଆଶିଷ ମହାରଣା, ବିଜୟ ପାଣିଗ୍ରାହୀ, କଞ୍ଚନ ରାୟ, ଜୟଶ୍ରୀ ସିଂ ପ୍ରମୁଖଙ୍କ ପ୍ରସ୍ତାବରେ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ବିଜୟ ନାୟକଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ରାୟ ରାଉରକେଲା ଭାଜପାରୁ ଟିକେଟ୍ ନ ମିଳିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ନିହାର ସେନା ସମର୍ଥକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ନାମାଙ୍କନ ଦାଖଲ କଲେ ନୀହାର ସୁରୀନ

ରାଉରକେଲା/ବିରମିତ୍ରପୁର, ୩।୫ (ସଙ୍ଗୀତା ଜେନା/ମହେନ୍ଦ୍ର ସାହୁ)

ଇଣ୍ଡିଆ ଏଲାଏନ୍ସ ସମର୍ଥନରେ ଶୁକ୍ରବାର ବିରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ନିହାର ସୁରୀନ ଆଇଟିଡିଏ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉକ୍ତ ନାମାଙ୍କନରେ ଜେଏମ୍ଏମ୍ ରାଜ୍ୟ ଅଧ୍ୟକ୍ଷ ଅଞ୍ଜନୀ ସୋରେନ୍, ରାଜ୍ୟ ସମ୍ପାଦକ ଲେଥା ତୀର୍କି, ସଂଗଠନ ସଚିବ ଅମିତ ଶର୍ମା, କେନ୍ଦ୍ରୀୟ ସଦସ୍ୟ ପୱନ ସିଂହ, ଜିଲା ଅଧ୍ୟକ୍ଷ ପାତ୍ରରାସ ଏକ୍କା, ଜିଲା ସଚିବ ଜିତୁ ମହତୋ, ଦୀପକ ଗୁପ୍ତା ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



ନିହାର ସୁରୀନ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଚ୍ୟାରମ୍ୟାନ ଟ୍ରଫି ଫର୍ ୟଙ୍ଗ୍ ପ୍ରତିଯୋଗିତା



ଆର୍ଏସ୍‌ପି ଦଳ ପୁରସ୍କୃତ ହେଉଛନ୍ତି।

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

**ଆର୍ଏସ୍‌ପି ଦଳ ଉପବିଜୟୀ**

ସେଲ ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ ରାଞ୍ଚିରେ ଅନୁଷ୍ଠିତ ଚ୍ୟାରମ୍ୟାନ ଟ୍ରଫି ଫର ୟଙ୍ଗ ମ୍ୟାନେଜର ପ୍ରତିଯୋଗୀତାରେ ଆର୍ଏସପିର ଏକ ୩ଜଣିଆ ଦଳ ୨ୟ ଉପବିଜୟୀ ହୋଇଛନ୍ତି। ତେବେ ଏହି ଅବସରରେ ସେଲ କର୍ପୋରେଟ ଅଫିସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏନେଇ ସେଲ ବୋର୍ଡର ସଦଶ୍ୟ,ବରିଷ୍ଠ ଅଧିକାରୀ ଓ ସିଟିୱାଇଏମର ପୁରସ୍କାର ବିଜେତାମାନେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଦ୍ୱିତୀୟ ରନର୍ସ ଅପ ଦଳରେ ଆରଏସପିର ସି ଆଣ୍ଡ ଆଇଟି ବିଭାଗ ଏଜିଏମ ଭି ଭି ଅରୟା, ଏଚଆରଡି ବିଭାଗ ଏଜିଏମ କେ.କେ ଯଶୱାଲ ଏବଂ ସି ଆଣ୍ଡ ଆଇଟି ବିଭାଗ ଏଜିଏମ ସୟ ଗୌତମ ରହିଥିଲେ। ଚଳିତ ବର୍ଷର ଏହି ପ୍ରତିଯୋଗୀତାର ବିଷୟବସ୍ତୁ ରହିଥିଲା ଇଏସଜି ଗ୍ରହଣ ଦ୍ୱାରା ସ୍ଥାୟୀ ଭବଷ୍ୟତ ସୃଷ୍ଟି ସେଲ ପାଇଁ ଆହ୍ୱାନ ଓ ଆଗାମୀ ଭବଷ୍ୟତ ପାଇଁ ଅବଶ୍ୟକ। ପରେ ପ୍ରକାଶ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉନ୍ନତ ଇଏସଜି ଗ୍ରହଣ ପାଇଁ କାରଖାନା ୟୁନିଟରେ କିଛି ବ୍ୟବହାରିକ ସମାଧାନ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବୋକାରୋ ଇସ୍ପାତ କାରଖାନାର ଦଳ ରନର୍ସ ଅପ ପୁରସ୍କାର ଲାଭ କରିଥିବା ବେଳେ ଭିଲାଇ ଇସ୍ପାତ କାରଖାନା ଦଳ ଚାମ୍ପିୟନ ହୋଇଥିଲେ। ସେଲ ମ୍ୟାନେଜମେଣ୍ଟ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟର ସିଜିଏମ ଆଶିଷ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମିଳୁନି ରାଶନକାର୍ଡ, ହେଉନି ବିଜୁ ସ୍ୱାସ୍ଥ୍ୟ କାର୍ଡ

ରାଉରକେଲା,୩।୫(ବିପ୍ଳବ ରଞ୍ଜନ ଦାଶ)

- ୩ବର୍ଷରେ ୬୮ ହଜାର ଲୋକଙ୍କୁ ମିଳିଛି ବିଜୁ ସ୍ୱାସ୍ଥ୍ୟ କାର୍ଡ
- ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ

ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ବହୁ ମୂଲ୍ୟବାନ। ଏଭଳି ମହତ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଓଡ଼ିଆଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିଛନ୍ତି। ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରୁଛନ୍ତି। ଏହି ଯୋଜନା ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୃହତ୍ କ୍ରାନ୍ତି ଆଣିଛି। ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କ ଚିକିତ୍ସାଜନିତ ଆର୍ଥିକ ସମସ୍ୟାକୁ ଏହା ଦୂରୀଭୂତ କରୁଛି। ମାତ୍ର ପରିତାପର ବିଷୟ ଯୋଜନା ହେବାର ୩ ବର୍ଷ ବିତି ସାରିଥିଲେ ସୁଦ୍ଧା ଶିଳ୍ପନଗରୀ ରାଉରକେଲାରେ ମାତ୍ର ୬୮ ହଜାର ଲୋକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ସହରର ଅନେକ ଯୋଗ୍ୟ ହିତାଧିକାରୀ ଏପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି। ଏହାର କାରଣ ଯୋଜନା ମାର୍ଗଦର୍ଶିକା ମୁତାବକ ପ୍ରମାଣ ଅଭାବକୁ ଦର୍ଶାଯାଉଛି। ରାଉରକେଲା ଯୋଗାଣ ବିଭାଗ ସୂଚନା ମୁତାବକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୮ ହଜାର ଲୋକ ଅନ୍ତର୍ଭୁକ୍ତ। ରାଉରକେଲା ମହାନଗର ନିଗମ ଓ ଶିଳ୍ପାଞ୍ଚଳରେ ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରନ୍ତି। ମହାନଗର ନିଗମ ଅଧୀନ ୪୦ଟି ୱାର୍ଡରେ ୧୨୩ବସ୍ତି ରହିଛି। ଏହି ବସ୍ତିରେ ୪୭,୭୭୩ ହାଉସହୋଲ୍ଡର ଅଛନ୍ତି। ଏମାନଙ୍କ ଘରେ ଦୀର୍ଘବର୍ଷରୁ ଲୋକେ ଭଡ଼ାରେ ରହୁଛନ୍ତି। ମାତ୍ର ଏମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଶନକାର୍ଡ ମିଳିପାରି ନାହିଁ। ଠିକ୍ ସେହିଭଳି ଶିଳ୍ପାଞ୍ଚଳରେ ୧୯ଟି ସେକ୍ଟର ରହିଛି। ସମୁଦାୟ ସେକ୍ଟରରେ ୨୪,୨୭୮ଟି କ୍ୱାର୍ଟର୍ସ ଅଛି। ଏହି କ୍ୱାର୍ଟର୍ସରେ ଲୋକେ ଭଡା ସୂତ୍ରରେ ଦୀର୍ଘବର୍ଷରୁ ରହୁଛନ୍ତି। ଏମାନଙ୍କୁ ମଧ୍ୟ ରାଶନକାର୍ଡ ମିଳିପାରି ନାହିଁ। ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଁ ରାଶନକାର୍ଡ ପ୍ରମାଣପତ୍ର ବାଧ୍ୟତାମୂଳକ ଥିବାରୁ ସେମାନେ ଯୋଜନାରୁ ୩ବର୍ଷ ହେଲା ବଞ୍ଚିତ ରହିଛନ୍ତି। ମାର୍ଚ୍ଚ ୧୧ ଓ ୧୨ରେ ସୁନ୍ଦରଗଡ ଜିଲାରେ ପ୍ରାୟୋଜିତ ଜନଶୁଣାଣି ଶିବିରରେ ଏନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଭିଯୋଗରେ ରାଶନକାର୍ଡ ନ ଥିବା ଗରିବ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ସାମିଲ କରିବାକୁ ଦର୍ଶାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବଞ୍ଚିତ ବ୍ୟକ୍ତିଙ୍କୁ ରାଶନକାର୍ଡରେ ସାମିଲ କରାଯିବ ବୋଲି ଦର୍ଶାଇବା ସହ ପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାକୁ କୁହାଯାଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଅନ୍ୟପଟେ ରାଶନକାର୍ଡ ଥାଇ ବି କିଛି ହିତାଧିକାରୀଙ୍କୁ ରାଶନ ମିଳୁନାହିଁ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ମଧ୍ୟ କରାଯାଉନାହିଁ ବୋଲି ଫଗୁ ଟପ୍ପୋ ଓ ଝରିଆ ସିଂ ଭଳି ଗରିବ ବର୍ଗର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ପ୍ରତି ବିହିତ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ଜିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣର ଉପଦେଷ୍ଟା ନିବେଦିତା ରଣାଙ୍କୁ ପଚାରିବାରୁ, ନିର୍ବାଚନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. କରୁଣାକର ନାୟକଙ୍କୁ ପଚାରିବାରୁ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ କୌଣସି ଏକ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗିବା ସହିତ ନୂତନ ରାଶନ କାର୍ଡ ଆଲଟମେଣ୍ଟ ହୋଇ ନାହିଁ। ତେଣୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ବ୍ୟବସ୍ଥା ବନ୍ଦ ରହିଛି। ନିର୍ବାଚନ ପରେ ରାଶନକାର୍ଡ ମୁତାବକ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ନାୟକ କହିଥିଲେ।



ହିତାଧିକାରୀ ରାଶନକାର୍ଡ ଧରି ସମସ୍ୟା ନେଇ ଅଭିଯୋଗ କରୁଛନ୍ତି।

## ସଂକ୍ଷେପରେ

### ଭାଜପା ପ୍ରାର୍ଥୀ ଦେବେନ୍ଦ୍ରଙ୍କ ପ୍ରାର୍ଥୀପତ୍ର ଦାଖଲ

**ରେଢ଼ାଖୋଲ,୩ା୫(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ପାଇଁ ଭାଜପା ପ୍ରାର୍ଥି ଦେବେନ୍ଦ୍ର ମହାପାତ୍ର ଶୁକ୍ରବାର ତାଙ୍କ ସମର୍ଥକମାନଙ୍କ ସହ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ଦେବେନ୍ଦ୍ରଙ୍କ ସହ ତାଙ୍କର ଅଳ୍ପ କେତେଜଣ ସମର୍ଥକ ପ୍ରାର୍ଥିପତ୍ର ଉପସ୍ଥିତ ଥିବା ଦେଖାଯାଇଥିଲା। ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦିକା ସସ୍ମିତା ରାଣୀ ଦେହୁରୀ, ଜିଲା ଉପ ସଭାପତି ବିଚିତ୍ରା ନନ୍ଦ ସାହୁ,ଏନଏସି ସଭାପତି ରାମାନୁଜ ମହାପାତ୍ର, ରେଢ଼ାଖୋଲ ବିଧାନସଭା ପ୍ରଭାରୀ ଅର୍ଜୁନ ପଟ୍ଟନାୟକ, ରେଢ଼ାଖୋଲ ଏନଏସି ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ବୈଠାରୁ, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ଜୁଜୁମୁରା ମଣ୍ଡଳ ସଭାପତି, ଓମପ୍ରକାଶ ବିଶ୍ୱାଳ, ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ଏନଏସି ଉପାଧ୍ୟକ୍ଷା, ଏନଏସି ଯୁବମୋର୍ଚ୍ଚା ସଭାପତି ଆମର କୁମାର ସିଂହ, ସୁଷମା ମୁଣ୍ଡା, ସୂର୍ଯ୍ୟପ୍ରକାଶ ମହାପାତ୍ର ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ ବେଳେ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀ ସାଂସ୍କୃତିକ ସଙ୍ଗଠକ ସରୋଜ ଦାଶଙ୍କ ସ୍ମୃତିରେ ଶୋକସଭା

**ସମ୍ବଲପୁର,୩ା୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ସାଂସ୍କୃତିକ ସଙ୍ଗଠକ ସରୋଜ କୁମାର ଦାଶଙ୍କ ସ୍ମୃତିରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଗୁରୁବାର ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମାଜର ଉପସଭାପତି ଶିବନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରଫୁଲ୍ଲ କୁମାର ହୋତା ସଭା ସଂଯୋଜନା କରିଥିଲେ। ଉତ୍ସର୍ଗ ପକ୍ଷରୁ ପ୍ରଶାନ୍ତ ପାଟଯୋଶୀ ଏବଂ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ରାମାନୁଜ ପଣ୍ଡା ମଞ୍ଚାସୀନ ଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଭାରେ ଉତ୍ସର୍ଗ, ପବ୍ଲିକ ଲାଇବ୍ରେରି, ବାର ଏସୋସିଏସନ, ବରିଷ୍ଠ ନାଗରିକ ପରିଷଦ, ଅନ୍ୟା, ଭାଗବତ ନନ୍ଦ ସ୍ମୃତି କମିଟି, ଯୁବଦୟନ,ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ଚିତ୍ରୋତ୍ପଳା ଯୁବକ ସଂଘ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନଙ୍କ ସମେତ ଅରବିନ୍ଦ ମହାପାତ୍ର, ଡ. ଦ୍ୱାରିକାନାଥ ନାୟକ, ଶଙ୍କର ପ୍ରସାଦ ପତି, ଡ.ଶ୍ୟାମସୁନ୍ଦର ଧର, ଡ. ବିଜୟ ପ୍ରଧାନ ଯୋଗଦେଇ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଏକାଧାରରେ ଜଣେ ସମାଜସେବୀ,ରକ୍ତଦାତା,ନାଟ୍ୟକର୍ମୀ ଅଭିନେତା ଏବଂ ସମ୍ବଲପୁରୀ ସଙ୍ଗଠକ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ନାମାଙ୍କନପତ୍ର ଦାଖଲକଲେ ଜୟନାରାୟଣ ମିଶ୍ର

**ସମ୍ବଲପୁର,୩ା୫(ଭବାନୀ ଶଙ୍କର ଭୋଇ)**



ଜୟନାରାୟଣ ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

ଭାଜପା ସମ୍ବଲପୁର ପ୍ରାର୍ଥୀ ଜୟନାରାୟଣ ମିଶ୍ର ଶୁକ୍ରବାର ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗୁରୁବାର ସମଲେଇ ମନ୍ଦିରରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବିରାଟ ଶୋଭାଯାତ୍ରା କରିଥିଲେ ମଧ୍ୟ ନିଜର ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ। ଶୁକ୍ରବାର ନିଜ ସମର୍ଥକଙ୍କ ସହ କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରୁ ପଟୁଆରରେ ବାହାରି ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମ୍ବଲପୁର ଉପଜିଲାପାଳଙ୍କ ପାଖରେ ୩ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଆଇନଜୀବୀ ଡ. ପ୍ରମୋଦ ରଥ, ଚିତ୍ରସେନ ମିଶ୍ର, ପରିତୋଷ ପାଣିଗ୍ରାହୀ, ଅତନୁ ଘୋଷ, ସଞ୍ଜୀବ ତ୍ରିପାଠୀ, ଫଣି ଭୂଷଣ ମିଶ୍ର, ପ୍ରଦୀପ ସୂପକାର, ପ୍ରସନ୍ନ ସାହୁ, ମୁକୁଲ ଦାଶ, ସିଦ୍ଧାର୍ଥ ସାହୁ, ଅରବିନ୍ଦ ନାଏକ, ରାଜୀବ ଶତପଥୀ, ପ୍ରଶାନ୍ତ କର, ରାଜେଶ ସାହୁ, ପ୍ରିୟରଞ୍ଜନ ବଡ଼ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ ସ୍ତ୍ରୀ ଜ୍ୟୋସ୍ନାରାଣୀ ମିଶ୍ର ଓ କନ୍ୟା ଶୁଭଶ୍ରୀ ମିଶ୍ର ମଧ୍ୟ ସାମିଲ ରହିଥିଲେ। ଭାଜପାର ଅନିଲ ବେହେରା, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ଦାମୋଦର କର, ସୁଶାନ୍ତ ପୁରୋହିତ, ସରୋଜ ଦଲପ୍ତ, ମୋହନ ଦାଶ, ସଞ୍ଜୟ ଷଡ଼ଙ୍ଗୀ, ଶିବ ଦିୱାନ୍, କାହ୍ନୁରାମ ଶର୍ମା, ମୁକେଶ ଜରିୱାଲ, ସୋମିତ୍ର ଜତି, ସନ୍ତୋଷ ଡାଲୁଆ, ସବିତା ନନ୍ଦ, ଆରତୀ ବରାଡ, ରୁନୁ ପ୍ରଧାନ, ସଂଯୁକ୍ତା ଆଚାର୍ଯ୍ୟ, ସୁଜାତା ଗୁରୁ, ସବିତା ହୋତା, ଭବାନୀ ଦୁଷରଙ୍କ ସମେତ ବହୁ ଭାଜପା କର୍ମୀ ଓ ପଦାଧିକାରୀ ଉପସ୍ଥିତ ରହିଥିଲେ।

# ସମର୍ଥକଙ୍କ ଗହଣରେ ନାମାଙ୍କନ ଦାଖଲକଲେ ରାଜେନ୍ଦ୍ର



ରାଜେନ୍ଦ୍ର ଛତ୍ରିଆ ନାମାଙ୍କନ ଦାଖଲ କରୁଛନ୍ତି।

**କୁଚିଣ୍ଡା,୩ା୫(ବିରଞ୍ଚି ଦର୍ଶୀ)**

**ବିଜେଡି ପକ୍ଷରୁ ଶକ୍ତି ପ୍ରଦର୍ଶନ**

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ବିଜେଡି ପକ୍ଷରୁ ରାଜେନ୍ଦ୍ର ଛତ୍ରିଆ କୁଚିଣ୍ଡା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ଠାରେ ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ଛତ୍ରିଆ ପୂର୍ବାହ୍ନରେ ସମଲେଇ ମନ୍ଦିରଠାରୁ କର୍ମୀ ଓ ସମର୍ଥକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଆସି ସହର ପରିକ୍ରମା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ଉପଜିଲାପାଳ ହେମସାଗର ଭୋଇ ତାଙ୍କର ନାମାଙ୍କନ ଗ୍ରହଣ କରି ଶପଥପାଠ କରାଇଥିଲେ। ନାମାଙ୍କନ ଦାଖଲ ସମୟରେ କୁଚିଣ୍ଡା ବିଧାନସଭା ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପଧାନ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି, ସମ୍ବଲପୁର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ପରିଡା, ସଞ୍ଜୟ ବେହେରା, ମହେନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ ପରେ ଛତ୍ରିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ନେଇ ଲୋକଙ୍କ ପାଖକୁ ଯାଇ ଭୋଟ ମାଗିବି। କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ସହ କୁଚିଣ୍ଡା ଏନଏସିରୁ ହଜାର ହଜାର ସଂଖ୍ୟକ କର୍ମୀ ଓ ସମର୍ଥକ ରାଜେନ୍ଦ୍ରଙ୍କ ନାମାଙ୍କନ ପର୍ବରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୃଷ୍ଣଚନ୍ଦ୍ର ଟପ୍ପୋ, ସୁଜାତା ଖୁଣ୍ଟିଆ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବାମରା ବ୍ଲକ ସଭାପତି ଅରବିନ୍ଦ ସାହୁ, ଜମନକିରା ବ୍ଲକ ସଭାପତି ଆଦିପ୍ରସାଦ ମହାକୁଲ, କୁଚିଣ୍ଡା ଏନ୍ଏସି ସଭାପତି ନବୀନ ହୋତା, ଜିଲା ବିଜେଡି ଉପସଭାପତି ପ୍ରଦୀପ ମିଶ୍ର, ମିଲନ ଖୁଣ୍ଟିଆ, ଅଭିଳାଷ ଅଗ୍ରୱାଲ, ଶୁଶିଳ ନାୟକଙ୍କ ସମେତ ବହୁ ନେତା କର୍ମୀ ଏଥିରେ ସାମିଲ ହୋଇଥିଲେ।

### ବିଜେଡିରେ ଦେବଗଡ଼ ଜିଲା ତିଳେଇବଣି ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି

**ଦେବଗଡ଼,୩ା୫(ଶଶାଙ୍କ ଶେଖର ଝାଙ୍କର)**

ଭୁବନେଶ୍ୱରଠାରେ ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି ଦେବଗଡ ନିର୍ବାଚନମଣ୍ଡଳୀର ତିଳେଇବଣି ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି। ଉଦିତ କୁମାର ନାୟକ, ଅମୂଲ୍ୟ ଧାରୁଆ, ସନ୍ତୋଷ କୁମାର ମାଝି, ସସ୍ମିତା ଭୋଇ ଓ ସସ୍ମିତା ଏକ୍କା ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ଯୋଗ ଦେଇଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଉପଢୌକନ ଦେଇ ଦାସ ଦଳକୁ ସ୍ୱାଗତ କରିଥିଲେ। ଏହି ନିର୍ବାଚିତ ପ୍ରତିନିଧିମାନଙ୍କ ଯୋଗଦାନ ଫଳରେ ବିଶେଷକରି ଦେବଗଡ ନିର୍ବାଚନମଣ୍ଡଳୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଦାସ କହିଥିଲେ। ଏହି ଅବସରରେ ବିଜେଡି ସାମିଲ ହୋଇଥିବା ନିର୍ବାଚିତ ପ୍ରତିନିଧି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଉଛୁ। ନୂତନ ଓ ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

# ପଦପଦବୀରୁ ଇସ୍ତଫା ଦେଲେ ବହୁ ବିଜେଡି ନେତା

**ଦେବଗଡ଼,୩ା୫(ଶଶାଙ୍କ ଶେଖର ଝାଙ୍କର)**

**ଅରୁନ୍ଧତୀ ଦେବୀଙ୍କ ବଦଳରେ ରୋମାଞ୍ଚ ରଞ୍ଜନଙ୍କୁ ଟିକେଟ ପ୍ରଦାନ ପରେ**

ଦେବଗଡ ବିଧାନସଭା ନିମନ୍ତେ ବିଜେଡି ପୂର୍ବରୁ ଘୋଷଣା କରିଥିବା ପ୍ରାର୍ଥିନୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ପରିବର୍ତ୍ତନ ତାଙ୍କ ସ୍ଥାନରେ ୨୦୧୯ର ପରାଜିତ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଟିକେଟ ପ୍ରଦାନ କରିଛି। ଏହାକୁ ନେଇ ବିଜେଡି ଜିଲା ସଙ୍ଗଠନରେ ଥିବା ବହୁ ପଦାଧିକାରୀ ଅସନ୍ତୋଷ ପ୍ରକାଶ କରିବା ସହ ନିଜ ପଦ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି। ଶୁକ୍ରବାର ଜିଲା ବିଜେଡି ସାଧାରଣ ସମ୍ପାଦକ ବିକାଶ କୁମାର ପ୍ରଧାନ ଜିଲା ବିଜେଡି ସଭାପତିଙ୍କ ଜରିଆରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଅନୁରୂପ ଭାବେ ଅନ୍ୟତମ ଜିଲା ବିଜେଡି ସାଧାରଣ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ, ଲୁଇସ ଟପ୍ପୋ, ଜିଲା ବିଜେଡି ଉପସଭାପତି ମଦନ ମୋହନ ପ୍ରଧାନ, ଜିଲା ବିଜେଡି ସମ୍ପାଦକ ଦୀପନ କୁମାର ନାୟକ, ଜୟଦେବ ସାହୁ, ପପୁ ବିଶ୍ୱାଳ, ଛାତ୍ର ବିଜେଡି ଜୋନାଲସ ଭାପତି ପ୍ରବୀଣ କୁମାର ସାମଲ, ତିଳେଇବଣି ବ୍ଲକ ସଂଯୋଜକ ଆଲୋକ କୁମାର ଅମାନ୍ତ, ରିଆମାଳ ଜୋନ- ୨ ସଂଯୋଜକ ଜିତୁ ସେଠୀ, ଦେବଗଡ ପୌରାଞ୍ଚଳ ୫ ନମ୍ବର ୱାର୍ଡ ସଂଯୋଜକ ସୁଶାନ୍ତ କୁମାର ବେହେରା, ୬ ନମ୍ବର ୱାର୍ଡ ସଭାପତି ଭୁବନ ମୋହନ ନାଏକ ଓ ୬ ନମ୍ବର ୱାର୍ଡ ସଂଯୋଜକ ଶୈଳେନ୍ଦ୍ର ତ୍ରିବେଦ ମିଳିତ ଭାବେ ଏକ ଇସ୍ତଫା ପତ୍ର ଜିଲା ବିଜେଡି ସଭାପତିଙ୍କ ଜରିଆରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ଅରୁନ୍ଧତୀଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଥିଲେ ହେଁ କିଛିଦିନ ପୂର୍ବେ ତାଙ୍କର ପ୍ରାର୍ଥୀତ୍ୱ ପରିବର୍ତ୍ତନ ନେଇ କଳ୍ପନା ଜଳ୍ପନା ସୃଷ୍ଟି ହୋଇଥିଲା। ଫଳରେ ଦଳର ୨୦୧୯ ନିର୍ବାଚନର ବିଧାନସଭା ପ୍ରାର୍ଥୀ ବିଶ୍ୱାଳଙ୍କୁ ପୁନର୍ବାର ଦଳୀୟ ଟିକେଟ ପ୍ରଦାନ କଲେ। ଉପରୋକ୍ତ ପଦାଧିକାରୀମାନଙ୍କ ସମେତ ବହୁ ନେତା ଓ କର୍ମୀ ସାମୂହିକ ଇସ୍ତଫା ଦେବେ ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ ଦଳୀୟ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିଲେ।

# ପେଣ୍ଡ୍ରାଖୋଲରେ କଂଗ୍ରେସର ନିର୍ବାଚନୀ ପ୍ରଚାର



**ଦେବଗଡ଼,୩ା୫(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର ପେଣ୍ଡ୍ରାଖୋଲ ଗ୍ରାମରେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, କଂଗ୍ରେସ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀତମ କୁମାର ସାହୁ, ଆକାଶ ଦାଶ, ବିନୟ କୁମାର ଦେବତା, ଅଲେଖ ନାଏକ, ରୂପେସ ଗୁରୁ, ଚମ୍ପକ ଗୁରୁ, ସୁମନ୍ତ ବେହେରା, ଦେବେନ୍ଦ୍ର ଗଡନାୟକ, ନାଥକୃଷ୍ଣ ଜାଲ ଓ ସୁସାନ୍ତ ମୁଣ୍ଡା ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ରହି ଦଳ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ। ଏହି ଅବସରରେ ଗ୍ରାମବାସୀମାନଙ୍କୁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ ଓ ଲିଫ୍ଲେଟ ପ୍ରଦାନ କରାଯିବା ସହ ଦଳର ଉଭୟ ବିଧାନ ସଭା ଓ ଲୋକ ସଭା ପ୍ରାର୍ଥୀ ମାନଙ୍କ ସପକ୍ଷରେ ଭୋଟ ଦେବାକୁ କଂଗ୍ରେସ ନେତା ଓ କର୍ମୀମାନେ ନିବେଦନ କରିଥିଲେ।

# ପ୍ରାର୍ଥୀପତ୍ର ଦାଖଲକଲେ ପ୍ରସନ୍ନ ଆଚାର୍ଯ୍ୟ



ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ରେଢାଖୋଲ,୩ା୫(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ବିଧାନସଭା -୧୮ ପାଇଁ ଶୁକ୍ରବାର ବିଜୁ ଜନତାଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ହଜାର ହଜାର ସମର୍ଥକଙ୍କ ସହ ସ୍ଥାନୀୟ ରାମମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରଶ୍ମିରଞ୍ଜନ ମହାନ୍ତଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସକାଳ ୯ଟାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ହଜାର ହଜାର ସମର୍ଥକ ସହରରେ ପହଞ୍ଚିବା ଯୋଗୁ ଦିନ ୧୨ଟା ପର୍ଯ୍ୟନ୍ତ ସହର ଲୋକାରଣ୍ୟ ହୋଇଥିଲା। ଏପରିକି ଏହି ଲୋକାରଣ୍ୟ ଯୋଗୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ସହରର ବିଭିନ୍ନ ଛକରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ପ୍ରସନ୍ନ ଆଚାର୍ଯ୍ୟ ୨ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନାକ୍ଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ପୁର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଜୁଜୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷା ମାଧବ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ବିଜେଡି ଜିଲା ଉପସଭାପତି ଅନାଦୀ ସାହୁ, ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ଜୁଜୁମୁରା ବ୍ଲକ ସଭାପତି ବିନୋଦ ବଡପଣ୍ଡା, ମାନେଶ୍ୱର ସଭାପତି ଗୋପିରଞ୍ଜନ ବେହେରା, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସଂପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର, ଏନଏସିର ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ଯୁବ ସଭାପତି ବିକାଶ ଦାଶ, ଧିରେନ ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜିବ ଲୋଚନ ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ପ୍ରାର୍ଥୀପତ୍ର ଦାଖଲ ପରେ ତାଙ୍କ ପ୍ରତିକ୍ରିୟାରେ ଏ ଜନ ସମୁଦ୍ର ଦେଖି ମୁଁ ଭାବ ବିହ୍ୱଳ ହୋଇପଡିଛି।ସନ୍ଥକବି ଭୀମଭୋଇଙ୍କ ଏ ମାଟିର ସେବା କରିବାକୁ ମୁଖ୍ୟମନ୍ତ୍ରୀ ମୋତେ ପୁଣି ସୁଯୋଗ ଦେଇଛନ୍ତି।ମୋର ଶେଷ ଜିବନ ଥିବା ପର୍ଯ୍ୟନ୍ତ ରେଢାଖୋଲ ମାଟିର ସେବା କରିବି ବୋଲି ଆଚାର୍ଯ୍ୟ କହିଥିଲେ।

# ରେଙ୍ଗାଲି ବିଧାନସଭା କ୍ଷେତ୍ରରେ ବିଜେଡିର ମିଶ୍ରଣ ପର୍ବ

**ସମ୍ବଲପୁର,୩ା୫(ବି.ଶଙ୍କର)**

- **ସମ୍ବଲପୁର ୧ ନମ୍ବର ସଂସଦୀୟ କ୍ଷେତ୍ର ପାଲଟିବ**
- **ମୁଖ୍ୟମନ୍ତ୍ରୀଙ୍କ କାମ କରିବାର ପ୍ରତିବଦ୍ଧତା ଜନତାଙ୍କୁ ଟାଣି ଆଣୁଛି**

ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଭାଲୁପାଲି ନିକଟସ୍ଥ ବିଜୁ ଜନତା ଦଳର କାର୍ଯ୍ୟାଳୟଠାରେ ଶୁକ୍ରବାର ରାତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଙ୍ଗାଲି, ମାନେଶ୍ୱର ଓ ଧନକଉଡା ବ୍ଲକର ଅନେକ ଜନପ୍ରତିନିଧି, ଭାଜପା ଓ କଂଗ୍ରେସର ନେତାମାନେ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ମିଶ୍ରଣ ପର୍ବରେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ଆପଣମାନେ ବିଜୁ ଜନତା ଦଳକୁ ବାଛି ଉଚିତ ପଦକ୍ଷେପ ନେଇଛନ୍ତି । କାରଣ ବିଗତ ୫ ବର୍ଷରେ ଆପଣମାନେ ନିର୍ବାଚିତ କରିଥିବା ସାଂସଦ ଆପଣଙ୍କ ପାଇଁ ଦିଲ୍ଲୀ ଦରବାରରେ ପଦେ କଥା କହିନାହାନ୍ତି । କର୍ମୀମାନେ ହେଉଛନ୍ତି ଦଳର ମେରୁଦଣ୍ଡ । ଆପଣମାନଙ୍କ ପରିଶ୍ରମ ଦଳକୁ ସଫଳତା ଦେବ ବୋଲି କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ପ୍ରଣବ ଆହୁରି କହିଥିଲେ ଯେ, ବିରୋଧୀଙ୍କ କଥା ବଡ କାମ ଶୂନ । ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଏମଏସପି ବୃଦ୍ଧି, କୃଷିବୀମା, ଖାଦ୍ୟ ସୁରକ୍ଷା, ପାନୀୟ ଜଳ, ଆବାସ ଏଭଳି ଗୁରୁତ୍ୱପର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଏଠାରୁ ନିର୍ବାଚିତ ହୋଇଥିବା ସାଂସଦ ତାଙ୍କ ମୁହଁରୁ ପଦୁଟିଏ କଥା କହିନାହାନ୍ତି । ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାମ କରାଯାଇଛି । ମନ୍ଦିର, ମସଜିଦ, ଚର୍ଚ୍ଚ, ରାସ୍ତାଘାଟ ଲୋକେ ଯାହା କାମ ଦାବି କରିଥିଲେ , ତାହା ପୂରଣ କରାଯାଇଛି । ତେଣୁ କରି ଆପଣମାନେ ଅସଲ କଥାକୁ ବୁଝି ବିଜୁ ଜନତା ଦଳରେ ସାମିଲ ହେବାର ନିଷ୍ପତ୍ତି ନେଇଥିବାରୁ ମୁଁ ଆପଣଙ୍କୁ ସ୍ୱାଗତ କରୁଛି ବୋଲି କହିଥିଲେ। ମିଶ୍ରଣ ପର୍ବରେ ଶତାଧିକ କର୍ମୀ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



ସମ୍ବଲପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଭାଲୁପାଲି ନିକଟସ୍ଥ ବିଜୁ ଜନତା ଦଳର କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ନେତା ଓ କର୍ମୀମାନେ।

# ଶୋକପତ୍ର

## କଥାଟିଏ...

**ମଣୀନ୍ଦ୍ର କୁମାର ମେହେର**

ନିଜ ଲେଖା ବହିଟିଏ ପ୍ରିଣ୍ଟ କରିବା ପାଇଁ ପ୍ରେସ୍ ଭିତରକୁ ପ୍ରବେଶ କରିଥିଲି। ଉଦ୍ଦେଶ୍ୟ ଭୁଲିଯିବା ପାଇଁ ବିଳମ୍ବ ହେଲାନାହିଁ। ଦେଖିଲି ପ୍ରେସ୍ ମ୍ୟାନେଜରଙ୍କ ଟେବୁଲ ଉପରେ ରଖାହୋଇଥାଏ ଏକ ଶୋକପତ୍ର। ତା' ଉପରେ ସ୍ୱତଃ ଆଖି ଯେତେବେଳେ ପଡ଼ିଗଲା ମୋ' ସମ୍ପର୍କରେ ନ ପଚାରି ଶୋକପତ୍ରଟି ସମ୍ପର୍କରେ ପଚାରିବା ପାଇଁ ବ୍ୟଗ୍ର ହୋଇପଡ଼ିଲି। ପ୍ରେସ୍ ମ୍ୟାନେଜର ମୋ' ପ୍ରଶ୍ନର ଉତ୍ତର ଦେବା ପାଇଁ ଯେ ଚାହୁଁ ନାହାନ୍ତି, ଏହା ମଧ୍ୟ ଜାଣିଗଲି ଅଳ୍ପକ୍ଷଣ ମଧ୍ୟରେ। ମ୍ୟାନେଜର ମୋ' ଆଗମନର କାରଣ ଜିଜ୍ଞାସା କରୁଥିଲେ। ମାତ୍ର ସେ କଥା ଆଉ ମୋ' ପାଇଁ ଗୁରୁତ୍ୱପୂର୍ଣ୍ଣ ନ ଥିଲା। ମୁଁ ଚାହୁଁଥିଲି ଯେଉଁ ପ୍ରଶ୍ନଟି ପଚାରିଛି ମ୍ୟାନେଜରଙ୍କୁ ତା'ର ଉତ୍ତର ସେ ଦେବେ କେତେବେଳେ। ମ୍ୟାନେଜର ମୋର ପରିଚିତ। କିଛିକ୍ଷଣ ଧରି ମୋ' ମୁହଁକୁ ଏକଲୟରେ ଚାହିଁ ରହିଲେ ସେ। କହିଲେ ଆପଣ କ'ଣ ଶୁଣିପାରିବେ ଏ ଶୋକପତ୍ର ମଧ୍ୟରେ ପ୍ରଚ୍ଛନ୍ନ ଥିବା କାହାଣୀକୁ? ମୁଁ ଉତ୍ତରଦେଲି ଯେକୌଣସି ପ୍ରକାରର ରହସ୍ୟ ତା' ଭିତରେ ରହିଥାଉ ନା କାହିଁକି ମୁଁ ତାହା ଶୁଣିବା ପାଇଁ ପ୍ରସ୍ତୁତ। ମ୍ୟାନେଜର କହିଲେ- ''କଥା ଦିଅନ୍ତୁ, ଏହା ଆଉ କାହାକୁ କହିବେ ନାହିଁ। ସେହି ସଂକଳ୍ପ ସ୍ୱୀକାର କରିବାରେ ମୋର ବା ଆପତ୍ତି ରହନ୍ତା କାହିଁକି?''

ମ୍ୟାନେଜରଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ଶୁଣିଲି ମନଦେଇ। ଫେରି ଆସିଲି ଘରକୁ। କିନ୍ତୁ ସେହି କଥା ହିଁ ମୋର ମସ୍ତିଷ୍କ ଭିତରେ ସୃଷ୍ଟି କରୁଥିଲା ଗୋଟିଏ ପରେ ଗୋଟିଏ ଝଡ଼। ହୃଦୟ ରହୁଥିଲା ସର୍ବଦା ଅସ୍ଥିର। ଏପରି ସନ୍ଧିକ୍ଷଣରେ ସମଗ୍ର ସତ୍ୟଟି ଯେ ହୋଇପାରେ ଉଦ୍‌ଭାସିତ କ୍ଷଣିକର ଅନୁଭୂତି ବା ସ୍ୱପ୍ନରେ ଏହା ଭାବିପାରି ନ ଥିଲି ଆଦୌ। ମ୍ୟାନେଜର ଯାହା କହିବା ପାଇଁ ଥିଲେ ଅନିଚ୍ଛୁକ ତାହା ମୁକ୍ତକଣ୍ଠରେ ଜଣାଇ ଦେଲା ସେହି ଲୋକଟି। ସେ ମୋର ପିତୃପ୍ରତିମ। ଆଖିରେ ଓ ମୁହଁରେ ଯୁଗ ଯୁଗର ଅନୁଭୂତି ପ୍ରସ୍ତ ପ୍ରସ୍ତ ହୋଇ ଯେପରି ଲାଗି ରହିଛି, ତାହାରି ମଧ୍ୟରୁ ତାଙ୍କୁ ଆବିଷ୍କାର କରିବାର ଯୋଗ୍ୟତା ଯେ ମୋର ନାହିଁ, ତାହା ବୁଝିପାରିଥିଲି ଯଥାର୍ଥ ଭାବରେ। କାହିଁକି ପଚାରିଦେଲି ସେହି ପ୍ରଶ୍ନଟି କେଜାଣି। ଯେଉଁ କଥା ମ୍ୟାନେଜରଙ୍କଠାରୁ ଶୁଣିଥିଲି ତାହା ସମ୍ପୂର୍ଣ୍ଣ ପ୍ରକାଶ ନ କରି କେବଳ ଜିଜ୍ଞାସା କଲି ସେହି ଶୋକପତ୍ରଟି ସମ୍ପର୍କରେ। ଭଦ୍ରବ୍ୟକ୍ତି ଜଣଙ୍କ ମଇଳା ଧୋତି ଆଉ କୁର୍ତ୍ତା ପିନ୍ଧିଥା'ନ୍ତି। ମୁହଁସାରା ଭର୍ତ୍ତି ହୋଇ ରହିଥାଏ ଧଳା ନିଶ ଦାଢ଼ି। ମୁଣ୍ଡ ଉପରର ପକ୍ୱ କେଶ ଅବିନ୍ୟସ୍ତ। ମୋତେ ଅତି ସ୍ନେହରେ ଡାକି ନେଇଗଲେ ରାସ୍ତା କଡ଼ରେ ଥିବା ଏକ ବିଶାଳ ବରଗଛ ମୂଳକୁ। ଯଦିଓ କିଛି କହିବା ପାଇଁ ଚାହୁଁ ନ ଥିଲେ ସେ, ତଥାପି ମୋର ଆଖି ଦୁଇଟିକୁ ଚାହିଁବା ମାତ୍ରକେ ତାଙ୍କ ଦୁଇ ଆଖି ଅଶ୍ରୁସଜଳ ହୋଇଉଠିଲା। ବ୍ୟଥାଭରା କଣ୍ଠରେ କହିଲେ- ''ବାବୁ ବାଧ ହେଲି ତାହାହିଁ କରିବାକୁ। କାରଣ ମୁଁ ଜାଣେ ପରିଣତ ବୟସରେ ଉପନୀତ ହୋଇସାରିଛି। କେତେବେଳେ ଅପାରଗ ହୋଇ ଶଯ୍ୟାଶାୟୀ ହୋଇପଡ଼ିବି ତା'ର କ'ଣ ଠିକଣା ଅଛି? ସେତେବେଳେ ଆଉ ପ୍ରେସ୍‌କୁ ଆସିବା ପାଇଁ ମୋର କ୍ଷମତା ନ ଥିବ। ସେଥିପାଇଁ ଆଗରୁ ଏହି କାମଟି ସାରି ଦେବାକୁ ଚିନ୍ତାକଲି।''

ମୁଁ ତାଙ୍କୁ ସେଇଭଳି ଅନ୍ତରଙ୍ଗ ସ୍ୱରରେ କହିଲି- ''ଏହା ଆପଣଙ୍କ ଦେହାବସାନ ପରର କାର୍ଯ୍ୟ। ତାହା ଆପଣଙ୍କ ଉତ୍ତରାଧିକାରୀମାନେ ପାଳନ କରିଥାଆନ୍ତେ ନିଶ୍ଚୟ। ଆପଣ ଏପରି ଏକ ଅସ୍ୱାଭାବିକ କାର୍ଯ୍ୟ କରିବାକୁ ଗଲେ କିପରି?''

ଭଦ୍ରବ୍ୟକ୍ତି ଏକ ପ୍ରକାରର କାନ୍ଦ କାନ୍ଦ ହୋଇ କହିଉଠିଲେ- ''ଏହା ନିଜର ଇଚ୍ଛା ବିରୋଧରେ କରିଛି ମୁଁ। ମ୍ୟାନେଜର ମଧ୍ୟ ଏପରି ପତ୍ର ଛାପିବାକୁ ମନା କରିଛନ୍ତି ଅନେକ ଥର। ମୁଁ ତାଙ୍କ କଥା ନ ମାନି ମୋ' କର୍ତ୍ତବ୍ୟ ସମ୍ପାଦନ କରିଛି। ତାଙ୍କ ଓଠରୁ ଉଚ୍ଚାରିତ ଏହି କେତୋଟି ବାକ୍ୟ ଶୁଣି ଉତ୍ତରଦେଲି, କ୍ଷମା କରିବେ ସାର୍। ଆପଣଙ୍କର ପୁତ୍ରକନ୍ୟା କ'ଣ ଏ ଦାୟିତ୍ୱ ତୁଲାଇ ନ ଥା'ନ୍ତେ?'' ଭଦ୍ରବ୍ୟକ୍ତି ଆଉ କିଛି କହିବା ଯଦିଓ ସମ୍ଭବ ନ ଥିଲା, ମୁଁ ଅନୁଭବ କରୁଥିଲି ନିରୁପାୟ। ନିରବତା ମଧ୍ୟରେ ବିତିଗଲା କିଛିକ୍ଷଣ। କହିଉଠିଲେ ସେହି ପିତୃପ୍ରତିମ ଭଦ୍ରବ୍ୟକ୍ତି ଜଣକ କମ୍ପିତ କଣ୍ଠରେ- ''ମୁଁ ଶଯ୍ୟାଶାୟୀ ହେବା ପୂର୍ବରୁ ସେ ହୋଇଯାଇଛି ସମ୍ପୂର୍ଣ୍ଣ ଅଚେତନ। ଗୋଟିଏ ମାତ୍ର କନ୍ୟା ମୋର। ବୟସ ଅତିକ୍ରାନ୍ତ ହୋଇଯାଇଛି ବିବାହର। ଦୀର୍ଘ ତିନିବର୍ଷ ହେଲା ସେ ପଡ଼ିରହିଛି ଖଟ ଉପରେ କୋମା ଅବସ୍ଥାରେ। ତେବେ ବିଧାତାଙ୍କ ସୃଷ୍ଟିର ରହସ୍ୟ ଭେଦ କରିବା ଆମ ପାଇଁ କି କଠିନ! ସବୁ ସତ୍ତ୍ୱେ ମୋ' ଝିଅ ଚିହ୍ନିପାରେ ଯେ ମୁଁ ତା'ର ବାପା। ଆଖିର ପଲକରେ ସେ କହେ କଥା। ସେଇ ଭାଷା ବୁଝିବାର ଶକ୍ତି ରହିଛି କେବଳ ତା' ଅଯୋଗ୍ୟ ବାପାଟିର।''

ଏତିକି କହି ଭଦ୍ରବ୍ୟକ୍ତି ଜଣଙ୍କ ଅବଶରେ ବସିପଡ଼ିଲେ ସେହି ବରଗଛ ମୂଳରେ। ବାରମ୍ବାର ତାଙ୍କ ମୁଣ୍ଡ ଉପରେ ଥଣ୍ଡା ପାଣି ଢାଳିଲି କିଛି କିଛି ମାତ୍ରାରେ। ସେ ସାଷ୍ଟାମ ହୋଇଗଲେ ନିଦାଘ ଗ୍ରୀଷ୍ମ ପ୍ରବାହର ଉତ୍ତପ୍ତତା ମଧ୍ୟରେ ବି। କହିଲେ, 'ମୋର ଶୁଦ୍ଧିକ୍ରିୟା ଆୟୋଜନ ଅସମ୍ଭବ'। ସେହିପରି ମୋର ଅନୁପସ୍ଥିତିରେ ମୋର ଏକମାତ୍ର ଝିଅର କଥା କହୁଥିବା ସେହି ଆଖି ଯେତେବେଳେ ହୋଇଯିବ ମୁଦ୍ରିତ ଓ ନିସ୍ପନ୍ଦ, ସେତେବେଳେ ସେହି ଶୋକବାର୍ତ୍ତା ସମ୍ପ୍ରସାରିତ କରିବ ବା କିଏ? ଉଭୟ କର୍ତ୍ତବ୍ୟ ଆଜିଠାରୁ ସମ୍ପାଦିତ ହେଉଛି ମୋ' ଦ୍ୱାରା। ଯେତିକି ଲେଖାର ଛପା କପି ସମ୍ଭବ ସେତିକି ହିଁ ତ କରିଛି ବାଧ ହୋଇ। କେବଳ ମୋ' ନାମ ଓ ଝିଅର ନାମ ଲେଖି ଦେହାନ୍ତର ତାରିଖ ପୂରଣ କରିବା ପାଇଁ ଛାଡ଼ିଦେଇଛି। ଯେଉଁମାନେ ଆପଣାର କିଛି କର୍ତ୍ତବ୍ୟ ଅଛି ବୋଲି ଭାବିବେ ସେମାନେ ନାମ, ଦେହାନ୍ତର ତାରିଖ ପୂରଣ କରିବେ ନିଶ୍ଚୟ ଏ ଭରସା ମିଳିଛି ମୋତେ ଉପରୁ।

ମୋର କଣ୍ଠରୁଦ୍ଧ ହୋଇ ସାରିଥିଲା। ସେହି ମୁହୂର୍ତ୍ତରେ ଉପଲବ୍ଧି କରିଥିଲି ଯେ ପରବର୍ତ୍ତୀ ଦାୟିତ୍ୱ ସମ୍ପାଦନ ତା'ହେଲେ କ'ଣ ମୋର କର୍ତ୍ତବ୍ୟ?

ମୋ: ୯୯୩୭୩୬୫୬୯୮



## ମହଙ୍ଗା ହସ

**ଶିବ ମିଶ୍ର**

ମୁଁ ଆଉ ମୋ' ସ୍ତ୍ରୀ କୌଣସି ଗୋଟାଏ କାମରେ କିଛି ଦୂର ଜାଗାକୁ ଯିବାପାଇଁ ବାହାରୁଥିଲୁ। ଦୁଆର ସାମ୍ନାରେ ଅଟୋରିକ୍ସା ଥୁଆ ହୋଇଥିଲା। ମୁଁ ବାହାର ବାରଣ୍ଡାରେ ଠିଆ ହୋଇଥିଲି। ସ୍ତ୍ରୀ ଘର ଭିତରେ ଥିଲେ। ମୁଁ ଦି' ଚାରିଥର ଡାକିବା ପରେ ସିଏ ଆସିଲେ, ହେଲେ ବାହାରକୁ ନ ଆସି ଦାଣ୍ଡଦୁଆର ମୁହଁରୁ ଚର୍କିନା ବୁଲିପଡ଼ି ପୁଣି ଘର ଭିତରକୁ ଚାଲିଗଲେ। ଦୁଇ ତିନି ମିନିଟ୍ ପରେ ଆସି କହିଲେ- ଦୁଆରେ ତାଲା ପକାଇଦିଅ। ମୁଁ କହିଲି- ତମେ ବେଶଭୂଷା ହୋଇ ଆସିଲ, ଆଉ ଥରେ ଘର ଭିତରକୁ ଗଲ, ତା'ମାନେ କିଛି ଗୋଟାଏ ଜିନିଷ ଆଣିବାକୁ ଭୁଲିଯାଇଥିଲ। ବଡ଼ ଭୁଲାମନ ତମର। ମୋ' ହାତକୁ ପୁଡ଼ାଟିଏ ବଢ଼ାଇଦେଇ ମୁହଁ ଫଣଫଣ କରି ସିଏ କହିଲେ- ତମ ପାଇଁ ପାନ ଭାଙ୍ଗି ପୁଡ଼ା କରି ତମ ହାତକୁ ଦେଇଥିଲି, ତମେ ସେଇଟା ପକେଟରେ ନ ରଖି ଟେବୁଲ ଉପରେ ଥୋଇଦେଇ ଚାଲି ଆସିଥିଲ। ମୁଁ ଆଣିବାକୁ ଯାଇଥିଲି। ଏବେ କୁହ ଭୁଲାମନ କାହାର, ମୋ'ର ନା ତମର? ମୁଁ କିଛି ନ କହି ତାଙ୍କ ଆଡ଼କୁ ଚାହିଁ ହସିବାରୁ ସିଏ କହିଲେ- ମୋତେ ଚାହିଁ ଏମିତି ହସୁଛ କାହିଁକି? 'ତମେ ରାଗିଲେ ବହୁତ ସୁନ୍ଦର ଦିଶୁଛ ବୋଲି' କହି ମୁଁ ଜୋରରେ ହସିବାକୁ ଲାଗିଲି। ରାଗରେ ନାଲି ହୋଇ ଯାଇଥିବା ତାଙ୍କ ମୁହଁରୁ ବି ଲାଜମିଶା ହସ ଉଛୁଳି ପଡ଼ିଲା। ସିଏ କହିଲେ- କେଡ଼େ ଅଲାଜୁକ ତମେ, ସେ ଅଟୋରିକ୍ସାବାଲା ଆମ ଆଡ଼କୁ ଚାହୁଁଛି ପରା, ଏମିତି କ'ଣ ହସୁଛ? ମୁଁ କିଛି କହିବା ଆଗରୁ ଅଟୋରିକ୍ସାବାଲା କହିଲା- ହସନ୍ତୁ, ହସନ୍ତୁ, ଆପଣ ଦୁଇଜଣଯାକ ଆହୁରି ହସନ୍ତୁ। ଆଜିକାଲି ଘର, ପରିବାରରେ ଏମିତି ମନ ମତାଣିଆ ହସ ସ୍ୱପ୍ନର ବିଷୟ ହୋଇଗଲାଣି। ସତରେ ହୀରା, ନୀଳା, ମୋତି, ମାଣିକ୍ୟଠାରୁ ଖୁବ୍ ମହଙ୍ଗା ଏଇ ହସ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ

''ପାଣିରେ ଗାତ କରିହୁଏନା କି
ତାକୁ ଛୁରିରେ ଦି'ଖଣ୍ଡ କରିହୁଏନା।
ତେଣୁ କିଛି ଡରିଲା ଭଳି ସ୍ମୃତି ପାଣିର ନ ଥାଏ।''

– ଗିରୀଶ କର୍ନାଡ



**ଗିରୀଶ କର୍ନାଡଙ୍କ** ଜନ୍ମ ୧୯ ମେ ୧୯୩୮ରେ ବମ୍ବେରେ ଓ ପରଲୋକ ୧୦ ଜୁନ୍ ୨୦୧୯ରେ ବେଙ୍ଗାଲୁରୁରେ, ୮୧ ବର୍ଷ ବୟସରେ। ସେ ଏକାଧାରରେ ଅଭିନେତା, ଚଳଚ୍ଚିତ୍ର ନିର୍ଦ୍ଦେଶକ, ଲେଖକ ଓ ନାଟ୍ୟକାର। ୧୯୬୦ରେ କନ୍ନଡ ନାଟକରେ ତାଙ୍କର ଉତ୍‌ଥାନ ଭାରତୀୟ ନାଟ୍ୟରଚନାରେ ଏକ ନୂଆ ଯୁଗକୁ ସଂକେତ କରିଥାଏ, ଯାହା 'ନବନାଟ୍ୟ' ଆନ୍ଦୋଳନ ଭାବେ ପରିଚିତ। ତାଙ୍କ ସମକାଳୀନ ଅନ୍ୟ ଭାରତୀୟ ନାଟ୍ୟକାରମାନେ ହେଲେ- ବାଦଲ ସରକାର(ବଙ୍ଗଳା), ବିଜୟ ତେନ୍ଦୁଲକର (ମରାଠୀ) ଓ ମୋହନ ରାକେଶ (ହିନ୍ଦୀ)। 'ତୁଘଲକ' ଓ 'ହୟବଦନ' କନ୍ନଡ ଭାଷାରେ ତାଙ୍କର ଦୁଇଟି ଅମ୍ଳାନ ନାଟକ। ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହେବା ସାଙ୍ଗକୁ ୧୯୯୮ରେ ସେ ଜ୍ଞାନପୀଠ ପୁରସ୍କାରରେ ମହିମାନ୍ୱିତ।

## ପୁସ୍ତକ ପରିଚୟ

### ମୁକ୍ତିମନ୍ତ୍ର



**କବି:** ଡ. ଦୁର୍ଯ୍ୟୋଧନ ଦାସ
**ପ୍ରକାଶକ:** ଅଲ୍‌ଟ୍ରା ଇମ୍ପ୍ରେସନ୍, ସୂତାହାଟ, କଟକ-୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୪୦/-

ମୋଟ ୩୮ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂଯୋଜିତ। ଗ୍ରନ୍ଥାରମ୍ଭରେ ଥିବା 'ମୁକ୍ତିମନ୍ତ୍ରର ମର୍ମ' ଶୀର୍ଷକ ଗଦ୍ୟଲେଖରେ କବି କହିଛନ୍ତି: ''ଅଙ୍ଗୀକାରବଦ୍ଧ ଅସ୍ମିତାର ବିକାଶ ପାଇଁ ମୋର ଏ ଉଦ୍ୟମ x x। ମୁଁ ଜାଣିଛି ଭୋଟବାକ୍ସରେ ବନ୍ଦୀ ହୋଇ ଯାଇଥିବା ସାର୍ବଭୌମତ୍ୱ, ସ୍ୱାର୍ଥର ପାହାଡ଼ ତଳେ ଚାପି ହୋଇଯାଇଥିବା ସ୍ୱଦେଶ ପ୍ରେମ ଆଉ ବେଶୀଦିନ ରହିବ ନାହିଁ। ବିକୃତ ବରଦାନରେ ବିଲେଇରୁ ବାଘ ବନିଥିବା ବ୍ୟକ୍ତିଙ୍କର ଆଉ ନିସ୍ତାର ନାହିଁ।'' ସମୟ ଓ ସମାଜର ସ୍ଥିତି ପ୍ରତି ସଚେତନ ଥିବା କବିର ମାନବମୁକ୍ତି ପ୍ରତି ଯେଉଁ ବିଶ୍ୱାସ- ତା'ରି ନିଚ୍ଛକ ପ୍ରତିଫଳନ ଲକ୍ଷ୍ୟ କରିହୁଏ ଗ୍ରନ୍ଥସ୍ଥ କବିତାଗୁଡ଼ିକରେ। ଯଥା: ୧. ''ବାଇଟୁଙ୍ଗୁରୀ ଭାଇମାନେ/ କେତେଦିନ ରହିଥିବ/ ସମ୍ବିଧାନ ଥଣ୍ଡା ଡେକିଚିରେ/ ଚାଉଳ, ହଳଦୀ, ଡାଲି, ଲଙ୍କାଗୁଣ୍ଡ/ ପୃଥକ୍ ପୃଥକ୍ ଉପାଦାନ ହୋଇ?/ ଏବେ ଉତ୍ତାପ ଆସିଛି/ ଆସ ଆମେ ସବୁ ମିଶି/ ତିଆରି କରିବା ସ୍ୱାଦିଷ୍ଟ ଖେଚୁଡ଼ି।'' ('ଖେଚୁଡ଼ି': ପୃ: ୨୩), ୨. ''ବାପୁଙ୍କ ଚଷମା ନୁହେଁ ତୁଚ୍ଛ କାଚ/ ସେ ଭାରତ ଆତ୍ମାର ପ୍ରତୀକ/ ସେ ଦେଖିଛି ଚମ୍ପାରଣ ନୀଳଲୁହ/ ନୂଆଖାଇ ଜାତିଆଣା ଲହୁ/ ଭୋକିଲାର ଫୁଲା ପେଟ/ ଅଶିକ୍ଷାର ଅମା ଅନ୍ଧକାର/ ସତ୍ୟାଗ୍ରହ ଅନଶନ ଅନାହାର/ ଦଳିତଙ୍କ ଅଛୁଆଁ କଙ୍କାଳ।'' ('ଗାନ୍ଧୀଙ୍କ ଚଷମା': ପୃ:୩୭)। କୋଟିଆ, ଦାନ ମାଝୀ, ମଧୁବାବୁ, ଗାନ୍ଧୀ ଓ ଗୋପବନ୍ଧୁ ଅନେକ କବିତାର ଆଧାର, ଯାହା ଦେଇ ସାଧାରଣ ଜନତାର ଦୈନ୍ୟକୁ ଛୁଇଁହୁଏ। ହେଉ ପ୍ରକୃତି, ହେଉ ମଣିଷ- ପ୍ରତ୍ୟେକର ପତନରେ ଆହା ପଦ 'ମୁକ୍ତିମନ୍ତ୍ର'ର ଆତ୍ମା।

### ପ୍ରବନ୍ଧ ବିବିଧତା



**ଲେଖକ:** ବିଜୟ କୁମାର ଦାସ
**ପ୍ରକାଶକ:** ତୀର ତରଙ୍ଗ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୨୦/-

୧୬ଟି ପ୍ରବନ୍ଧର ସମାହାର ଆଲୋଚ୍ୟ ପୁସ୍ତକଟି। ଏଥିରେ ଆକଳିତ ପ୍ରସଙ୍ଗଗୁଡ଼ିକ ବିବିଧ। ଓଡ଼ିଆ ପ୍ରବାଦ, ଲୋକଗୀତ, ଲୋକ ସଂସ୍କୃତି, ବୈଷ୍ଣବ ଧର୍ମ, ଭାଷା, ସ୍ୱାସ୍ଥ୍ୟ, ତପସ୍ୱିନୀ ଓ ଗଙ୍ଗାଧର- ଏହିପରି ନାନା ସମୟରେ ନାନା ବିଷୟ, ଯାହା ଲେଖକଙ୍କୁ ଭାବିତ କରିଛି, ତାକୁ ନେଇ ସେ ନିଜର ମୌଳିକ ଚିନ୍ତନକୁ ବ୍ୟକ୍ତ କରିଛନ୍ତି। ଓଡ଼ିଆ ପ୍ରବାଦ/ ପ୍ରବଚନ ଭିତରେ ସଂଗୋପିତ ଅର୍ଥଗତ ବ୍ୟଞ୍ଜନାକୁ ଦର୍ଶାଉଥିବା ଗୋଟିଏ ଉକ୍ତିର ଉଲ୍ଲେଖ ଗ୍ରନ୍ଥସ୍ଥ ପ୍ରବନ୍ଧରୁ ଏଠାରେ ଉଦ୍ଧାର କରାଯାଇପାରେ। କାମାତୁରା ନାରୀର ଲକ୍ଷଣ କିପରି, ତା'ର ଚିତ୍ର ଏଇ ଉଲ୍ଲେଖଟିରୁ ଲକ୍ଷ୍ୟ କରାଯାଉ- ''ମନକୁ ହସେ ଢୋଳାକୁ ଖୋସେ/ ଶୂନ୍ୟକୁ ଅନାଇ ଘଡ଼ିଏ ବସେ/ ଭୂଇଁକୁ ଚଷେ,/ ତୁଛାକୁ ରୁଷେ/ ନାଶିକା ଫୁଲାଇ ଅଳପ କାଶେ/ କାମାତୁରା ବୋଲି ଦନେଇ ଭାଷେ।'' (ପୃ:୧୫) ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟର ଶ୍ରେଷ୍ଠତା ଦର୍ଶାଇ ପ୍ରାବନ୍ଧିକ କହିଛନ୍ତି: ''ଯେ ପର୍ଯ୍ୟନ୍ତ ବିଶ୍ୱର ଗିରିମାଳା ଆକାଶ ଚୁମ୍ବନ କରୁଥିବ, ଯେ ପର୍ଯ୍ୟନ୍ତ ବିଶ୍ୱବକ୍ଷରେ କଳ କଲ୍ଲୋଳ ତଟିନୀ ବହିଚାଲିଥିବ, ସେତେଦିନ ପର୍ଯ୍ୟନ୍ତ ରାମାୟଣ ବଞ୍ଚିରହିଥିବ ଓ ତପସ୍ୱିନୀ ଢେଉ ଭଳି ନୃତ୍ୟରତା ହୋଇ ପାଠକୀୟ ଆଦୃତି ଲାଭ କରୁଥିବ, ଏଥିରେ ସନ୍ଦେହ ନାହିଁ।'' (ପୃ:୫୬)। ଆଲୋଚ୍ୟ ବହିଟି ଲେଖକଙ୍କର ପ୍ରଥମ ପ୍ରବନ୍ଧ ପୁସ୍ତକ। ଏଥିରେ ଅଧ୍ୟୟନ ଓ ଅନ୍ୱେଷଣର ବିଶେଷ ବ୍ୟାପ୍ତି ନ ଥିଲେ ବି ନାନାଦି କଥାକୁ ନେଇ ନିରୀକ୍ଷଣ କରିବାର ଯେଉଁ ଉତ୍ସାହ ବହିଟିର ନିବନ୍ଧମାନଙ୍କରେ ପରିଲକ୍ଷିତ ହୁଏ, ତାହା ପ୍ରବନ୍ଧ ସାହିତ୍ୟରେ ତାଙ୍କର ଫଳପ୍ରସୂ ଭବିଷ୍ୟକୁ ସୂଚାଇଥାଏ।

## କବିତା

### ଯିବାକୁ ହେବ

**ନିର୍ମଳ ଚନ୍ଦ୍ର ଶୂରଦେଓ**

ଜାଣିଥିଲା-
ଦିନେ ନା' ଦିନେ
ମୋତେ ଯିବାକୁ ହେବ
ତୋ' ପାଖକୁ।

ମାତ୍ର ଜଣା ନ ଥିଲା
ଏପରି ଅଚାନକ ତୁ' ଆସି
ଟାଣି ନେଇଯିବୁ ମୋତେ
ତୋରି କୋଳକୁ।

ଠିକ୍‌ଅଛି- ଯିବାର ଥିଲା
ତୁ' ନେଇଗଲୁ
କିନ୍ତୁ ଦୁଃଖ ଏତିକି
ସରି ନ ଥିଲା କାମ
ଦେଇଥିବା ଅଧା କଥା
କଥାରେ ରହିଗଲା।

ଦେଖା କରିବାର ଥିଲା
ଅନେକଙ୍କ ସହ
ସବୁ ଅପେକ୍ଷାରତ-
ସେମାନେ ଜାଣନ୍ତିନି
ତୁ' କେବେଠୁ
ପୂର୍ଣ୍ଣଚ୍ଛେଦ ପକାଇସାରିଲୁଣି
ଏଇ ଅପେକ୍ଷାର ଶବ୍ଦଟିରେ।

ମୋ: ୯୯୩୮୩ ୦୯୬୫୨

### ପାଞ୍ଚୋଟି ଏକପଦୀ

**ବିଷ୍ଣୁମୋହନ**

॥ ୧ ॥
ଗାଲେ ହାତରଖି ଆନମନା ହୋଇ
ବାଟିକାରେ ବସିଥାଅ
ଦୂରେ ଥାଇ ମୁହିଁ ଇସାରା ଦେଲେ ବି
ଧ୍ୟାନ କାହିଁ ନାହିଁ ଦିଅ।

॥ ୨ ॥
ତୁମେ କ'ଣ ସତେ ଭୁଲିଗଲ ମୋତେ
ଅପରେ ଦେଲ କି ମନ
ସେଥିପାଇଁ ମୋର ଅନ୍ତରେ ଉଠେ
ଅବସାଦ ଘନଘନ।

॥ ୩ ॥
କାହିଁ ତୁମେ କର ହୃଦୟ କଠୋର
ପାଇଛି ତୁମକୁ ଭଲ
ଭଲପାଇବାଟା ନୁହେଁ ଦିନିକିଆ
ନୁହେଁ ଏହା ପିଲାଖେଳ।

॥ ୪ ॥
ରାତ୍ରିର ଘନ ଅନ୍ଧାରେ ଦେଖେ
ପ୍ରିୟା, ମୁଁ ତୁମର ଛବି
ଅପରେ କାହାକୁ ହୃଦୟ ଦେଇନି
ସଦା ତୁମ କଥା ଭାବି।

॥ ୫ ॥
ହୃଦୟ ବୀଣାରେ ତୁମ ପାଇଁ ସଦା
ପ୍ରୀତିର କଣ୍ଠଗାନ
ଛଣରେ ଛପର ଏହି ଘର ମୋର
ହେବ ତୁମ ତପୋବନ।

ମୋ: ୭୨୦୫୭୫୮୨୫୫

### ମନ ତଳର କଥା

**ମନୋରଞ୍ଜନ ଦାଶ**

ସୁଖ ଓ ଦୁଃଖରେ
ଜିଇବାର କଳା ଜାଣି ନପାରି
ଦୁଃଖର ଭଉଁରିରେ
ପଡ଼ିବାକୁ ହୁଏ ବାରବାର।
କାହିଁକି କାହାର ଦୋଷ ଦେବି ମୁଁ
ଯିଏ ଯେଉଁ ବାଟେ ଯାଉଚି ଯାଉ
ମୋ' ନୀରବତାରେ ବଞ୍ଚିପାରେ ମୁଁ!

ଫଗୁଣରେ ରଙ୍ଗିନ୍
ହେବିନି ବୋଲି ପଣ କରିଚି
ବସନ୍ତରେ ବିଭୋର ହେବାକୁ ବି ନା।
ମିଳୁ ଯେତେ ଦଣ୍ଡ ଆଉ ଦୁଃଖ,
ସହିବାକୁ ଅଛି ଛାତି ମୋର।
କିଛି କାରଣ ନ ଥାଇ
ଦଣ୍ଡକୁ ଭୋଗେ ମୁଁ।
ପ୍ରତାରଣାର ଦହନେ ଜଳିବା
ମୋ' କପାଳରେ ଲେଖା
ଦୁଃଖ କରିବି କି ପାଇଁ!

ମୋ: ୯୪୩୭୩୧୭୭୨୨

### ଠିକଣା ହଜିଛି

**ଦୀପ୍ତି ମିଶ୍ର**

ଅକପଟ ମନଟିଏ ଖୋଜୁଥିଲା ହୃଦୟକୁ...
ଅସୁମାରି ଆଶା ନେଇ
ପଚାରିଲା ନଈକୁ
କାଳେ ଭସାଇ ନେଇଥିବ
ତା'ର ପ୍ରୀତିର ଧାରାରେ
ନଈ କହିଲା...
ସେ ଏବେ ତା'ର ଦିଗ ବଦଳାଇଛି,

ପଚାରିଲା ଆକାଶକୁ,
କାଳେ ତାକୁ ଲୁଚାଇ ଦେଇଥିବ ଜହ୍ନ
ତା'ର ଜ୍ୟୋତ୍ସ୍ନାଭିଜା ପଣତରେ
ଥଥ ମମ... ହୋଇ କହିଲା ଆକାଶ
ନୀଳକଇଁ ଜହ୍ନ ସହ
ନୂଆ ନୂଆ ବନ୍ଧୁତା କରିଛି,
ତେଣୁ ସେ ତା' ସହ ଲୁଚକାଳି ଖେଳୁଛି।
ହୃଦୟ ଆଉ କୁଆଡ଼େ ଚାଲିଯାଇଥିବ...
ଅଭିମାନୀ ମନଦୁଃଖରେ ଆନମନା,
ସେଦିନୁ ନୀରବି ଯାଇଛି ଯେ ଯାଇଛି...
ଅପାସୋରା ଅତୀତ ଆଜି ତା'ର
ଠିକଣା ହଜାଇଛି।

ମୋ: ୯୪୩୮୪୦୪୩୦୮

### ଗୀତି-କବିତା

### ଜୀବନ

**ସନ୍ନ୍ୟାସୀ ନାୟକ**

ଜୀବନରେ ତୁହି ଏତେ ଅଝଟିଆ
ବୁଝାଇ ପାରୁନି ଆଉ ,
କେଉଁ ଅପନ୍ତରା ପଥେ ପଥେ ମୋତେ
ବୁଲାଇ ବୁଲାଇ ନେଉ।

ଜୀବନରେ ତୁହି ଅଛିଣ୍ଡା ଅଙ୍କ ଯେ
ସୂତ୍ର ଜାଣି ପାରୁ ନାହିଁ,
ସମାଧାନ ଲାଗି ଖୋଜି ବୁଲୁ ଅଛି
ମରୀଚିକା ପଛେ ଧାଇଁ।

ଜୀବନରେ ତୋତେ କେଉଁଠି ହଜାଇ
କେଉଁଠି ଖୋଜିବି କହ ?
ହେଉପଛେ ମୋର ଯନ୍ତ୍ରଣା ଜୀବନ
ଛାଡ଼ିପାରୁ ନାହିଁ ମୋହ।

ଏତେ ଅସଜଡ଼ା ହାତରେଖା ସବୁ
କେମିତି ବା ସଜାଡ଼ିବି,
ଭାବୁଥାଏ ବସି କେଉଁଠୁ ଆସିଲି
କେଉଁଠିକି ଚାଲିଯିବି।

ଜୀବନରେ ତୁହି ରଙ୍ଗ ଭରପୂରୁ
ଅନେକ ଖୁସିର ଆଭା,
ଯିବାବେଳେ ହେଲେ ଟିକେ ଜଗିବୁନି
ଦେଇ ଚାଲିଯିବୁ ଦଗା।

ମୋ: ୯୪୩୭୩୫୨୫୬୦

## ଡରକୁଳୀ

### ଗଳ୍ପ

**ବିପ୍ଳବ**

ବଳଦ ଆଗରେ କୁଟା ପକେଇ ସାରି ସେ ବୋଉ ମୁହଁକୁ ଚାହିଁରହେ।

-ବୋଉ, ହଗୁରାମା' କୋଳିଗଛ ପାଖକୁ ଯାଉଛି, ସେଇଠି ଲତା, ସଞ୍ଜୁ, ମିନା ହେରିକା ପୁଚି ଖେଳୁଛନ୍ତି, ମୁଁ ଖେଳିବି।

-ଯା, ଭାକ, ମୋତେ ମରିବାକୁ ତର ନାଇଁ, ଇଏ ଆଇଲା ପୁଚି ଖେଳିବ! ଯା' ଖଳାବାଡ଼ିରେ ପହଁରା ମାରିଦେବୁ। ମୁଁ ଗୋବର ନେଇ ଯାଉଚି। ଲିପାପୋଛା ହେଲେ ଧାନ ଶୁଖିବ।

ମୁହଁ ଶୁଖେଇ ଚାଲିଯାଏ ସେ। ବୋଉକୁ ଉତ୍ତର ଦେବାର ସାହସ ତା'ର ନଥାଏ। ଆଉ ଟିକେ ପରେ ସେ ପୁଣି ଆସେ।

- ବୋଉ, ବାରି ପହଁରିଦେଲି। ଯାଉଛି ଟିକେ ଶଗଡ଼ ଟିପ ଟିପେଇ ଖେଳିବି।

- ମାଇକିନା ଝିଅ, ଯିବୁ ଟିପ ଟିପେଇ ଖେଳିବୁ? ଯଦିବା ଖସି ପଡ଼ିବୁ ଶଗଡ଼ ଦଣ୍ଡାରୁ ଛୋଟୀ ହେଇ ସାରାଜୀବନ ବେକରେ ବୋଝ ହେଇ ଝୁଲିବୁ। ଶୁଣୁ, ମୋ' କାନିରେ ଟଙ୍କାଟେ ବନ୍ଧା ହେଇଛି ନବୁ, ନଖିଆକୁ ଦବୁ, କହିବୁ ବିଦିଆ ତେଲୀ ପାଖରୁ ଆଠଣାର ଡୁବି ତେଲ ଆଣିବ, ମୁଁ ନଳଟଣ କାଚଟା ପୋଛି ଦେଇ ଖଳାକୁ ଯିବି, ଫେରୁ ଫେରୁ ସଞ୍ଜ ହେଇଗଲେ ପୋଛିବାକୁ ତର ହବନି। ଶୁଣୁ, କୁଣ୍ଡମୂଳୁ ପାଉଁଶ ମୁଠେ ଦେ, କାଚଟା ବେଶୀ ମସିଆ ଦୁଚି, ମୁଁ ରଗଡ଼ି ପୋଛିଦିଏ।

ସେ ସେମିତି ଠିଆ ହୋଇ ରହେ। ମା' ମୁହଁକୁ ବଲବଲ କରି ଚାହେଁ।

- କିଆଁ ଠିଆ ହେଇଚୁ, ଯାଉନୁ।

- ବୋଉ, କାଠି ପମ୍ପର ଖାଇଥା'ନ୍ତି। ସବୁ ପିଲା ଖାଉଛନ୍ତି।

- କୁଆଡ଼େ ଗଲା ମୋ' ଝାଟୁଆ...

ସେତିକିରେ ସେ ଦଉଡ଼ି ପଳାଏ। ସୁଦୁ ଡରକୁଳୀ।

x x x x

- ମାଉସୀ, ଉଠ, ସାର୍ ରାଉଣ୍ଡରେ ଆସିବେ।

ସେ ଉଠି ବସିଲା ଧଡ଼ପଡ଼ ହୋଇ। ବୋଉକୁ ସ୍ୱପ୍ନ ଦେଖୁଥିଲା ଇଏ ସଞ୍ଜ ପହରଟାରେ? ହେ ଭଗବାନ୍!



ମୁଣ୍ଡଟା ଭାରି ଭାରି ଲାଗୁଚି ଆଉ ଦରଜରେ ହାତ ମାରିହେଉନି। ଦେହ ଖରାପ ହେଲେ ସେ କାହିଁକି ବୋଉକୁ ସପନ ଦେଖେ କେଜାଣି!

- ମାଉସୀ, ଆଜି କଲେ ପଳେଇବ?

ସେ କ'ଣ ଉତ୍ତର ଦେବ!

ଜନ୍ମରୁ ଡରକୁଳୀ। ଭଉଣା ଟଙ୍କା ପାଇଲା ପରେ ନାତି କେକ୍ ଖାଇବ ବୋଲି ରେଜା ପଇସା ମାଗିଲା। କେମିତି ସେ ଦେଇଥାନ୍ତା! ଦୁଇଟାଯାକ ପାଁ ଶହ ଟଙ୍କିଆ। ସେତିକିରେ ସପ୍ତମରେ ପଢୁଥିବା ନାତି ତା' ମୁଣ୍ଡକୁ ପିଢ଼ା ଫୋପାଡ଼ି ଦେଲା। ଆଉ ଏବେ ସେ ମେଡ଼ିକାଲରେ।

ବୋହୂ ଆସି ରାଗ ଗରଗର ହେଇ ଗଲା, ମଲା ବେଳେ ଟଙ୍କା ସର୍ଗକୁ ନେବ କହି।

ପୁଅକୁ କ'ଣ କହିବ ସେ ତ ଦିନସାରା ପାଇଟି କରେ ବାହାରେ। ଖଟିଖଟି ଫେରେ ସଞ୍ଜକୁ। ତାକୁ କି ଅଭିଯୋଗ କରିବ?

ସେତେବେଳେ ବୋଉକୁ ଡରି ଚଳୁଥିଲା ଏବେ ପୁଅ ବୋହୂ ଆଉ ନାତିକୁ ଡରି ଚଳୁଚି। ଡରି ମରି ଚଳିବା ତା' କପାଳ ଲେଖା।

ନର୍ସ ଆଉ ଥରେ ପଚାରିଲେ- ମାଉସୀ ରହିଯା, ଦି ଚାରି ଦିନ, ଘା' ଶୁଖୁ। ଘରେ ଯାଇ କ'ଣ କରିବ? ଘର ଅପେକ୍ଷା ମେଡ଼ିକାଲ ତା' ପାଇଁ ବେଶୀ ନିରାପଦ ଜାଗା। ଖାଇବା ମାଗଣା ମିଳି ଯାଉଚି। ଘରେ କୋଉ ଖିରି ମହନ ଖାଉଥିଲା ଯେ!

ସେ ଡରି ଡରି ମୁଣ୍ଡଟାଙ୍ଗାରି ସମ୍ମତି ଜଣେଇଲା।

ମୋ: ୯୪୩୭୪୬୮୦୧୬

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ